ବର୍ଷ-୫୧ : ସଂଖ୍ୟା-୧ ଜାନୁଆରୀ, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୦୨୦ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଆକାଂକ୍ଷା (କବିତା) | ... | ଝରଣା ଘୋଷାଲ | ... | ୮ |
| ବିଚାର ବିମର୍ଶ ଓ ଆଧ୍ୟାତ୍ମିକ ଜୀବନ | ... | ଶ୍ରୀମା | ... | ୯ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୮୪) | | | | |
| ଅନିଶ୍ଚୟତାର ଘୂର୍ଣ୍ଣିବାତରେ ଇଂରେଜ ମଗଜ | ... | ମନୋଜ ଦାସ | ... | ୧୦ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ସପ୍ତଦଶ ଅଧ୍ୟାୟ) | | | | |
| ଦିବ୍ୟଜନ୍ମ ଓ ଦିବ୍ୟକର୍ମ | ... | ଶେଖ ଅବଦୁଲ କାଶମ | ... | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୨) | ... | ... | ... | ୧୮ |
| ଭୋଳାଅଜା | ... | ମନୋଜ ଦାସ | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୩୭) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୫) | ... | ସାହାନା ଦେବୀ | ... | ୨୯ |
| ୨୦୨୦ ବର୍ଷସୂଚୀ(Calendar)ରେ ପରିବେଷିତ ବାଣୀ | ... | ... | ... | ୩୦ |
| ମା ରହିଛନ୍ତି | ... | ନଳିନୀକାନ୍ତ ଗୁପ୍ତ | ... | ୩୧ |
| ଶ୍ରୀକୃଷ୍ଣ କାହାଣୀ (୨୭) | | | | |
| ଯୁଦ୍ଧାବସାନ ଅନ୍ତେ | ... | ମନୋଜ ଦାସ | ... | ୩୩ |
| ତବ ପଥେ ନିଅ ଚଳାଇ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୫ |
| ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର | ... | ପ୍ରପତ୍ତି | ... | ୩୬ |
| ଯୋଗାନନ୍ଦ (୧୧) | ... | ... | ... | ୩୯ |
| ତୋତ୍ତୋ-ଚାନ୍ (୧୮) | ... | ତେତ୍‌ସୁକୋ କୁରୋୟାନାଗି | ... | ୪୩ |
| ଖୋଜିଲା ଖୋଜିଲା ଭାବ (କବିତା) | ... | ଦୀପ୍ତି ମିଶ୍ର | ... | ୪୭ |
| ପଦ୍ମପୁରର ଡାହାଣୀ | ... | ଦୌଲତ ପାଣ୍ଡେ | ... | ୪୮ |
| ସର୍ବରୂପମୟୀ ଦେବୀ (୧) | ... | କୁମାର ଚନ୍ଦ୍ର ମିଶ୍ର | ... | ୫୨ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୫ |
| ଏକ ମହନୀୟ ଶତବାର୍ଷିକୀ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ଯେଉଁ ମାର୍ଗ ସମୂହ ଅତୀବ ସହଜ, କୌଣସି ପ୍ରୟାସ ଦାବି କରେ ନାହିଁ, ଯେଉଁ ମାର୍ଗ ସମୂହ ଆମେ ଆମ ଲକ୍ଷ୍ୟରେ ଉପନୀତ ହୋଇ ସାରିଲୁଣି ବୋଲି ମୋହ ଉପୁଜାଏ; ଆମେ ସେସବୁ ମାର୍ଗ ପରିହାର କରିବା । ପ୍ରତ୍ୟେକ ପତନ ମଧ୍ୟକୁ ଦ୍ୱାର ଉନ୍ମୁକ୍ତ କରୁଥିବା ଅବହେଳାମାନ, ଜଳାତଳସବୁ ଦିଗକୁ ଆଗେଇ ନେଉଥିବା ସ୍ୱୟଂତୁଷ୍ଟ ଆତ୍ମ-ପ୍ରଶଂସାକୁ ଆମେ ପରିହାର କରିବା । ଆମେ ବୁଝିବା ଲୋଡ଼ା ଯେ ଆମ ପ୍ରୟାସ, ଆମ ସଂଗ୍ରାମ, ଏପରିକି ଆମ ବିଜୟମାନ ଯେତେ ମହତ୍ ହୋଇଥା'ନ୍ତୁ ନା କାହିଁକି, ଅଦ୍ୟାବଧି ଯେତିକି ଦୂର ପଥ ଅତିକ୍ରମ କରିବା ବାକି ରହିଛି, ତାହା ତୁଳନାରେ ଆମେ ଯେତିକି ଅତିକ୍ରମ କରିଛୁଁ ସେତକ କିଛି ନୁହେଁ; ଏବଂ ଶାଶ୍ୱତ ସମ୍ମୁଖରେ କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣା ଅଥବା ଏକାକୃତି ନକ୍ଷତ୍ରପୁଞ୍ଜ — ସବୁହିଁ ସମାନ ।

କିନ୍ତୁ ତୁମେ ହିଁ ଯାବତୀୟ ବାଧାବିଘ୍ନ ବିଜେତା, ଯାବତୀୟ ଅଜ୍ଞାନକୁ ପ୍ରଭାମୟ କରୁଥିବା ଆଲୋକ, ଯାବତୀୟ ଅହଂକାର ପରାଭୂତ କରୁଥିବା ପ୍ରେମ । ଏବଂ ତୁମ ଆଗରେ ସ୍ଥାୟୀ ହୋଇ ପାରେନା କୌଣସି ପ୍ରମାଦ ।

ଜାନୁଆରୀ ୮, ୧୯୧୪ — ଶ୍ରୀମା



# ୨୦୨୦ ନବବର୍ଷ ଉପଲକ୍ଷେ ଆଶ୍ରମରେ ବିତରିତ ବାଣୀ

Do all that you do –
work, personal activities,
relations with others –
as an offering to the Divine.
Thus your whole life will become a Yoga.
The Mother

ଯେତେ ଯାହା କରୁଛ –
କର୍ମ, ବ୍ୟକ୍ତିଗତ କାର୍ଯ୍ୟକଳାପ,
ଅନ୍ୟମାନଙ୍କ ସହ ସମ୍ପର୍କ –
ଭଗବାନଙ୍କୁ ଏକ ଅର୍ଘ୍ୟ ରୂପେ ପ୍ରଦାନ କର ।
ଏମନ୍ତେ ତୁମ ସମଗ୍ର ଜୀବନ ହୋଇ ଉଠିବ ଏକ ଯୋଗ ।
ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

### (The World of Falsehood, the Mother of Evil and the Sons of Darkness)

### (୯୧)

## ଶ୍ରୀଅରବିନ୍ଦ

An evil environment worsened evil souls :
All things were conscious there and all perverse.
ଏକ ପାପର ପରିବେଶ ପାପାତ୍ମାମାନଙ୍କୁ ଅଧିକ ପାପ ପ୍ରବୃତ୍ତ କରି ଦେଉଥିଲା : ସେଠାରେ ସବୁକିଛି ସଚେତନ ଓ ସବୁକିଛି ବିକୃତ ହିଁ ଥିଲେ ।

In this infernal realm he dared to press
Even into its deepest pit and darkest core,
Perturbed its tenebrous base, dared to contest
Its ancient privileged right and absolute force:
In Night he plunged to know her dreadful heart,
In Hell he sought the root and cause of Hell.
ଏହି ନରକ ରାଜ୍ୟରେ ଏପରିକି ତା'ର ଗଭୀରତମ ଗହ୍ୱର ଓ ଅନ୍ଧତମ ଅନ୍ତଃସ୍ଥଳ ଭିତରକୁ ସଜୋରେ ପ୍ରବେଶ କରିବାକୁ ସେ ଦୁଃସାହସ କଲେ, ତାହାର ତମୋମୟ ଆଧାରକୁ ଆନ୍ଦୋଳିତ କରି ଦେଲେ, ତାହାର ପ୍ରାଚୀନ ବିଶେଷ ସ୍ୱାଧିକାର ଓ ନିରଙ୍କୁଶ ଶକ୍ତିସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆହ୍ୱାନ ଦେଲେ : ମହାନିଶାର ଗର୍ଭକୁ ସେ ଲମ୍ଫ ପ୍ରଦାନ କଲେ ତା'ର କରାଳ ହୃଦୟକୁ ଜାଣିବା ନିମନ୍ତେ, ନରକ ଭିତରେ ସେ ଅନ୍ୱେଷଣ କଲେ ନରକର ଆଦିମୂଳ ଓ କାରଣ ।
Its anguished gulfs opened in his own breast;
He listened to clamours of its crowded pain,
The heart-beats of its fatal loneliness.
ତାଙ୍କ ଆପଣା ବୁକୁତଳେ ଉନ୍ମୋଚିତ ହୋଇଗଲେ ତାହାର ବେଦନାପ୍ଲୁତ ପରିଖା ସକଳ; ସେ ଶୁଣିବାକୁ ପାଇଲେ ତା'ର ପୁଞ୍ଜୀଭୂତ ଯନ୍ତ୍ରଣାର ଯାବତୀୟ କୋଳାହଳ, ତା'ର ମାରାତ୍ମକ ନିଃସଙ୍ଗତାର ହୃତ୍-ସ୍ପନ୍ଦନାବଳୀ ।

Above was a chill deaf eternity.
ଉର୍ଦ୍ଧ୍ୱଦେଶରେ ବିରାଜୁଥିଲା ଏକ ହିମ-ଶୀତଳ ବଧିର ଚିରନ୍ତନତା ।

In vague tremendous passages of Doom
He heard the goblin Voice that guides to slay,
And faced the enchantments of the demon Sign,
And traversed the ambush of the opponent Snake.
ଅନ୍ତିମ ନିୟତିର ଅସ୍ପଷ୍ଟ ବିଶାଳ ସରଣୀରାଜିରେ ସେ ଶୁଣିଲେ ପ୍ରେତ-କଣ୍ଠସ୍ୱର ଯାହା ହତ୍ୟା କରିବାକୁ ବାଟ କଢ଼ାଇ ନେଉଥିଲା, ଆଉ ସେ ଆସି ଠିଆ ହେଲେ ଆସୁରୀ ସଂକେତର ସମ୍ମୋହନ ସମ୍ମୁଖରେ ଏବଂ ପ୍ରତିପକ୍ଷ ମହାଭୁଜଙ୍ଗର ଅତର୍କିତ ଆକ୍ରମଣ ସକାଶେ ଉଦ୍ଦିଷ୍ଟ ଗୋପନସ୍ଥଳ ଭିତର ଦେଇ ଯାତ୍ରା କରିବାକୁ ଲାଗିଲେ ।

In menacing tracts, in tortured solitudes
Companionless he roamed through desolate ways
Where the red Wolf waits by the fordless stream
And Death's black eagles scream to the precipice,
And met the hounds of bale who hunt men's hearts
Baying across the veldts of Destiny,
In footless battlefields of the Abyss
Fought shadowy combats in mute eyeless depths,

Assaults of Hell endured and Titan strokes
And bore the fierce inner wounds that are slow to heal.

ଭୀତିକର ପ୍ରାନ୍ତର ସକଳ, ଯନ୍ତ୍ରଣାପୀଡ଼ିତ ବିଜନ ପ୍ରସାର ମଧ୍ୟରେ ନିଃସଙ୍ଗ ଭାବେ ସେ ଘୂରି ବୁଲିଲେ ରିକ୍ତ ପଥମାନଙ୍କରେ, ଲୋହିତବର୍ଣ୍ଣ ହେଟା ଯେଉଁଠି ସୁଗଭୀର ଜଙ୍ଗଲୀ ନଦୀଧାରରେ ଅପେକ୍ଷା କରି ରହିଥାଏ ଏବଂ ମୃତ୍ୟୁର କୃଷ୍ଣକାୟ ଶ୍ୟେନ ବିହଙ୍ଗମଗଣ ପାହାଡ଼ଚୂଡ଼ାକୁ ଚାହିଁ ଖାଲି ଚିତ୍କାର କରୁଥା'ନ୍ତି, ମଣିଷମାନଙ୍କର ହୃତ୍‌ପିଣ୍ଡକୁ ଶିକାର କରୁଥିବା ଶ୍ୱାନଦଳ ସହ ତାଙ୍କର ଭେଟ ହେଲା, ନିୟତିର ତୃଣଭୂମିରେ ସେମାନେ ଭୁକି ଚାଲିଥିଲେ ଏପାଖରୁ ସେପାଖ, ପଦଚିହ୍ନରହିତ ରସାତଳର ରଣାଙ୍ଗନରେ ନିର୍ବାକ୍ ଦୃଷ୍ଟିହରା ଗହ୍ୱର ସକଳରେ ସେ ଲଢୁଥିଲେ ଛାୟାଚ୍ଛନ୍ନ ଯୁଦ୍ଧ, ନରକର ଆକ୍ରମଣ ଓ ଦାନବୀ ଆଘାତଚୟକୁ ସହ୍ୟ କରୁଥିଲେ ଏବଂ ବହନ କରୁଥିଲେ ଦୁରାରୋଗ୍ୟ ଭୟଙ୍କର ଆନ୍ତର କ୍ଷତରାଶି ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଆକାଂକ୍ଷା

## ଝରଣା ଘୋଷାଲ

ଶତ ଇଚ୍ଛାର କିଙ୍କର ମୁଁ ଯେ ଭାଗ୍ୟର କ୍ରୂର ପରିହାସେ
ବେନି ଚକ୍ଷୁରେ ଅନ୍ଧ ପୁଟୁଳି ବାନ୍ଧି
ଚକ୍ର ଗତିରେ ଘୂରି ବୁଲେ ସଦା ମହାତ୍ରାସେ
ଜୀବନର ପଥ ବକ୍ର କୁଟିଳ ହୃଦୟେ ଶଙ୍କା ଅହରହ
ବିଧାତା ବିଧାନ କିପରି ବୁଝିବି ?
ସନ୍ଧାନ କେବେ ପାଇବି ଶୁଦ୍ଧ ଚେତନାର ।



ସଙ୍କଟେ ହୋଇ ଅଣନିଃଶ୍ୱାସୀ ବ୍ୟଥାର କାତର ସ୍ୱର ତୋଳି
ମୂର୍ଚ୍ଛିତ ମୋର ସତ୍ୟ ସତ୍ତା ମରୀଚିକା ସାଥେ ଯାଏ ଖେଳି
ଯାହାର କାଉଁରୀ ପରଶେ ଖୋଲିବ ଅମା ଚେତନାର କାରା
ପ୍ରସ୍ତ ପ୍ରସ୍ତ କାଳି କଲ୍ମଷ ପୋଛିବ ଚେନାଏ ଜ୍ୟୋତିଧାରା
ତୁମକୁ ସ୍ମରିଲେ ସଂବିତ୍ ଜାଗେ ଏ ତନୁର ଶିରାପ୍ରଶିରାରେ
ପ୍ରତିଧ୍ୱନିର ଗୁଞ୍ଜନ ଉଠେ ଭାଗ୍ୟର ଦିଗ୍‌ବଳୟରେ ।

ନିଦାଘର ଶେଷେ ବାରିଧାରା ସମ
ପ୍ଲାବନ ପ୍ରବାହେ ବ୍ୟାପୀ ଯାଅ ସର୍ବଅଙ୍ଗେ ମମ
ପ୍ରାଣ ଚଞ୍ଚଳ ଶୁଚିତା ସିକ୍ତ ସ୍ପନ୍ଦନେ
ନିଶ୍ଚେତନା ମୋ ପ୍ରଲେପିତ ହେଉ ସ୍ନିଗ୍ଧ ଦିବ୍ୟ-ଚନ୍ଦନେ
ସ୍ୱପ୍ନର ସମ୍ଭାର ନେଇ ତୁମେ ତ ନୀରବ ଓଁକାର
ସୁଧାଭରା ମାତୃବାଣୀ ଛୁଇଁ ଯାଉ ପ୍ରତିଟି ପିଆସୀ ଅନ୍ତର । ❑

# ବିଚାର ବିମର୍ଶ ଓ ଆଧ୍ୟାତ୍ମିକ ଜୀବନ

## ଶ୍ରୀମା

### (୧)

ସବୁ ପ୍ରକାର ନୈତିକତା, ନ୍ୟାୟାନ୍ୟାୟ ସିଦ୍ଧାନ୍ତ, ଆତ୍ମସଂଯମ ଇତ୍ୟାଦି ପାଇଁ ବିଚାର ବିମର୍ଶଶୀଳ ମନ ନିଶ୍ଚିତ ରୂପେ ଏକ ଉତ୍ତମ ଯନ୍ତ୍ର; କିନ୍ତୁ ଆଧ୍ୟାତ୍ମିକ ଜୀବନ ଏସବୁର ଊର୍ଦ୍ଧ୍ୱରେ । ଆମର ବିଚାରବୁଦ୍ଧି ଏହାର ବିନ୍ଦୁବିସର୍ଗ ବୁଝିପାରେ ନାହିଁ ।

... ଯଦି ଯୁକ୍ତିବୁଦ୍ଧି ଆଧ୍ୟାତ୍ମିକ ଜୀବନ ଉପରେ ହସ୍ତକ୍ଷେପ କରେ ତେବେ ଏହା ଏକ ବାଧା ହୋଇ ଉଠେ । ଯଦି ଏହା ଠିକ୍ ବାଟରେ ନିଜକୁ ଅପସାରଣ କରିନିଏ ଏବଂ ଚୁପ୍‌ଚାପ୍ ରହେ, ତା'ହେଲେ ଏହା ଖୁବ୍ ଭଲ ।

ତୁମେ ଯଦି ଏହାକୁ ବିଚାରକ ଓ ପ୍ରଭୁ ରୂପେ ବ୍ୟବହାର କରିବ ତେବେ ଏହା ଏକ ବାଧାରେ ପରିଣତ ହୁଏ । କିନ୍ତୁ ତୁମେ ଯଦି ଏହାକୁ କେବଳ ଯନ୍ତ୍ର ରୂପେ ବ୍ୟବହାର କରିବ, ଯେପରି ତୁମେ ତୁମ ସତ୍ତାର ଅନ୍ୟ ଅଂଶଗୁଡ଼ିକୁ ବ୍ୟବହାର କରିଥାଅ, ତେବେ ଏହା ଆଉ ବାଧା ହୋଇ ଉଠେ ନାହିଁ । ଆମର ବିଚାର ବୁଦ୍ଧି ଯେତେବେଳେ କେବଳ ଯନ୍ତ୍ର ରୂପେ ବ୍ୟବହୃତ ହୁଏ, ସେତେବେଳେ ଏହା ଅତି ଚମତ୍କାର ଯନ୍ତ୍ର ହୋଇଉଠେ । ସେତେବେଳେ ସେ ଆଉ ତୁମ ଉପରେ ସିଦ୍ଧାନ୍ତ ଓ ବିଚାର କରୁଥିବା ପ୍ରଭୁ ହେବାକୁ ଚାହେଁ ନାହିଁ । ତା' ନିଜ କ୍ଷେତ୍ରରେ ସେତେବେଳେ ସେ ହୋଇଉଠେ ଏକ ବିଚାରକ ଏବଂ ସେହି କ୍ଷେତ୍ରରେ ସେ ଠିକ୍ କାମ କରୁଥାଏ । କିନ୍ତୁ ଯେତେବେଳେ ସେ ନିଜ ରାଜ୍ୟ ଅତିକ୍ରମ କରିଯାଏ ସେତେବେଳେ ସେ କିଛି ବୁଝି ପାରେ ନାହିଁ, ଠିକ୍-ଭୁଲ୍‌ର ବିବେଚନା ମଧ୍ୟ କରିପାରେ ନାହିଁ ।

ତେଣୁ ଆମର ବିଚାର ବୁଦ୍ଧି ଯେତେବେଳେ ଏତିକି କଥା ବୁଝିପାରେ ଓ ନୀରବ ହୋଇଯାଏ – ନିଜକୁ ଏକ ଯନ୍ତ୍ର ବୋଲି ଭାବେ, ପ୍ରଭୁ ଓ ବିଚାରପତି ବୋଲି ଭାବେ ନାହିଁ, ସେତେବେଳେ ସେ ନିର୍ଭୁଲ ହୋଇ ରହେ ।

### (୨)

ଯେଉଁ ଲୋକ ଅନ୍ଧକାରର ବାତଚକ୍ର ଭିତରେ ପଡ଼ି ଯାଇଥାଏ, ସେ ଆତ୍ମାକୁ ଗ୍ରହଣ କରିବା ପାଇଁ କେବେ ପ୍ରସ୍ତୁତ ନୁହେଁ ବୋଲି ଜାଣିବ । କିନ୍ତୁ ଜଣେ ଯେତେବେଳେ ତା'ର ବିଚାର, ବିବେକ, ବୁଦ୍ଧି ଖଟାଇ ନିଜକୁ ସୁସଂଗଠିତ କରି ପାରିଛି – ଅନ୍ତତଃ ସେ ନିଜକୁ ଯୁକ୍ତିଯୁକ୍ତ ଓ ବିଚାରବନ୍ତ କରିପାରିଛି, ନିଜର ଭାରସାମ୍ୟ ବଜାୟ ରଖି ନିଜକୁ ସୁସଂଗତ ଓ ବିଜ୍ଞ କରିପାରିଛି, ସେ କ୍ଷେତ୍ରରେ ବିଚାରବୁଦ୍ଧି ନିଶ୍ଚୟ ଜ୍ଞାନ ଓ ବିଜ୍ଞତାର ଏକ ସମ୍ୟକ୍ ଯନ୍ତ୍ର ହୋଇଉଠେ । ପ୍ରକୃତରେ ଊର୍ଦ୍ଧ୍ୱସ୍ତରୀୟ ଚେତନାକୁ ଯିବା ଲାଗି ଏହା ନିଶ୍ଚୟ ଏକ ଚମତ୍କାର ପ୍ରସ୍ତୁତି । କିନ୍ତୁ ଏ କ୍ଷେତ୍ରରେ ତୁମର ଜାଣିବା ଉଚିତ ଯେ ଏହି ଅବସ୍ଥା ଶେଷ ଅବସ୍ଥା ନୁହେଁ, ଏହା କେବଳ ଏକ ପ୍ରସ୍ତୁତି ମାତ୍ର । ଏହା ଏକ ଭିତ୍ତି ମାତ୍ର ହୋଇପାରେ, ତୁମେ ଦେଖ ଯେଉଁମାନଙ୍କର ଆଧ୍ୟାତ୍ମିକ ଅଭିଜ୍ଞତା ହୋଇଛି, ଯେଉଁମାନଙ୍କର ଉଚ୍ଚତର ଜଗତଗୁଡ଼ିକ ସହିତ ସମ୍ପର୍କ ଅଛି, ଅଥଚ ସେମାନେ ନିମ୍ନତର ସ୍ତରଗୁଡ଼ିକରେ ପ୍ରସ୍ତୁତ ହୋଇ ନ ଥା'ନ୍ତି, ସେମାନଙ୍କୁ ବହୁ କଷ୍ଟ ଭୋଗ କରିବାକୁ ହୁଏ । କାରଣ, ସେମାନଙ୍କୁ ଅନବରତ ଗଦାଗଦା ଉପାଦାନଗୁଡ଼ିକ ସହିତ ସଂଗ୍ରାମ କରିବାକୁ ପଡୁଥାଏ, ଯେଉଁଗୁଡ଼ିକ ସଂଗଠିତ କିଂବା ଶୁଦ୍ଧୀକୃତ ହୋଇ ନଥା'ନ୍ତି କି ଶ୍ରେଣୀଭୁକ୍ତ ମଧ୍ୟ ହୋଇ ନ ଥା'ନ୍ତି, ସେଗୁଡ଼ିକ ପ୍ରତ୍ୟେକେ ତୁମକୁ ତାଙ୍କ ନିଜ ଆଡ଼କୁ ଟାଣୁଥା'ନ୍ତି । ସେଗୁଡ଼ିକ ହେଲେ ସମସ୍ତ ପ୍ରକାରର ପ୍ରବେଗ, କାମନା-ବାସନା ଏବଂ ସ୍ୱାର୍ଥପର ଅଭିରୁଚିସବୁ । ସେଥିପାଇଁ ଊର୍ଦ୍ଧ୍ୱସ୍ତରରୁ ଆସୁଥିବା ଆଲୋକ ଏହି ନିମ୍ନସ୍ତରର ବୃତ୍ତି ବା ଉପାଦାନଗୁଡ଼ିକୁ ସଂଗଠିତ କରିବା ଉଚିତ । ଏତିକି ବେଳେ ଯଦି ତୁମର ବିଚାରବୁଦ୍ଧି ଏହି କାର୍ଯ୍ୟରେ ତୁମର ସହାୟକ ହୁଏ, ଏବଂ ତୁମ ଭିତରେ ବାସ-ଉପଯୋଗୀ ଏକ ଶୁଦ୍ଧ ଆସ୍ଥାନ ତିଆରି କରି ଦେଇପାରେ ତେବେ ଯେତେବେଳେ ତୁମେ ଆତ୍ମାକୁ ଉପଲବ୍ଧି କରିବ, ସେତେବେଳେ ଏହି ଆସ୍ଥାନରେ ହିଁ ତୁମେ ସହଜରେ ତାଙ୍କୁ ପ୍ରତିଷ୍ଠିତ କରି ପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

### (ପରିଚ୍ଛେଦ : ୮୪)

## ଅନିଶ୍ଚୟତାର ଘୂର୍ଣ୍ଣିବାତରେ ଇଂରେଜ ମଗଜ

**ମନୋଜ ଦାସ**

''ମୁଁ ଦେଖିଲି ବଙ୍ଗଳା ସାହିତ୍ୟରେ ତାଙ୍କ ଅଧ୍ୟୟନ ବ୍ୟାପକ, ଯଦ୍ୟପି ବଙ୍ଗଳା କହୁଥିଲେ ସଙ୍କୋଚ ଭରେ । ତାଙ୍କର ଥିଲା ଏକ ନିଜସ୍ୱ ସଂକଳ୍ପ ଶକ୍ତି ଯାହା ଉପରେ ସେ ବହୁ ବିରୋଧୀଙ୍କୁ ପରାଭୂତ କରୁଥିଲେ; କିନ୍ତୁ ତାଙ୍କ ସହକର୍ମୀମାନଙ୍କ ସ୍ପର୍ଶକାତରତା ପ୍ରତି ସେ ଖୁବ୍ ସଜାଗ ଥିଲେ । ଥରେ ପରଦିନ ସକାଳ କାଗଜ ପାଇଁ ଲିଖିତ ମୋର ଏକ ସନ୍ଦର୍ଭରେ ଶବ୍ଦଟିଏ ବଦଳାଇବା ନିମନ୍ତେ ପରାମର୍ଶ ଦେବାକୁ ସେ ଘଣ୍ଟାଏ କାଳ ମୋତେ ଅପେକ୍ଷା କଲେ । ମୁଁ ଯେତେବେଳେ କହିଲି କି ମୋ ସମ୍ମତିକୁ ଅପେକ୍ଷା ନକରି ସେ ଶବ୍ଦଟି ବଦଳାଇ ଦେଇ ପାରିଥା'ନ୍ତେ, ସେ ମୃଦୁ ହସି କହିଲେ, 'କିନ୍ତୁ ମୁଁ ସେମିତି କରିପାରି ନଥା'ନ୍ତି' !''

ହେମେନ୍ଦ୍ର ପ୍ରସାଦ ଘୋଷ[୧]

ସାମ୍ରାଜ୍ୟ ଉପଭୋଗ ଦିଗରେ ସବୁଠାରୁ ବଡ଼ ବିପଦ ଶ୍ରୀଅରବିନ୍ଦଙ୍କୁ ନେଇ କ'ଣ କରାଯିବ, ବ୍ରିଟିଶ ଭାରତର ତୁଙ୍ଗ ଶାସକବର୍ଗ ସେ ସମସ୍ୟା ଉପରେ ତର୍କ ବିତର୍କରେ ବ୍ୟାପୃତ ଥିବା ବେଳେ ଶ୍ରୀଅରବିନ୍ଦ ତାଙ୍କ ପ୍ରଶାନ୍ତି ଅତୁଟ ରଖି ଭିନ୍ନ ଭିନ୍ନ କର୍ତ୍ତବ୍ୟରେ ନିୟୋଜିତ ରହିଥା'ନ୍ତି – ଗୋଟାଏ ସ୍ତରର କର୍ତ୍ତବ୍ୟଠାରୁ ଅନ୍ୟ ସ୍ତରର କର୍ତ୍ତବ୍ୟ ବହୁତ ଭିନ୍ନ ହେବା ସତ୍ତ୍ୱେ । 'କର୍ମଯୋଗୀନ୍' ଓ 'ଧର୍ମ' – ଦୁଇ ଦୁଇଟି ଭାବଗମ୍ଭୀର ସାପ୍ତାହିକର ପ୍ରାୟ ସମୁଦାୟ ସନ୍ଦର୍ଭ ତାଙ୍କୁହିଁ ଲେଖିବାକୁ ପଡୁଥାଏ । କିନ୍ତୁ ଅକ୍ଲେଶରେ, ଅକାତରେ ସେ ତାଙ୍କ ଜ୍ଞାନ ଓ ବୁଦ୍ଧିର ଊର୍ଦ୍ଧ୍ୱଲୋକରୁ ଖାସ୍ ସ୍ଥୂଳ ଓ ସାଂସାରିକ କର୍ତ୍ତବ୍ୟପାଳନ ଭୂମିକାକୁ ଚାଲି ଆସୁଥିଲେ । ବାସନ୍ତୀ ଦେବୀଙ୍କ ସ୍ମୃତିଚାରଣ :

''ଅରୋଦାଦା ଏକାଗ୍ର ଅଭିନିବିଷ୍ଟ 'କର୍ମଯୋଗୀନ୍' ଏବଂ 'ଧର୍ମ' ସକାଶେ ଲେଖାରେ । କେହି ଜଣେ ସେସବୁ ମୁଦ୍ରଣାଳୟକୁ ନେଇଯିବା ନିମନ୍ତେ ଅପେକ୍ଷାରେ । ହଠାତ୍ ମୋ ମାଆ ଆସି ପହଞ୍ଚିଯିବେ ଏବଂ କହିବେ, 'ଅରୋ, ମୋତେ ଗଙ୍ଗାରେ ବୁଡ଼ ପକାଇବାକୁ ପଡ଼ିବ । ଆସ ମୋ ସହିତ' । ତତ୍‌କ୍ଷଣାତ୍ ଅରୋଦାଦା କଲମ ରଖି ଦେବେ – ଥରେ ଥରେ ବାକ୍ୟଟିଏ ଅଧା ଥିବା ଅବସ୍ଥାରେ – ଏବଂ ଉଠିପଡ଼ି ନିରବରେ ମା'କୁ ଅନୁସରଣ କରିବେ । ଏମନ୍ତ ଥିଲା ତାଙ୍କ ଆନୁଗତ୍ୟ । ଏଭଳି ମନୋବୃତ୍ତିର ଦ୍ୱିତୀୟ ଦୃଷ୍ଟାନ୍ତ ମୁଁ ଦେଖି ନାହିଁ ।''[୨]

ସମତାରେ ତିଳେ ମଧ୍ୟ ବ୍ୟାଘାତ ଅନୁଭବ ନକରି ଗୋଟାଏ କର୍ମରୁ କର୍ମାନ୍ତର ଯିବା ବ୍ୟତିରେକେ ସେ ପ୍ରଖର ରାଜନୈତିକ ସମସ୍ୟା ଉପରେ ଅଦ୍ୟାବଧି ଅବିସ୍ମରଣୀୟ ରହିଥିବା ରଚନାମାନ ଲେଖିବା ସଙ୍ଗେ ସଙ୍ଗେ ନିଜ ସୃଜନଶୀଳତାକୁ ସମ୍ପୂର୍ଣ୍ଣ ଭିନ୍ନ ସ୍ତରକୁ ନେଇଯାଇ 'କଳାର ଜାତୀୟ ମୂଲ୍ୟ' (The National Value of Art) 'ନିୟତି ଏବଂ ସ୍ୱାଧୀନ ଇଚ୍ଛା' (Fate and Freewill) କିଂବା 'ଏକ ଜାତୀୟ ଶିକ୍ଷା ପଦ୍ଧତି' (A System of National Education) ଭଳି ରଚନା 'କର୍ମଯୋଗୀନ୍' ପାଇଁ ଏବଂ ବଙ୍ଗଳାରେ 'ଧର୍ମ' ପାଇଁ 'ଗୀତା ରହସ୍ୟ' ଭଳି ରଚନା ଲେଖିପାରିବା, କହିବା ବାହୁଲ୍ୟ ଏକ ବିସ୍ମୟକର ଚେତନାର ସ୍ୱାକ୍ଷର ।

ସ୍ଥାନରୁ ସ୍ଥାନାନ୍ତର ଯାତ୍ରାରେ ବ୍ୟତୀତ ହେଉଥିଲା ତାଙ୍କର ବହୁ ସମୟ । ହୁଏତ ପଦ ଯାତ୍ରା, ନ ହେଲେ ମନ୍ଥର ଗତି ଟ୍ରାମ ଅଥବା ଘୋଡ଼ାଗାଡ଼ି – ଯେଉଁ ଯାନସବୁ ନିମନ୍ତେ ଅପେକ୍ଷା କରିବାକୁ ପଡୁଥାଏ । ସାଧାରଣ ସଭା ଏବଂ ସାଙ୍ଗଠନିକ ବୈଠକର ସଂଖ୍ୟା ମଧ୍ୟ କମ୍ ନଥିଲା ।

ଦୁଇ ପତ୍ରିକା କାର୍ଯ୍ୟାଳୟର ଜଣେ କର୍ମୀ ଉପେନ୍ଦ୍ର ଚନ୍ଦ୍ରଙ୍କ ସ୍ମୃତିକଥା (ସଂକ୍ଷେପିତ) ସମସାମୟିକ ପରିସ୍ଥିତିର ଆଂଶିକ ଚିତ୍ର ପ୍ରଦାନ କରେ :

''ଯେତେବେଳେ 'କର୍ମଯୋଗୀନ୍' ସୁପ୍ରତିଷ୍ଠିତ ସେତେବେଳେ ଦିନେ ଅମରେନ୍ଦ୍ର ଚଟ୍ଟୋପାଧ୍ୟାୟ, ବାଘା ଯତୀନ୍ ଏବଂ ଅନ୍ୟ କେତେଜଣ ଆମ କାର୍ଯ୍ୟାଳୟକୁ ଆସିଲେ ।

ସେମାନେ ଗିରିଜାବାବୁଙ୍କ ସହ ପତ୍ରିକାଟିର ଏକ ବଙ୍ଗଳା ସଂସ୍କରଣ ପ୍ରକାଶନର ସମ୍ଭାବନା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ଶ୍ରୀଅରବିନ୍ଦ ଆସି ପହଞ୍ଚିଗଲେ । ସେମାନଙ୍କ ଭିତରେ କିଛି ଆଲୋଚନା ହେଲା...

''ଅପରାହ୍ଣରେ ଶ୍ରୀଅରବିନ୍ଦ କଲେଜ ସ୍କୋଆର୍‌ରୁ ଆମ ଶ୍ୟାମବାଜାର ଷ୍ଟ୍ରିଟ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲି ଚାଲି ଆସୁଥିଲେ ରାମଚନ୍ଦ୍ର ମଜୁମଦାରଙ୍କ ସହ । ଅସୁବିଧା ହେଲା, ଲୋକେ ତାଙ୍କ ପାଖକୁ ଭିଡ଼ି ଆସି ପାଦ ଛୁଇଁ ପ୍ରଣାମ କରିବାକୁ ଲାଗିଲେ । ଥରେ ଥରେ ସେ ଦ୍ୱିତୀୟ ଶ୍ରେଣୀ ଘୋଡ଼ା ଗାଡ଼ିରେ ଆସୁଥା'ନ୍ତି ଏବଂ ଧରମ ସିଂହ ଓ ମୁଁ ଯାଇ ଗାଡ଼ିବାଲାକୁ ତା' ପ୍ରାପ୍ୟ ବାରଅଣା[୩] ଦେଇ ଦେଉଥାଉଁ ।

''ଦିନେ ମୁଁ ଗିରିଜା ବାବୁଙ୍କୁ ଅନୁରୋଧ କଲି ଗୋଟାଏ ବଙ୍ଗଳା ପତ୍ରିକା ପ୍ରକାଶ ନିମନ୍ତେ ସେ ଶ୍ରୀଅରବିନ୍ଦଙ୍କୁ ପ୍ରବର୍ତ୍ତାଇଲେ ଭଲ ହୁଅନ୍ତା । ଗିରିଜା ବାବୁ ମୋ ସନିର୍ବନ୍ଧ ପ୍ରସ୍ତାବ ଶ୍ରୀଅରବିନ୍ଦଙ୍କୁ କହନ୍ତେ ସେ ମୋ ଆଡ଼େ ଅନାଇ ଗିରିଜାବାବୁଙ୍କୁ ଇଂରାଜୀରେ କହିଲେ, ''କିନ୍ତୁ ମୁଁ ତ ବଙ୍ଗଳା ଭଲ ଲେଖିପାରିବି ନାହିଁ । ଚେଷ୍ଟା କରିପାରେ । ବର୍ତ୍ତମାନ ମୁଁ ବଙ୍ଗଳାରେ 'କାରାକାହାଣୀ' ଲେଖୁଛି । କିଛି ଅଂଶ ତୁମ ପାଖକୁ ପଠାଇ ଦେବି । ଯଦି ସେମିତି ଲେଖା ଚଳିବ, ତେବେ ବଙ୍ଗଳାରେ ପତ୍ରିକାଟିଏ ପ୍ରକାଶ କଥା ଚିନ୍ତା କରାଯାଇପାରେ ।''...

''ଗିରିଜାବାବୁ ଉତ୍‌ଫୁଲ୍ଲ ହେଲେ । ପରଦିନ 'କାରାକାହାଣୀ'ର କେତୋଟି ପୃଷ୍ଠା ସେ ଧରମସିଂହ ହାତରେ ପଠାନ୍ତେ ମୁଁ ତା' ହାତରୁ ଛଡ଼ାଇ ନେଲି । କିନ୍ତୁ ଇଏ କ'ଣ ? ତାଙ୍କ ବଙ୍ଗଳା ହସ୍ତାକ୍ଷର ଇଂରାଜୀଠୁଁ ଭିନ୍ନ ନୁହେଁ ! ଶବ୍ଦଟିଏ ମଧ୍ୟ ପଢ଼ି ପାରିଲି ନାହିଁ । କିନ୍ତୁ ଗିରିଜାବାବୁ ଅନର୍ଗଳ ପଢ଼ି ଗଲେ । ଆମ ଉଲ୍ଲାସର ସୀମା ରହିଲା ନାହିଁ । ପରଦିନ ଶ୍ରୀଅରବିନ୍ଦ ପହଞ୍ଚିବା ମାତ୍ରେ ନୂତନ ପତ୍ରିକାର ରୂପରେଖ ସ୍ଥିରୀକୃତ ହେଲା...

''କର୍ମଯୋଗୀନ୍‌ର କର୍ମଭାର ବଢ଼ି ଚାଲିଥାଏ ।... ଏକ ବଡ଼ ଘର ନିଆଗଲା । ଗିରିଜାବାବୁଙ୍କ ଅସାଧାରଣ ସଙ୍ଗଠନ ଶକ୍ତି । ତୁରନ୍ତ 'ଧର୍ମ' ସକାଶେ ନୂତନ ସାଜ ସରଞ୍ଜାମ ଆସିଗଲା ।...

''ପ୍ରତି କପିର ମୂଲ୍ୟ ରହିଲା ଏକ ଅଣା । ଶ୍ରୀଅରବିନ୍ଦ ବଙ୍ଗଳା ଭାଷା ସ୍ୱଳ୍ପ କାଳ ଭିତରେ ଆୟତ୍ତ କରି ନେଇଥିଲେ । ସମସ୍ତେ ବିସ୍ମିତ ହେଲେ । ଖାଲି ଭାବର ଗଭୀରତା ଯୋଗୁଁ ନୁହେଁ, ଶୈଳୀର ମାଧୁର୍ଯ୍ୟ ଯୋଗୁଁ ତାହା ବିପୁଳ ଜନପ୍ରିୟ ହେଲା । ଅବଶ୍ୟ ଇଂରାଜୀ ସାପ୍ତାହିକର ପ୍ରସାର ଅଧିକ ରହିଲା କାରଣ ବଙ୍ଗଦେଶ ବାହାରେ, ବିଶେଷତଃ ମାଡ୍ରାସରେ ତା'ର ବହୁ ଗ୍ରାହକ ଥିଲେ ।[୪]

''ସେତେବେଳେ ଆମ କାର୍ଯ୍ୟାଳୟକୁ ଆସୁଥା'ନ୍ତି ରାମ ବାବୁ, ନଳିନୀ ଗୁପ୍ତ, ବିଜୟ ନାଗ, ସୁରେଶ ଚକ୍ରବର୍ତ୍ତୀ ପ୍ରମୁଖ । ଭଗିନୀ ନିବେଦିତା ଏବଂ ଅନ୍ୟ କେତେକେ ମଧ୍ୟ ।[୫]

''୧୯୦୯ ଜୁଲାଇ ମାସର ଏକ ସଂଖ୍ୟାରେ ପ୍ରକାଶିତ ହେଲା ଶ୍ରୀଅରବିନ୍ଦଙ୍କର ''ମୋ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଖୋଲାଚିଠି'' (An Open Letter to My Countrymen) । ଦେଶବ୍ୟାପୀ ସେ ସନ୍ଦର୍ଭ ଅଭୂତପୂର୍ବ ଆଲୋଡ଼ନ ସୃଜନ କଲା । ଅଚିରେ ସମସ୍ତ କପି ବିକ୍ରୟ ହୋଇଗଲା । ସଂଖ୍ୟାଟିକୁ ପୁନଃମୁଦ୍ରଣ କରିବାକୁ ହେଲା । ତଥାପି ସେ ଲେଖାର ଚାହିଦା ପ୍ରଶମିତ ହେଲା ନାହିଁ । ଅତଏବ ଆମେ ଖାଲି ସେହି ସନ୍ଦର୍ଭ ଗୋଟିକୁ 'ଅରବିନ୍ଦ ଘୋଷଙ୍କର ରାଜନୈତିକ ସଂକଳ୍ପ ଓ ଘୋଷଣାପତ୍ର' (Aurobindo Ghose's Political Will and Testament) ନାମରେ ପୁସ୍ତିକାଟିଏ ପ୍ରକାଶ କଲୁ । ହେଲା ଖୁବ୍ ସନ୍ତୋଷଜନକ ଉପାର୍ଜନ ।''

ଏହି ଭଳି କର୍ମବ୍ୟସ୍ତତା ସତ୍ତ୍ୱେ ପରସ୍ପର ବିଚ୍ଛିନ୍ନ ହୋଇ ପଡ଼ିଥିବା ବିପ୍ଳବୀ ଗୋଷ୍ଠୀମାନଙ୍କୁ ଏକତ୍ର କରିବା ନିମନ୍ତେ ଶ୍ରୀଅରବିନ୍ଦ ତାଙ୍କ ପ୍ରୟାସ ଜାରି ରଖିଥିଲେ ଏବଂ ତାହା ଏଡ଼େ ଗୋପନରେ ଯେ ତାଙ୍କ ନିକଟତମ ଜଣେ ଦୁଇଜଣ ହୁଏତ ତା'ର ଆଭାସ ପାଇଥିବେ । ପୂର୍ବ ବଙ୍ଗର ଅନୁଶୀଳନ ସମିତିର ବିଖ୍ୟାତ ନେତା ପୁଲିନ ବିହାରୀ ଦାସଙ୍କ ସ୍ମୃତିକଥାରୁ ଆମେ ତା'ର କିଛି ସୂଚନା ପାଉ, କିନ୍ତୁ ଅଳ୍ପ କେତେଜଣଙ୍କୁ ଛାଡ଼ି ଦେଲେ ବିପ୍ଳବଯୁଗର ନାୟକମାନେ ନିଜ ଗୋପନ କାର୍ଯ୍ୟକଳାପ ସମ୍ପର୍କରେ କିଛି ଲେଖି ରଖୁ ନଥିଲେ ।

ପୁଲିନ ବିହାରୀ ଲେଖିଛନ୍ତି ଯେ ୧୯୧୦ ମସିହା ଜାନୁଆରୀରେ ସେ କାରାଗାରରୁ ମୁକ୍ତ ହେବା ପରେ ପରେ ଜଣେ ତାଙ୍କୁ ଅତ୍ୟନ୍ତ ଗୋପନରେ କହିଲେ, ''ଅରବିନ୍ଦ ବାବୁ ଆପଣଙ୍କୁ ଭେଟିବାକୁ ଚାହୁଁଛନ୍ତି'' । ନିର୍ଦ୍ଦିଷ୍ଟ ସମୟରେ ସେହି ବ୍ୟକ୍ତି ପୁଲିନ ବିହାରୀଙ୍କ ପାଖକୁ ଆସିଲେ ।

''ପୂର୍ବ ଯୋଜନା ଅନୁସାରେ ପ୍ରଥମେ ଆମେ ଟ୍ରାମ ଯୋଗେ କିଛି ଦୂର ଗଲୁ । ତା'ପରେ ଗୋଟାଏ ଗଳି ରାସ୍ତା

ଦେଇ ଚାଲି ଚାଲି ଅଗ୍ରସର ହେଲୁ । ପରବର୍ତ୍ତୀ ଗଳି ଆମେ ଘୋଡ଼ାଗାଡ଼ିରେ ଅତିକ୍ରମ କଲୁ । ତା'ପରେ ପୁଣି ଟ୍ରାମ ଯୋଗେ କିଛି ଦୂର । ପୁଣି ପଶିଲୁ ଏକ ଗଳିରେ । ଆମ ପାଇଁ ଅପେକ୍ଷା କରିଥିଲା ଏକ ମୋଟର କାର୍ । କିଛି ଦୂର ଯାଇ ପୁନର୍ବାର ଏକ ଗଳିରେ ପ୍ରବେଶ କଲୁ ଏବଂ ଅବଶେଷରେ ଗୋଟିଏ ନିର୍ଜନ ଇଲାକାସ୍ଥିତ ଘରେ ଶ୍ରୀଅରବିନ୍ଦଙ୍କୁ ଭେଟିଲୁ । ଅଳ୍ପକାଳ ପୂର୍ବରୁ ସେ ଆଲିପୁର କାରାଗାରରୁ ମୁକ୍ତ ହୋଇଥିଲେ ।

''ଅରବିନ୍ଦବାବୁ କହିଲେ, 'ସବୁ ବିପ୍ଳବୀ ଗୋଷ୍ଠୀଙ୍କୁ ଏକତ୍ର କରିବା ମୋର ସଂକଳ୍ପ... ଆପଣଙ୍କ ମତ କ'ଣ ?'

''ଉତ୍ତର ଦେଲି, 'ଯଦି ଏକ ଶୃଙ୍ଖଳିତ ରୀତିରେ ସମସ୍ତେ କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇପାରେ, ତେବେ ମୋର ଦ୍ୱିଧା ନାହିଁ ।'

''ସେ କହିଲେ, 'ଆପଣ ଢାକାରୁ ଫେରି ଆସିବା ପରେ ସବିଶେଷ ଆଲୋଚନା କରିବା ।' ''[୬]

ପୁଲିନ ବିହାରୀଙ୍କ ଆତ୍ମକଥା ସମ୍ପାଦନା କରିଥିବା ବିଶିଷ୍ଟ ଐତିହାସିକ ଅମଳେନ୍ଦୁ ଦେ ଲେଖିଛନ୍ତି, ''ଏ ସାକ୍ଷାତ୍‌ର ପରବର୍ତ୍ତୀ କଥା କିଛି ଜଣା ନାହିଁ ।'' କହିବା ବାହୁଲ୍ୟ, ସେ ଦିଗରେ ଉଦ୍ୟମ ଅଗ୍ରଗତି କରିବାର ସମ୍ଭାବନା ନଥିଲା । କାରଣ ଦିନ କେତୋଟି ଉତ୍ତାରୁ ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ରାଜନୈତିକ ମଞ୍ଚରୁ ଅନ୍ତର୍ହିତ ହୋଇ ଗଲେ ।

ଏ ବିବରଣୀ ଆମ ଭିତରେ ବହୁ କୌତୂହଳ ଉଦ୍ରେକ କରେ । ସେତେବେଳେ ଦୁର୍ଦ୍ଦାନ୍ତ ବିବେଚିତ ପୁଲିନ ବିହାରୀଙ୍କୁ ଦିବାରାତ୍ର ଗୁପ୍ତଚରମାନଙ୍କ ନଜରରେ ରହିବାକୁ ପଡୁଥିଲା । ସେହି କାରଣରୁ ଶ୍ରୀଅରବିନ୍ଦଙ୍କ ଦୂତ ତାଙ୍କୁ ସେମିତି ପ୍ରହେଳିକାମୟ ପଥରେ ନେଇ ଗଲେ । ସେ ଦୂତଙ୍କ ପରିଚୟ ମଧ୍ୟ ପୁଲିନ ବିହାରୀ ଦେଇଛନ୍ତି – ନୂଆଖାଲି ଅଞ୍ଚଳର ଜଣେ ଜମିଦାର । ଶ୍ରୀଅରବିନ୍ଦଙ୍କର ଯେଉଁ ସହଯୋଗୀମାନେ ଜଣାଶୁଣା, ସେମାନଙ୍କର ଅନ୍ତର୍ଗତ ନୁହନ୍ତି ସେ ଭଦ୍ରଲୋକ । ପୁଣି, କେଉଁଠାରେ ଅବସ୍ଥିତ ଥିଲା ସେ ନିର୍ଜନ କୋଠା ? ଜଣାଶୁଣା ସହଯୋଗୀମାନଙ୍କ ଅଗୋଚରରେ ମଧ୍ୟ ତାଙ୍କର ଆଉ ଦଳେ ବିଶ୍ୱସ୍ତ, ଗୋପନ କର୍ମୀ ରହିଥିଲେ କି ?

ଏସବୁ ପ୍ରଶ୍ନ ସମ୍ଭବତଃ ଅସମାହିତ ରହିଯିବ ।

ପ୍ରଥମରେ ଚେନ୍ନାଇରୁ ପ୍ରକାଶ ପାଇ ପୁଲିସ ଉପଦ୍ରବ ଯୋଗୁଁ ଫରାସୀ ଉପନିବେଶ ପଣ୍ଡିଚେରୀକୁ ସ୍ଥାନାନ୍ତରିତ ହୋଇଥିବା 'ଇଣ୍ଡିଆ' ନାମକ ବିପ୍ଳବଧର୍ମୀ ପତ୍ରିକାକୁ ସେପ୍ଟେମ୍ବର ୧୫ ତାରିଖରେ ଏକ ସାକ୍ଷାତ୍‌କାର ଦେଇଥିଲେ ଶ୍ରୀଅରବିନ୍ଦ ।[୭] ଅକ୍ଟୋବର ୯ ତାରିଖରେ କଲେଜ ସ୍କୋଆର୍‌ରେ, ୧୩ ତାରିଖରେ ଦକ୍ଷିଣ କଲିକତାର ଭବାନୀପୁରଠାରେ, ୧୫ ତାରିଖରେ ପୁଣି କଲେଜ ସ୍କୋଆର୍‌ରେ, ବଙ୍ଗ ଭଙ୍ଗର ବିଷାଦମୟ ବାର୍ଷିକୀ ଉପଲକ୍ଷ୍ୟେ ୧୬ ତାରିଖରେ ବିଡନ୍ ସ୍କୋଆର୍‌ରେ ସେ ଭାଷଣ ଦେଇଥିଲେ । ପୁଲିସ ବିବରଣୀ କହେ, ''ପାଗ ଖରାପ ହେବା ସତ୍ତ୍ୱେ ସେ ସଭା ଥିଲା ବିପୁଳ ଜନତା ସମନ୍ୱିତ ।''

ଦୂରାନ୍ତରେ ବନ୍ଦୀ ଥିବା ନଅ ଜଣ ଜାତୀୟବାଦୀ ନେତାଙ୍କୁ ୧୯୧୦ ମସିହା ଫେବ୍ରୁଆରୀ ୮ ତାରିଖରେ ମୁକ୍ତ କରାଗଲା । ସେମାନଙ୍କ ଅନ୍ତର୍ଭୁକ୍ତ ଶ୍ରୀଅରବିନ୍ଦଙ୍କ ମଉସାଙ୍କୁ ରେଳ ଷ୍ଟେସନରେ ୧୧ ତାରିଖରେ ସ୍ୱାଗତ ଜଣାଇଲେ ଶ୍ରୀଅରବିନ୍ଦଙ୍କ ସମେତ ଅନ୍ୟମାନେ ।

ସରକାର ବାହାଦୁରଙ୍କ ଉର୍ବରତମ ମସ୍ତିଷ୍କଗୁଡ଼ିକ ଇତି ମଧ୍ୟରେ ସେମାନଙ୍କ ''ସର୍ବାଧିକ ବିପଜ୍ଜନକ ଶତ୍ରୁ'' ଶ୍ରୀଅରବିନ୍ଦଙ୍କୁ କିପରି ତାଙ୍କ କର୍ମଭୂମିରୁ ଅପସାରଣ କରା ଯାଇପାରେ, ସେ ପ୍ରଶ୍ନ ଉପରେ ଚିନ୍ତାମଗ୍ନ ରହିଥା'ନ୍ତି । ଆଇନ ଉପଦେଷ୍ଟା ଇ. ପି. ଚାପ୍‌ମ୍ୟାନ୍‌ଙ୍କ ପରାମର୍ଶ ଲୋଡ଼ାଗଲା । ବଙ୍ଗ ସରକାରଙ୍କ ମୁଖ୍ୟ ସଚିବଙ୍କୁ ସେ ମହାଶୟ ୧୯୦୯ ମେ ୯ ତାରିଖରେ ଲେଖିଲେ :[୮]

''ଅରବିନ୍ଦ ଘୋଷଙ୍କ ସମ୍ପର୍କୀୟ ସମସ୍ତ ଦଲିଲ ମୁଁ ଗଭୀର ଅଧ୍ୟବସାୟ ସହକାରେ ପାଠ କଲି । ଅଖଣ୍ଡନୀୟ ସତ୍ୟ ହେଲା ଅରବିନ୍ଦଙ୍କ ଲକ୍ଷ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନତା, ଔପନିବେଶିକ ସ୍ୱାୟତ୍ତ ଶାସନ ନୁହେଁ । ଇଂରେଜମାନଙ୍କ ପାଖରୁ ସ୍ୱାଧୀନତା ଉପହାର ରୂପେ ମିଳିବ, ଏ ଆଶା ବୃଥା ଏବଂ ସେପାଇଁ ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ହେବ ବୋଲି ତାଙ୍କର ବିଶ୍ୱାସ ।

ଏମନ୍ତ ଭୂମିକା ପରେ ଆଇନଜ୍ଞ ମହାଶୟ ସାବ୍ୟସ୍ତ କରିଛନ୍ତି ଯେ ସବୁ ବିପ୍ଳବୀ ଯୁବକ ଅରବିନ୍ଦଙ୍କୁ ସେମାନଙ୍କ କର୍ତ୍ତା ଭାବରେ ଜ୍ଞାନ କରୁଥିଲେ ଏବଂ 'ବନ୍ଦେ ମାତରମ୍' ସହିଂସ ବିପ୍ଳବ ଆସନ୍ନ ବୋଲି ଘୋଷଣା କରୁଥିଲା ।

ଆଇନଜ୍ଞ ମହୋଦୟ ତାଙ୍କ ସୁଦୀର୍ଘ ପରାମର୍ଶ ପତ୍ରରେ ଦର୍ଶାଇଲେ ଯେ ବିଚାରକ ବିର୍‌କ୍ରୋଫ୍‌ଟ୍ ଶ୍ରୀଅରବିନ୍ଦଙ୍କ ବିରୋଧରେ ଉପସ୍ଥାପିତ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗସବୁର ଯେଉଁଭଳି ବ୍ୟାଖ୍ୟା କରିବା କଥା ତାହା କରି ନାହାନ୍ତି । ସେ ଏକାନ୍ତ କୋହଳ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ''ମୁଁ ଯଦି ବିଚାରକ

ହୋଇଥା'ନ୍ତି, ତେବେ ଅରବିନ୍ଦଙ୍କୁ ନିଶ୍ଚିତ ଭାବରେ ଦଣ୍ଡିତ କରିଥା'ନ୍ତି ।''

ସରକାରଙ୍କୁ ଏସବୁ ମଧୁର କଥା କହି ସାରି ଶେଷରେ କିନ୍ତୁ ଚାପ୍‌ମ୍ୟାନ୍ ସାହେବ କହୁଛନ୍ତି କି ବିଚ୍‌କ୍ରୋଫ୍‌ଟ୍‌ଙ୍କ ରାୟ ବିରୋଧରେ ଉଚ୍ଚ ନ୍ୟାୟାଳୟକୁ ଗଲେ ଫଳ ଯେ ନିଶ୍ଚିତ ରୂପେ ସରକାରଙ୍କ ସପକ୍ଷରେ ଯିବ ସେକଥା କହିବା ସମ୍ଭବପର ନୁହେଁ । ତାଙ୍କ ଶେଷ ସିଦ୍ଧାନ୍ତ ହେଲା, ''ଅରବିନ୍ଦ ଜଣେ ଅଧ୍ୟାତ୍ମ ଶ୍ରେଣୀର ନାୟକ (a hero of a spiritual type) ।'' ଉଚ୍ଚ ନ୍ୟାୟାଳୟରେ ସେ ଦଣ୍ଡିତ ନ ହେଲେ ଯେମିତି, ଦଣ୍ଡିତ ହେଲେ ବି ସେମିତି ଆହୁରି ବଡ଼ ନାୟକ ରୂପେ ପ୍ରତୀୟମାନ ହେବେ, ପରିଣତ ହେବେ ଏକ ପୌରାଣିକ କିଂବଦନ୍ତିରେ ! ବରଂ ସେ ମୁକ୍ତ ରହିବା ଶ୍ରେୟସ୍କର !

କିନ୍ତୁ ସରକାରଙ୍କ ମୁଖ୍ୟ ସଚିବ ଏଫ୍. ଡ଼ବ୍ଲ୍ୟୁ. ଡ୍ୟୁକ୍ ଚାପ୍‌ମ୍ୟାନ୍‌ଙ୍କ ପରାମର୍ଶ ମାନିବାକୁ ପ୍ରସ୍ତୁତ ନଥିଲେ । ୨୮ ମେ ୧୯୦୯ରେ ଗଭର୍ଣ୍ଣରଙ୍କ ନିକଟକୁ ତାଙ୍କର ଦୀର୍ଘ ପ୍ରତିକ୍ରିୟାରେ ସେ ଜଣାଇଲେ କି ଶ୍ରୀଅରବିନ୍ଦ ପ୍ରତ୍ୟକ୍ଷ ଭାବରେ ବିପ୍ଳବୀ ଯୁବକମାନଙ୍କର ପ୍ରତ୍ୟେକ କାର୍ଯ୍ୟ ପାଇଁ ଦାୟୀ ହୁଅନ୍ତୁ ବା ନ ହୁଅନ୍ତୁ, ସମସ୍ତ ବିପ୍ଳବୀ ଗୋଷ୍ଠୀର ଉତ୍ସାହର ଉତ୍ସ ହେଲେ ସେ । ବିଚ୍‌କ୍ରୋଫ୍‌ଟ୍‌ଙ୍କ ରାୟ ଘୋଷିତ ହେବା ମାତ୍ରେ ବାରିଷ୍ଟର ନର୍ଟନ ସେ ରାୟ ବିରୋଧରେ ଉଚ୍ଚ ନ୍ୟାୟାଳୟକୁ ଯିବାର ପ୍ରସ୍ତାବ ରଖିଥିଲେ । ଆମେ ଯଦି ତାଙ୍କୁ ଦଣ୍ଡିତ କରି ପାରିବାରେ ବିଶ୍ୱାସୀ ତେବେ ତାଙ୍କୁ ମୁକ୍ତ ରହିବାକୁ ଦେବା ହେବ ଏକ ରାଜନୈତିକ ଆତ୍ମହତ୍ୟା (a political suicide) ।

୨୯ମେ ୧୯୦୯ରେ ଲିଖିତ ଗଭର୍ଣ୍ଣର ଇ. ଏନ୍. ବେକାର୍‌ଙ୍କ ମନ୍ତବ୍ୟ ହେଲା, ସେ ମୁଖ୍ୟ ସଚିବଙ୍କ ସହ ଏକମତ ! ସେ ପୁନର୍ବାର ଚାପ୍‌ମ୍ୟାନ୍‌ଙ୍କ ସହ ସାକ୍ଷାତ୍ ପରାମର୍ଶର ପ୍ରସ୍ତାବ ଦେଲେ ।

ଅବ୍ୟାହତ ରହିଲା ଏହି ଉତ୍କଣ୍ଠାପୂର୍ଣ୍ଣ ମତ ବିନିମୟ !

(କ୍ରମଶଃ)

❑❑❑

---

### ତଥ୍ୟ ନିର୍ଦ୍ଦେଶିକା

୧. ହେମେନ୍ଦ୍ର ପ୍ରସାଦ ଘୋଷ : Reminiscences of Aurobindo Ghose : Orient Illustrated Weekly, 27 Feb., 1949. ହେମେନ୍ଦ୍ର ପ୍ରସାଦ (୧୮୭୬-୧୯୬୨) 'ବନ୍ଦେ ମାତରମ୍' ସମ୍ପାଦନା ମଣ୍ଡଳୀରେ ଥିଲେ । ପରେ 'ବସୁମତି'ର ଉଭୟ ବଙ୍ଗଳା ଓ ଇଂରାଜୀ ସଂସ୍କରଣର ସମ୍ପାଦକ ଥିଲେ; ତତ୍କାଳୀନ ସାମ୍ବାଦିକ ଜଗତର ବିଶେଷ ପ୍ରଭାବଶାଳୀ ବ୍ୟକ୍ତି ଏବଂ କଲିକତା ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଶିକ୍ଷା ବିଭାଗର ପ୍ରଥମ ଅଧ୍ୟାପକ ।

୨. ବାସନ୍ତୀ ଦେବୀଙ୍କ ସ୍ମୃତିକଥା : ରଘୁନନ୍ଦନ ଦାସ ଲିଖିତ 'ଅତିମାନସ ଦିଶାରୀ ଶ୍ରୀଅରବିନ୍ଦ' (ବଙ୍ଗଳା) ଗ୍ରନ୍ଥରେ ସନ୍ନିବେଶିତ ।

୩. ଷୋହଳ ଅଣାରେ ବିଭକ୍ତ ଥିଲା ଏକ ଟଙ୍କା ।

୪. ମାଡ୍ରାସ ବା ଚେନ୍ନାଇ ସେତେବେଳେ ତାମିଲ୍‌ନାଡୁ ଏବଂ ଆନ୍ଧ୍ରପ୍ରଦେଶ ସମନ୍ୱିତ ମାଡ୍ରାସ ପ୍ରେସିଡ଼େନ୍‌ସିର ରାଜଧାନୀ ଥିଲା । 'କର୍ମଯୋଗୀନ୍' ମାଡ୍ରାସ ପ୍ରେସିଡ଼େନ୍‌ସି ପରେ ମହାରାଷ୍ଟ୍ରରେ ବିଶେଷ ପ୍ରସାର ଲାଭ କରିଥିଲା ।

୫. ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର୍ ଏଲୋମେଲୋ ଜୀବନେର୍ କୟେକ୍ଟି ଅଧ୍ୟାୟ । (ବଙ୍ଗଳା)

୬. ପୁଲିନ ବିହାରୀ ଦାସ : ''ଆମାର୍ ଜୀବନ କାହିନୀ'' (ବଙ୍ଗଳା); ଅମଲେନ୍ଦୁ ଦେ ସମ୍ପାଦିତ । ଅନୁଶୀଳନ ସମିତି, କଲିକତା ।

୭. 'ଇଣ୍ଡିଆ' ପତ୍ରିକାକୁ ଇଂରେଜ ସରକାର ବେଆଇନ ଘୋଷଣା କରନ୍ତେ ମୁଦ୍ରାଯନ୍ତ୍ର ସମେତ ତା'ର କାର୍ଯ୍ୟାଳୟ ପଣ୍ଡିଚେରୀକୁ ସ୍ଥାନାନ୍ତରିତ ହୋଇଥିଲା । ଅଜିତ କୁମାର ନିୟୋଗୀ : Decolonization of French India : Institute Francais de Pondicherry.

୮. ବଙ୍ଗ ସରକାରଙ୍କ Confidential File No.205 Serial No.1, 1905; Govt. of West Bengal, Political Department ତଥା Sri Aurobindo Ashram Archives. ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ସପ୍ତଦଶ ଅଧ୍ୟାୟ)

## ଦିବ୍ୟଜନ୍ମ ଓ ଦିବ୍ୟକର୍ମ

ଶେଖ ଅବଦୁଲ କାଶମ

ଅବତାରଙ୍କ ଜନ୍ମର ଦୁଇଟି ଭାବ ଓ ଦୁଇଟି ରୂପ ବିଷୟରେ ପୂର୍ବ ଅଧ୍ୟାୟରେ ଆଲୋଚନା କରାଯାଇଛି । ଏଥର ଯଦି ତାଙ୍କ କର୍ମ ବିଷୟରେ ଆଲୋଚନା କରିବାକୁ ଯିବା ତେବେ ସେଥିରେ ମଧ୍ୟ ଦୁଇଟି ଭାବ ଓ ଦୁଇଟି ରୂପ ଦେଖିବାକୁ ପାଇବା । ଅବତାରଙ୍କ କର୍ମର ବାହ୍ୟ ଦିଗଟି ହେଲା ଯେଉଁ ଦିବ୍ୟ-ଧର୍ମ ମାନବଜାତିକୁ ଯାବତୀୟ ଉତ୍‌ଥାନ-ପତନର ଛନ୍ଦ ମଧ୍ୟଦେଇ ଅଗ୍ରଗତି ପଥରେ ନେଇ ଯାଉଛି ତାକୁ ରକ୍ଷା କରିବା ଓ ପୁନର୍ଗଠିତ କରିବା । ଏଥିପାଇଁ ଅବତାର ବାହ୍ୟଜଗତ୍ ଉପରେ ତାଙ୍କର ଭାଗବତ ଶକ୍ତିର ପ୍ରୟୋଗ କରିଥା'ନ୍ତି । ତାଙ୍କ କର୍ମର ଆନ୍ତର ଦିଗଟି ହେଲା ବ୍ୟକ୍ତିର ଆତ୍ମା ଓ ଜାତିର ଆତ୍ମା ଉପରେ ତାଙ୍କର ଭାଗବତ ଚେତନା ଓ ଶକ୍ତିର କ୍ରିୟା । ଏହା ଦ୍ୱାରା ମନୁଷ୍ୟ ଭଗବାନଙ୍କ ନବ ନବ ପ୍ରକାଶ (revelation)କୁ ଗ୍ରହଣ କରିପାରେ, ତା'ର ଊର୍ଦ୍ଧ୍ୱଗାମୀ ଆତ୍ମ-ପ୍ରସ୍ଫୁଟନର ପ୍ରୟାସ ସୁରକ୍ଷିତ, ପୁନରୁଜ୍ଜୀବିତ ଓ ସମୃଦ୍ଧ ହୋଇ ଉଠେ । ଅବତାର କେବଳ ଏକ ମହାନ୍ ବାହ୍ୟକର୍ମ ପାଇଁ ଆସନ୍ତି ନାହିଁ । ପ୍ରକୃତରେ ବାହ୍ୟିକ କର୍ମ ଓ ଘଟଣାର କୌଣସି ନିଜସ୍ୱ ମୂଲ୍ୟ ନାହିଁ । ସେଗୁଡ଼ିକ ଯେଉଁ ଶକ୍ତି ଓ ଭାବ (idea)ର ପ୍ରତିନିଧିତ୍ୱ କରନ୍ତି ତାହାହିଁ ସେହି କର୍ମ ବା ଘଟଣାକୁ ମୂଲ୍ୟ ପ୍ରଦାନ କରିଥାଏ ।

ଯେତେବେଳେ ମାନବଜାତିର ଚେତନା କ୍ଷେତ୍ରରେ ସଙ୍କଟ (crisis) ଦେଖାଦିଏ, ସେତେବେଳେ ହିଁ ଅବତାରଙ୍କ ଆବିର୍ଭାବ ଘଟେ । ସେତେବେଳେ ମାନବଜାତି ପାଇଁ ଏକ ମହାନ୍ ପରିବର୍ତ୍ତନ ଓ ନୂତନ ବିକାଶ ସାଧନ ଜରୁରୀ ହୋଇପଡ଼େ । ସେଥିପାଇଁ ଦିବ୍ୟଶକ୍ତିର ହସ୍ତକ୍ଷେପ ଆବଶ୍ୟକ ହୁଏ । ଦିବ୍ୟଶକ୍ତିର ସହାୟତା ଦ୍ୱାରା ମାନବର ମନ ଓ ଆତ୍ମା ଦିବ୍ୟଚେତନା ଆଡ଼କୁ ଖୋଲିଯାଏ । ବାହ୍ୟ ଘଟଣାବଳୀ ବା ସାମାଜିକ ପରିସ୍ଥିତିର କୌଣସି କାରଣ ଯୋଗୁଁ ନୁହେଁ ବରଂ ବ୍ୟକ୍ତି ଓ ସମୂହକୁ ଚେତନାର ଉଚ୍ଚତରରୁ ଉଚ୍ଚତମ ସ୍ତରକୁ ଉତ୍ତୋଳିତ କରି ନେବା ପାଇଁ ଅବତାରଙ୍କ ଆଗମନ ଘଟେ । ଅବତାର ଆସିବା ମାତ୍ରେ ଯେ ଚେତନା କ୍ଷେତ୍ରରେ ସମସ୍ତ ଆବଶ୍ୟକୀୟ ଉନ୍ନତି ତତ୍‌କ୍ଷଣାତ୍ ଘଟିଯାଏ ଏପରି ନୁହେଁ । ମାତ୍ର ତାଙ୍କ ଆଗମନ ଦ୍ୱାରା ପଥ ପ୍ରସ୍ତୁତ ହୋଇଯାଏ, ପରିବର୍ତ୍ତନର ଭିତ୍ତି ସ୍ଥାପିତ ହୁଏ ଏବଂ ଚେତନାର ଉତ୍ତରୋତ୍ତର ଅଭିବୃଦ୍ଧି ଲାଗି ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୁଏ । ଅବତାରଙ୍କ ଆଗମନ ମନୁଷ୍ୟର ବିବର୍ତ୍ତନ ପଥରେ ଏକ ମୌଳିକ ପରିବର୍ତ୍ତନ ସଂଘଟିତ କରେ । ଅବତାରଙ୍କ କର୍ମର ପ୍ରଭାବ ଓ ପରିଣତିକୁ ବାହ୍ୟ ଘଟଣା ଦ୍ୱାରା ମୂଲ୍ୟାୟନ କରାଯାଇ ପାରିବ ନାହିଁ ।

ଯେତେବେଳେ ମୁଖ୍ୟତଃ ବୁଦ୍ଧିଗତ, ସାମାଜିକ, ରାଜନୈତିକ ବା ବ୍ୟବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆବଶ୍ୟକ ହୁଏ ସେତେବେଳେ ଅବତାରଙ୍କ ଆବିର୍ଭାବର ପ୍ରୟୋଜନ ହୁଏ ନାହିଁ । ଭଗବାନଙ୍କ ବିଭୂତିମାନେ ହିଁ ସେତେବେଳେ ସେହି ପରିବର୍ତ୍ତନଗୁଡ଼ିକ ଘଟାଇବା ପାଇଁ ଯଥେଷ୍ଟ ହୋଇଥା'ନ୍ତି । ଶ୍ରୀଅରବିନ୍ଦ ଏ ପ୍ରସଙ୍ଗରେ ୟୁରୋପର ଧର୍ମସଂସ୍କାର (Reformation) ଓ ଫରାସୀ ବିପ୍ଳବ (French Revolution) କଥା ଉଲ୍ଲେଖ କରିଛନ୍ତି । ଯେଉଁମାନେ ଏହି ସଙ୍କଟ କାଳରେ ହସ୍ତକ୍ଷେପ କରିଥିଲେ ବା ବିପୁଳ ପରିବର୍ତ୍ତନର ମୂଳରେ ଥିଲେ ସେମାନେ ଆଧ୍ୟାତ୍ମିକ ବ୍ୟକ୍ତି ନଥିଲେ । ସେମାନେ ଥିଲେ ଅସାଧାରଣ ମାନସିକ ଓ ପ୍ରାଣିକ ଶକ୍ତିର ଅଧିକାରୀ (ଯଥା : ମାର୍ଟିନ ଲୁଥର, ରୁଷୋ, ନେପୋଲିୟନ ପ୍ରଭୃତି) । ସେମାନଙ୍କୁ ବିଭୂତି କୁହାଯାଇ ପାରିବ । ଯେତେବେଳେ ଅବତାର ଆସନ୍ତି ସେତେବେଳେ ମଧ୍ୟ ବୁଦ୍ଧିଗତ ଓ ବ୍ୟବହାରିକ କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ସଂଘଟିତ ହୋଇପାରେ, କିନ୍ତୁ ତାହା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହୋଇ ନଥାଏ । ବିବର୍ତ୍ତନଗତ ସଙ୍କଟର ସମାଧାନ ଓ ମହାନ୍ ଆଧ୍ୟାତ୍ମିକ ପରିବର୍ତ୍ତନ ଘଟାଇବା ସକାଶେ ଅବତାରଙ୍କ ଆଗମନ ହୁଏ । ଶ୍ରୀଅରବିନ୍ଦଙ୍କ ଭାଷାରେ – "But when the crisis has a spiritual seed or intention, then a complete or a partial manifestation of the God-consciousness in a human mind and soul comes

as its originator or leader. That is the Avatar."

(Essays on the Gita, P. 169)

ଅର୍ଥାତ୍, ''କିନ୍ତୁ ଯେତେବେଳେ ସଙ୍କଟର ମୂଳରେ ରହିଥାଏ ଆଧ୍ୟାତ୍ମିକ ବୀଜ ଓ ହେତୁ ସେତେବେଳେ ଏହାର ପ୍ରବର୍ତ୍ତକ ଓ ନେତା ରୂପେ ଏକ ମାନବୀୟ ମନ ଓ ଆତ୍ମାରେ ଭାଗବତ ଚୈତନ୍ୟର ପୂର୍ଣ୍ଣ ବା ଆଂଶିକ ପ୍ରକାଶ ହୁଏ । ଏହାହିଁ ଅବତାର ।'' (ଗୀତା-ନିବନ୍ଧମାଳା, ପୃ. ୨୦୨)

ବାହ୍ୟିକ ଦୃଷ୍ଟିରୁ ଦେଖିଲେ ଅବତାରଙ୍କ କର୍ମ ହେଉଛି ସାଧୁମାନଙ୍କର ପରିତ୍ରାଣ କରିବା, ଅସାଧୁ ଓ ଦୁରାଚାରୀମାନଙ୍କର ବିନାଶ କରିବା ଏବଂ ଧର୍ମର ସଂସ୍ଥାପନା କରିବା । କିନ୍ତୁ ଗୀତାରେ ବ୍ୟବହୃତ 'ଧର୍ମ' ଶବ୍ଦକୁ ଏକ ଗଭୀର ଓ ବ୍ୟାପକ ଅର୍ଥରେ ଗ୍ରହଣ କରିବାକୁ ହେବ । ଏଠାରେ ଧର୍ମ କେବଳ କୌଣସି ନୈତିକ, ସାମାଜିକ, ଧାର୍ମିକ ବା ବ୍ୟବହାରିକ ବିଧାନକୁ ବୁଝାଉ ନାହିଁ । ଧର୍ମ ଶବ୍ଦକୁ ବିଶେଷ କରି ଆଧ୍ୟାତ୍ମିକ ଅର୍ଥରେ ଗ୍ରହଣ କରିବାକୁ ହେବ, ନଚେତ୍ ଆମେ ଅବତାରଙ୍କ ଆଗମନର ଯଥାର୍ଥ ଉଦ୍ଦେଶ୍ୟକୁ ବୁଝିପାରିବା ନାହିଁ ।

ପ୍ରଚଳିତ ପୌରାଣିକ ବର୍ଣ୍ଣନା ଅନୁସାରେ ଭଗବାନ୍ ନିଜକୁ ଶ୍ରୀକୃଷ୍ଣଙ୍କ ଅବତାର ରୂପେ ଅଭିବ୍ୟକ୍ତ କରି ଅନ୍ୟାୟୀ, ଅତ୍ୟାଚାରୀ କୌରବମାନଙ୍କୁ ବିନାଶ କଲେ ଓ ସଦାଚାରୀ ପାଣ୍ଡବମାନଙ୍କୁ ଉଦ୍ଧାର କଲେ । ବିଷ୍ଣୁଙ୍କ ପୂର୍ବ ଅବତାରମାନଙ୍କ ସମ୍ପର୍କରେ ମଧ୍ୟ ଏହିପରି କଥା କୁହାଯାଇଛି । ରାମ ଅବତାରରେ ଭଗବାନ୍ ଅତ୍ୟାଚାରୀ ରାବଣକୁ ଧ୍ୱଂସ କରି ଥିଲେ ଏବଂ ପର୍ଶୁରାମ ଅବତାରରେ ସେ ଅନ୍ୟାୟ ଓ ଉଚ୍ଛୃଙ୍ଖଳତାରେ ଲିପ୍ତ ଯୋଦ୍ଧା ଓ କ୍ଷତ୍ରିୟମାନଙ୍କୁ ବିନାଶ କରିଥିଲେ । ସେହିପରି ବାମନ ଅବତାର ରୂପେ ଆସି ଭଗବାନ୍ ଅହଙ୍କାରୀ ଦୈତ୍ୟ ବଳିକୁ ନିପାତ କରିଥିଲେ । କିନ୍ତୁ ଏହି ବାହ୍ୟ ବର୍ଣ୍ଣନା ଅବତାରଙ୍କ ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଉନ୍ମୋଚିତ କରୁ ନାହିଁ । ଯଦି ଆଧ୍ୟାତ୍ମିକ ତାତ୍ପର୍ଯ୍ୟକୁ ଗୁରୁତ୍ୱ ନ ଦେଇ କେବଳ ବାହ୍ୟ ଘଟଣାଗତ ଫଳାଫଳକୁ ହିଁ ଗୁରୁତ୍ୱ ଦିଆଯାଏ ତେବେ ଯିଶୁଖ୍ରୀଷ୍ଟ ଓ ଗୌତମ ବୁଦ୍ଧ ଅବତାର ତାଲିକାରୁ ବାଦ୍ ପଡ଼ି ଯିବେ । କାରଣ ଏହାଙ୍କର କାର୍ଯ୍ୟ ଦୁଷ୍ଟ ଦଳନ ଓ ସନ୍ଥ ପାଳନ ନଥିଲା । ବରଂ ଏଇ ଦୁଇ ମହାନ୍ ବ୍ୟକ୍ତି ମାନବଜାତିକୁ ଏକ ନୂତନ ଆଧ୍ୟାତ୍ମିକ ବାଣୀ ଓ ଆଧ୍ୟାତ୍ମିକ ଉପଲବ୍ଧିର ଏକ ନୂତନ ବିଧାନ ଆଣି ଦେବାକୁ ଆସିଥିଲେ । ଅନ୍ୟ ପକ୍ଷରେ ଆମେ ଯଦି 'ଧର୍ମ' ଶବ୍ଦକୁ କେବଳ ଆଧ୍ୟାତ୍ମିକ ଅର୍ଥରେ ଗ୍ରହଣ କରିବା ତାହା ହେଲେ ଅବତାରଙ୍କ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବାଦ୍ ପଡ଼ିଯିବ । ସୁତରାଂ ଅବତାରଙ୍କ କ୍ଷେତ୍ରରେ ଆମକୁ ଉଭୟ ଆନ୍ତର ଓ ବାହ୍ୟ ଏଇ ଦୁଇ ପ୍ରକାର କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ହେବ । ଅବତାରଙ୍କ କାର୍ଯ୍ୟ ଦ୍ୱାରା ମନୁଷ୍ୟମାନଙ୍କ ଆନ୍ତର ଓ ଆଧ୍ୟାତ୍ମିକ ପ୍ରଗତି ସାଧିତ ହୁଏ ତଥା ବାହ୍ୟତଃ ସମାଜ ଜୀବନରେ ଏକ ବିରାଟ ପରିବର୍ତ୍ତନ ସଂଘଟିତ ହୁଏ ।

ଅବତାର ପୃଥିବୀରୁ ବିଦାୟ ନେବା ପରେ ମଧ୍ୟ ତାଙ୍କ କାର୍ଯ୍ୟର ପ୍ରଭାବ ପାର୍ଥିବ ଜୀବନରେ ସ୍ଥାୟୀ ହୋଇ ରହେ । ଅବତାରଙ୍କ ଦିବ୍ୟ ଜୀବନ ଓ ଦିବ୍ୟ ବ୍ୟକ୍ତିତ୍ୱର ପ୍ରଭାବ ଏପରି ଶକ୍ତିଶାଳୀ ହୋଇଥାଏ ଯେ ମାନବଜାତି ସେଥିରୁ ଆନ୍ତର ଜୀବନ ଓ ଆଧ୍ୟାତ୍ମିକ ଜନ୍ମ ନିମନ୍ତେ ପରବର୍ତ୍ତୀ ଯୁଗ ଯୁଗ ଧରି ପ୍ରେରଣା ଲାଭ କରୁଥାଏ । ବାହ୍ୟ ଜୀବନରେ ମଧ୍ୟ ସେଇ ଅବତାରତ୍ୱର ପ୍ରଭାବ ଚିରସ୍ଥାୟୀ ହୋଇ ରହେ । ହିନ୍ଦୁ ଧର୍ମ ବୁଦ୍ଧଙ୍କର ଧର୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ବୌଦ୍ଧ ଧର୍ମର ସାମାଜିକ ଓ ନୈତିକ ଆଦର୍ଶ ଭାରତୀୟ ଜନମାନସରେ ଏବେ ମଧ୍ୟ ବଞ୍ଚି ରହିଛି । ସେଇ ଆଦର୍ଶକୁ ପୃଥିବୀବାସୀ ଏବେ ମଧ୍ୟ ସମ୍ମାନ କରୁଛନ୍ତି । ଆଧୁନିକ ୟୁରୋପ ଯଦିଓ ଖ୍ରୀଷ୍ଟଧର୍ମର ମୂଳ ତତ୍ତ୍ୱକୁ ପରିତ୍ୟାଗ କରିଛି, ତଥାପି ଏହା ତାହାର ନୈତିକ ଓ ସାମାଜିକ ଜୀବନରେ ମାନବଧର୍ମକୁ ଟେକି ଧରିଛି; ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତାର ଆଦର୍ଶ କଥା ପ୍ରଚାର କରୁଛି ଯାହାକି ଖ୍ରୀଷ୍ଟଧର୍ମର ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ହିଁ ପର୍ଯ୍ୟବସିତ । ରାମ ଓ କୃଷ୍ଣଙ୍କ ଜୀବନ ଏକ ପ୍ରାଗୈତିହାସିକ ଅତୀତ ଯୁଗର ବିଷୟ । କେବଳ କାବ୍ୟ-କବିତା ଓ ପୌରାଣିକ କାହାଣୀ ମାଧ୍ୟମରେ ଆମେ ସେ ବିଷୟରେ ଜାଣୁ । ତଥାପି ମାନବଜାତିର ଆନ୍ତର ଚେତନା ଓ ବାହ୍ୟ ଜୀବନରେ ଏହି ଦୁଇ ଅବତାରଙ୍କ ଆଧ୍ୟାତ୍ମିକ ଉପସ୍ଥିତି ଓ ପ୍ରଭାବ ଅଦ୍ୟାବଧି ଜୀବନ୍ତ ଓ ସ୍ଥାୟୀ ହୋଇ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ । ଏହାର ଶାଶ୍ୱତ ମୂଲ୍ୟକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ଏହାର କାରଣ ହେଲା ଏଇ ଦୁଇ ଅବତାର ମାନବଜାତିକୁ ଯେଉଁ ଅବଦାନ ଦେଇଛନ୍ତି ତାହା ମୂଳତଃ ଆଧ୍ୟାତ୍ମିକ, ଯାହା କେବେ ବି ନଷ୍ଟ ହୋଇ ପାରେନା ।

ଅବତାରଙ୍କ କର୍ମକୁ ଯଥାର୍ଥ ରୂପେ ବୁଝିବାକୁ ହେଲେ ଆମକୁ 'ଧର୍ମ' ଶବ୍ଦର ପୂର୍ଣ୍ଣତମ ଓ ଗଭୀରତମ ଅର୍ଥ ଉପରେ ଧ୍ୟାନ ଦେବାକୁ ହେବ । ଗୀତାରେ ବିଭିନ୍ନ ସ୍ଥାନରେ ବ୍ୟବହୃତ 'ଧର୍ମ' ଶବ୍ଦକୁ ଶ୍ରୀଅରବିନ୍ଦ ବହୁ ବ୍ୟାପକ ଦୃଷ୍ଟିକୋଣ ନେଇ ବ୍ୟାଖ୍ୟା କରିଛନ୍ତି । ତାଙ୍କ ମତରେ ଧର୍ମ ହେଉଛି ସେହି ଆନ୍ତର

ଓ ବାହ୍ୟ ବିଧାନ ଯାହା ଆଧ୍ୟାତ୍ମିକ ବିବର୍ତ୍ତନକୁ ସାହାଯ୍ୟ କରେ । ଆମର ଆନ୍ତର ଜୀବନ ଓ ବାହ୍ୟ ଜୀବନକୁ ଯାହା ଧାରଣ କରି ରଖି ଥାଏ ତାହାହିଁ ଧର୍ମ (‘ଧୃ’ ଧାତୁରୁ ‘ଧର୍ମ’ ଶବ୍ଦର ଉତ୍ପତ୍ତି ଓ ଏହାର ଅର୍ଥ ଧାରଣ କରିବା) । ଧର୍ମ ହେଉଛି ସେହି ଭାଗବତ ତତ୍ତ୍ୱ ଯାହା କର୍ମର ନାନା ରୂପ ଓ ନିୟମ ଭିତର ଦେଇ, ବାହ୍ୟ ଓ ଆନ୍ତର ଜୀବନର ନାନା ରୂପ ଭିତର ଦେଇ ଏବଂ ଜଗତର ନାନା ସମ୍ବନ୍ଧ ଭିତର ଦେଇ ଭାଗବତ ସଂକଳ୍ପକୁ କାର୍ଯ୍ୟକାରୀ କରିଥାଏ । ଧର୍ମ ଶବ୍ଦର ପ୍ରଥମ ଅର୍ଥ ହେଉଛି ଆମ ପ୍ରକୃତିର ସେଇ ମୂଳ ନିୟମ ଯାହା ଆମର ସମସ୍ତ କର୍ମକୁ ନିୟମିତ କରିଥାଏ । ଦ୍ୱିତୀୟତଃ ଧର୍ମ ହେଉଛି ଆମ ଆନ୍ତର କ୍ରିୟାର ସେହିସବୁ ବିଧାନ ଯାହା ଆମ ଭିତରେ ଭାଗବତ ପ୍ରକୃତିର ବିକାଶ ଘଟାଏ । ଧର୍ମର ତୃତୀୟ ଅର୍ଥ ହେଉଛି ଏହା ଏପରି ଏକ ବିଧାନ ଯାହା ଆମର ବହିର୍ମୁଖୀ ଚିନ୍ତା ଓ କର୍ମ ତଥା ଆମର ପାରସ୍ପରିକ ସମ୍ବନ୍ଧକୁ ନିୟମିତ କରି ଆମକୁ ତଥା ସମଗ୍ର ମାନବଜାତିକୁ ଭାଗବତ ଲକ୍ଷ୍ୟ ଦିଗରେ ପରିଚାଳିତ କରି ନିଏ ।

ଧର୍ମ ସାଧାରଣତଃ ସନାତନ ଓ ଅପରିବର୍ତ୍ତନୀୟ ହେଲେ ମଧ୍ୟ ବାହ୍ୟ କ୍ଷେତ୍ରରେ ଏହା ନିରନ୍ତର ପରିବର୍ତ୍ତିତ ଓ ବିକଶିତ ହେବାରେ ଲାଗିଛି । କାରଣ ମନୁଷ୍ୟ ଏବେ ମଧ୍ୟ ପରିପୂର୍ଣ୍ଣତାକୁ ହାସଲ କରି ନାହିଁ ଏବଂ ସେହି ଦିଗରେ ସେ ଅଭୀପ୍ସା କରି ଚାଲିଛି । ଏହି କ୍ରମବିକାଶର ପର୍ଯ୍ୟାୟ ଭିତରେ ଯାହା କିଛି ତାକୁ ବିଶୁଦ୍ଧତା, ବିଶାଳତା, ଜ୍ୟୋତିଃ, ମୁକ୍ତି, ଶକ୍ତି, ପ୍ରେମ, ଐକ୍ୟ ଓ ଆନନ୍ଦ ଦିଗରେ ଆଗେଇ ଯିବାରେ ସାହାଯ୍ୟ କରେ ତାହାହିଁ ତା’ ପାଇଁ ଧର୍ମ । ଆଉ ଏହି ପ୍ରକାର ଅଗ୍ରଗତିରେ ଯାହା ପ୍ରତିରୋଧ କରେ ତାହାହିଁ ଅଧର୍ମ । ପୁରାଣ ଓ ଇତିହାସ ଏହାର ସାକ୍ଷୀ ଯେ ଧର୍ମ ଓ ଅଧର୍ମ ଭିତରେ ଯୁଗ ଯୁଗ ଧରି ନିରନ୍ତର ସଂଗ୍ରାମ ହୋଇ ଚାଲିଛି । ଏହି ପ୍ରକ୍ରିୟାରେ ଧର୍ମ ମଧ୍ୟ ନୈତିକ, ସାମାଜିକ, ବ୍ୟବହାରିକ ଓ ଦାର୍ଶନିକ ଦୃଷ୍ଟିରୁ ନୂଆ ନୂଆ ତାତ୍ପର୍ଯ୍ୟ ଆହରଣ କରିବାରେ ଲାଗିଛି ।

ଅବତାରଙ୍କ କର୍ମକୁ ବୁଝାଇବାକୁ ଯାଇ ଶ୍ରୀଅରବିନ୍ଦ ଆଉ ଏକ ଦୃଷ୍ଟିରୁ ବିଷୟଟିକୁ ବିଚାର କରିଛନ୍ତି । ବୌଦ୍ଧ ଧର୍ମରେ ମୁକ୍ତିର ସହଜ ପ୍ରାପ୍ତି ପାଇଁ ତିନୋଟି ଶକ୍ତିର ଆଶ୍ରୟ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ଯଥା : ଧର୍ମ (ଅଷ୍ଟାଙ୍ଗ ମାର୍ଗ), ସଂଘ ଓ ବୁଦ୍ଧ । ସେହିପରି ଖ୍ରୀଷ୍ଟିଆନ ପରମ୍ପରାରେ ଧର୍ମ, ଚର୍ଚ୍ଚ ଓ ଖ୍ରୀଷ୍ଟ ଏଇ ତିନିଟି ବିଷୟ ଉଦ୍ଧାରର ମାର୍ଗ ରୂପେ ବିବେଚିତ ହୁଏ । ବୈଷ୍ଣବ ପରମ୍ପରାରେ ବି ଏହି ତିନୋଟି ଉପାଦାନ ରହିଛି, ଯଥା : ଭାଗବତ (ପ୍ରେମ ଓ ଭକ୍ତିର ବିଧାନ), ଭକ୍ତ (ଭକ୍ତିର ବିଧାନକୁ ନିଜ ଭିତରେ ପ୍ରକାଶିତ କରୁଥିବା ଗୋଷ୍ଠୀର ପ୍ରତିନିଧି) ଓ ଭଗବାନ୍ । ଏହି ତିନୋଟି ବିଷୟ ହେଉଛି ଅବତାରଙ୍କ କର୍ମର ଅତ୍ୟନ୍ତ ପ୍ରୟୋଜନୀୟ ବିଷୟ । ଧର୍ମ ବା ଆତ୍ମ-ଅନୁଶାସନର ଧାରା, ଆଧ୍ୟାତ୍ମିକ ସାହଚର୍ଯ୍ୟ ଓ ଏକତା ଉପରେ ପ୍ରତିଷ୍ଠିତ ଏକ ସାମୂହିକ ଗୋଷ୍ଠୀ ଏବଂ ତୃତୀୟତଃ ଏକ ଦିବ୍ୟ ବ୍ୟକ୍ତିତ୍ୱ ଯାହାଙ୍କ ଭିତରେ ଭଗବାନ୍ ଅବତରଣ କରିଛନ୍ତି ଏବଂ ଯିଏ ପ୍ରଥମ ଦୁଇଟିକୁ ଅନୁପ୍ରାଣିତ ଓ ପରିଚାଳିତ କରନ୍ତି । ଅବତାର ଏହି ତୃତୀୟ ଉପାଦାନର ପ୍ରତିନିଧିତ୍ୱ କରନ୍ତି ଏବଂ ସେ ହେଉଛନ୍ତି ପ୍ରଥମ ଦୁଇଟି ଉପାଦାନ ଯଥା : ଧର୍ମ ଓ ସଂଘର ଆତ୍ମା ସ୍ୱରୂପ ।

ଗୀତା ଏହି ତିନୋଟି ବିଷୟକୁ ଏକ ବିଶାଳତର ତାତ୍ପର୍ଯ୍ୟ ପ୍ରଦାନ କରିଛି । ଏହାର ମତରେ ଧର୍ମ ହେଲା ମନୁଷ୍ୟର ସମସ୍ତ ସମ୍ପର୍କକୁ ଏକ ଉଚ୍ଚତର ଭାଗବତ ଭାବ ଭିତରକୁ ଉତ୍ତୋଳିତ କରି ନେବା । ଏହି ଧର୍ମ ନୈତିକ, ସାମାଜିକ, ରାଜନୈତିକ ଓ ଅନ୍ୟାନ୍ୟ ସାଧାରଣ ବିଧାନରୁ ଆରମ୍ଭ ହୁଏ, ମାତ୍ର ପରିଶେଷରେ ତାହା ବ୍ରହ୍ମଚେତନା ଦ୍ୱାରା ସେସବୁକୁ ଅନୁପ୍ରାଣିତ କରି ଉଚ୍ଚତର ଭୂମିକୁ ଉଠିଯାଏ । ଏହା ଆଣିଦିଏ ଏକତ୍ୱ ଓ ସମତାର ବିଧାନ, ମୁକ୍ତି ଓ ନିଷ୍କାମ କର୍ମର ବିଧାନ, ଆତ୍ମ-ଜ୍ଞାନ ଓ ଈଶ୍ୱର-ଜ୍ଞାନର ବିଧାନ, ଈଶ୍ୱର-ପ୍ରେମ ଓ ଭକ୍ତିର ବିଧାନ । ଗୀତାର ଦୃଷ୍ଟିରେ ପ୍ରକୃତ ସଂଘ ହେଉଛି ସମଗ୍ର ମାନବସମାଜ, ଏହା କୌଣସି ଏକ ସୀମିତ ଗୋଷ୍ଠୀ ନୁହେଁ । ଏହା ବୈଦାନ୍ତିକ ଏକତା ଉପରେ ପ୍ରତିଷ୍ଠିତ ଯାହା ଦ୍ୱାରା କି ଆତ୍ମା ସମସ୍ତଙ୍କୁ ନିଜ ଭିତରେ ଦେଖେ ଓ ନିଜକୁ ସମସ୍ତଙ୍କ ଭିତରେ ଦେଖେ । ସମଗ୍ର ମାନବସମାଜର ଦିବ୍ୟ ଭ୍ରାତୃତ୍ୱ ହିଁ ଏହାର ମୂଳଭାବ । ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିବା ବିଭିନ୍ନ ଗୋଷ୍ଠୀ କେବଳ ନୁହନ୍ତି, ସମଗ୍ର ପୃଥିବୀ ଏକ ବିଶାଳତର ଧର୍ମ ଆଡ଼କୁ ଅଗ୍ରସର ହେଉଛି । ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଭାବ ଓ ସାମର୍ଥ୍ୟ ଅନୁସାରେ ଅନ୍ୟମାନଙ୍କ ସହ ଏହି ପଥରେ ଆଗେଇ ଚାଲିଛନ୍ତି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି – ‘‘ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।’’ (୪/୧୧)

ଅର୍ଥାତ୍, ‘‘ମୋର ଏହି ମାର୍ଗକୁ ମନୁଷ୍ୟମାନେ ସର୍ବତୋଭାବେ ଅନୁସରଣ କରୁଛନ୍ତି ।’’

ତୃତୀୟତଃ, ଗୀତା ଅବତାର ବା ଦିବ୍ୟ-ବ୍ୟକ୍ତିତ୍ୱ ବିଷୟରେ କହିଲା ବେଳେ ଶ୍ରୀକୃଷ୍ଣ ନାମଧାରୀ କେବଳ ଗୋଟିଏ ରୂପ ଉପରେ ଗୁରୁତ୍ୱ ଦେଇ ନାହିଁ । ଏହା ଭଗବାନ୍

ପୁରୁଷୋତ୍ତମଙ୍କ ଉପରେହିଁ ସମସ୍ତ ଗୁରୁତ୍ୱ ଦେଇଛି, ଯିଏ ସକଳ ଅବତାରଙ୍କ ଉତ୍ସ । ଏହା ଘୋଷଣା କରିଛି ଯେ ଭଗବାନ୍ ନିଜର ବିଶ୍ୱମୟତା ମଧ୍ୟରେ ସମସ୍ତ ଅବତାର, ସମସ୍ତ ଶିକ୍ଷା, ସମସ୍ତ ମାର୍ଗ ଓ ସମସ୍ତ ଧର୍ମକୁ ଅନ୍ତର୍ଭୁକ୍ତ କରିଥା'ନ୍ତି । ସୁତରାଂ ଅବତାରଙ୍କ ମାଧ୍ୟମରେ ପୁରୁଷୋତ୍ତମଙ୍କ ସେହି ସର୍ବୋଚ୍ଚ ଭୂମିକୁ ସ୍ପର୍ଶ କରି ପାରିଲେ ଧର୍ମ ବା ଜୀବନକୁ ନେଇ ଦ୍ୱନ୍ଦ୍ୱ ଓ ସଂଘର୍ଷର କୌଣସି ଅବକାଶ ରହିବ ନାହିଁ, କାରଣ ସେଠି ରହିଛି କେବଳ ଏକତ୍ୱ, ଆନନ୍ଦ ଓ ପୂର୍ଣ୍ଣତା ।

ପାର୍ଥିବ ଜୀବନ ହେଉଛି ଏକ ରଣକ୍ଷେତ୍ର । ଏଠାରେ ଦୁଇ ପ୍ରକାର ଯୁଦ୍ଧ ଲଢ଼ିବାକୁ ହୁଏ । ଗୋଟିଏ ହେଉଛି ଭିତରର ଓ ଅନ୍ୟଟି ବାହାରର ଯୁଦ୍ଧ । ଗୀତା ଏହି ଦୁଇଟିଯାକ ଯୁଦ୍ଧ ଉପରେ ଗୁରୁତ୍ୱ ଦେଇଛି । ଭିତରର ଯୁଦ୍ଧ ଲଢ଼ିବାକୁ ହେବ କାମନାବାସନା, ଦୁଷ୍ପ୍ରବୃତ୍ତି, ଅଜ୍ଞାନ ଓ ଅହଙ୍କାର ବିରୁଦ୍ଧରେ ଏବଂ ବାହାରର ଯୁଦ୍ଧ ଲଢ଼ିବାକୁ ହେବ ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ତଥା ଦୁରାଚାରୀ, ଅହଙ୍କାରୀ ଓ ଆସୁରିକ ସ୍ୱଭାବର ବ୍ୟକ୍ତିମାନଙ୍କ ବିରୁଦ୍ଧରେ । ଅବତାର ଏହି ଦୁଇ ପ୍ରକାର ଯୁଦ୍ଧରେ ମାନବର ସାହାଯ୍ୟ କରିବା ପାଇଁ ଆସନ୍ତି । ମାନବସମାଜ ପାଇଁ ପୃଥିବୀରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ଏବଂ ବ୍ୟକ୍ତିଗତ ମାନବ-ଆତ୍ମା ମଧ୍ୟରେ ଆନ୍ତର ସ୍ୱର୍ଗ ରାଜ୍ୟର ନିର୍ମାଣ, ଏ ଦୁଇଟିଯାକ ତାଙ୍କ ଆଗମନର ଉଦ୍ଦେଶ୍ୟ ।

ଅବତାର ମାନବଜାତି ଆଗରେ ଦିବ୍ୟକର୍ମର ସ୍ୱରୂପ ଉପସ୍ଥାପିତ କରନ୍ତି । ସେହି କର୍ମ ହୋଇଥାଏ ସ୍ୱାଧୀନ, ନିରହଙ୍କାର, ନିଃସ୍ୱାର୍ଥ, ନୈର୍ବ୍ୟକ୍ତିକ ଓ ସାର୍ବଜନୀନ । ତାହା ଦିବ୍ୟଜ୍ଞାନ, ଦିବ୍ୟଶକ୍ତି ଓ ଦିବ୍ୟପ୍ରେମରେ ସର୍ବଦା ପରିପୂର୍ଣ୍ଣ ହୋଇଥାଏ । ଅବତାରଙ୍କ ମହାନ୍ ଦିବ୍ୟ ବ୍ୟକ୍ତିତ୍ୱ ମନୁଷ୍ୟକୁ ଅହଂମୟ ସଂକୀର୍ଣ୍ଣ ବ୍ୟକ୍ତିତ୍ୱରୁ ମୁକ୍ତ କରି ତାକୁ ବିଶ୍ୱମୟ ଚେତନା ଓ ଅମୃତତ୍ୱ ଆଡ଼କୁ ନେଇ ଯାଇପାରେ । ଅବତାର ତାଙ୍କର ଭାଗବତ ଶକ୍ତି ଓ ଦିବ୍ୟପ୍ରେମ ଦ୍ୱାରା ମନୁଷ୍ୟମାନଙ୍କୁ ନିଜ ଆଡ଼କୁ ଆକର୍ଷଣ କରନ୍ତି । ଫଳରେ ସେମାନେ ନିଜର କାମ, କ୍ରୋଧ, ଲୋଭ, ଭୟ ଆଦି ଦୁର୍ଗୁଣଗୁଡ଼ିକୁ ପରିତ୍ୟାଗ କରି ତାଙ୍କର ଆଶ୍ରୟ ଲୋଡ଼ନ୍ତି ଏବଂ ଅଚିରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହୁଅନ୍ତି ।

ଅବତାର କେବଳ ଯେ ଏକ ନୂତନ ସତ୍ୟ ଓ ଏକ ନୂତନ ଚେତନା ପୃଥିବୀକୁ ନେଇ ଆସନ୍ତି ତାହା ନୁହେଁ, ସେ ପାର୍ଥିବ ବାତାବରଣରେ କେତେକ ଶକ୍ତି ଓ କାର୍ଯ୍ୟକାରୀ ସମର୍ଥତାକୁ ଆଣି ପ୍ରତିଷ୍ଠା କରନ୍ତି, ଯାହା ମନୁଷ୍ୟମାନଙ୍କ ଆତ୍ମିକ କ୍ଷେତ୍ରରେ କ୍ରିୟା କରି ସେମାନଙ୍କୁ ଉଚ୍ଚତର ଉପଲବ୍ଧି ପାଇବାରେ ତଥା ଦିବ୍ୟତ୍ୱ ଆଡ଼କୁ ଦ୍ରୁତଗତିରେ ଅଭିବୃଦ୍ଧି ଲାଭ କରିବାରେ ବିଶେଷ ସାହାଯ୍ୟ କରେ । ଯେଉଁମାନେ ପ୍ରସ୍ତୁତ ଥା'ନ୍ତି ସେମାନେ ଲକ୍ଷ୍ୟ ଆଡ଼କୁ ଶୀଘ୍ର ମାଡ଼ି ଯାଆନ୍ତି ଏବଂ ଯେଉଁମାନେ ପ୍ରସ୍ତୁତ ନଥା'ନ୍ତି ସେମାନେ ପ୍ରସ୍ତୁତ ହେବାକୁ ଆରମ୍ଭ କରନ୍ତି । ସୁତରାଂ ଅବତାରଙ୍କ କାର୍ଯ୍ୟ କଦାପି ବ୍ୟର୍ଥ ହୁଏ ନାହିଁ । ବାହ୍ୟ କ୍ଷେତ୍ରରେ ତାଙ୍କ ଆଗମନର ସୁଫଳ ହଠାତ୍ ଦୃଷ୍ଟିଗୋଚର ନ ହୋଇପାରେ, ମାତ୍ର ଆନ୍ତର କ୍ଷେତ୍ରରେ ପ୍ରତ୍ୟେକ ବିବର୍ତ୍ତନଶୀଳ ମାନବାତ୍ମା ପ୍ରଚୁର ଭାବରେ ଉପକୃତ ହୁଅନ୍ତି ।

ଅବତାରଙ୍କ ଆଗମନର ଆନ୍ତର ଫଳ ଲାଭ କରିବା ପାଇଁ ଆମର ଯେଉଁ ଯୋଗ୍ୟତା ଆବଶ୍ୟକ ତାହା ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ହେଲା – ଦିବ୍ୟଜନ୍ମ ଓ ଦିବ୍ୟକର୍ମର ପ୍ରକୃତ ମର୍ମ ବୁଝିବା, ନିଜର ଚେତନାକୁ ଅବତାରଙ୍କ ଚିନ୍ତା ଓ ଭାବରେ ପୂର୍ଣ୍ଣ କରିବା, ନିଜ ଜ୍ଞାନର ତପଃଶକ୍ତିରେ ନିଜକୁ ପବିତ୍ର କରି ନିମ୍ନ-ପ୍ରକୃତିର କବଳରୁ ମୁକ୍ତ ହେବା, ଦିବ୍ୟସତ୍ତା ଓ ଦିବ୍ୟପ୍ରକୃତି ଲାଭ ପାଇଁ ଆସ୍ପୃହାଶୀଳ ହେବା ଏବଂ ନିଜର ସମସ୍ତ ସତ୍ତା ସହ ସର୍ବତୋଭାବେ ତାଙ୍କର ଆଶ୍ରୟ ଗ୍ରହଣ କରିବା ।

ଭଗବାନଙ୍କ କେଉଁ ନାମ, ରୂପ ବା ବିଭାବ ନେଇ ଅବତାର ଆସନ୍ତି ସେଥିରେ ମୂଳତଃ କିଛି ଯାଏ ଆସେ ନାହିଁ । କାରଣ ମନୁଷ୍ୟମାନେ ନିଜ ନିଜର ସ୍ୱଭାବ ଓ ସାମର୍ଥ୍ୟ ଅନୁଯାୟୀ ଭଗବାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଯେଉଁ ପଥ ଅନୁସରଣ କରନ୍ତି ତାହାହିଁ ପରିଶେଷରେ ସେମାନଙ୍କୁ ଭଗବାନଙ୍କ ନିକଟରେ ପହଞ୍ଚାଇ ଦିଏ । ଅବତାରଙ୍କ ଯେଉଁ ଦିବ୍ୟ ବିଭାବ ସେମାନଙ୍କୁ ଆକର୍ଷଣ କରେ ସେହି ଅନୁସାରେ ପଥ ଅନୁସରଣ କରିବା ସେମାନଙ୍କ ପକ୍ଷରେ ସର୍ବୋତ୍ତମ । ପ୍ରବନ୍ଧର ଶେଷରେ ଶ୍ରୀଅରବିନ୍ଦ ଗୀତାର ବାଣୀ ଉଦ୍ଧାର କରି କହନ୍ତି – "...in whatever way men accept, love and take joy in God, in that way God accepts, loves and takes joy in man."

(Essays on The Gita, P. 176)

ଅର୍ଥାତ୍ ''ମନୁଷ୍ୟ ଯେଉଁ ଭାବରେ ଭଗବାନଙ୍କୁ ଗ୍ରହଣ କରେ, ଭଲ ପାଏ ଓ ତାଙ୍କଠାରୁ ଆନନ୍ଦ ପାଏ, ଭଗବାନ୍ ମଧ୍ୟ ସେହି ଭାବରେ ମନୁଷ୍ୟକୁ ଗ୍ରହଣ କରନ୍ତି, ଭଲ ପାଆନ୍ତି ଓ ତା'ଠାରୁ ଆନନ୍ଦ ପାଆନ୍ତି ।''

(''ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।''
ଗୀତା (୪/୧୧) ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୨)

### ଆଶ୍ରମ ଭୋଜନାଳୟର କ୍ରମବିକାଶ : (ଉତ୍ତରାର୍ଦ୍ଧ)

୧୬ ଜାନୁଆରୀ ୧୯୨୭ରେ ମା ଆଁଦ୍ରେଙ୍କୁ ଲେଖିଥିଲେ, ''ଆମର ଏହି ଛୋଟ ସମାବେଶଟି ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗିଛି; ଆମେ ତିରିଶ ପାଖାପାଖି ଶ୍ରୀଅରବିନ୍ଦଙ୍କ ଅନୁଗାମୀ ହୋଇଉଠିଛୁ (ଅବଶ୍ୟ ଭାରତର ବିଭିନ୍ନ ପ୍ରଦେଶରେ ରହିଥିବା ଭକ୍ତମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରୁ ନାହିଁ) । ଏବଂ ମୁଁ ଏହି ସଂଗଠନର ମୂଳକେନ୍ଦ୍ର ରୂପେ ଏହାର ଦାୟିତ୍ୱ ବହନ କରିଛି – ଭୌତିକ ତଥା ଆଧ୍ୟାତ୍ମିକ ଦୃଷ୍ଟିରୁ... ।''

ପୁନର୍ବାର ୨୩ ଅଗଷ୍ଟ ୧୯୩୦ରେ ମା ଆଁଦ୍ରେଙ୍କୁ ଲେଖିଲେ : ''ଆଶ୍ରମଟି ଅଧିକରୁ ଅଧିକ ଦୃଷ୍ଟି ଆକର୍ଷକ ଅନୁଷ୍ଠାନ ହୋଇ ଉଠୁଛି । ବର୍ତ୍ତମାନ ଆମେ ଆମର (ବସବାସ ଓ ବିଭିନ୍ନ କର୍ମକ୍ଷେତ୍ର ସକାଶେ) ଏକୋଇଶଟି ବାସଭବନ କରି ପାରିଛୁ; ଏବେ ଆଶ୍ରମର ଶ୍ରମିକ ଓ ସାହାଯ୍ୟକାରୀମାନଙ୍କୁ ନେଇ ଷାଠିଏ କି ପଞ୍ଚଷଠି ଶ୍ରମଜୀବୀ ରହିଛନ୍ତି ଏବଂ ଆଶ୍ରମବାସୀ (ପଣ୍ଡିଚେରୀରେ ରହୁଥିବା ଶ୍ରୀଅରବିନ୍ଦଙ୍କ ଅନୁଗାମୀ ତଥା ସାଧକ)ଙ୍କ ସଂଖ୍ୟା ପଞ୍ଚାଶୀରୁ ଶହେ ଭିତରେ ପହଞ୍ଚିଛି ।...''

(MCW - 16, p. 3, 5)

ଦ୍ୟୁମାନ୍‌ଙ୍କ ଉକ୍ତିରୁ : ''ସେହି ପ୍ରାରମ୍ଭିକ ଅବସ୍ଥାରେ ଆମର ଧାରଣା ନଥିଲା ଯେ ଦିନେ ଆଶ୍ରମଟି ଏତେ ବିଶାଳ ଆକାର ଧାରଣ କରିବ । ଭାବି ନିଆ ଯାଇଥିଲା ଯେ ଅନ୍ୟୂନ ବାର ଜଣ ଏବଂ ସର୍ବାଧିକ ଛତିଶ ଜଣ ଅନ୍ତେବାସୀ ହେବେ । ତେଣୁ ଭୋଜନାଳୟରେ ବ୍ୟବହାର କରିବା ସକାଶେ ମା ଛତିଶ ସେଟ୍‌ର ଏନାମେଲ୍ ଭୋଜନ-ପାତ୍ରସବୁ ଫ୍ରାନ୍‌ସ୍‌ରୁ ଅଣାଇ ଥିଲେ । ଛୋଟ ଛୋଟ ଉଚ୍ଚତା ବିଶିଷ୍ଟ କାଠର ଛତିଶଟି ଡେସ୍କ (ଡାଇନିଂ ଟେବୁଲ) ନିର୍ମିତ ହୋଇଥିଲା । ଏବେ ଆଶ୍ରମର ଭୋଜନାଳୟର କେତୋଟି କକ୍ଷରେ ସେମିତି ଛୋଟ ଛୋଟ ଡେସ୍କ ରହିଛି । ଅବଶ୍ୟ ପରବର୍ତ୍ତୀକାଳରେ ତା' ଉପରେ ମାଇକା ସିଟ୍ ସଂଯୁକ୍ତ କରାଯାଇଛି ।''

ଆମେ ଇତିପୂର୍ବରୁ ବର୍ଣ୍ଣନା କରିଛୁ ଯେ ପ୍ରାୟ ୧୯୨୯ରୁ ୧୯୩୪ର ପ୍ରାରମ୍ଭ ପର୍ଯ୍ୟନ୍ତ ଆଶ୍ରମର ସମବେତ ଭୋଜନାଳୟ (ଏବେକାର) ପ୍ରସ୍ପେରିଟି ଅଫିସ ପାଖରେ ଥିବା ବଡ଼ ଘରଟିରେ ଥିଲା ଏବଂ ରନ୍ଧନଶାଳା ଥିଲା ସମାଧି ସାମନାରେ ଥିବା ତିନି ବଖରା ବିଶିଷ୍ଟ ଟାଇଲ୍ ଛପର ଘର । ଏହି ଭୋଜନାଳୟରେ ତିରିଶ ଜଣଙ୍କ ସକାଶେ ବସିବାର ବନ୍ଦୋବସ୍ତ ଥିଲା । ଧୀରେ ଧୀରେ ଅନ୍ତେବାସୀଙ୍କ ସଂଖ୍ୟା ତିରିଶ, ପଇଁତିରିଶରୁ ବୃଦ୍ଧି ପାଇ ନବେ, ପଞ୍ଚାନବେ ହୋଇ ଯାଇଥିଲା । ଭୋଜନ ପରଷିବା ପାଇଁ ମଧ୍ୟ ଅଲଗା ସ୍ଥାନର ବ୍ୟବସ୍ଥା ନଥିଲା । ଗୋଟିଏ କାଚ୍ଚ ଆଲମାରି ଭିତରେ ପାତ୍ରମାନଙ୍କରେ ଭୋଜନ ଦ୍ରବ୍ୟସବୁ ରଖା ଯାଉଥିଲା ।... କେବଳ ଦ୍ୟୁମାନ୍ ଭୋଜନ ବଣ୍ଟନ ପୂର୍ବରୁ ଓ ପରେ ଧ୍ୟାନ କରୁଥିଲେ । ମା ନିଜର ଏକ ଜାପାନ ରହଣି କାଳର ଫଟୋ* ଭୋଜନାଳୟରେ ରଖିବାକୁ ଦେଇ ଦ୍ୟୁମାନ୍‌ଙ୍କୁ କହିଥିଲେ, 'ସକାଳେ ଭୋଜନାଳୟର ମୁଖ୍ୟ ଦରଜା ଖୋଲିବା ପୂର୍ବରୁ ଏହି ଫଟୋଟି ସମ୍ମୁଖରେ ଧ୍ୟାନସ୍ଥ ହେବୁ ଏବଂ ପୁଣି ରାତିରେ ସେସବୁକୁ ବନ୍ଦ କରି ବାହାରକୁ ଆସିବା ପୂର୍ବରୁ ଧ୍ୟାନସ୍ଥ ହେବୁ ।'

ସମସ୍ତ କାର୍ଯ୍ୟ ମା'ଙ୍କର ନିର୍ଦ୍ଦେଶାନୁସାରେ କାର୍ଯ୍ୟକାରୀ କରାଯାଉଥିଲା । ଦ୍ୟୁମାନ୍ ପ୍ରତ୍ୟେକ ଦିନ ମା'ଙ୍କ ନିକଟକୁ

---

* ୧୮.୧୨.୧୯୪୪ର ଏକ ଘଟଣା : ''ଜାପାନରେ ଥିବା ସମୟରେ ରବୀନ୍ଦ୍ରନାଥ ଠାକୁର ପ୍ରଭୃତିଙ୍କ ସହିତ ନିଆ ଯାଇଥିବା ତାଙ୍କର ଏକ ଫଟୋ ଶ୍ରୀଅରବିନ୍ଦଙ୍କୁ ଦେଖାଇ ମା କହିଲେ, 'ଏଇଟି ହେଉଛନ୍ତି ମହାଲକ୍ଷ୍ମୀ – ମଧୁର, ପ୍ରେମପୂର୍ଣ୍ଣ, କୋମଳ, ଆଜ୍ଞାନୁବର୍ତ୍ତୀ, ସୁନ୍ଦର, ସୁସମଞ୍ଜସ... ମୁଁ ଏହି ନାରୀଙ୍କୁ ଦେଖିବାକୁ ଚାହୁଁଛି, ପୁନର୍ବାର ସାକ୍ଷାତ୍ କରିବାକୁ ଚାହୁଁଛି । ମୁଁ ଏହି ଦିବ୍ୟ-ସତ୍ତାଟିକୁ ପୁଣି ଥରେ ଦେଖିବାକୁ ଚାହୁଁଛି ।' ୧୪.୧୦.୧୯୫୧ରେ ଦ୍ୟୁମାନ୍‌ଙ୍କୁ ମା କହିଥିଲେ : 'ଆଜି ଲକ୍ଷ୍ମୀପୂଜା, ଲକ୍ଷ୍ମୀ ତ ତୋର ବନ୍ଧୁ ।' ''

('ଚମ୍ପକଲାଲ କହନ୍ତି', ପୃ. ୮୧, ୧୬୭)

ଭୋଜନାଳୟର ସମସ୍ତ ବିବରଣୀ ଦୁଇଥର ଲେଖି ପଠାଉଥିଲେ । ସାଧକମାନେ ପାଉଁରୁଟି, ଭାତ ଇତ୍ୟାଦି ଭୋଜନ ଦ୍ରବ୍ୟ ପ୍ରତ୍ୟେକଙ୍କ ଆବଶ୍ୟକ ମୁତାବକ ଗ୍ରହଣ କରୁଥିଲେ, କିନ୍ତୁ ସାରା ଦିନ ପାଇଁ ସମସ୍ତଙ୍କ ସକାଶେ ଅନ୍ୟାନ୍ୟ ଭୋଜନ ସାମଗ୍ରୀର ତାଲିକା କରି ପୂର୍ବଦିନ ସେସବୁକୁ ଲିଖିତ ଆକାରରେ ମା'ଙ୍କୁ ଜଣାଇ ଦିଆ ଯାଉଥିଲା । ଉଦାହରଣ ସ୍ୱରୂପ : ''ଆସନ୍ତା କାଲି... ଦର୍ଶକ ଆସିବେ... ଅଧିକ ପରିମାଣର ଦ୍ରବ୍ୟସବୁ ଆବଶ୍ୟକ ହେବ । ସମସ୍ତଙ୍କ ପାଇଁ ଗୋଟିଏ ଗୋଟିଏ ଲେମ୍ବୁ ଆବଶ୍ୟକ; ତେଣୁ ଗୋଟା ଲେମ୍ବୁ ଅଧିକା ଦରକାର ହେବ । ଗତକାଲି ନିମ୍ନଲିଖିତ ପନିପରିବା କ୍ରୟ କରା ଯାଇଥିଲା । ତନ୍ମଧ୍ୟରୁ କ'ଣସବୁ ଆଜି ମଧ୍ୟାହ୍ନ ଭୋଜନ ପାଇଁ ରନ୍ଧନ କରିବାକୁ ହେବ ଓ କେଉଁଗୁଡ଼ିକ ରାତ୍ରିଭୋଜନ ପାଇଁ ରଖାଯିବ ?''... ଇତ୍ୟାଦି ।

ଉପର ଲିଖିତ ବିବରଣୀଗୁଡ଼ିକ ଶ୍ରୀଅରବିନ୍ଦଙ୍କ ସ୍ୱୀକୃତି ପ୍ରଦାନ ପରେ କାର୍ଯ୍ୟକାରୀ କରାଯାଉଥିଲା । ଏସବୁ ରସଶୂନ୍ୟ ବିଷୟ ନିଶ୍ଚୟ । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦ କିପରି ଭାବରେ ଦୈନନ୍ଦିନ ଜୀବନଧାରାରେ ଓତପ୍ରୋତ ଭାବରେ ଜଡ଼ିତ ଥିଲେ, ପ୍ରତ୍ୟେକଟି ବାହ୍ୟ ଘଟଣାର ସୁପରିଚାଳନା କରୁଥିଲେ, ସେସବୁର ଏହା ଏକ ନିଦର୍ଶନ ମାତ୍ର ।

ଦ୍ୟୁମାନ୍‌ଙ୍କ ବର୍ଣ୍ଣନାରୁ : ''୧୯୨୯ ନଭେମ୍ବରରେ ଗୁଜରାଟର ଭଦ୍ରବ୍ୟକ୍ତି ମଣିଭାଇ ଆଫ୍ରିକାରୁ ତାଙ୍କର ଦୁଇ ପତ୍ନୀ (ତାରା ଓ ଲୀଳା)ଙ୍କ ସହିତ ଆଶ୍ରମରେ ପହଞ୍ଚିଲେ । ତାରାର ବୟସ ୧୮ ଏବଂ ଲୀଳାର ବୟସ ୨୩ ।[୧] ତାରା ମା'ଙ୍କୁ କହିଲେ, 'ମା, ଆଶ୍ରମବାସୀଗଣ ମୋର ଭାଇ-ଭଉଣୀ ନୁହଁନ୍ତି କି ? ମୁଁ ସେମାନଙ୍କ ପାଇଁ ରନ୍ଧାରନ୍ଧି କରିପାରିବି କି ?' (ସେତେବେଳ ପର୍ଯ୍ୟନ୍ତ ବେତନଭୋଗୀ କର୍ମଚାରୀ ହିଁ ଏସବୁ କାମ କରୁଥିଲେ ।) ମା ଖୁସୀ ହୋଇ ଅନୁମତି ଦେବାରୁ ସେ ରନ୍ଧନଶାଳାର ରନ୍ଧନ କାର୍ଯ୍ୟର ଭାର ନେଲେ । ଲୀଳା ତାଙ୍କୁ ସାହାଯ୍ୟ କଲେ । ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇଗଲା ପରେ ମୁଁ ଏବଂ ଚାରୁଚନ୍ଦ୍ର[୨] ସେସବୁକୁ ଭୋଜନାଳୟକୁ ନେଇ ଯାଉଥିଲୁ ଏବଂ ମା ଆସିବା ପରେ ଏକାଗ୍ରତା ସହ ଭୋଜନ ବିତରଣ କରା ଯାଉଥିଲା ।

''ସେତେବେଳେ ଏକ ମାଟି ଚୁଲାରେ ରନ୍ଧାରନ୍ଧି କରା ହେଉଥିଲା । ସେ ତେୟାନବେ ଜଣଙ୍କ ପାଇଁ ମାଟି ହାଣ୍ଡିରେ ଭାତ ରାନ୍ଧୁ ଥିଲେ ଏବଂ ଭାତ ଫୁଟିଗଲେ ପେଜ ଗଳା ହେଉଥିଲା । ଥରେ ପେଜ ଗାଳିବା ସମୟରେ ହାଣ୍ଡିଟି ଫାଟିଯିବାରୁ ତତଲା ପେଜମିଶା ଭାତ ଛିଟିକି ଆସି ତାଙ୍କ ଦେହରେ ବଡ଼ ବଡ଼ ଫୋଟକା ହୋଇଯାଇଥିଲା ।... ଫଳରେ ମାସେରୁ ଅଧିକ କାଳ ଏଥିରେ ଯନ୍ତ୍ରଣା ଭୋଗିବା ପରେ ଆରୋଗ୍ୟ ହୋଇ ସେ ପୁଣି ରନ୍ଧାରନ୍ଧି କାମରେ ଯୋଗ ଦେଲେ; କିନ୍ତୁ ମା ସେତେବେଳକୁ ତାଙ୍କ ପାଇଁ ତମ୍ବାର ହାଣ୍ଡି ଆଣି ଦେଇଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ ଚାଉଳରେ ଠିକ୍ ପରିମାଣର ପାଣି ଦେଇ ଫୁଟାଇବାକୁ, ଯଦ୍ଦ୍ୱାରା ଆଉ ପେଜ ଗାଳିବାର ଆବଶ୍ୟକତା ନପଡ଼େ ।

''ଏହି ସମୟରେ ଆମେ ମଧ୍ୟାହ୍ନ ଭୋଜନରେ ପ୍ରତି ସାଧକଙ୍କୁ ଅଧା କପ୍ ଦହି ଦେଉଥିଲୁ ଏବଂ ଯିଏ ଯେତେ ଚିନି ମାଗୁଥିଲେ ଆମେ ଦେଉଥିଲୁ । କିନ୍ତୁ ଜଣେ ସାଧକଙ୍କୁ ସାତ ଚାମଚ ଚିନି ଦେଲା ପରେ ବି ସେ ସନ୍ତୁଷ୍ଟ ନଥିଲେ । ମା'ଙ୍କୁ ଏକଥା ଜଣାଇବାରୁ ମା କହିଲେ ପ୍ରତ୍ୟେକ ସାଧକଙ୍କ ସକାଶେ ନିତି ଆଠ ଚାମଚରୁ ବାର ଚାମଚ ପର୍ଯ୍ୟନ୍ତ ଚିନି ଦେବା ପାଇଁ ନିର୍ଦ୍ଧାର୍ଯ୍ୟ କରିଦିଅ; ଗୋଟିଏ ଚାମଚରେ ଦଶ ଗ୍ରାମ ଚିନି ଧରେ । କେତେକ ସାଧକ କହିଲେ ବାର ଚାମଚ ଖୁବ୍ ବେଶୀ ହୋଇ

---

୧. ମଣିଭାଇ (ଲାଲୁଭାଇ ପଟେଲ, ଗୁଜରାଟରେ ୧୮୯୭ରେ ଜନ୍ମ) ଆଫ୍ରିକାରେ ଥିଲେ । ସେଠାରୁ ସପରିବାରେ ୧୯୨୯ରେ ଆଶ୍ରମକୁ ଆସି ୧୯୩୦ରେ ସ୍ଥାୟୀ ଭାବେ ରହି ଯାଇଥିଲେ । ଏବେ ଯେଉଁଠି ଆଶ୍ରମର ପୋଷ୍ଟ ଅଫିସ ଅଛି, ସେ ସେଠାରେ ରହୁଥିଲେ; ପାଖ ଘରେ ତାଙ୍କର କର୍ମକ୍ଷେତ୍ର (କମାରଶାଳ) ଥିଲା, ସେ ଥିଲେ ତା'ର ପରିଚାଳକ । ଲୀଳା (ଲୀଳାବେନ୍ ଗୋବିନ୍ଦଭାଇ ପଟେଲ, ଗୁଜରାଟରେ ୧୯୦୭ରେ ଜନ୍ମ) ଏବଂ ତାରା (ତାରାବେନ୍ ନାଥଭାଇ ପଟେଲ, ଗୁଜରାଟରେ ୧୯୧୨ରେ ଜନ୍ମ) ଦୁହେଁ ୧୯୨୯ରେ ଆଶ୍ରମକୁ ଆସି ରହି ଯାଇଥିଲେ ।

୨. ଚାରୁଚନ୍ଦ୍ର ଦେବ ସରକାର (ବେଙ୍ଗଲର ୨୪ ପରଗଣା ଅନ୍ତର୍ଗତ ମାଲା ଗ୍ରାମରେ ନଭେମ୍ବର ୧୮୮୭ରେ ଜନ୍ମ) ନଭେମ୍ବର ୧୯୨୫ରେ ଆଶ୍ରମକୁ ପ୍ରଥମ ଥର ଆସି ଫେବ୍ରୁଆରୀ୧୯୨୬ରେ ଚାଲି ଯାଇଥିଲେ । ତା'ପରେ ଅଗଷ୍ଟ ୧୯୨୮ରେ ଆସି ସ୍ଥାୟୀ ଭାବରେ ରହି ଯାଇଥିଲେ । ଆଶ୍ରମ ଭୋଜନାଳୟରେ ଭାତ ପରଷୁ ଥିବାରୁ ସେ 'ଭାତେର୍ ଚାରୁ' ନାମରେ ସୁବିଦିତ ଥିଲେ ।

ଯାଉଛି । ସେଇଠୁ ମା କହିଲେ ଯେ ସେମାନେ ତା'ହେଲେ ଆଠ କି ଦଶ ଚାମଚ ନେବେ ।

''ମା'ଙ୍କ ଅନୁମତିରେ ବଜାରରୁ ଚିନି ରଖିବା ଡବା ଖରିଦ କରି ଆଣି, ପ୍ରତ୍ୟେକଙ୍କର ନାମ ଲେଖି ନିର୍ଦ୍ଦିଷ୍ଟ ପରିମାଣର ଚିନି ଭର୍ତ୍ତି କରି ସକାଳ ଭୋଜନ ସମୟରେ ପ୍ରତ୍ୟେକଙ୍କୁ ଭୋଜନାଳୟର ନିର୍ଦ୍ଦିଷ୍ଟ ସ୍ଥାନରୁ ଦେଇ ଦିଆ ଯାଉଥିଲା । ସେମାନେ ରାତ୍ରି ଭୋଜନ ସମୟରେ ଖାଲି ଡବା ଆମକୁ ଫେରାଇ ଦେଉଥିଲେ । ରାତ୍ରିଭୋଜନ ପରେ ଭୋଜନାଳୟ ଭିତରେ ଆମର ଶେଷ କର୍ମ ଥିଲା ପ୍ରତ୍ୟେକଙ୍କ ଡବାରେ ଚିନି ଭର୍ତ୍ତି କରି ଯଥାସ୍ଥାନରେ ରଖିବା । ଏହି କାମ ଶେଷ ହେବା ବେଳକୁ ମଧ୍ୟରାତ୍ରି ହୋଇ ଯାଉଥିଲା । ଦେଖାଗଲା ଯେ କେତେକଙ୍କ ଡବାରୁ ଚିନି ଉଭେଇ ଯାଉଛି । ଏହି ଧରଣର କର୍ମ (pilferage) ବନ୍ଦ କରିବା ସକାଶେ ମା ଆମମାନଙ୍କୁ କହିଲେ ଯେ ଚିନି ଭର୍ତ୍ତି କରି ପ୍ରତ୍ୟେକ ଡବାକୁ ସେଲୋଫେନ୍ ଟ୍ୟାପ୍‌ରେ ସିଲ୍ କରି ଦିଅ । ପୁଣି ଅଧିକ ରାତ୍ରି ପର୍ଯ୍ୟନ୍ତ ଆମର କାମ ବଢ଼ିଲା ।...''

ନାରାୟଣ ପ୍ରସାଦଙ୍କ ବର୍ଣ୍ଣନାରୁ : ''୧୯୩୨ ମସିହାରେ ଭୋଜନାଳୟର ଉପରୋକ୍ତ ଦୁଇ ଜଣ ସାଧିକାଙ୍କ ମଧ୍ୟରୁ ଜଣେ ମା'ଙ୍କୁ କେତେକ ନିର୍ଦ୍ଦିଷ୍ଟ ବ୍ୟଞ୍ଜନ କିପରି ରାନ୍ଧିବାକୁ ହେବ ସେ ବିଷୟରେ ପ୍ରଶ୍ନ କରିଥିଲେ । ତନ୍ମଧ୍ୟରୁ କେତୋଟିର ଉତ୍ତର ଶ୍ରୀମା'ଙ୍କ ତରଫରୁ ଶ୍ରୀଅରବିନ୍ଦ ଦେଇଥିଲେ ।

''ଶ୍ରୀଅରବିନ୍ଦଙ୍କର ଏକ ଉତ୍ତର : 'କୋବି ତରକାରି ଯେପରି ରନ୍ଧାଯାଏ, ସେହିପରି ଜାଫ୍ରାନ୍, ଲଙ୍କା ମରିଚ, ଧନିଆ ଓ ଜିରା ଦେଇ ତରକାରି ରାନ୍ଧିବ । ଯଦି ଝୋଳରେ କିଛି ବିଲାତି ବାଇଗଣ ଦେଇ ପାରିବ ଭଲ ।'

''ଅନ୍ୟ ଏକ ପ୍ରଶ୍ନ ଥିଲା : 'ମା, ଏହି ନିର୍ଦ୍ଦିଷ୍ଟ ପ୍ରକାର (Sauce) ତରକାରି କିପରି ରାନ୍ଧିବାକୁ ହେବ ?'

''ଶ୍ରୀଅରବିନ୍ଦଙ୍କ ଉତ୍ତର : 'ଅଳ୍ପ ଉଷୁମ ପାଣିରେ ଚାଉଳ ଚୂନା କିଛି ମିଶାଇ ଦିଅ, ରନ୍ଧନ ଚୁଲାରେ ପାତ୍ରଟି ରଖି ତନ୍ମଧ୍ୟରେ ଗରମ ଦୁଧ ଅଳ୍ପ ଅଳ୍ପ ଢାଳ ଏବଂ ଏହାକୁ ଭଲ ଭାବରେ ଗୋଳାଅ, ଯେପର୍ଯ୍ୟନ୍ତ ଏହା ଭଲ ଭାବରେ ଫୁଟି ନ ଆସିଛି, ଗୋଳାଅ । ତା'ପରେ ଭଜା ହୋଇଥିବା ପରିବା ଓ ଆଳୁ ଭର୍ତ୍ତାକୁ ଏହା ଭିତରେ ପକାଇ ମିଶାଇ ଦିଅ । – ଏହା ହେଲା ଏହି ନିର୍ଦ୍ଦିଷ୍ଟ ସସ୍ ରନ୍ଧନର ପ୍ରଣାଳୀ ।'

''ପ୍ରଶ୍ନ : 'ମା, ଏବେ ଛଚିନ୍ଦ୍ରା ଓ ଆଳୁ ବେଶ୍ ଶସ୍ତାରେ ମିଳୁଛି । ଏହା ଆମମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ବ୍ୟଞ୍ଜନ; କିପରି ରାନ୍ଧିବୁ ? ଆମର ଅଭିଜ୍ଞତା ଆଦୌ ନାହିଁ ।'

''ମା'ଙ୍କ ଉତ୍ତର : 'ଛଚିନ୍ଦ୍ରାକୁ ଛୋଟ ଛୋଟ କରି କାଟି ଦିଅ, ଦୁଇ ଇଞ୍ଚ କରି । ତା' ମଧ୍ୟରେ ଥିବା ମଞ୍ଜିସବୁକୁ ବାହାର କରିଦିଅ । ଆଳୁକୁ ସିଝାଇ ଦିଅ । ମସଲା ଓ ଭଜା ପିଆଜ ଦେଇ ସିଝା ଆଳୁକୁ ଚକଟି ଭରତା କରିଦିଅ । ତା'ପରେ ଏହାକୁ ପ୍ରତିଟି ଛଚିନ୍ଦ୍ରା ଭିତରେ ଭଲ କରି ଭର୍ତ୍ତି କରିଦିଅ । ଏବଂ ଅଳ୍ପ ନିଆଁରେ ଯେପରି ବନ୍ଧାକୋବି ରନ୍ଧାଯାଏ, ସେହି ପ୍ରଣାଳୀରେ ରନ୍ଧନ କର ।'

''ରନ୍ଧନ କାର୍ଯ୍ୟ ପାଇଁ ଗୋଟିଏ ରିପୋର୍ଟ ଖାତା ଥାଏ । ସେଥିରେ କେତେବେଳେ ଶ୍ରୀଅରବିନ୍ଦ ଓ କେତେବେଳେ ମା ରନ୍ଧନ ପ୍ରଣାଳୀ ଲେଖିକରି ଦେଉଥିଲେ । ସେହି ଖାତାରେ ଥରେ ଶ୍ରୀମା ଓ ଶ୍ରୀଅରବିନ୍ଦ କିଛି ନ ଲେଖି ଦେବାରୁ ସାଧିକା-ଦ୍ୱୟ ମନକଷ୍ଟ କରି ଶ୍ରୀଅରବିନ୍ଦଙ୍କୁ ଲେଖିଥିଲେ । ଶ୍ରୀଅରବିନ୍ଦ ଉତ୍ତର ଦେଲେ : 'ଆଉ କୌଣସି ଶିକ୍ଷା ଦେବାର ଆବଶ୍ୟକତା ନାହିଁ । ତୁମେମାନେ ସୁନ୍ଦର ଭାବରେ ରନ୍ଧାରନ୍ଧି କରୁଛ । ମା ଏହାଠୁ ବଳି ଭଲ ପ୍ରଣାଳୀ ଆଉ କ'ଣ ବତାଇବେ ? ସେଇଥି ପାଇଁ ମା କିଛି ଲେଖି ନଥିଲେ ।'

''ମା ଛୁଇଁ ବା ଶିମ୍ବଜାତୀୟ ପରିବା (lentils) ଏବଂ ଶିମ୍ବ ସୟାବିନ୍ ପରିବାକୁ ଅଧିକ ପସନ୍ଦ କରୁଥିଲେ । ଏଥିରେ ପୁଷ୍ଟିସାର ଅଧିକ ଥିବାରୁ ମା ଫ୍ରାନସ୍‌ରୁ ଏସବୁ ଅଣାଉ ଥିଲେ । ଆଶ୍ରମବାସୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରୁ ସମସ୍ତଙ୍କୁ ଏହା ନିୟମିତ ଭାବରେ ଯୋଗାଇ ଦେବା ଆଉ ସମ୍ଭବ ହେଲା ନାହିଁ । ତେଣୁ ତା' ବଦଳରେ ମୁଗ ଡାଲି, ମସୁର ଡାଲି ଏବଂ ବୁଟ ଡାଲି ପ୍ରଭୃତିର ପ୍ରଚଳନ କରାଗଲା – କ୍ରମାନ୍ୱୟରେ ଗୋଟିକ ପରେ ଅନ୍ୟଟିର ପରିବେଷଣ ହେଉଥିଲା । ଏହା ଭୋଜନାଳୟର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କର ପରାମର୍ଶ ଅନୁସାରେ ମା ପ୍ରଚଳନ କରିବାକୁ ସମ୍ମତି ଦେଲେ । ପ୍ରଥମେ ଅଳ୍ପ ପରିମାଣର ରନ୍ଧନ କରାଯାଇ ମା'ଙ୍କୁ ଚାଖିବାକୁ ଦିଆଯାଉଥିଲା; ମା ଚାଖିବା ପରେ ସମସ୍ତଙ୍କ ପାଇଁ ପ୍ରସ୍ତୁତ କରାଯାଉଥିଲା ।''

୧୯୩୦ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ ଗୟାରୁ ଆସିଥିବା ସାଧକ ସତ୍ୟେନ୍‌ଙ୍କ ଉପରେ ଭୋଜନାଳୟର ସମସ୍ତ ଭାର ନ୍ୟସ୍ତ ଥିଲା । ସେହି ସମୟରେ ସାଧକ ଭେଙ୍କଟରମଣ ବଜାରରୁ ଆବଶ୍ୟକ ସଉଦା କିଣି ଆଣି ତାଙ୍କୁ ଦେଉଥିଲେ । ତା'ପରେ ଖରିଦ କରିବାର ଭାର ବାଲ-ସୁବ୍ରମଣ୍ୟମ୍‌ଙ୍କ ଉପରେ

ନ୍ୟସ୍ତ ହେଲା । ଏହାଙ୍କ ପରେ ଯେଉଁ ବ୍ୟକ୍ତିଟି ଭୋଜନ ଗ୍ରହଣ କରୁଥିବା ସାଧକମାନଙ୍କୁ କଦଳୀ ବିତରଣ କରୁଥିଲେ, ତାଙ୍କ ଉପରେ ବଜାର କରିବା ଓ କଦଳୀ ଦେବା କାମର ଭାର ରହିଲା । ସେ ଥରେ ମା'ଙ୍କୁ କହିଲେ ଯେ ସମସ୍ତଙ୍କ ପାଇଁ କଦଳୀ ଅଣ୍ଟୁ ନାହିଁ । ଉତ୍ତରରେ ମା କହିଥିଲେ, ''ତୁମେ ତତ୍ତ୍ୱାବଧାରକଙ୍କଠାରୁ ଆବଶ୍ୟକୀୟ ଟଙ୍କା ନେଇ ପ୍ରୟୋଜନ ମୁତାବକ କଦଳୀ ଖରିଦ କରି ଆଣୁଥିବ ।''

ଏସବୁ ବିଷୟରେ ଏତେ ଗୁରୁତ୍ୱ ଆରୋପ କରିବାର ପ୍ରଧାନ ଉଦ୍ଦେଶ୍ୟ ହେଲା କିପରି ଭାବରେ ସର୍ବୋତ୍ତମ ଶକ୍ତି ଏହି ସମସ୍ତ ଟିକିନିଖି ବିଷୟବସ୍ତୁର ଦାୟିତ୍ୱ ବହନ କରିବା ସହ ଆଶ୍ରମର ତଦାନୀନ୍ତନ କର୍ମରତ ଆଶ୍ରମବାସୀମାନଙ୍କୁ ପରବର୍ତ୍ତୀ କାଳରେ ସମବେତ ଭୋଜନାଳୟର ଭାର ନେବାକୁ ଉପଯୁକ୍ତ କରି ଗଢ଼ି ତୋଳିବା ।

୧୯୩୩ ମସିହାରୁ ଭୋଜନାଳୟର ଦାୟିତ୍ୱରେ ଥିବା ସତ୍ୟେନ୍ ଆଶ୍ରମରୁ ଚାଲିଯିବାରୁ ମା ଦ୍ୟୁମାନ୍‌ଙ୍କୁ ପ୍ରଥମେ ସଉଦାପତ୍ର କ୍ରୟ କରିବାର ଦାୟିତ୍ୱ ନେବାର ମତାମତ ଚାହିଁଲେ । ଦ୍ୟୁମାନ୍ ଆଗ୍ରହ ସହକାରେ ତା' ସ୍ୱୀକାର କଲେ । ଅବଶ୍ୟ ମା ତାଙ୍କୁ ଗୋଟିଏ ବିଷୟ ମାନି ଚଳିବାକୁ ନିର୍ଦ୍ଦେଶ ଦେଇଥିଲେ, ''ଭୋଜନାଳୟର ତତ୍ତ୍ୱାବଧାରକ ଯାହା ନିର୍ଦ୍ଦେଶ ଦେବେ, ତା' ତୁମକୁ ମାନି ଚଳିବାକୁ ହେବ; ତୁମେ ତାଙ୍କଠାରୁ ନିତି ଟଙ୍କା ନେଇ ତାଲିକାନୁଯାୟୀ ବଜାର କରିବ । ମୁଁ କେବଳ ତାଙ୍କୁ ଟଙ୍କା ଦେବି ।'' କହିବା ବାହୁଲ୍ୟ ଧୀରେ ଧୀରେ ମା ଭୋଜନାଳୟର ସମ୍ପୂର୍ଣ୍ଣ ଦାୟିତ୍ୱ ଦ୍ୟୁମାନ୍‌ଙ୍କ ଉପରେ ନ୍ୟସ୍ତ କରିଥିଲେ ।...

ଦ୍ୟୁମାନ୍‌ଙ୍କ ବର୍ଣ୍ଣନାରୁ : ''ମା ମୋତେ କହିଥିଲେ ଦୁଇଟି ନୋଟ୍ ବୁକ୍ ରଖିବାକୁ; ଗୋଟିକରେ ତାଙ୍କୁ ମୁଁ ମୋର ଆନ୍ତର ଗତିବିଧି (ସାଧନା) କଥା ଲେଖି ଜଣାଇବାକୁ ଏବଂ ଅନ୍ୟଟିରେ ବାହ୍ୟ କ୍ରିୟାକଳାପ – କେତେ ଜଣଙ୍କୁ ଆଜି ଭୋଜନ ପରଷିଲି; କିପରି ଭାବରେ ପରଷିଲି, ଭୋଜନାଳୟର ଆବହାଓଆ କିପରି ଥିଲା, ଇତ୍ୟାଦି, ଇତ୍ୟାଦି । ଗୋଟିଏ ନୋଟ୍ ବୁକ୍ ମୁଁ ମଧ୍ୟାହ୍ନ ସମୟରେ ତାଙ୍କୁ ଦେଉଥିଲି, ଅନ୍ୟଟି ମଧ୍ୟରାତ୍ରିରେ । ଦିନେ ମା ମୋତେ କହିଲେ, 'ଏହି ବ୍ୟାବହାରିକ କଥାସବୁ ଆଉ ଲେଖିବା ଆବଶ୍ୟକ କି ? ମୋର ମନେହୁଏ, ଏସବୁ ଆଉ ଦରକାର ନାହିଁ । ଏ ବିଷୟରେ ତୁମର ଯେତେବେଳେ କିଛି ସମସ୍ୟା ଉପୁଜିବ, ତେବେ ଲେଖି ଜଣାଇବ ।' ଇତିପୂର୍ବରୁ ମା ମୋର ନିତିଦିନିଆ ଖର୍ଚ୍ଚ ଦେଖାଇବା ଯେମିତି ବନ୍ଦ କରି ଦେଇଥିଲେ, ଉପରୋକ୍ତ ବିଷୟରେ ଲେଖା ବି ବନ୍ଦ କରିଦେଲେ । ମୋ ଉପରେ ତାଙ୍କର ପୂର୍ଣ୍ଣ ଭରସା ଆସି ଯାଇଥିଲା । ସେଇଠୁ ସେ ମୋତେ ତାଙ୍କର ଜାପାନ ରହଣି କାଳର ଫଟୋଟି ଦେଇ ଏକାଗ୍ର ହେବାକୁ କହିଥିଲେ ।''

ସ୍ୱର୍ଣ୍ଣ-ଦି'ଙ୍କ କଥା ପୂର୍ବ ଅଧ୍ୟାୟରେ କିଛି ବର୍ଣ୍ଣନା କରିଛୁ । ଏବେ ତାଙ୍କରି ବର୍ଣ୍ଣନାରୁ ଅଧିକ କିଛି : ''୧୯୩୧ରୁ ମୁଁ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ହୋଇ 'ଗଣପତି ହାଉସ୍' (ଗଣେଶ ମନ୍ଦିର ସାମନାରେ ଆଶ୍ରମର ଗୃହ)ରେ ନିର୍ମଳାଙ୍କ ସହିତ ଉପର ମହଲାରେ ରହିଲି ।... ସେତେବେଳେ ଆଶ୍ରମର ଭୋଜନାଳୟ ପ୍ରସ୍ପେରିଟି ଅଫିସର ପାଖକୁ ଲାଗିଥିଲା । ଏହି ହଲ୍‌ଟିରେ କେବଳ ସାଧକମାନେ ଭୋଜନ କରୁଥିଲେ । ଏଇ ହଲରୁ ମଧ୍ୟ ଭୋଜନ ପରିବେଷଣ କରାଯାଉଥିଲା । ଆମେ (ସାଧିକାମାନେ) ଆମର ଭୋଜନ ପାତ୍ର ନେଇ ସେଇଠାରୁ ଖାଇବା ନେଇ ଆସୁଥିଲୁ ଏବଂ 'ରୋଜାରୀ ହାଉସ୍'ରେ ବସି ଖାଉଥିଲୁ । (ଅର୍ଥାତ୍ ରୋଜାରୀ ହାଉସ୍‌କୁ ତା'ର ପ୍ରଧାନ ଦରଜା ଦେଇ ପ୍ରବେଶ କଲେ ବାରଣ୍ଡା ସାମନା ଘରେ) । ଏଇଟି ଥିଲା ସାଧିକାମାନଙ୍କର ଭୋଜନାଳୟ ।''

ଧୀରେ ଧୀରେ ଆଶ୍ରମବାସୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ମା ୧୯୩୩ ମସିହା ସେପ୍‌ଟେମ୍ବର ମାସରେ ବର୍ତ୍ତମାନ ଯେଉଁ ଅଟ୍ଟାଳିକାଟିରେ ଭୋଜନାଳୟ ରହିଛି ('ଆରୋମେ' ହାଉସ୍) ସେଇଟିକୁ ଭଡ଼ାରେ ନେଲେ । ଏହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ତିନି ଚାରି ମାସ ଲାଗିଯାଇଥିଲା । ୪ ଜାନୁଆରୀ ୧୯୩୪ରେ ମା ଏହି ସମବେତ (ସାଧକ ଓ ସାଧିକାଙ୍କ ସକାଶେ) ଭୋଜନାଳୟଟିର ଉଦ୍‌ଘାଟନ କଲେ ।

ଏବେ ସ୍ୱର୍ଣ୍ଣ-ଦି'ଙ୍କର ବର୍ଣ୍ଣନାରୁ : ''ଉଦ୍‌ଘାଟନ ଉତ୍ସବରେ ପଣ୍ଡିଚେରୀର ଗଭର୍ଣ୍ଣର ଆସିଥିଲେ । ମା ସାଥିରେ ଅନିଲବରଣଙ୍କୁ ନେଇ ଆସିଥିଲେ । ସେତେବେଳ ପର୍ଯ୍ୟନ୍ତ ଅନିଲବରଣ ଆଦୌ ବାହାରକୁ ଆସୁ ନଥିଲେ । ଆମେମାନେ ତାଙ୍କୁ ଏହି ଉତ୍ସବରେ ପ୍ରଥମ କରି ଦେଖିଲୁ । ମୁଖ୍ୟ ହଲ୍‌ରେ ସେ ମା'ଙ୍କ ପାଖରେ ନିଜର ଆସନ ପାତିଲେ । ଗଭର୍ଣ୍ଣର ବେଙ୍ଗଲୀ ସଂଗୀତ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସେଥିପାଇଁ ଗାୟକବୃନ୍ଦ ମଧ୍ୟ ସେଠାରେ ଉପସ୍ଥିତ ଥିଲେ – ସାହାନା, ଦିଲୀପ, ଅର୍ଦ୍ଧେନ୍ଦୁ ଏବଂ ରୋମେନ୍ । ଏମାନେ ସମସ୍ତେ ବାଦ୍ୟଯନ୍ତ୍ର ସହିତ ସଂଗୀତ ଗାଇଲେ । ...

''ଏହି ନୂତନ ଭୋଜନାଳୟରେ ମଧ୍ୟ ପୂର୍ବବତ୍ ଗୋଟିଏ

ପାର୍ଶ୍ୱରେ ସାଧକମାନେ ବସି ଭୋଜନ କରୁଥିଲେ ଏବଂ ବିପରୀତ ପାର୍ଶ୍ୱରେ ଆମେ (ସାଧିକାମାନେ) ବସୁଥିଲୁ । କିନ୍ତୁ ସେତେବେଳକୁ ସାଧକଙ୍କ ସଂଖ୍ୟା ବେଶ୍ ବୃଦ୍ଧି ପାଉଥାଏ, ଆଉ ଆମେମାନେ ବେଶ୍ କମ୍ ସଂଖ୍ୟକ ଥିଲୁ । ତେଣୁ ସାଧକମାନଙ୍କ ଜାଗାରେ ବସିବାକୁ ସ୍ଥାନ ଯଥେଷ୍ଟ ନଥିଲା, ଅଥଚ ଆମମାନଙ୍କ ଜାଗାରେ ବେଶ୍ ଖାଲି ସ୍ଥାନ ରହୁଥିଲା । ମା'ଙ୍କ ପାଖକୁ ଏ ଖବର ଗଲା । ସେଇଠୁ ମା କ'ଣ କଲେ ନା ସମସ୍ତଙ୍କୁ ଏକ ସାଥିରେ ବସି ଖାଇବାର ବନ୍ଦୋବସ୍ତ କରି ଦେଇଥିଲେ ।...''

୧୯୩୪ର ଭୋଜନାଳୟ ('ଆରୋମେ') ଏବଂ ସେହି ସ୍ଥାନରେ ଆଜିର ୨୦୧୯ର 'ଭୋଜନାଳୟ' – ଏ ସମ୍ବନ୍ଧରେ ଇତିହାସ ଲେଖିବାକୁ ବସିଲେ ସୁଦୃଶ୍ୟ ପୁସ୍ତକଟିଏ ହେବ । କିନ୍ତୁ ଏତିକି କହିପାରୁ ଯେ ମା'ଙ୍କର ଅଦ୍ଭୁତ ପରିଚାଳନା ଶକ୍ତି ତାଙ୍କର ସନ୍ତାନଗଣଙ୍କୁ ନିମିତ୍ତ ମାତ୍ର କରି କେବଳ 'ଭୋଜନାଳୟ' ନୁହେଁ, ସମଗ୍ର ଆଶ୍ରମଟିକୁ ଭିନ୍ନ ଭିନ୍ନ ସମୟରେ ସ୍ୱତନ୍ତ୍ର ରୂପ ଦେଇ ଚାଲିଛି ।

ପରିଶେଷରେ ଦ୍ୟୁମାନ୍‌ଙ୍କ ବର୍ଣ୍ଣନାରୁ : ''୧୯୩୯ ମସିହା ପର୍ଯ୍ୟନ୍ତ ଆମମାନଙ୍କର ଦୈନନ୍ଦିନ ଜୀବନଧାରାରେ ବେଶୀ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁ ନଥିଲା, କାହିଁକି ନା ଆମେ ଖୁବ୍ କମ୍ ଖର୍ଚ୍ଚରେ ଚଳିଯାଉଥିଲୁ ଏବଂ ସଂଖ୍ୟାରେ ବି କମ୍ ଅନ୍ତେବାସୀ ଥିଲୁ । ତା'ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ଅଧିକ ସଂଖ୍ୟକ ଭକ୍ତବୃନ୍ଦ ସେମାନଙ୍କର ପରିବାରବର୍ଗ ସହ ଶ୍ରୀମାଶ୍ରୀଅରବିନ୍ଦଙ୍କର ଶରଣାଗତ ହେଲେ । ମୁଁ ସେତେବେଳେ ଭୋଜନାଳୟର ମୁଖ୍ୟ ଭାର ଗ୍ରହଣ କରିଥାଏ । ଗୃହନିର୍ମାଣ କାମ ସ୍ଥଗିତ ରଖାଯାଇପାରେ, ସିମେଣ୍ଟ ଇତ୍ୟାଦି ସରଞ୍ଜାମ ସକାଶେ ଅପେକ୍ଷା କରାଯାଇ ପାରେ, କିନ୍ତୁ ଭୋଜନ ସକାଶେ ? ଦିନେ ମୁଁ ଖୁବ୍ ଉଦ୍‌ବିଗ୍ନ ହୋଇ ପଡ଼ିଥିଲି, ମା'ଙ୍କ ପାଖରେ ଅର୍ଥ ନାହିଁ, ତାଙ୍କୁ ମୁଁ କେଉଁ ମୁହଁରେ ମାଗିବି ? କେମିତି ଭୋଜନାଳୟ ଚଳାଇବି ? ମୁଁ ବଜାର ଆଡ଼କୁ ଯାଉଥିଲି । ବର୍ତ୍ତମାନର ଗାନ୍ଧି ଷ୍ଟ୍ରୀଟ୍ ପାଖରେ ପହଞ୍ଚିଛି, ମୋତେ ମୋର ସୂକ୍ଷ୍ମ ଶରୀରରେ କିଏ ଉଠାଇ ନେଇ କୁବେରଙ୍କର ଗନ୍ତାଘର ଦେଖାଇ ଦେଲେ । କୁବେର ହେଉଛନ୍ତି ଦେବଗଣଙ୍କ ମଧ୍ୟରେ ଧନରତ୍ନର ଦେବତା, କୋଷାଧ୍ୟକ୍ଷ । ମୋତେ ତାଙ୍କର ସମସ୍ତ ଭଣ୍ଡାର ଦେଖାଇ ଦିଆହେଲା ଏବଂ କୁହାଗଲା, 'ସବୁକିଛି ଏଠାରେ ଗଚ୍ଛିତ ହୋଇ ରହିଛି । ଉଦ୍‌ବିଗ୍ନ ହେବାର କୌଣସି ପ୍ରୟୋଜନ ନାହିଁ ।' ଏପରିକି ଆଜି ପଚାଶ ବର୍ଷ ପରେ ମଧ୍ୟ ମୁଁ ବଜାରର ସେଇ ନିର୍ଦ୍ଦିଷ୍ଟ ସ୍ଥାନଟି ମନେ ରଖିଛି ଯେଉଁଠି ମୋର ଏହି ସୂକ୍ଷ୍ମଦର୍ଶନ ହୋଇଥିଲା । ତା'ପରଠାରୁ ମୁଁ କେବେ ବି ବିବ୍ରତ କି ଉଦ୍‌ବିଗ୍ନ ହୋଇନି । ଅସୁବିଧା ବେଳେ କେଉଁଠୁ ନା କେଉଁଠୁ ସାହାଯ୍ୟ ଆସିଛି, ଏମିତିକି ମା'ଙ୍କ ପାଖରେ ଅର୍ଥ ନଥିଲେ ବି ସାହାଯ୍ୟ ଅଚାନକ ଆସି ପହଞ୍ଚିଛି ।...

''ଶ୍ରୀମାଶ୍ରୀଅରବିନ୍ଦ ଗୋଟିଏ କଥାରେ ସୁସ୍ପଷ୍ଟ ଓ ଦୃଢ଼ ଥିଲେ, 'ଆମେ କେବେହେଲେ କାହାରି ପାଖକୁ ଯାଇ ଅନୁଦାନ (donation) ଚାହିଁବୁ ନାହିଁ । ଯଦି ପରମପ୍ରଭୁ ଚାହିଁବେ ଯେ ଆଶ୍ରମଟି ଚାଲୁ ରହୁ, ତେବେ ଏହା ନିଶ୍ଚିତରୂପେ ଚାଲୁ ରହିବ; ନଚେତ୍ ଏହାକୁ ବନ୍ଦ କରିବାକୁ ହେବ ।'...''

ନାରାୟଣ ପ୍ରସାଦଙ୍କ ଉକ୍ତିରେ, ''ଏକ ଅତୁଳନୀୟ ପରୀକ୍ଷାମୂଳକ ଉଦ୍ଦେଶ୍ୟ ନେଇ ଆଶ୍ରମଟି ଗଢ଼ିଉଠିଛି, ତା'ର ପ୍ରତିଟି ସେବାମୂଳକ ବିଭାଗର ସୂତ୍ରପାତ ହୋଇଛି । ଯେପରି ନିତାନ୍ତ ସହଜ ଓ ସରଳ ଭାବରେ (ଯେମିତି ସହଜ ଓ ସରଳ ଭାବରେ ଫୁଲକଢ଼ି ତା'ର ପାଖୁଡ଼ା ମେଲାଏ) ଏହାର କ୍ରିୟାକଳାପର (ବାହ୍ୟ ଦୃଷ୍ଟିରୁ) ଅଗ୍ରଗତି ଚାଲିଛି, ତା' ଦେଖି ମନେହୁଏ ଯେ ଏଠାକାର ଅନ୍ତେବାସୀଙ୍କ ସଂଖ୍ୟା ଯଦି ଦଶ ଗୁଣ ବଢ଼ିଯାଏ ତଥାପି ଏହାର ସମସ୍ତ କ୍ରିୟାକଳାପ ଠିକ୍ ଏହିପରି ଭାବରେ ଅତି ଶୃଙ୍ଖଳିତ ରୂପେ ଆଗେଇ ଚାଲିବ, ଏଥିରେ କୌଣସି ବ୍ୟତିକ୍ରମ ଘଟିବ ନାହିଁ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**

୧. Dyuman : 'How they came...', Dyuman – 'The Luminous one'

୨. ନାରାୟଣ ପ୍ରସାଦ : ଶ୍ରୀଅରବିନ୍ଦ ଆଶ୍ରମ-ଜୀବନ

୩. ସ୍ୱର୍ଣ୍ଣ-ଦି : Mother India, Sept. 2019 : 'An Interview with Swarna Sarcar'.

କାହାଣୀ :

# ଭୋଲାଅଜା

## ମନୋଜ ଦାସ

ଭୋଲାଅଜାଙ୍କ ସମ୍ପର୍କରେ ପ୍ରଥମ ଘଟଣା ମୋର ଶୁଣା କଥା ନୁହେଁ, ପ୍ରତ୍ୟକ୍ଷ ଜଣା କଥା । ଜହ୍ନ-ପୁଲକିତ ରାତିର ପ୍ରଥମ ପ୍ରହରରେ ଆମେ ମେଳାରୁ ଫେରୁଥିଲୁ । ଶିଶୁ ହିସାବରେ ମୋତେ ସେତେବେଳେ ଆମ ଗ୍ରାମର ବଳବାନ୍ ପ୍ରାପ୍ତବୟସ୍କମାନଙ୍କ କାନ୍ଧରେ ବସି ଦୂରଦୂରାନ୍ତର ଭ୍ରମଣ କରିବାର ପ୍ରଚୁର ସୁଯୋଗ ମିଳୁଥିଲା ।

ବାବା ଥିଲେ ଗଣ୍ୟମାନ୍ୟ ବ୍ୟକ୍ତି ଓ ତାଙ୍କ ଗହଣରେ ବାଟ ଚାଲିବାରେ ଅନେକେ ଗୌରବ ଅନୁଭବ କରୁଥିଲେ – ଭୋଲାଅଜା ମଧ୍ୟ । ଦଳେ ଲୋକ ବାପାଙ୍କୁ ଅନୁସରଣ କରି ଚାଲୁଥିଲେ । ବାପା ଯାହା କହୁଥିଲେ ସେଥିରେ, ''ଆଜ୍ଞା ହଁ'', ''ନୁହେଁ ତ କ'ଣ'' ଇତ୍ୟାଦି ସର୍ବାଧିକ ପରିମାଣରେ କହି କହି ଚାଲିଥିବା ବେଳେ ଭୋଲା ଅଜା ହଠାତ୍ ଭେଁକିନା ରଡ଼ି ଛାଡ଼ିବାର ମୋର ସ୍ପଷ୍ଟ ମନେ ଅଛି ।

ସମସ୍ତେ ଥ'ହୋଇ ରହିଗଲେ । ବୁଝିବା ବେଳକୁ ଭୋଲାଅଜା ତାଙ୍କ ନାବାଳକ ନାତିକୁ ନେଇ ମେଳା ଯାଇଥିଲେ । ନାତିଟିର ଯୋଡ଼ିଏ ଆଙ୍ଗୁଠି ସେ ତାଙ୍କ ବାମ ହାତରେ ମୁଠାଇ ଧରିଥିଲେ । କିନ୍ତୁ ଜନଗହଳି ଭିତରେ ଯୋଡ଼ିକଯାକ ଆଙ୍ଗୁଠି ଯେ କେତେବେଳେ ଖସି ଯାଇଥିଲା ସେକଥା ସେ ଜାଣି ପାରି ନ ଥିଲେ । ଅଧା ବାଟରେ କ'ଣ ମୁଠେଇ ଧରିଛ ବୋଲି ଜଣେ ସହଯାତ୍ରୀ ତାଙ୍କୁ ପଚାରି ଦିଅନ୍ତେ ସେ ନାତି କଥା ମନେ ପକାଇଥିଲେ ଓ ରଡ଼ି ଛାଡ଼ି ଥିଲେ ।

ବାପାଙ୍କ ନିର୍ଦ୍ଦେଶରେ ଗାଁର ଆଉ ଚାରିଜଣ ହୁସିଆର ଲୋକ ଭୋଲାଅଜାଙ୍କ ସହ ମେଳାକୁ ଫେରି ଗଲେ । ନାତିଟି ଗୋଟିଏ ଗାଈ ପେଟ ତଳେ ଅନ୍ତରଙ୍ଗ ଆଶ୍ରା ନେଇ ମେଳାର ସହସ୍ର ଅପରିଚିତ ନରନାରୀଙ୍କ ଆଡ଼କୁ ଜୁଳୁ ଜୁଳୁ କରି ଅନାଇଥିବା ଅବସ୍ଥାରେ ଉଦ୍ଧାର ପ୍ରାପ୍ତ ହୋଇଥିଲା ।

ଅବଶିଷ୍ଟ ପଥ ଅତିକ୍ରମ କଲା ବେଳେ ବାପା ଭୋଲାଅଜାଙ୍କ ସମ୍ପର୍କରେ ଯେଉଁସବୁ ସ୍ମୃତି କଥା ଶୁଣାଇଥିଲେ ସେଥି ମଧ୍ୟରୁ ଉଲ୍ଲେଖଯୋଗ୍ୟ ହେଲା ଦିନେ ଅପରାହ୍ଣରେ ସେ ଯୁଗର ତରୁଣ ଭୋଲାଅଜାଙ୍କୁ ଆମ ବାରନ୍ଦାରେ ଜିଭକାମୁଡ଼ି ପଡ଼ିଥିବାର ଦେଖି ସମସ୍ତେ ଶଙ୍କି ଯାଇଥିଲେ । ବୁଝିବା ବେଳକୁ ଘଣ୍ଟାଏ ପୂର୍ବେ ତାଙ୍କ ବିବାହ ବିଷୟକ ଏକ ପ୍ରସ୍ତାବ ଶୁଣି ସେ ଲାଜରେ ଜିଭ କାମୁଡ଼ି ପକାଇ ଥିଲେ ଓ ପରେ ପରେ ନିଦରେ ଶୋଇପଡ଼ି ଜିଭଟିକୁ ସମ୍ବରଣ କରିବାକୁ ପାସୋରି ଦେଇଥିଲେ ।

ବାପା ଆଉ ଦିନେ ତାଙ୍କ କିଶୋର ବୟସର ଅନ୍ୟ ଏକ ଘଟଣା ବର୍ଣ୍ଣନା କଲା ବେଳେ ଭୋଲାଅଜା ଅଧୋବଦନରେ ରହିବାର ମୋର ମନେ ଅଛି । ଭୋଲାଅଜା ବାପାଙ୍କଠାରୁ କେତେ ବର୍ଷ ବଡ଼ ଥିଲେ । ଦିନକର ବର୍ଷଣମୁଖର ସନ୍ଧ୍ୟାରେ ସେ ତାଙ୍କର କେତେକ ବିଶ୍ୱସ୍ତ ଯୁବକଙ୍କୁ କହିଲେ – ଆମ ଘର ସାମନା ସମୁଦ୍ର କୂଳକୁ ଡଙ୍ଗା ଚଢ଼ି ଆସି ଏକ ଡାକୁଦଳ ବାଲୁକାସ୍ତୂପମାନଙ୍କ ମଧ୍ୟରେ କାହିଁ ଗୋଟାଏ ସିନ୍ଦୁକ ପୋତି ଦେଇ ଯାଇଥିବା ସେ ଦେଖିଛନ୍ତି ।

ସିନ୍ଦୁକରେ ବିପୁଳ ଐଶ୍ୱର୍ଯ୍ୟ ଥିବା ବିଷୟରେ ନିଃସନ୍ଦେହ ହୋଇ ଯୁବକ ଦଳ ଅବିରତ ମୃଦୁ ବାରିପାତ ସତ୍ତ୍ୱେ ଗୋପନରେ ସମ୍ଭାବ୍ୟ ସ୍ଥାନମାନ ଖୋଳାଖୋଳି ଆରମ୍ଭ କରି ଥିଲେ । ପ୍ରାୟ ମଧ୍ୟରାତ୍ରିଯାଏ ଅନୁସନ୍ଧାନ ରହିଥିଲା ଅବ୍ୟାହତ । ପୂର୍ଣ୍ଣିମା ସହିତ ମେଘର ସମ୍ମିଶ୍ରଣରେ ଏକ ପ୍ରକାର ରହସ୍ୟମୟ ପରିବେଶ ସୃଷ୍ଟି ହୋଇଥାଏ ।

ଅଦମ୍ୟ ଉତ୍ସାହରେ ଅନୁସନ୍ଧାନ କାର୍ଯ୍ୟ ତଦାରଖ କରୁଥିବା ଭୋଲାଅଜା ହଠାତ୍ ଅନ୍ୟମନସ୍କ ହୋଇ ପଡ଼ିବା ଓ ତା'ପରେ ମୁହଁ ଶୁଖାଇ ବସି ପଡ଼ିବାର ଦେଖାଗଲା ।

ଭୋଲାଅଜା କେବେ ମିଛ କହୁ ନ ଥିଲେ । ସେ ମାନିଲେ ଡାକୁ ଦଳ ଓ ସିନ୍ଦୁକ ସଂକ୍ରାନ୍ତୀୟ ପୂରା ଘଟଣାଟି ସେ ମେଘଳ ଦ୍ୱିପ୍ରହର ବେଳେ ଶୋଇଥାଇ ସ୍ୱପ୍ନ ଦେଖି ଥିଲେ – ସ୍ୱପ୍ନ ବୋଲି ମନେ ନ ଥିଲା ।

ଭୋଲାଅଜାଙ୍କ ଜୀବନର ଅବିସ୍ମରଣୀୟ ଘଟଣାଟି ଘଟିଥିଲା ସୁନ୍ଦରବନ ଇଲାକାରେ । ସେଠାରେ କେତେ ପୁରୁଷ ଧରି ଆମର ଜମିଜମା ଥିଲା । ଆମ ତରଫରୁ ମଧ୍ୟେ ମଧ୍ୟେ ଯେଉଁମାନେ ଯାଇ ସେସବୁ ବୁଝାଶୁଝା କରୁଥିଲେ, ଭୋଲାଅଜା ଥିଲେ ତନ୍ମଧ୍ୟରୁ ଅନ୍ୟତମ ।

ସେ ଯୁଗରେ ସୁନ୍ଦରବନର ଅଧିକାଂଶ ଅଞ୍ଚଳ ଥିଲା ଘନ ଅରଣ୍ୟମୟ ଓ ବ୍ୟାଘ୍ର-କୁମ୍ଭୀର-ସର୍ପସଙ୍କୁଳ । ଦିନ ବେଳେ ମଧ୍ୟ ଲୋକେ ଏକା ଏକା ଯିବା ଆସିବା କରୁ ନଥିଲେ, ସୂର୍ଯ୍ୟାସ୍ତ ପରେ କଦାପି ନୁହେଁ ।

ସାପ୍ତାହିକ ହାଟରୁ ଫେରୁଥିଲେ ଦଳେ ଲୋକ – ଭୋଳାଅଜା ମଧ୍ୟ । କିନ୍ତୁ ନିଜ ଭୁଲାମନ ଯୋଗୁଁ ସେ କେତେବେଳେ ଦଳଠାରୁ ପଛରେ ପଡ଼ି ଯାଇଥିଲେ ।

ନିଜର ଅସହାୟତା ସମ୍ପର୍କରେ ସେ ସଚେତନ ହେଲେ ଯେତେବେଳେ ମାତ୍ର ପାଞ୍ଚଗଜ ଦୂରରୁ ମହାବଳଟାଏ ତାଙ୍କୁ ଅନାଇ ଆନନ୍ଦସୂଚକ ଚପା ଗର୍ଜନ କଲା ।

କ୍ଷୀଣାଙ୍ଗ ଭୋଳାଅଜା କ୍ଷିପ୍ରଗତିରେ ଗଛ ଚଢ଼ି ପାରୁଥିଲେ । ଭାଗ୍ୟକୁ ହାତ ପାଖରେ ଥିଲା ଏକ ସହଜ ବରଗଛ । ଭୋଳା ଅଜା ଉଠିଗଲେ । ମହାବଳ ଗର୍ଜନ ତର୍ଜନ କରି ଶହେ ଥର ସରିକି ଗଛ ପ୍ରଦକ୍ଷିଣ କରି ଟିକିଏ ଆଗକୁ ଯାଇ ଗଛକୁ ଅନାଇ ବସି ରହିଲା ।

ଜହ୍ନ ଆଲୁଅରେ ଭୋଳାଅଜା ବାଘକୁ ଏବଂ ବାଘ ଭୋଳାଅଜାଙ୍କୁ ଅନାଇ ରହିଥା'ନ୍ତି । ଜହ୍ନ ଗଡ଼ି ଚାଲିଛି । ରାତି ବି ।

ଭୋର ବେଳକୁ ଭୋଳାଅଜା ଧୀରେ ଧୀରେ ଗଛରୁ ଓହ୍ଲାଇଲେ । ଅଦୂରରେ ଗୋଟାଏ ପାହାଡ଼ିଆ ଢିପ ଉପରେ ଛୋଟିଆ ସାନ୍ତାଳ ବସ୍ତି । ଢିପ ଚଢ଼ି ସେ ପ୍ରଥମ କୁଡ଼ିଆଟି ପାଖକୁ ଯାଇ ବିଡ଼ି ଧରାଇବାକୁ ନିଆଁ ମାଗିଲେ ।

ସେ କୁଡ଼ିଆର ବାସିନ୍ଦା ସମଗ୍ର ଘଟଣା ଦେଖିଥିଲା ଓ ସାରା ରାତି ଉଦ୍‌ବିଗ୍ନ ହୋଇ ଚାହିଁ ରହିଥିଲା । ଅନେକ ବେଳ ଯାଏ ସେ ଭୋଳାଅଜାଙ୍କ ମୁହଁକୁ ବାଲୁ ବାଲୁ ଅନାଇ ଶେଷକୁ ପଚାରିଲା, ''ବାବୁ ! ତୁମେ କି ଗୁଣି ଜାଣ, ମହାବଳ ବାଘ ପାଖ ଦେଇ ଚାଲି ଆସିଲ, ବାଘ ଅନାଇ ରହିଲା – କିନ୍ତୁ ତୁମର କିଛି କରି ପାରିଲା ନାହିଁ !'' ଭୋଳାଅଜା ସେତେବେଳେ ଯାଇ ହୃଦୟଙ୍ଗମ କଲେ ଯେ ସେ ବାଘ କଥା ପାସୋରି ଦେଇଥିଲେ । ଅନାଇଁ ଦେଖିଲେ ବାଘ ରାତ୍ରି ଅନିଦ୍ରାଜନିତ ହାଇ ମାରି ମାରି ଚାଲି ଯାଉଛି ।

ସେତେବେଳେ ଭୋଳା ଅଜା ଅଳ୍ପ ସମୟ ପାଇଁ ଚେତା ହରାଇ ଥିଲେ ।

ଏହାର ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ଭୋଳାଅଜା ଦିନେ ସକାଳେ ଆଉ ବିଛଣାରୁ ଉଠିଲେ ନାହିଁ । ମୃତ୍ୟୁ ବେଳକୁ ତାଙ୍କ ବୟସ ପଞ୍ଚାନବେ ହୋଇଥିଲା । ତଥାପି ଆମେ ସମସ୍ତେ ଉଣା ଅଧିକେ କାନ୍ଦିଲୁ । କେତେ ପ୍ରକାରେ ଦୁଃଖ ପ୍ରକାଶ କଲୁ ।

କିନ୍ତୁ ଅଶୀତିପର ବୟସ୍କା ତାଙ୍କ ସହଧର୍ମିଣୀଙ୍କ ଶୋଚନା ଥିଲା ସବୁଠୁଁ ମୌଳିକ – ''ବୁଢ଼ା ନିଶ୍ଚେ ନିଃଶ୍ୱାସ ନେବାକୁ ଭୁଲି ଯାଇଥିବ !''

(ଗଳ୍ପଟିର ଇଂରାଜୀ ସଂସ୍କରଣ "Bhola Grandpa and the Tiger" ପଶ୍ଚିମ ବଙ୍ଗର ଉଚ୍ଚ ବିଦ୍ୟାଳୟମାନଙ୍କ ସକାଶେ ପାଠ୍ୟ ରୂପେ ପ୍ରଚଳିତ ।) ❑

ଆମକୁ ହସିବାକୁ ହିଁ ପଡ଼ିବ, ସର୍ବଦା ହସିବାକୁ ପଡ଼ିବ । ସ୍ୱୟଂ ପ୍ରଭୁ ସବୁବେଳେ ହସନ୍ତି, ସର୍ବଦା ହିଁ ହସୁଥା'ନ୍ତି । ଏବଂ ତାଙ୍କର ହସ ପ୍ରକୃତରେ କେଡ଼େ ସୁନ୍ଦର, କେଡ଼େ ସୁନ୍ଦର ନ ଦିଶେ, ପ୍ରେମ ଦ୍ୱାରା କେଡ଼େ ପରିପୂର୍ଣ୍ଣ ହୋଇ ରହି ନଥାଏ ! ହସି ପାରିବା ଦ୍ୱାରା ହିଁ ତୁମେ ସର୍ବଦା ଏକ ଅସାଧାରଣ ମଧୁରତା ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଅ ।

(CWM 11 : 56) — ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୭)

## ମହେନ୍ଦ୍ରନାଥ ସ୍ୱାଇଁ

### ସମସ୍ୟା ସମାଧାନର ଚାବିକାଠି

ଆମ ଜୀବନରେ ଅନେକ ରହସ୍ୟ ଲୁକ୍କାୟିତ ଏବଂ ଅସମାହିତ ହୋଇ ରହିଯାଇଛି । ଆମେ ଯେତେ ଚେଷ୍ଟା କଲେ ମଧ୍ୟ ପରମପ୍ରଭୁଙ୍କ ସିଂହାସନ ପର୍ଯ୍ୟନ୍ତ ଲମ୍ବିଥିବା ଗୁପ୍ତ ପଥର ଆବିଷ୍କାର ଆମ ପକ୍ଷରେ ସମ୍ଭବ ହେଉ ନାହିଁ । ଆମେ ନ୍ୟାୟ, ନୈତିକତା, ଧର୍ମ ଆଚରଣ କଲେ, ତତ୍ ସମ୍ପର୍କୀୟ ଶାସ୍ତ୍ର ଅଧ୍ୟୟନ କଲେ, ମନ୍ତ୍ର ଉଚ୍ଚାରଣ କଲେ, କିନ୍ତୁ କାହିଁ ପଥ ତ ଦୃଷ୍ଟିଗୋଚର ହେଉ ନାହିଁ, ଚାବିକାଠି ତ ମିଳୁ ନାହିଁ ? ଏହାର ସମାଧାନ ଦିବ୍ୟଜନନୀ ଶ୍ରୀମା ମେ ମାସ ୧୧ ତାରିଖ ୧୯୧୩ ପ୍ରାର୍ଥନାଟିରେ ପ୍ରଦାନ କରିଛନ୍ତି । ମା କହୁଛନ୍ତି –

"As soon as I have no longer any material responsibilities, all thoughts about these things flee far away from me, and I am solely and entirely occupied with Thee and Thy service. Then, in that perfect peace and serenity, I unite my will to Thine, and in that integral silence I listen to Thy truth and hear its expression. It is by becoming conscious of Thy Will and identifying ours with Thine that there is found the secret of true liberty and all-puissance, the secret of the regeneration of forces and the transfiguration of the being."

(Prayers and Meditations, P. 19)

''ମୋ ପାଖରେ ଯେତେବେଳେ କୌଣସି ସ୍ଥୂଳ ବୈଷୟିକ ଦାୟିତ୍ୱ ରହିଲା ନାହିଁ, ତତ୍ ସହିତ ସଙ୍ଗେ ସଙ୍ଗେ ଏହି ପଦାର୍ଥମାନଙ୍କ ସମ୍ବନ୍ଧୀୟ ସକଳ ଚିନ୍ତା ମୋ ପାଖରୁ ବହୁ ଦୂରକୁ ଚାଲିଗଲା, ଏବଂ ଐକାନ୍ତିକ ଭାବରେ ମୁଁ ସେତେବେଳେ ସମ୍ପୂର୍ଣ୍ଣ ରୂପେ ତୁମ ଦ୍ୱାରା ଏବଂ ତୁମର କର୍ମଧାରା ଦ୍ୱାରା ଅଧିକୃତ ହୋଇଗଲି । ତତ୍ପରେ ସେହି ବିଶୁଦ୍ଧ ପ୍ରଶାନ୍ତି ଏବଂ ଦିବ୍ୟ ଆନନ୍ଦ ଭିତରେ ମୋର ଇଚ୍ଛାକୁ ତୁମର ଇଚ୍ଛା ସହିତ ଏକାକାର କରିଦିଏ ସେହି ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ନୀରବତା ଭିତରେ ତୁମର ସତ୍ୟକୁ କାନଡେରି ଶୁଣେ ଏବଂ ତା' ଭିତରେ ଥିବା ପରିପ୍ରକାଶକୁ ମଧ୍ୟ ଶ୍ରବଣ କରେ । ତୁମର ଇଚ୍ଛା ସମ୍ପର୍କରେ ସଚେତନ ହେବା ଦ୍ୱାରା ଏବଂ ଆମ୍ଭମାନଙ୍କର ଇଚ୍ଛା ତୁମର ଇଚ୍ଛା ସହିତ ଏକାକାର ହୋଇଯିବା ପରେ ଯାଇ ପ୍ରକୃତ ମୁକ୍ତି ଓ ସକଳ ଶକ୍ତିର ରହସ୍ୟ ପ୍ରାପ୍ତ ହୁଏ, ସାମର୍ଥ୍ୟର ପୁନଃ ରୂପାୟନ ଏବଂ ସତ୍ତାର ରୂପ ପରିବର୍ତ୍ତନର ରହସ୍ୟ ମଧ୍ୟ ଉପଲବ୍ଧି ହୋଇଥାଏ ।''

ମା ଆମ୍ଭମାନଙ୍କ ନିମନ୍ତେ ଏକ ସ୍ୱର୍ଣ୍ଣିମ ପଥ ନିର୍ଣ୍ଣୟ କରି ଦେଇଛନ୍ତି, ଯେଉଁଥିରେ ପାଦ ଦେଲେ ତାହା ସିଧା ସିଧା ଆମକୁ ପରମପ୍ରଭୁଙ୍କ ସହିତ ଏକାତ୍ମ କରି ଦେବ, ମିଶାଇ ଦେବ । ଏହା ଏକ ଅତି ସହଜ ସୂତ୍ର, ଆମକୁ କୃଚ୍ଛ ସାଧନା କରିବାକୁ ହେବ ନାହିଁ । ସଂସାର ତ୍ୟାଗ କରିବାକୁ ପଡ଼ିବ ନାହିଁ, ପର୍ବତ-ଗୁହା, ମରୁଭୂମି ବା ବରଫାଚ୍ଛନ୍ନ ପାହାଡ଼-ପର୍ବତ ଉପରକୁ ଯାଇ ତପସ୍ୟା କରିବାକୁ ପଡ଼ିବ ନାହିଁ । କିନ୍ତୁ ଗୋଟିଏ କଥା କରିବାକୁ ହେବ, ତାହା ହେଲା ଦିବ୍ୟଜନନୀଙ୍କ ଆଡ଼କୁ ସର୍ବଦା ନିଜକୁ ଖୋଲି ରଖିବାକୁ ହେବ । ଆମେ ନିଜକୁ ପ୍ରଶ୍ନ କରିବା ଶିଖିବାକୁ ହେବ । ପ୍ରଶ୍ନଟି ହେଉଛି "What is the will of the Lord in this particular matter or situation ?" ଏହି ପ୍ରଶ୍ନଟି କ୍ଷୁଦ୍ର, ସହଜ ଓ ସରଳ ହୋଇପାରେ, ଯେପରି ମା'ଙ୍କୁ କେହି ଜଣେ ପଚାରିଲେ, 'ମା ମୁଁ ଚା'ରେ ଏକ ଚାମଚ ଚିନି ଖାଇବି ନା ଦୁଇ ଚାମଚ ?' ସେହିପରି ତାହା ଖୁବ୍ ଜଟିଳ, ଗୋଳମାଳିଆ, ମସ୍ତିଷ୍କ ଭ୍ରମିଗଲା ପରି ତଥା ତଣ୍ଟି ଶୁଖିଗଲା ପରି ପ୍ରଶ୍ନ ବି ହୋଇପାରେ; ଯେପରି ଅର୍ଜୁନଙ୍କର ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଯୁଦ୍ଧକ୍ଷେତ୍ରରେ ହୋଇଥିଲା ।

ପ୍ରଥମେ ଆମକୁ ଏକ ଦୃଢ଼ ସଂକଳ୍ପ ନେବାକୁ ହେବ ଯେ ଯାହା କିଛି ଘଟୁଛି ତାହା ପରମପ୍ରଭୁ ଘଟାଉଛନ୍ତି ଆମ ଭିତରେ ସେହି ଘଟଣା ପ୍ରତି ଥିବା ଦୁର୍ବଳତାକୁ ଦୂର କରିବା ନିମନ୍ତେ । "Every episode is created by the Lord

himself to release our weakness within us.” ତାହା ହେଲେ ଆମ୍ଭେମାନେ ପ୍ରକୃତରେ ପରମପ୍ରଭୁଙ୍କ ସହିତ ଏକାକାର ହୋଇଯିବା; ତାଙ୍କ ମଧ୍ୟରେ ଏକାତ୍ମତାର ଭାବଟିକୁ ଉପଲବ୍ଧି କରିବା ।

ଆମେ ଆମର କାମନାବାସନା, ଏଇଟା ଭଲ, ସେଇଟା ମନ୍ଦ, ଏଇଟା ଭଲ ଜାଗା, ସେଇଟା ଖରାପ ଜାଗା, ଏଇ କାମଟି ଭଲ, ସେଇ କାମଟି ଖରାପ, ଏଇଟା ମା'ଙ୍କର କାମ, ସେଇଟା ମା'ଙ୍କ କାମ ନୁହେଁ; ଏହି ପ୍ରକାର ଭାବନାଗୁଡ଼ିକୁ ଛାଡ଼ିବାକୁ ସଂକଳ୍ପ କରିବା । ଯଦି ଆମେ ଏକାଗ୍ରତାର ସହିତ ଏହି ସିଦ୍ଧାନ୍ତ ନେଇ ପାରିବୁ ତେବେ ଯାଇ ପରମ ପ୍ରଭୁ ସ୍ୱୟଂ ଆମ ହାତ ଧରି ତାଙ୍କ ପାଖକୁ ନେଇ ଯିବେ ଏବଂ ସେତେବେଳେ ଯାଇ ଆମେ ପ୍ରକୃତ ଯନ୍ତ୍ରଟିଏ ହୋଇ ତାଙ୍କ କାମରେ ଲାଗି ପାରିବା । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଓ ତୃତୀୟ ଅନୁଚ୍ଛେଦଟିରେ ଯାହା ଉଲ୍ଲେଖ କରିଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ପଥ ପ୍ରଦର୍ଶନକାରୀ । ମା କୁହନ୍ତି –

“To be constantly and integrally at one with Thee is to have the assurance that we shall overcome every obstacle and triumph over all difficulties, both within and without.”

(Prayers and Meditations, P. 19)

''ନିରବଚ୍ଛିନ୍ନ ଭାବରେ ଏବଂ ସମ୍ପୂର୍ଣ୍ଣ ରୂପେ ତୁମ ସହିତ ଏକାକାର ହୋଇ ଯିବାର ଅର୍ଥ ହେଉଛି ଏକ ନିଶ୍ଚିତ ପ୍ରତିଶ୍ରୁତି; ଯାହା ଫଳରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଆମେମାନେ ଅତିକ୍ରମ କରିଯାଇ ପାରିବୁ ଏବଂ ସମସ୍ତ ପ୍ରକାର ଅସୁବିଧା ଉପରେ ବିଜୟ ହାସଲ କରିପାରିବୁ – ସେହି ଅସୁବିଧାସକଳ ଭିତରେ ଥାଆନ୍ତୁ ବା ବାହାରୁ ଆସନ୍ତୁ ।''

ଏକାକାର ହୋଇ ଯିବାର ଅର୍ଥ ପରମ ପ୍ରଭୁଙ୍କ ଭିତରେ ନିଜକୁ ଦେଖିବା ଓ ନିଜ ଭିତରେ ପ୍ରଭୁଙ୍କ ଉପସ୍ଥିତି ଅନୁଭବ କରିବା । ଫଳରେ ଦିବ୍ୟ-ଅନୁକମ୍ପା ଏବଂ ଏହି ଅନୁକମ୍ପାର କ୍ରିୟା ପ୍ରକ୍ରିୟା ସାଧକର ଜୀବନ ଉପରେ ପ୍ରଭାବ ବିସ୍ତାର କରି ପାରିବ ଏବଂ କୃତକର୍ମର ଫଳ ବା ପରିଣାମ ଏହି ଅନୁକମ୍ପା ଦ୍ୱାରା ଧୋଇ ହୋଇ ଯିବ ବା ଲାଘବ ହେବ । ଏହି ପରିପ୍ରେକ୍ଷୀରେ ମା'ଙ୍କର ଏକ ଉକ୍ତି ଉଦ୍ଧାର କଲେ ଅତ୍ୟୁକ୍ତି ହେବ ନାହିଁ, ତାହା ହେଲା –

“Who can stand before Thee, Lord, and say in all sincerity, ‘I have never made a mistake’? How many times in a day we commit faults against Thy work, and always Thy Grace comes to efface them !

Without the intervention of Thy Grace, who would not often times have come under the merciless blade of the Law of Universal Justice ?”

(MCW, Vol.-14, p. 83)

''ହେ ପ୍ରଭୁ, ଆପଣଙ୍କ ସମ୍ମୁଖରେ କିଏ ଅବା ଦଣ୍ଡାୟମାନ ହୋଇ ପାରିବ, ଏବଂ ପୂର୍ଣ୍ଣ ଆନ୍ତରିକତାର ସହ କହିବ, 'ମୁଁ କେବେ କୌଣସି ଭୁଲ୍ କରି ନାହିଁ'? ଦିନକୁ କେତେ ଥର ଆମେ ଆପଣଙ୍କ କାର୍ଯ୍ୟର ବିରୋଧାଚାରଣ କରି ଭୁଲ୍ କରୁଥାଉ, ଏବଂ ସଦାସର୍ବଦା ଆପଣଙ୍କର ଅନୁକମ୍ପା ଆସୁଥାଏ ସେହିସବୁକୁ ପୋଛି ଦେବା ପାଇଁ !

''ଆପଣଙ୍କ ଅନୁକମ୍ପାର ହସ୍ତକ୍ଷେପ ବ୍ୟତିରେକେ, କିଏ ଅବା ଏହି ଜାଗତିକ ନ୍ୟାୟର ନିର୍ଦ୍ଦୟ ଖଡ୍‌ଗ ବା କ୍ଷୁରଧାର ପାଖକୁ କେତେ ଥର ଆସି ନଥାଏ, ତାହା କହି ହେବ କି ?''

ଦିବ୍ୟଜନନୀ ଶ୍ରୀମା ମେ ୧୧, ୧୯୧୩ ପ୍ରାର୍ଥନାଟିର ତୃତୀୟ ଏବଂ ଚତୁର୍ଥ ଅନୁଚ୍ଛେଦରେ କହୁଛନ୍ତି –

“O Lord, Lord, a boundless joy fills my heart, songs of gladness surge through my head in marvellous waves, and in the full confidence of Thy certain triumph I find a sovereign Peace and an invincible Power. Thou fillest my being, Thou animatest it, Thou settest in motion its hidden springs, Thou illuminest its understanding, Thou intensifiest its life, Thou increasest tenfold its love; and I no longer know whether the universe is I or I the universe, whether Thou art in me or I in Thee; Thou alone art and all is Thou; and the streams of Thy infinite grace fill and overflow the world.

Sing O lands,
sing O peoples, sing O men,
The Divine Harmony is there.”

‘‘ହେ ପ୍ରଭୁ, ପ୍ରଭୁ, ଅସୀମ ଆନନ୍ଦ ମୋ ହୃଦୟକୁ ପୂର୍ଣ୍ଣ କରି ଦେଉଛି, ଆନନ୍ଦର ସଙ୍ଗୀତ ମୋର ମସ୍ତିଷ୍କ ଭିତରକୁ ସମୁଦ୍ରର ଚମତ୍କାର ଲହଡ଼ି ପରି ମାଡ଼ି ଆସୁଛି, ଏବଂ ତୁମ ବିଜୟର ଏକ ପରିପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସହିତ ମୁଁ ଦେଖୁଛି ଏକ ସାର୍ବଭୌମ ପ୍ରଶାନ୍ତ ଏବଂ ଦୁର୍ଜୟ ଶକ୍ତି । ତୁମେ ମୋ ସତ୍ତାକୁ ପୂର୍ଣ୍ଣ କରି ଦେଇଛ, ତୁମେ ଏହାକୁ ଜୀବନ୍ତ କରିଛ, ଏହାର ଲୁକ୍କାୟିତ ନିର୍ଝରିଣୀ ସ୍ରୋତର ପ୍ରବାହକୁ ଗତି ପ୍ରଦାନ କରିଛ, ତୁମେ ମୋ ସତ୍ତାର ବୁଝିବା ଶକ୍ତିକୁ ଆଲୋକିତ କରିଛ, ତା’ର ପ୍ରାଣକୁ ଋଦ୍ଧିମନ୍ତ କରିଛ, ତୁମର ଦିବ୍ୟ-ଭଲପାଇବାକୁ ଦଶଗୁଣା ବୃଦ୍ଧି କରିଛ, ଏବଂ ଏବେ ମୁଁ ଜାଣିପାରୁ ନାହିଁ ସମଗ୍ର ବିଶ୍ୱ ମୋ ଭିତରେ ଅଥବା ମୁଁ ସମଗ୍ର ବିଶ୍ୱ ଭିତରେ, ମୋ ଭିତରେ ତୁମେ କର୍ମରତ କିଂବା ମୁଁ ତୁମ ଭିତରେ ଉପସ୍ଥିତ; ତୁମେ ଅଦ୍ୱିତୀୟଭାବେ କ୍ରିୟାଶୀଳ, ଏକମାତ୍ର ତୁମେ ଏବଂ ସବୁକିଛିହିଁ ତୁମେ; ଏବଂ ତୁମର ଅସୀମ କରୁଣାର ପ୍ରବାହ ସମଗ୍ର ଜଗତକୁ ପରିପୂର୍ଣ୍ଣ କରି ପ୍ଳାବିତ କରୁଛି, ଉଚ୍ଛୁଳି ଉଠୁଛି ।

‘‘ହେ ଦେଶସକଳ, ସଙ୍ଗୀତର ମୂର୍ଚ୍ଛନା ତୋଳ,
ହେ ଜନସମୂହ ସଙ୍ଗୀତ ଗାନ କର, ହେ ମନୁଷ୍ୟ
ସକଳ ସଙ୍ଗୀତ ଗାନ କର,
ଦିବ୍ୟ ସଙ୍ଗତି ଉପସ୍ଥିତ ହୋଇଛି ।’’

ଏହି ଅବସ୍ଥାକୁହିଁ ‘oneness’ ବା ପ୍ରଭୁଙ୍କ ସହିତ ସର୍ବାନ୍ତକରଣରେ ଏକାକାର ହୋଇଯିବା କୁହାଯାଏ । ଉକ୍ତ ପ୍ରାର୍ଥନାରେ ଦିବ୍ୟଜନନୀ ଏକାକାର ହୋଇଯିବାର ସୂତ୍ର ପ୍ରଦାନ କରିଛନ୍ତି । ଏହାହିଁ ଜଗତ୍ ଏବଂ ଜୀବନର ସମସ୍ତ ପ୍ରକାର ଅଘଟଣ, ଅମଙ୍ଗଳରୁ ମୁକ୍ତି ପାଇବାର ସୂତ୍ର ବା ରସାୟନ, ଏହାହିଁ ଅମରତ୍ୱର ଚାବିକାଠି, ସର୍ବଶକ୍ତିମାନ୍, ସର୍ବଦର୍ଶୀ ଓ ସର୍ବବିଦ୍ୟମାନ ଅବସ୍ଥାକୁ ପ୍ରାପ୍ତ ହେବାର ବାଟ । ଉକ୍ତ ପ୍ରାର୍ଥନାଟିର ସାରମର୍ମଟିକୁ ଦିବ୍ୟଜନନୀ ତାଙ୍କର ସ୍ଥୂଳ ଜୀବନ କାଳ ମଧ୍ୟରେ ସର୍ବତ୍ର ଓ ସର୍ବଥା ପ୍ରୟୋଗ କରିଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ସୂକ୍ଷ୍ମ ଭାବରେ ଏହାକୁ ସଙ୍ଗଠିତ କରାଇ ନେଉଛନ୍ତି । ପ୍ରଭୁଙ୍କ ପାଖରେ ବା ଦିବ୍ୟଜନନୀଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଗଲେ ସାଧକମାନଙ୍କର ସମସ୍ତ ଦାୟିତ୍ୱ, ତାହା ଶାରୀରିକ, ମାନସିକ ବା ପ୍ରାଣିକ ହେଉ ବା ଚୈତ୍ୟ ସମ୍ପର୍କିତ ହେଉ, ସବୁକିଛିକୁ ପରିଚାଳନା କରି ଉପଯୁକ୍ତ ସ୍ଥାନରେ ସେ ପହଞ୍ଚାଇ ଦେଇଥା’ନ୍ତି । ଏହି ପରିପ୍ରେକ୍ଷୀରେ ଜଣେ ସୁପରିଚିତ ଚଳଚ୍ଚିତ୍ର ନିର୍ମାତା ଶ୍ରୀ ତାରାଚାନ୍ଦ ବଡ଼ଜାତ୍ୟା କିପରି ମା’ଙ୍କର ଦିବ୍ୟ କରୁଣା ପ୍ରାପ୍ତ ହୋଇ ନିଜର ଶାରୀରିକ ଅସୁସ୍ଥତା ଏବଂ ବ୍ୟବସାୟିକ ଅସଫଳତା ଏବଂ କ୍ଷତିରୁ ରକ୍ଷା ପାଇ ପାରିଥିଲେ, ସେହି ବିଷୟରେ ସଂକ୍ଷିପ୍ତ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ଏହିପରି –

ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ ଶ୍ରୀ ତାରାଚାନ୍ଦ କହନ୍ତି, ‘‘ଦିବ୍ୟଜନନୀ ମା ଅକ୍ଟୋବର ୧୯୫୬ ମସିହାରେ ମୋ ପାଇଁ ତାଙ୍କ କରୁଣାର ଦ୍ୱାର ଖୋଲି ଦେଲେ । ମୁଁ ବମ୍ବେରୁ ମାଡ୍ରାସ ଉଡ଼ାଜାହାଜରେ ଆସୁଥାଏ, ମୋ ପାଖ ସିଟ୍‌ରେ ବସିଥିବା ଶାଳୀନତାର ପ୍ରତୀକ ଜନୈକ ଭଦ୍ର ବ୍ୟକ୍ତି ନିଜ ପରିଚୟ ପ୍ରଦାନପୂର୍ବକ କହିଲେ, ‘ମୋ ନାମ ନବଜାତ’, ଏହି ନାମଟି ମୋତେ ମା ଦେଇଛନ୍ତି । ମୁଁ ଓ ମୋର ପାଞ୍ଚ ଭାଇ ଓ ତିନି ଭଉଣୀ ବମ୍ବେରେ ଥିବା ଆମର ସମସ୍ତ ପ୍ରକାର ବ୍ୟବସାୟକୁ ବନ୍ଦ କରି ଦେଇ ବର୍ତ୍ତମାନ ପଣ୍ଡିଚେରୀରେ ଶ୍ରୀମାଙ୍କ ପାଦତଳେ ଆଶ୍ରୟ ନେଇଛୁ, ସେଠାରେ ମା ଆମକୁ ଯେଉଁ କାମ ଦେଇଛନ୍ତି ତାହାହିଁ କରି ସାଧକ ଭାବରେ ସମୟର ସଦୁପଯୋଗ କରୁ ଅଛୁ । ତାଙ୍କ କଥାରେ ଏତେ ଆତ୍ମୀୟତା ଓ ଭାବପ୍ରବଣତା ଥିଲା ଯେ ମୁଁ ତାହା ଦ୍ୱାରା ଖୁବ୍ ପ୍ରଭାବିତ ହୋଇ ଗଲି ଏବଂ ମାଡ୍ରାସରେ ତାଙ୍କୁ କିଛି ସମୟ ଅଟକାଇ ମୋ ମ୍ୟାନେଜରଙ୍କୁ କିଛି ଆବଶ୍ୟକ ସୂଚନା ପ୍ରଦାନ କରି ତାଙ୍କ ସହିତ ପଣ୍ଡିଚେରୀ ଆସିଲି । ପ୍ରଥମ ଥର ପାଇଁ ମା’ଙ୍କୁ ଦର୍ଶନ କଲି ‘ପ୍ଲେ-ଗ୍ରାଉଣ୍ଡ’ରେ । ସେହି ପ୍ରଥମ ଦର୍ଶନରେ ମା ମୋ ଭାଗ୍ୟ ଉପରେ ତାଙ୍କର ମୋହର ଲଗାଇ ଦେଲେ । ଏତେ ଦିନ ଧରି ମୁଁ ଯାହାଙ୍କୁ ଖୋଜୁଥିଲି ତାଙ୍କର ସାକ୍ଷାତ୍ ଦର୍ଶନ ଲାଭ କଲି ।’’

ଶ୍ରୀ ତାରାଚାନ୍ଦ କହି ଚାଲିଛନ୍ତି, ‘‘ମା ମୋ ଉପରେ ତାଙ୍କର କରୁଣା ଢାଳି ଦେଲେ, ମୋତେ ନୂତନ ନାମଟିଏ ଦେଲେ; ତାହା ହେଲା ‘‘ଦ୍ୱିଜ’’ ଅର୍ଥାତ୍ ‘‘ଦ୍ୱେଃ ଜାତଃ’’, ଯେ ଦୁଇଥର ଜନ୍ମ ହୋଇଥାଏ । ମୁଁ ମୋ ନିଜ ମା’ଙ୍କଠାରୁ ଥରେ ଜନ୍ମ ହୋଇଥିଲି, ବର୍ତ୍ତମାନ ଦିବ୍ୟଜନନୀ ମୋତେ ନୂତନ ନାମଟିଏ ଦେଇ ନବ ଜନ୍ମ ପ୍ରଦାନ କରିବାର କୃପା କଲେ । ମୋର ଏକ ଜନ୍ମଗତ ରୋଗ ଥିଲା ଯାହାର ନାମ ‘manic depressive psychosis’, ଅର୍ଥାତ୍ ‘ଭୟାତୁର-ସଙ୍କୁଚିତ-

ମାନସିକ ଅବସ୍ଥା' । ଏହି ରୋଗରେ ମୁଁ ପ୍ରତିବର୍ଷ ଆକ୍ରାନ୍ତ ହୁଏ । ପ୍ରଥମେ ତିନି ଚାରି ମାସ ଧରି ଶରୀର ଭିତରେ ଏହାର ପ୍ରାରମ୍ଭିକ ପ୍ରସ୍ତୁତି ଚାଲିଥାଏ ଏବଂ ତା' ପରେ ପରେ ଆଠରୁ ଦଶ ମାସ ଧରି ମୁଁ ଏକ 'ମାନସିକ ଚାପଗ୍ରସ୍ତ' ଅବସ୍ଥା ଭିତରେ ବୁଡ଼ି ରହେ । ଔଷଧ ଖାଏ, କିନ୍ତୁ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଦ୍ୱାରା ମୁଁ ବହୁତ ପ୍ରକାର ଅସୁବିଧା ଭୋଗୁଥାଏ ।

ମା'ଙ୍କୁ ସବୁକଥା ଲେଖି ଜଣାଇଲି । ଅନୁମତି ପ୍ରାପ୍ତ ହୋଇ ମୋର ମାନସିକ ଚାପଗ୍ରସ୍ତ ଅବସ୍ଥା ଆରମ୍ଭ ହେବା ମାତ୍ରକେ କାଳ ବିଳମ୍ବ ନକରି ପଣ୍ଡିଚେରୀ ଚାଲି ଆସେ । ଆଶ୍ରମର ଶାନ୍ତ, ସ୍ଥିର, ଗମ୍ଭୀର, ଶୀତଳ ପରିବେଶ; ବୃକ୍ଷଲତା, ବିଭିନ୍ନ ରଙ୍ଗର ପକ୍ଷୀମାନଙ୍କର କାକଳି, ସମୁଦ୍ରକୂଳ, ପ୍ଲେ-ଗ୍ରାଉଣ୍ଡ ଓ ଡାଇନିଙ୍ଗ ହଲ୍‌ର ଦିବ୍ୟ ପରିବେଶ ଭିତରେ ବୁଡ଼ିଯାଏ ଏବଂ ଏହି ସବୁଥିରୁ ମୋର ଜୀବନୀ ଶକ୍ତି ନୂତନ ଦିବ୍ୟ ସ୍ୱାଦ ପ୍ରାପ୍ତ ହୋଇ ପୁଲକିତ ହୋଇ ଉଠେ । ଆଉ ଏକ ଦିବ୍ୟ ଅନୁଭବର କଥା ଆପଣମାନଙ୍କ ପାଖରେ ପ୍ରକାଶ ନକରି ରହିପାରୁ ନାହିଁ – ତାହା ହେଲା ମୁଁ ଆଶ୍ରମକୁ ଆସିବା ଦିନ ଓ ଆଶ୍ରମ ଛାଡ଼ିବା ଦିନ ମା କରୁଣାମୟୀ ଦୟା କରି ତାଙ୍କ ସହିତ କିଛି ସମୟ ଧ୍ୟାନ କରିବା ପାଇଁ ଅନୁମତି ପ୍ରଦାନ କରନ୍ତି । ଧ୍ୟାନ ପରେ ମୋ ଆଖି ଭିତରକୁ ଦିବ୍ୟଜନନୀ ଶ୍ରୀମା ଆଠ ମିନିଟରୁ ତିରିଶ ମିନିଟ ପର୍ଯ୍ୟନ୍ତ ସ୍ଥିର ଅପଲକ ଦୃଷ୍ଟିରେ ଚାହିଁ ରହନ୍ତି । ବେଳେ ବେଳେ କହନ୍ତି, 'Well, up with you. I have charged your battery'. 'ତୁମର ସବୁକିଛି ଠିକ୍‌ଠାକ୍ ଅଛି । ତୁମ ବ୍ୟାଟେରୀକୁ ମୁଁ ଚାର୍ଜ କରି ଦେଇଛି ।'

ତାରାଚାନ୍ଦ ବଡ଼ଜାତ୍ୟା ହେଉଛନ୍ତି, ''ରାଜଶ୍ରୀ ପ୍ରଡ୍‌କସନ'' ଚଳଚ୍ଚିତ୍ର କମ୍ପାନୀର ମାଲିକ ଏବଂ ପୁରୁଣା 'ଦୋସ୍ତି' ଚଳଚ୍ଚିତ୍ରର ନିର୍ମାତା । ଉକ୍ତ 'ଦୋସ୍ତି' ଚଳଚ୍ଚିତ୍ର ନିମନ୍ତେ ନିର୍ଦ୍ଦେଶକ, ସଂଳାପ ଲେଖକ, ସଙ୍ଗୀତ ନିର୍ଦ୍ଦେଶକ, ମୁଖ୍ୟ ନାୟକ, ନାୟିକା ଓ ଅନ୍ୟମାନଙ୍କର ଫଟୋଚିତ୍ର ସେ ମା'ଙ୍କୁ ନିବେଦନପୂର୍ବକ ତାଙ୍କର ଦିବ୍ୟ-କରସ୍ପର୍ଶ ତଥା ଆଶୀର୍ବାଦ ଲାଭ କରିଥିଲେ । ଏହି ଚଳଚ୍ଚିତ୍ରଟି ସେହି ସମୟରେ ସୁପର୍ ହିଟ୍ ହୋଇଥିଲା ଏବଂ ଅନେକ ଜାତୀୟ ଏବଂ ଆନ୍ତର୍ଜାତୀୟ ଭାଷାରେ ପୁନଃ-ନିର୍ମିତ ହୋଇଥିଲା; ଅନେକ ପୁରସ୍କାର ପ୍ରାପ୍ତ ହୋଇଥିଲା ମଧ୍ୟ ।

ଦିବ୍ୟଜନନୀ ଶ୍ରୀମାଙ୍କର ଶରୀର ରକ୍ଷା ପରେ ଶ୍ରୀ ତାରାଚାନ୍ଦଙ୍କ ନାତି ସୂରଜ ବଡ଼ଜାତ୍ୟା ମାତ୍ର ଚବିଶ ବର୍ଷ ବୟସରେ ଯେଉଁ ଚଳଚ୍ଚିତ୍ରଟି ନିର୍ମାଣ କରିଥିଲେ ତା'ର ନାମ ହେଉଛି ''ମୈନେ ପ୍ୟାର କିୟା'', ଯାହା ଅଭୂତପୂର୍ବ ସଫଳତା ଲାଭ କରିଥିଲା । ଏହି ପରିପ୍ରେକ୍ଷୀରେ ତାରାଚାନ୍ଦ କୁହନ୍ତି, "While she was living we referred to the Mother physically, but now if we just think of her, put our problems before her and pray sincerely, the answer comes from the Mother within us."

(How they came to Sri Aurobindo and The Mother)

''ଯେତେବେଳେ ମା ସ୍ଥୂଳ ଶରୀରରେ ଥିଲେ ଆମେ ତାଙ୍କ ପାଖରେ ଆମର ସବୁକଥା ନିବେଦନ କରୁଥିଲୁ, କିନ୍ତୁ ବର୍ତ୍ତମାନ ଆମେ ତାଙ୍କୁ ହୃଦୟରେ ସ୍ମରଣ କରି, ତାଙ୍କ ନିକଟରେ ଆମର ସମସ୍ତ ସମସ୍ୟା ଉପସ୍ଥାପନ କରି ଦେଉଛୁ ଏବଂ ନିଷ୍ଠାର ସହିତ ପ୍ରାର୍ଥନା କରୁଛୁ, ମା'ଙ୍କଠାରୁ ଉତ୍ତର ଆମ ଅନ୍ତର ଭିତରକୁ ଆସି ଯାଉଛି ।''

ଏହାହିଁ ସମସ୍ୟା ସମାଧାନର ଚାବିକାଠି ।

(କ୍ରମଶଃ)

❑❑❑

---

### ତଥ୍ୟ ନିର୍ଦ୍ଦେଶିକା


(୧) Prayers & Meditations - The Mother.

(୨) Musing on the Mother's Prayers and Meditations, Volume - I, Shyam Kumari.

(୩) How they came to Sri Aurobindo and The Mother - Shyam Kumari.

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୫)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :**

(୪)

''ସତ୍ୟକୁ ନିରୀକ୍ଷଣ କରିବା ବୃହତ୍ ବା କ୍ଷୁଦ୍ର ବୁଦ୍ଧି ଉପରେ ନିର୍ଭର କରେନା, ଏହା ନିର୍ଭର କରେ ସତ୍ୟ ସଙ୍ଗେ ଯୋଗାଯୋଗ ସ୍ଥାପନ ଉପରେ, ଏବଂ ନୀରବ ଓ ଶାନ୍ତ ମନ ନେଇ ତାକୁ ଗ୍ରହଣ କରିବା ଉପରେ । ଶ୍ରେଷ୍ଠ ମନୀଷୀମାନେ ମଧ୍ୟ ନିକୃଷ୍ଟ ଧରଣର ଭୁଲ୍ କରି ପାରନ୍ତି ଏବଂ ସତ୍ୟ ସହ ମିଥ୍ୟାକୁ ମିଶାଇ ଗୋଳମାଳ ବି କରି ପାରନ୍ତି, ଯଦି ସେମାନେ ସତ୍ୟର ସଂସ୍ପର୍ଶରେ ଆସି ନଥା'ନ୍ତି କିଂବା ସେମାନଙ୍କର ସତ୍ୟ ସହିତ ସାକ୍ଷାତ୍ ଅନୁଭୂତି (experience) ହୋଇ ନଥାଏ ।''

(୦୧.୦୮.୩୨)

(୫)

''ଏ କଥା ମଧ୍ୟ ସତ୍ୟ ଯେ ମନୁଷ୍ୟର ସୀମିତ ବୁଦ୍ଧି ଦ୍ୱାରା ଭଗବାନଙ୍କର ପଥ ଅବା ଉଦ୍ଦେଶ୍ୟ, ସସୀମ ସହ ଅସୀମର ବ୍ୟବହାରର ରୀତି ବିଚାର କରିବା ଅସମ୍ଭବ ।''

(୧୫.୧୧.୩୨)

(୬)

''ପୁନର୍ବାର ଏହା ଏକ ନିମ୍ନ-ଧରଣର ପୁରୁଣା କଳ୍ପନା, ଯାହା ପ୍ରାଣର ଅତୃପ୍ତ ବାସନା ସମୂହର ବିଦ୍ରୋହ ଦ୍ୱାରା ପ୍ରରୋଚିତ । ମା'ଙ୍କର ଏପରି କୌଣସି ଉଦ୍ଦେଶ୍ୟ ନଥିଲା ତୁମ ପ୍ରତି ବିଦ୍ରୂପାତ୍ମକ ହସ ହସିବାର ଏବଂ କୌଣସି କାରଣ ମଧ୍ୟ ନଥିଲା ବ୍ୟଙ୍ଗ କରିବାର । ତୁମେ ଯାହା ଲେଖିଥିଲ ତା' ମଧ୍ୟରେ ଏପରି କିଛି ନଥିଲା ଯାହା ଭୁଲ୍ ବା ତୁମେ ମଧ୍ୟ ଏମିତି କିଛି ବି କରି ନାହଁ । ତେବେ ଏହା ସ୍ପଷ୍ଟତଃ ପ୍ରତୀୟମାନ ହେଉଛି ଯେ ବାସନାର ପୁରୁଣା ଭ୍ରାନ୍ତ ମନୋଗତ ମୂଳଭାବଟି ନିଶ୍ଚିତ ରୂପେ ଅପେକ୍ଷାରେ ଥିଲା ଗୋଟିଏ ସୁଯୋଗ ଲାଭ କରିବା ପାଇଁ । ସେହି ସୁଯୋଗ ସେ ପ୍ରାଣକୁ ଦେଇଥିଲା ପୁଣି ଜାଗ୍ରତ୍ ହୋଇ ତା'ର ପୁରାତନ ଅଭ୍ୟସ୍ତ ସମସ୍ତ ଗତିବୃତ୍ତିକୁ ପ୍ରଶ୍ରୟ ଦେବାକୁ । ଏହାହିଁ ହେଉଛି ସେଇ ପ୍ରାଣ ଯେ କି ତୁମ ମଧ୍ୟରେ ସେଇ ବିଦ୍ରୂପାତ୍ମକ ହାସ୍ୟର ଧାରଣା ଜନ୍ମାଇ ଥିଲା ଏବଂ ତୁମ ମନକୁ ଏହା ଗ୍ରହଣ କରିବାକୁ ଦେଇଥିଲା ଯେଉଁଥିରେ ସେ ତା'ର ଗତିବୃତ୍ତିର ଏକ ସୁଯୋଗ ପାଇଥିଲା । ଏହା ବି ସ୍ପଷ୍ଟ ଯେ କାମନାର ସେଇ ନିମ୍ନ ସ୍ତରରୁ ଉପରକୁ ଉଠି ଆସିବାର ଚାପହିଁ ପରମାନନ୍ଦ(Ananda)କୁ ଏଡ଼ାଇ ଦିଏ । ଚୈତ୍ୟିକ ଆନନ୍ଦ ସହିତ ଅଭିଯୋଗ ଓ ସୁଚିନ୍ତିତ ଦାବିଗୁଡ଼ିକରେ ପରିପୂର୍ଣ୍ଣ ପ୍ରାଣର ବାସନା ଏକ ସଙ୍ଗେ ଗତି କରି ପାରେ ନାହିଁ; ବାସନା ଯଦି ଆସି ଉପସ୍ଥିତ ହୋଇଯାଏ ତେବେ ସେଇ ଆନନ୍ଦ ଆପଣାକୁ ପ୍ରତ୍ୟାହାର କରି ନେବାକୁ ବାଧ୍ୟ ହୁଏ ଯଦି ତୁମେ ସମୟ କ୍ରମେ ସେଇ ବାସନାକୁ ପରିବର୍ଜନ କରି ନପାର କିଂବା ଆପୋଷ ମିଳାମିଶା କରିବାକୁ ଅସ୍ୱୀକାର କର । ବିଶେଷ କରି ମା ଯେତେବେଳେ ତୁମକୁ ତାଙ୍କର ବିଶାଳତା, ଶାନ୍ତି ଏବଂ ଗଭୀର ଆନନ୍ଦ ପ୍ରଦାନ କରୁଥିଲେ ସେତେବେଳେ ସାମାନ୍ୟ ଏକ ବାହ୍ୟିକ କାମନା ନିକଟରେ ସେସବୁକୁ ବଳି ଦେବା ଏକ ଚରମ ଅଯୌକ୍ତିକତା ।

ଏହା ଅତି ଉତ୍ତମ କଥା ଯେ ଏଥରକ ତୁମେ ଦୀର୍ଘଦିନ ଧରି ତୁମର ଦାବିଗୁଡ଼ିକୁ ଏବଂ ବାସନାକୁ ସମର୍ଥନ କରି ନାହଁ ଏବଂ ସେଇ ଅବସ୍ଥା ମଧ୍ୟରୁ ତୁମେ ଏକ କ୍ଷିପ୍ରତର ଗତି ନେଇ ପୁଣି ଫେରି ଆସିଛ । କିନ୍ତୁ ପରବର୍ତ୍ତୀ ସମୟରେ ଯଦି ପୁନର୍ବାର କିଛି ଆସି ଯାଏ, ଯାହା କି ଆସିବା ଉଚିତ ନୁହେଁ – ତୁମେ ତାକୁ ମୁହୂର୍ତ୍ତକ ପାଇଁ ମଧ୍ୟ ଆଶ୍ରୟ ନ ଦେଇ ପୂର୍ଣ୍ଣରୂପେ ତତ୍କ୍ଷଣାତ୍ ବିଦାୟ କରି ଦେବ । ତା'ହେଲେହିଁ ତୁମେ ନିରବଧି ଏବଂ ଅତୁଟଭାବେ ଉନ୍ନତି କରିଯାଇ ପାରିବ ।

ପୁନଶ୍ଚ : ନିଶ୍ଚିତ ରୂପେ ତୁମର ଅଭିଜ୍ଞତାଟି ସମ୍ପୂର୍ଣ୍ଣ ନିର୍ଭୁଲ – କୌଣସି ଅତିରଞ୍ଜିତ ଭାବ ସେଥିରେ ନଥିଲା ।''

(୨୬.୧୨.୩୨)

(୭)

''ମନୁଷ୍ୟ ସର୍ବଦାହିଁ ମିଶ୍ର ପ୍ରକୃତିର, ତା'ର ପ୍ରକୃତିରେ ଦୋଷ ଗୁଣ ଏପରି ଭାବେ ଯୁକ୍ତ ହୋଇ ରହିଥାଏ ଯେ ତା' ମଧ୍ୟରୁ ସେଗୁଡ଼ିକୁ ପ୍ରାୟ ଅଲଗା କରି ହୁଏ ନାହିଁ । ଜଣେ କ'ଣ ହେବାକୁ ଚାହେଁ ବା ଅନ୍ୟମାନେ ତା' ମଧ୍ୟରେ କ'ଣ ଦେଖନ୍ତି ବା ଦେଖିବାକୁ ଚାହାନ୍ତି, କିଂବା କୌଣସି ସମୟରେ ତା'ର ପ୍ରକୃତିର ଏକ ଦିଗରେ ନତୁବା ବିଶେଷ କୌଣସି କ୍ଷେତ୍ରରେ ସେ ଯାହା ତା'ଠାରୁ ଅନେକ ମାତ୍ରାରେ ଭିନ୍ନ ମଧ୍ୟ ହୋଇପାରେ, ପ୍ରକୃତ ପକ୍ଷେ ସେ ଯାହା ବା ଅନ୍ୟାନ୍ୟ ବିଷୟ ସମ୍ପର୍କରେ ଅଥବା ତା'ର ପ୍ରକୃତିର ଅନ୍ୟ ଦିଗରେ ସେ ଯାହା ତା'ଠାରୁ ମଧ୍ୟ ଭିନ୍ନ । ସର୍ବୋପରି ସମ୍ପୂର୍ଣ୍ଣ ଐକାନ୍ତିକ, ସ୍ପଷ୍ଟବାଦୀ ଏବଂ ସରଳ ହେବା ମନୁଷ୍ୟ ଚରିତ୍ର ପକ୍ଷରେ ସହଜ ନୁହେଁ । କେବଳ ଏକ ଆଧ୍ୟାତ୍ମିକ ସାଧନାର ପ୍ରୟାସ ଦ୍ୱାରା ତାହା ଉପଲବ୍ଧି କରାଯାଇପାରେ ଏବଂ ତାହା କରିବାକୁ ହେଲେ ପ୍ରୟୋଜନ କଠୋର ଆନ୍ତରଦର୍ଶୀ ଆତ୍ମଦର୍ଶନ ଏବଂ ପୁଙ୍ଖାନୁପୁଙ୍ଖ ଆତ୍ମ-ନିରୀକ୍ଷଣ; ଯାହାକୁ ଆଦୌ ଦୃଷ୍ଟିରୁ ଏଡ଼ାଇ ଦିଆଯାଇପାରେ ନା, ଏପରିକି ଅନେକ ସାଧକ ଏବଂ ଯୋଗୀ ମଧ୍ୟ ଏହାକୁ କରିବାକୁ ସକ୍ଷମ ହୋଇ ପାରନ୍ତି ନାହିଁ । କେବଳ ଏକ ଆଲୋକପ୍ରଦାୟିନୀ ଭାଗବତ କରୁଣା (Illumining Grace), ଯାହାକି ସାଧକ ନିଜ ମଧ୍ୟରେ ତା'ର ସ୍ୱରୂପ ଉଦ୍‌ଘାଟନ କରେ ଏବଂ ତା' ମଧ୍ୟରେ ଯେଉଁ ତ୍ରୁଟି ଅଛି ତା'ର ରୂପାନ୍ତର ସାଧନ କରେ; ସେଇ କରୁଣା ଦ୍ୱାରା ହିଁ ତାହା ହୋଇପାରେ, ଏପରିକି କେବଳ ତାହା ହେଲେ ହିଁ, ଯଦି ସେ ନିଜେ ସେଥିରେ ସମ୍ମତ ହୁଏ ଏବଂ ନିଜକୁ ଭାଗବତ କ୍ରିୟାଶୀଳ ଶକ୍ତି ନିକଟରେ ସମ୍ପୂର୍ଣ୍ଣ ରୂପେ ନିବେଦନ କରି ଦିଏ ।''

(୩୦. ୦୩. ୩୩)

(୮)

''ଏହାହିଁ ହେଉଛି ଭିତ୍ତି ସ୍ୱରୂପ ଏବଂ ନିଶ୍ଚିତ ଭାବେ ଏହା ହେବା ସମ୍ଭବ । କିନ୍ତୁ ଏଇସବୁ ଜିନିଷରୁ ମୁକ୍ତି ପାଇବା ପରେ ମଧ୍ୟ ଖୁବ୍ ସଜାଗ ହୋଇ ରହିବାକୁ ହୁଏ – କାରଣ ଏଇସବୁ ଜିନିଷ ପ୍ରାୟହିଁ ବାହାରକୁ ଚାଲିଯାଇ ଥାଏ ଏବଂ ସୁଦୂରକୁ ଯାଇ ଅପେକ୍ଷାରେ ରହିଥାଏ କୌଣସି ଘଟଣାଚକ୍ରବଶତଃ ଅଥବା କୌଣସି ଅବସ୍ଥାରେ କେବେ ପୁଣି ସେମାନେ ଦ୍ରୁତ ଗତିରେ ପଶି ଆସି ତାଙ୍କର ରାଜ୍ୟ ପୁନରୁଦ୍ଧାର କରି ପାରନ୍ତି । ଯଦି ଗଭୀରରୁ ଗଭୀରତମ ପ୍ରଦେଶ ପର୍ଯ୍ୟନ୍ତ ସେସବୁ ସମ୍ପୂର୍ଣ୍ଣ ରୂପେ ପରିଶୁଦ୍ଧ ହୋଇ ଯାଇଥା'ନ୍ତି ଏବଂ ସେଠାରେ ଦ୍ୱାର ଖୋଲି ଦେବା ପରି ଆଉ କିଛି ନଥାଏ ତା'ହେଲେ ସେମାନେ ସେପରି ଆଉ କରି ପାରନ୍ତି ନାହିଁ । ତେବେ ବହୁକାଳ ପର୍ଯ୍ୟନ୍ତ ମୁକ୍ତ ଅବସ୍ଥାରେ ରହିବା ସମ୍ଭବପର ହେଲା ପରେ ହିଁ ସେ କହିପାରେ – 'ଶେଷ, ଚିରକାଳ ପାଇଁ ଏଥର ସବୁକିଛିହିଁ ଏକେବାରେ ଠିକ୍' ।''

(୧୬.୦୫.୩୩)

(*କ୍ରମଶଃ...*)

ଅନୁବାଦ : ଶୁଭ୍ରା ଦାସ ❑

## ୨୦୨୦ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

A constant touch of sweetness linked all hearts

ସବୁ ହୃଦୟକୁ ସଂଯୋଜିତ କରେ ମାଧୁର୍ଯ୍ୟର ଏକ ଅବିରତ ସ୍ପର୍ଶ ।

# ମା ରହିଛନ୍ତି

## ନଳିନୀକାନ୍ତ ଗୁପ୍ତ

ଏ ଯଦି ହୁଏ ''ପ୍ରଳୟ'', ଏପରିକି ହୁଏତ ବା ''ମହାପ୍ରଳୟ'', ତଥାପି ସବୁ ହଜି ଯାଇନି, ସବୁକିଛି ଧୋଇ ପୋଛି ଯାଇନି । କିଛି ରହିଯାଇଛି, ଅସ୍ପଷ୍ଟ, ଅମର – ତୁମ ଅନ୍ତରରେ ଯେଉଁ ଦିବ୍ୟ-ଅଂଶ, ତୁମ ମଧ୍ୟରେ ମା'ଙ୍କରହିଁ ଯେଉଁ ଅଂଶ, ତାଙ୍କର ମୂର୍ତ୍ତ ବାଙ୍ମୟୀ ଚେତନା, ତାହା ରହିଯାଇଛି ।

ପ୍ରକୃତ ପକ୍ଷରେ ତୁମର ଅନ୍ତରାତ୍ମାକୁ ହିଁ ନିଶ୍ଚେତନାର ଗଭୀରରୁ ସେ ଉଦ୍ଧାର କରିଛନ୍ତି ଏବଂ ତୁମ ଅନ୍ତରରେ ଜୀବନ୍ତ ସତ୍‌ବସ୍ତୁ ରୂପେ ତାକୁ ହିଁ ପ୍ରତିଷ୍ଠା କରିଛନ୍ତି । ଏହାହିଁ ତାଙ୍କର ପ୍ରଥମ ଓ ପ୍ରାଥମିକ କାର୍ଯ୍ୟ ଥିଲା ଏବଂ ଏ କାର୍ଯ୍ୟ ସେ ସୁସମ୍ପନ୍ନ କରିଛନ୍ତି । ଅନ୍ତରାତ୍ମା ସର୍ବଦା ଥିଲା ସତ; କିନ୍ତୁ ତା' ଥିଲା ସୁଦୂର ପରାହତ, ବହୁ ଦୂରର ବସ୍ତୁ, ପ୍ରାୟ ନିଷ୍କ୍ରିୟ-ଆଲୋକକଣା ସଦୃଶ; ଅଚିହ୍ନିତ, ଅପରିଚିତ ଏକ ନକ୍ଷତ୍ର ପରି ଯାହା ମାନୁଷୀଜ୍ଞାନ ଓ ସମ୍ଭାବନା ମଧ୍ୟରେ ଏବେ ବି ଧରା ଦେଇନି । ତାକୁ ସେ ଆମ୍ଭମାନଙ୍କ ସନ୍ନିକଟକୁ ନେଇ ଆସିଛନ୍ତି, ଆମ୍ଭମାନଙ୍କର ଜାଗ୍ରତ୍ ସକ୍ରିୟ ଚେତନାରେ ପ୍ରତିଷ୍ଠା କରିଛନ୍ତି । ସେ ଯେପରି ତାକୁ ଉଠାଇ ଆଣିଛନ୍ତି ଅଚେତନାର ଅତଳରୁ କିଂବା ଓହ୍ଲାଇ ଆଣିଛନ୍ତି ଅଦୃଶ୍ୟ ପ୍ରାୟ, ଅବାସ୍ତବ ପ୍ରାୟ ଆକାଶର ନୀହାରିକାପୁଞ୍ଜର ସେପାରିରୁ, ତା'ପରେ ସେ କ୍ରମଶଃ ତାକୁ ଗଢ଼ି ତୋଳିଛନ୍ତି, ପୁଷ୍ଟ କରିଛନ୍ତି; ତାକୁ ଆମ୍ଭମାନଙ୍କର ଅନ୍ତରାଲୋକରେ ଏକ ଅତୁଟ ଆବାସ ପ୍ରଦାନ କରିଛନ୍ତି । ତାକୁ ସେ ନାମ-ରୂପମୟ ବ୍ୟକ୍ତି-ସ୍ୱରୂପରେ ରୂପାୟିତ କରି ଗଢ଼ିଛନ୍ତି । ପ୍ରାୟତଃ, ଅଥବା ସବୁ ସମୟରେ ଆମ୍ଭେମାନେ ଯେ ତାକୁ ଚିହ୍ନି ପାରୁ ନାହୁଁ, ତା'ର କାରଣ ଇନ୍ଦ୍ରିୟବୋଧର ବାହ୍ୟ ଖୋଳପାଟି ଏଯାଏ ବି ତା' ଆଡ଼କୁ ନିଜକୁ ପୂର୍ଣ୍ଣଭାବେ ଖୋଲି ଧରି ନାହିଁ । ତଥାପି ସେ ଏଠାରେ ଆମ୍ଭମାନଙ୍କର ଆନ୍ତର ଅଧୀଶ୍ୱର ହୋଇ ରହିଛି, ସକଳ ଅନ୍ଧକାର ଓ ଅସ୍ୱୀକୃତି ସତ୍ତ୍ୱେ ବି ସେମାନଙ୍କ ମଧ୍ୟ ଦେଇ ସେ ଆମ୍ଭମାନଙ୍କର ଦିଶାରୀ ହୋଇ ପଥ ଦେଖାଇ ନେଇ ଚାଲିଛି ।

ଠିକ୍ ଏହାର ପରବର୍ତ୍ତୀ ପାବଛ, ତାଙ୍କ କର୍ମର ପରବର୍ତ୍ତୀ ଅଧ୍ୟାୟ ଥିଲା ଏଇ ଯେଉଁ ଅନ୍ତରାତ୍ମା, ଆନ୍ତର ସ୍ୱରୂପ, ତାକୁ ଘେରି ଗୋଟାଏ ଦେହ, ଗୋଟାଏ ଜଡ଼ ଆଧାର ଗଢ଼ି ତୋଳିବା ଯାହା ତାକୁ ପ୍ରକଟ କରି ଧରିବ । ଏଇ ପର୍ଯ୍ୟାୟରେ ତାଙ୍କର ପ୍ରଥମ ପ୍ରୟାସ ଥିଲା ଏଇ ଏକମାତ୍ର ସଦ୍‌ବସ୍ତୁକୁ ଗୋଟାଏ ସ୍ଥୂଳ ଦିବ୍ୟରୂପ ଦେବା । ଅନ୍ତଃପୁରୁଷ ସେଠାରେ ତ ଥିଲା, ଗୋଟିଏ ଦେବସତ୍ତା ତା' ମଧ୍ୟକୁ ଉତରି ଆସିବ, ସେଠାରେ ଆସୀନ ହେବ; ଏଇ ଦେବସତ୍ତା ଅର୍ଥାତ୍ ମା'ଙ୍କର ନିଜର ସ୍ୱରୂପରହିଁ ଏକ ଶକ୍ତି, ଗୋଟିଏ ରୂପ – ତାକୁ ଅବତରାଇ ଆଣିବାକୁ ହେବ ଏବଂ ତା' ମଧ୍ୟରେ ଅନ୍ତରାତ୍ମାକୁ ଏକ ହୋଇଯିବାକୁ ହେବ । ଠିକ୍ ଏହିପରି ଅବସ୍ଥାରେ ବାହ୍ୟତଃ ମନେହୁଏ କାର୍ଯ୍ୟଟି ଥମିଯାଇଛି, ସଂପୂର୍ଣ୍ଣ ହୋଇ ନାହିଁ ।

ବ୍ୟକ୍ତିଗତ ସିଦ୍ଧି, ଏପରିକି କତିପୟ ବ୍ୟକ୍ତିବିଶେଷଙ୍କ ସିଦ୍ଧି ବି ଉଦ୍ଦେଶ୍ୟ ବା ଲକ୍ଷ୍ୟ ନଥିଲା, ଲକ୍ଷ୍ୟ ଥିଲା ମାନବଜାତିର ଗୋଟାଏ ପରିପୂର୍ଣ୍ଣତା, ତା'ର ଅର୍ଥ – ତା'ର ଗୋଟାଏ ବୃହତ୍ ଅଂଶ, ଅନ୍ତତଃ ଗୋଟାଏ ବିଶିଷ୍ଟ ଅଂଶ ତା'ର ଅଧିକାରୀ ହେବେ ଏବଂ ସେଇ ପରିଣତି ଦିଗରେ ସମସ୍ତ ପ୍ରୟାସ ପ୍ରୟୋଗ କରା ହୋଇଥିଲା । ମାନୁଷୀ ଚେତନାକୁ ଏପରି ଊର୍ଦ୍ଧ୍ୱତର ପର୍ଯ୍ୟାୟରେ ଉଠାଇ ଧରିବା ପ୍ରୟୋଜନ, ଯଦ୍ଦ୍ୱାରା ସେ ଯେଉଁ ଚିନ୍ମୟ ପ୍ରବେଗ ରୂପାନ୍ତର କରିବା ପାଇଁ ଆସୁଛି ତାକୁ ଯେପରି ଧାରଣ ଓ ମୂର୍ତ୍ତ କରିପାରେ । ଅନ୍ୟଥା ମାନୁଷୀ ଚେତନା ସ୍ତରରେ ତା'ର ପ୍ରତିନିଧି ହୋଇ, ଜଡ଼ ଚେତନାର ଅନ୍ତର୍ଗତ ଥାଇ କୌଣସି ବ୍ୟକ୍ତିବିଶେଷ ପକ୍ଷରେ ତାକୁ ଧାରଣ କରିବା ସମ୍ଭବ ନୁହେଁ । କେବଳ ପାର୍ଥିବ ଚେତନା ନୁହେଁ, ପୃଥିବୀର ଜଡ଼ ଗଠନଟିକୁ ବି ରୂପାନ୍ତରିତ କରିବାକୁ ହେବ । କାରଣ ଯେଉଁ ଜଡ଼ ଦେହ – ବ୍ୟକ୍ତିବିଶେଷଙ୍କ ଜଡ଼ ଦେହ ରୂପାନ୍ତରର ସକଳ ସ୍ତର ଅତିକ୍ରମ କରିବ, ସେଗୁଡ଼ିକୁ ସମ୍ପୂର୍ଣ୍ଣ କରି ଗଢ଼ିବ – ତା'ର ସାଫଲ୍ୟ ପାଇଁ ଅନୁରୂପ ପରିବର୍ତ୍ତନ ଆହୁରି ଅନ୍ୟମାନଙ୍କ ମଧ୍ୟରେ ବି ଅବଶ୍ୟ ଆବଶ୍ୟକ । ସ୍ୱଭାବତଃ ତା'ର ଅର୍ଥ ନୁହେଁ ସମଗ୍ର ମାନବଜାତିର ପରିବର୍ତ୍ତନ, ତେବେ ପୂର୍ବରୁ ଯେପରି କହିଛି, ତା'ର ଅର୍ଥ ନଗଣ୍ୟ ନୁହେଁ; ବେଶ୍ ଗୋଟାଏ ଗଣ୍ୟ ଅଂଶର ପରିବର୍ତ୍ତନ । ତା' ନହେଲେ ଏ ପରିବର୍ତ୍ତନର ଉଦ୍ଦେଶ୍ୟ – ଗୋଟାଏ ସାମଗ୍ରିକ ସମଷ୍ଟିଗତ ପରିବର୍ତ୍ତନ – ସିଦ୍ଧ ହେବ ନାହିଁ । ପୃଥିବୀ ବକ୍ଷରେ ଗୋଟାଏ ମାତ୍ର ଏକକ ଅତିମାନସ ଦେହ

ହେବ ପ୍ରକୃତିର ଖିଆଲ ମାତ୍ର – ଚାପି ଦେଉଥିବା ଗୋଟାଏ ଅଲୌକିକ ଘଟଣା ଯେପରି, ପ୍ରକୃତି ମଧ୍ୟରେ ପ୍ରକୃତିର ବହିର୍ଭୂତ ସୃଷ୍ଟିଛଡ଼ା ଗୋଟାଏ ବସ୍ତୁ; ଯେଉଁମାନେ ମାନବ ଜାତିର ପୁରୋଧା, ସର୍ବୋଚ୍ଚଶୀର୍ଷ, ସେମାନେ ବି ତା' ସହିତ କୌଣସି ସଂଯୋଗ ବା ସମ୍ବନ୍ଧ ଖୋଜି ପାଇବେ ନାହିଁ।

କାର୍ଯ୍ୟତଃ ସେଇ ଲକ୍ଷ୍ୟ ପୂରଣ କରିବା ପାଇଁ ପାର୍ଥିବ ପ୍ରକୃତିକୁ ପ୍ରସ୍ତୁତ କରିବାକୁ ହେବ। ପ୍ରଥମେ ପ୍ରସ୍ତୁତ କରିବାକୁ ହେବ ଜଡ଼ ଉପାଦାନ ମଧ୍ୟରେ ଯେଉଁ ପାର୍ଥିବ ଚେତନା ତା'କୁ; ତା'ପରେ ସେଇ ସ୍ଥୂଳ ଉପାଦାନଟିକୁ ଏବଂ ଆମ୍ଭମାନଙ୍କ ଜୀବନରେ ଆଶୁ ଅବଶ୍ୟ କର୍ତ୍ତବ୍ୟ ହିସାବରେ ତା' ବର୍ତ୍ତମାନହିଁ କରିବାକୁ ହେବ।

ମୁଁ କହିଛି, ପାର୍ଥିବ ଚେତନା ଏଯାଏ ବି ମା'ଙ୍କ ଦେହର ଅର୍ଥାତ୍ ତାଙ୍କ ଦେହର ଜଡ଼ ଉପାଦାନର ପରିପୂର୍ଣ୍ଣ ରୂପାନ୍ତର ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ନାହିଁ। ସେଇଥି ପାଇଁ ଯେଉଁ ରୂପାନ୍ତରକାରୀ ଶକ୍ତି ଉତରି ଆସିଥିଲା, ତାକୁ ସିଏ ଧାରଣ କରି ପାରିଲା ନାହିଁ, ଭାଙ୍ଗି ପଡ଼ିଲା, ବରଂ କହିବାକୁ ଗଲେ ଭାଙ୍ଗିଦେଇହିଁ ଚାଲିଗଲା, ଜଡ଼ର କଠିନ ଘନ ବାହ୍ୟତମ ଆବରଣଟିକୁ ଭେଦ କରିଗଲା – ତା'ର ଫଳାଫଳ ଭବିଷ୍ୟତ୍ କାଳରେ ପ୍ରକାଶ ପାଇବ।

ଆମେ ଯେଉଁମାନେ ରହିଗଲେ, ସେମାନେ ତା' ହେଲେ ଏକାବେଳକେ ମୂଳରୁ ଆରମ୍ଭ କରିବା। ଆରମ୍ଭ କରାଯାଏ ଏକାବେଳେ ଖଡ଼ିଛୁଆଁଠାରୁ। ମା'ଙ୍କର ଜୀବନ-କାହାଣୀ ଆମେ ଜାଣୁ, ସେ ଯେତେବେଳେ ଶ୍ରୀଅରବିନ୍ଦଙ୍କ ପାଖକୁ ଆସିଲେ, ନିଜେ ସେ ଯାହା କରିଥିଲେ – ତାଙ୍କର ପୁରାତନ ବ୍ୟକ୍ତିସତ୍ତାକୁ ନିଃଶେଷରେ ସେ ପୋଛି ପକାଇ ଦେଇଥିଲେ, ପୋଛି ପକାଇ ଦେଇଥିଲେ ନିଜର ସମସ୍ତ କୃତି, ସମସ୍ତ ସିଦ୍ଧି; ନିଜର ଚେତନାକୁ ସଦ୍ୟଧୌତ ଶମୀପତ୍ରଟିଏ ପରି, ସମସ୍ତ ଅତୀତରୁ ନିଜକୁ ମୁକ୍ତ କରି, ସଦ୍ୟୋଜାତ ଶିଶୁଟିଏ ପରି ନିଜକୁ ଶ୍ରୀଅରବିନ୍ଦଙ୍କ ଶ୍ରୀଚରଣରେ ଅର୍ପଣ କରି ଦେଇଥିଲେ। ଆମ୍ଭେମାନେ ତା'ହେଲେ ତାହାହିଁ କରିବା – ଆଗାମୀ ଦିନର ଅଭିମୁଖରେ ଛିଡ଼ା ହେବା ଆମ୍ଭମାନଙ୍କର ଶିଶୁ ଅନ୍ତରାତ୍ମାକୁ ସାମନାରେ ରଖି – କାରଣ ସେଇ କ୍ଷୁଦ୍ର ସତ୍ତାଟିହିଁ ହେଲା ଆମ୍ଭମାନଙ୍କ ଅନ୍ତରରେ ମା'ଙ୍କର ସାନ୍ନିଧ, ତାଙ୍କ ଚେତନାରେ ଏବେ ବି ଭାସ୍ୱର।

*

ତୁମମାନଙ୍କ ପାଖରେ ଏଇଟିକୁ ପଢ଼ିବାକୁ ମୁଁ ଅନେକ ଇତସ୍ତତଃ ହୋଇଛି।

ଗୋଟାଏ ଦିଗରୁ ଯାହା ଲେଖିଛି ତା' ଭଲ, କିନ୍ତୁ... ତଥାପି... ଅସଲରେ ଏହା ହେଲା ମନୋଗତ, ବୁଦ୍ଧିଗତ ବ୍ୟାଖ୍ୟା, ଏବଂ ତାହା ଏପରି ଏକ ବିଷୟ ଯାହା ମନ ଓ ବୁଦ୍ଧିର ସୀମାର ସଂପୂର୍ଣ୍ଣ ସେପାରିରେ। ବିଷୟଟି ଯେ ଖାଲି ବୁଦ୍ଧିର ଅତୀତ, ମନର ଅତୀତ ତା' ନୁହେଁ; ତା' ବିଶ୍ୱଗତ ଚେତନାର ବି ଅତୀତ, ତା'ର ଅର୍ଥ ଓ ଫଳାଫଳ କାଳକ୍ରମେ ପ୍ରକାଶ ପାଇବ।

ସେତେଦିନ ପର୍ଯ୍ୟନ୍ତ, ମୋର ମନେ ହୁଏ, ଶ୍ରେଷ୍ଠ କରଣୀୟ ହେବ ଶାନ୍ତ ହୋଇ ରହିବା, ଶ୍ରଦ୍ଧା ଓ ଆସ୍ଥା ନେଇ ଆଉ ଆମ୍ଭମାନଙ୍କର ଅନ୍ତରାତ୍ମାର ସମସ୍ତ ଆସ୍ପୃହା ନେଇ – ଆମ୍ଭମାନଙ୍କର ଅନ୍ତରାତ୍ମା, ତା'ହେଲା ଆମ୍ଭମାନଙ୍କର ଅନ୍ତରରେ ସ୍ୱୟଂ ମା'ଙ୍କରହିଁ ମୂର୍ତ୍ତ ସାନ୍ନିଧ, ଏବଂ ତାହା ସଦାସର୍ବଦା ଆମ୍ଭମାନଙ୍କ ମଧ୍ୟରେ ରହିଛି।

(ଶ୍ରୀଅରବିନ୍ଦ ମନ୍ଦିର 'ବର୍ତ୍ତିକା'ରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

ଶାନ୍ତ ନିଶ୍ଚଳ ଭାବରେ ବସି ମା'ଙ୍କୁ ସ୍ମରଣ କର ଓ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖ। ଏହାହିଁ ହେଉଛି ଧ୍ୟାନର ନିୟମ।

– ଶ୍ରୀଅରବିନ୍ଦ

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୨୭)

## ଯୁଦ୍ଧାବସାନ ଅନ୍ତେ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରିବାରେ ବିଫଳ ହେଲା ଦୁଃଶାସନ । କିନ୍ତୁ ପୁନର୍ବାର ପଶାଖେଳରେ ଯୁଧିଷ୍ଠିର ପରାଜିତ ହୁଅନ୍ତେ ସର୍ତ୍ତାନୁସାରେ ପାଣ୍ଡବମାନେ ବନବାସ ଗଲେ । ତହିଁ ଉତ୍ତାରୁ ଯୁଦ୍ଧ ବିନା ଗତ୍ୟନ୍ତର ନଥିଲା । ଯୁଦ୍ଧାରମ୍ଭର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଲେ 'ଗୀତା'ରୂପକ ପ୍ରଜ୍ଞା । ଭୀମ-ହିଡ଼ିମ୍ବା ନନ୍ଦନ ଘଟୋତ୍କଚର ଆକ୍ରମଣରେ ବିପର୍ଯ୍ୟସ୍ତ ହେଲେ କୌରବ ପକ୍ଷ । ତା'ପରେ...]

ଏକ ପରେ ଏକ କୌରବ ପକ୍ଷର ପ୍ରଖ୍ୟାତ ବୀରମାନଙ୍କର ନିଧନ ସମ୍ପନ୍ନ ହେଲା । ମହାନ୍ ଭୀଷ୍ମ ମଧ୍ୟ ଦେହତ୍ୟାଗ କଲେ । ଦ୍ରୌପଦୀଙ୍କ ଲାଞ୍ଛନାକାରୀ ଦୁଃଶାସନର ବକ୍ଷ ବିଦୀର୍ଣ୍ଣ କଲେ ଭୀମ । ଯାହାର ଅହମିକାରୁ ହେଲା ଏ ସଂଘର୍ଷର ସୂତ୍ରପାତ ସେହି ଦୁର୍ଯ୍ୟୋଧନ ଆହତ ହୋଇ ଏକ ବନଗହନରେ ମୃତ୍ୟୁକୁ ଅପେକ୍ଷା କଲା ।

ଯୁଦ୍ଧ ସମାପ୍ତ ହୁଅନ୍ତେ ଶ୍ରୀକୃଷ୍ଣ ବିଜୟୀ ପାଣ୍ଡବ ଭ୍ରାତାବୃନ୍ଦଙ୍କୁ ନେଇ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସିଦ୍ଧାନ୍ତ କଲେ ।

ଅନ୍ଧରାଜାଙ୍କ ନବର ସମ୍ମୁଖ ଯାଏ ଶେଷଥର ସକାଶେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସାରଥୀ ରୂପେ ରଥ ଚାଳନା କରି ନେଇଗଲେ । କିନ୍ତୁ ସେ ରଥରୁ ସଙ୍ଗେ ସଙ୍ଗେ ଅବତରଣ କଲେ ନାହିଁ । ଅର୍ଜୁନ ଓହ୍ଲାଇ ଯିବା ଅନ୍ତେ ସେ ପ୍ରଥମେ ଅଶ୍ୱମାନଙ୍କୁ ଖୋଲି ଦେଲେ । ସେମାନେ କିଛି ଦୂରକୁ ଚାଲିଯାଆନ୍ତେ ସେ ସ୍ୱୟଂ ଅବତରଣ କଲେ ।

ସେ ଅଳ୍ପ କିଛି ଦୂର ମାତ୍ର ଯାଇଛନ୍ତି, ରଥ ପ୍ରଚଣ୍ଡ ଶବ୍ଦ କରି ହୁତୁହୁତୁ ଜଳି ଉଠିଲା ।

ଚମକି ପଡ଼ିଲେ ଅର୍ଜୁନ । ସେ ରଥ ଗୋଟିକୁ ବହୁତ

ଭଲ ପାଉଥିଲେ । କେତେ ବିପଦ ଭିତର ଦେଇ ସେ ତାଙ୍କୁ ନିରାପଦ ଭାବରେ ବହନ କରିଛି !

''ଇଏ କ'ଣ ହେଲା ?'' ସେ ଉତ୍କଣ୍ଠା ଭରେ ପ୍ରଶ୍ନ କଲେ ।

''ଅର୍ଜୁନ ! ରଥ କ'ଣ ତା'ର ଭୂମିକା ଯଥାର୍ଥ ଭାବେ ତୁଲାଇ ନାହିଁ ? ଶତ୍ରୁପକ୍ଷର ସହସ୍ରାଧିକ ମାରାତ୍ମକ ଅଦୃଶ୍ୟ ଅସ୍ତ୍ର ସେଥିରେ ବିଦ୍ଧ ହୋଇ ରହିଥିଲେ । ମୋର ଉପସ୍ଥିତି ଯୋଗୁଁ ସେସବୁ ଥିଲେ ନିଷ୍କ୍ରିୟ । ଆଜି ଶେଷଥର ନିମନ୍ତେ ମୁଁ ରଥ ତ୍ୟାଗ କରିବା ମାତ୍ରେ ସେମାନେ ସକ୍ରିୟ ହୋଇ ଶେଷ ହୋଇଗଲେ । ସମର ଶେଷ ବୋଲି ଜଣାଇ ଦେଲା ଏ ବିସ୍ଫୋରଣ ।'' କହିଲେ ଶ୍ରୀକୃଷ୍ଣ ।

ସେମାନେ ଧୃତରାଷ୍ଟ୍ର ଓ ରାଣୀ ଗାନ୍ଧାରୀଙ୍କ କକ୍ଷ ସମ୍ମୁଖରେ ଉପନୀତ ହେଲେ । ଯୁଧିଷ୍ଠିର ଓ ଭ୍ରାତାଗଣ କିନ୍ତୁ ତାଙ୍କ ସମୀପକୁ ଯିବାକୁ କୁଣ୍ଠାବୋଧ କଲେ । ଅତଏବ ପ୍ରଥମେ ଶ୍ରୀକୃଷ୍ଣ ସେ ହତଭାଗ୍ୟ ଦମ୍ପତିଙ୍କ ପାଖକୁ ଯାଇ ଯଥାଯଥ ଅଭିବାଦନ ଅନ୍ତେ ସଦୟ ଭାବରେ ପ୍ରତିଶ୍ରୁତି ଦେଲେ ଯେ ପାଣ୍ଡବମାନେ ସେ ଦୁହିଁଙ୍କୁ ଆପଣା ମାତାପିତା ଭାବରେହିଁ ଶ୍ରଦ୍ଧା ସମ୍ମାନ ଜଣାଉଥିବେ ଏବଂ ଦୁହିଁଙ୍କର ନିର୍ଦ୍ଦେଶ ପାଳନ କରୁଥିବେ । ନୀରବ ଗାନ୍ଧାରୀଙ୍କୁ ସେ ମନେ ପକାଇ ଦେଲେ – ଯେତେ ଥର ଦୁର୍ଯ୍ୟୋଧନ ତାଙ୍କ ଆଶୀର୍ବାଦ କାମନା କରୁଥାଏ, ସେତେ ଥର ସେ କହୁଥା'ନ୍ତି, ନ୍ୟାୟର ଜୟ ହେଉ । ଦୁର୍ଯ୍ୟୋଧନ ଯେ ଅତ୍ୟନ୍ତ ଅନ୍ୟାୟ କରୁଥିଲେ, ସେକଥା ସ୍ମରଣ କରାଇବା ବାହୁଲ୍ୟ ମାତ୍ର । କିନ୍ତୁ ସେ ଏବଂ ତାଙ୍କ ଭ୍ରାତୃବର୍ଗ ବୀରୋଚିତ ଯୁଦ୍ଧ କରି ପ୍ରାଣପାତ କରିଛନ୍ତି । ତାହା ଗୌରବାବହ କଥା ।

ଅନ୍ଧ ଧୃତରାଷ୍ଟ୍ର ହଠାତ୍ ଭୀମଙ୍କୁ ଆଶ୍ଳେଷାବଦ୍ଧ କରିବାର ବାସନା ପ୍ରକାଶ କଲେ ଓ ଠିଆ ହୋଇ ବାହୁ ଯୁଗଳ ବିସ୍ତାର କଲେ । ଭୀମ ଖୁସି ହୋଇ ତାଙ୍କ ବାହୁ ବନ୍ଧନ ଭିତରକୁ ଅଗ୍ରସର ହେବା ବେଳେ ଶ୍ରୀକୃଷ୍ଣ ତାଙ୍କୁ ଅଟକାଇ ଦେଇ କାଛକଡ଼ରେ ଥିବା ଗୋଟିଏ ଧାତୁ ନିର୍ମିତ ମୂର୍ତ୍ତିକୁ ଧୃତରାଷ୍ଟ୍ରଙ୍କ ଆଡ଼େ ଠେଲି ଦେଲେ । ଧୃତରାଷ୍ଟ୍ର ସେ ମୂର୍ତ୍ତିକୁ ପ୍ରଗାଢ଼ ଆଲିଙ୍ଗନ କରୁଥିବାର ମନେ ହେଲା । କିନ୍ତୁ ମୂର୍ତ୍ତି ଚୁର୍ମାର ହୋଇଗଲା । ଧୃତରାଷ୍ଟ୍ର ମଧ ତଳେ ପଡ଼ିଗଲେ । ଉଠିପଡ଼ି ସେ ବିକଳ ଭାବରେ କହିଲେ, ''ମୁଁ କଲି କ'ଣ ? ସ୍ନେହର ଭୀମକୁ ହତ୍ୟା କଲି ?''

''ନା, ନା, ମହାରାଜ, ଆପଣ ଏକ ଧାତୁମୂର୍ତ୍ତି ଉପରେ ଆପଣଙ୍କ ଆବେଗ ପ୍ରଶମିତ କରିଛନ୍ତି !'' ଜଣାଇଲେ ଶ୍ରୀକୃଷ୍ଣ ।

ଧୃତରାଷ୍ଟ୍ର ଲଜ୍ଜିତ ହେବା ସ୍ୱାଭାବିକ । କିନ୍ତୁ ମୃଦୁ କଣ୍ଠରେ ତାଙ୍କ ଆଶିଷ ଭିକ୍ଷା କରି ଜଣକ ପରେ ଜଣେ ପାଣ୍ଡବ ଭ୍ରାତା ତାଙ୍କୁ ପ୍ରଣିପାତ କଲେ । ରାଜା ସେମାନଙ୍କୁ କଲ୍ୟାଣ ଜଣାଇଲେ । ସେ ସ୍ୱୀକାର କରି ନେଉଥିଲେ ବାସ୍ତବତା ।

କିନ୍ତୁ ଗାନ୍ଧାରୀଙ୍କ ବେଦନା ଓ ଅଭିମାନ ମନେ ହେଲା ତୀବ୍ର । ସ୍ୱାମୀଙ୍କ ପ୍ରତି ସହାନୁଭୂତିଶୀଳା ହୋଇ ସେ ଆପଣା ନୟନବେନି ଆବରିତ ରଖୁଥା'ନ୍ତି । ଗୋଟାଏ ଦୃଷ୍ଟିରୁ ସେ ଥିଲେ ତପସ୍ୱିନୀ । ତାଙ୍କ ଭିତରେ ବିକଶିତ ହୋଇଥାଏ କେତେକ ଅତୀନ୍ଦ୍ରିୟ ଶକ୍ତି । ଯେତେବେଳେ ଯୁଧିଷ୍ଠିର ତାଙ୍କୁ ପ୍ରଣାମ କରି ତାଙ୍କ ପାଦ ଯୁଗଳ ଉପରେ ନିଜର ଦୁଇ କର ଥାପିଥିଲେ, ଗାନ୍ଧାରୀ ତାଙ୍କର ନୟନାବରଣର ନିମ୍ନଦେଶ ଦେଇ ଦେଖି ପକାଇଲେ ଜ୍ୟେଷ୍ଠ ପାଣ୍ଡବଙ୍କର ଆଙ୍ଗୁଳିସବୁ । ତତ୍କ୍ଷଣାତ୍ ଯୁଧିଷ୍ଠିରଙ୍କ କର ନଖାଗ୍ରସମୂହ ବକ୍ର ହୋଇଗଲେ ।

କିଛି ସମୟ ଉତ୍ତାରୁ କୌରବ ନାରୀମାନେ ସେମାନଙ୍କ ପ୍ରିୟ ପରିଜନଙ୍କ ପ୍ରାଣହୀନ କଳେବରମାନ ଠାବ କରିବା ନିମନ୍ତେ ଗଲେ ସମର କ୍ଷେତ୍ରକୁ । ଯେଉଁ ପ୍ରାଙ୍ଗଣ ଭୀଷଣ ନିନାଦ, ମର୍ମନ୍ତୁଦ ଆର୍ତ୍ତନାଦ, ଅଶ୍ୱମାନଙ୍କ ହ୍ରେଷାରବ ଏବଂ ନାନାଦି ଅସ୍ତ୍ରଶସ୍ତ୍ର ନିର୍ଗତ ଶବ୍ଦଯୋଗେ ପ୍ରକମ୍ପିତ ଥିଲା ଅଠର ଦିନ ବ୍ୟାପୀ, ବର୍ତ୍ତମାନ ତାହା ଥିଲା ନିସ୍ତବ୍ଧ । କେବଳ ଶ୍ୱାନଶୃଗାଳ ଓ ଶକୁନିମାନଙ୍କ ହର୍ଷ ବା କଳହଜନିତ ଧ୍ୱନି ମଧ୍ୟେ ମଧ୍ୟେ ବାତାବରଣରେ ଖେଳାଇ ଦେଉଥାଏ ବିମର୍ଷତାର ସ୍ପନ୍ଦନ ।

କୌରବ ପତ୍ନୀମାନେ ନିଜ ନିଜ ସ୍ୱାମୀଗଣଙ୍କର ଓ ମାତାମାନେ ସେମାନଙ୍କ ପୁତ୍ରଗଣଙ୍କର କଳେବର ଉପରେ ଅଶ୍ରୁପାତ କରୁଥା'ନ୍ତି । ରକ୍ତ ସହ ମିଶି ଯାଉଥାଏ ସେମାନଙ୍କ ଲୁହ । ଗାନ୍ଧାରୀ ମଧ ଆସିଥା'ନ୍ତି । କିନ୍ତୁ ସେ କ୍ଷେତ୍ର ଅଭ୍ୟନ୍ତରକୁ ନଯାଇ ମଧ ତାଙ୍କ ଅତୀନ୍ଦ୍ରିୟ ଶକ୍ତି ଯୋଗେ ସମସ୍ତ ଦୃଶ୍ୟ ଦେଖି ପାରୁଥା'ନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ତାହା ଶୁଣାଉଥା'ନ୍ତି ମଧ । ପରେ ପରେ ବେଦନାପୂର୍ଣ୍ଣ ତୀବ୍ର କଣ୍ଠରେ ସେ କହିଲେ, ''କୃଷ୍ଣ ! ମୁଁ ଜାଣେ, ଘଟଣାସ୍ରୋତକୁ ଏ ବିୟୋଗାନ୍ତକ ପରିଣତି ଏଡ଼ାଇ ଭିନ୍ନ ମୋଡ଼ ଦେବାର ଶକ୍ତି ଏକମାତ୍ର ତୁମର ଥିଲା । ତୁମେ ଯଦି ସେ ଶକ୍ତି ପ୍ରୟୋଗ କରିଥା'ନ୍ତ, ତେବେ ମୁଁ ମୋ ଶତପୁତ୍ରଙ୍କୁ ହରାଇ ନଥା'ନ୍ତି । ତୁମେ ଅଭିଶାପ ପାଇବା ଉଚିତ ।''

କୃଷ୍ଣ ନୀରବ ରହିଲେ ।

ମୁହୂର୍ତ୍ତଟିଏ ପରେ ଗାନ୍ଧାରୀ ପୁଣି କହିଲେ, ''ମୁଁ ତୁମକୁ ଦେଉଛି ଏହି ଅଭିଶାପ : ଆଜିଠାରୁ ଛତିଶ ବର୍ଷ ପରେ ତୁମର

ସମସ୍ତ ସନ୍ତାନ ଓ ଜ୍ଞାତି ହେବେ ଦୁଃଖାବହ ପରିସ୍ଥିତିରେ ନିହତ, ଯେହେତୁ ତୁମେ ମୋ ସନ୍ତାନ ଓ ଜ୍ଞାତିବର୍ଗଙ୍କର ଦୁଃଖାବହ ବିନାଶ ରୋକିଲ ନାହିଁ । ଅପ୍ରତ୍ୟାଶିତ ପରିସ୍ଥିତିରେ ତୁମ ବଂଶ ହେବ ବିଧ୍ୱସ୍ତ; ଏବଂ ଆହୁରି ମଧ ଜାଣି ରଖ, ତୁମେ ସ୍ୱୟଂ ଏ ଅଭିଶାପର ପ୍ରଭାବରୁ ମୁକ୍ତ ରହିପାରିବ ନାହିଁ । ଦୟନୀୟ ଭାବରେ ହେବ ତୁମର ପରଲୋକ !''

ପାଖରେ ଥିବା ସମସ୍ତ ଶ୍ରୋତାଙ୍କ ହୃଦୟରେ ଆତଙ୍କ ଉପୁଜାଇ ରାଣୀ ଗାନ୍ଧାରୀ ଚୁପ୍ ହେଲେ । କ୍ଷୀଣ, ରହସ୍ୟମୟ ସ୍ମିତହସ ଖେଳିଗଲା ଶ୍ରୀକୃଷ୍ଣଙ୍କ ମୁହଁରେ । ଯାବତୀୟ ଭବିଷ୍ୟ ଥିଲା ତାଙ୍କ ଦୂରଦୃଷ୍ଟିର ଅନ୍ତର୍ଭୁକ୍ତ ।

(କ୍ରମଶଃ)

❑❑❑

# ତବ ପଥେ ନିଅ ଚଳାଇ

## ଶରତ କୁମାରୀ ସ୍ୱାଇଁ

ଶିଶିରେ ଶିଶିରେ ଝରୁଛି କରୁଣା
ଭିଜାଇ ଆକାଶ ଅୟନ,
ମରତ ମାଟିରେ ସରଗ ସୁଷମା
ଜଗାଉଛି ଦିବ୍ୟ ସ୍ପନ୍ଦନ ।

କୁହୁଡ଼ି ଢଙ୍କାଏ ଶାଗୁଆ ଘାସର
ନରମ କଅଁଳ ଜୀବନ,
ରୋମାଞ୍ଚିତ ହୁଏ ଶୁଣୁ ଶୁଣୁ କା'ର
ପାଦର ନୂପୁର ନିକ୍ୱଣ ।



ସଜ ଶେଫାଳିର ଭୁରୁ ଭୁରୁ ବାସେ
ନୂଆ ବରଷ ଯେ ଆସୁଛି,
ସୁନା ସୋରିଷିଆ ଖରାର ଉହାଡୁ
ମୋତିଝରା ହସ ହସୁଛି ।

ନବ ପ୍ରଭାତର ଏ ଶୁଭ ଲଗନେ
ଆସ୍ପୃହା ପ୍ରଦୀପ ଜଳାଇ,
ହେ ଦିବ୍ୟଜନନି ! ଚରଣ କମଳେ
ବିନମ୍ର ପ୍ରଣତି ଢାଳଇ ।

ମନ ଗହନର ଅନ୍ଧାରି ମୂଲକେ
ଜ୍ଞାନର ଆଲୋକ ଖେଳାଇ,
ପ୍ରବଞ୍ଚନାହୀନ ଅଖଣ୍ଡ ବିଶ୍ୱାସେ
ତବ ପଥେ ନିଅ ଚଳାଇ । ❑

# ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର

## ପ୍ରପତ୍ତି

ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ କର୍ମଧାରା ମୁଖ୍ୟତଃ ତିନୋଟି ସ୍ତରରେ ଚାଲିଛି । କିନ୍ତୁ ଏଗୁଡ଼ିକ ପରସ୍ପର ଘନିଷ୍ଠଭାବେ ସମ୍ବନ୍ଧିତ । ଏପରିକି ଗୋଟିଏ ଧାରାକୁ ଅନ୍ୟଠାରୁ ପୃଥକ୍ କରି ହେବ ନାହିଁ । ଏହା ମଧ୍ୟ କୁହାଯାଇପାରେ ଯେ ଏହି ତିନୋଟି ଧାରା ଏକହିଁ କ୍ରିୟାର ତିନୋଟି ସ୍ତର, ତିନୋଟି ପର୍ଯ୍ୟାୟ । ପ୍ରଥମ : ଶ୍ରୀଅରବିନ୍ଦ ପାଠଚକ୍ର, ଦ୍ୱିତୀୟ : ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତୃତୀୟ : ସାଧନାକେନ୍ଦ୍ର । ପ୍ରାୟ ଆଜିକୁ କୋଡ଼ିଏ ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ଓଡ଼ିଶାରେ ଆରମ୍ଭ ହେଲା । ଏହି ପାଠଚକ୍ର ଶହ ଶହ ସଂଖ୍ୟାରେ ସହର, ମଫସଲ, ଗାଁ-ଗହଳରେ ସାମାଜିକ ଜୀବନର ସକଳ ସ୍ତରରେ ଦ୍ରୁତ ବେଗରେ ଗଢ଼ି ଉଠିଲା । ୧୯୭୦ ମସିହା ବେଳକୁ ଦେଖାଗଲା ପ୍ରାୟ ତିନି ହଜାର ପାଠଚକ୍ର ଓଡ଼ିଶାରେ କାର୍ଯ୍ୟ କରୁଛି । ଶ୍ରୀଅରବିନ୍ଦ ମହିଳା ସମିତି, ଶ୍ରୀଅରବିନ୍ଦ ଛାତ୍ରସମାଜ, ଶ୍ରୀଅରବିନ୍ଦ ଯୁବକେନ୍ଦ୍ର ପ୍ରଭୃତି ଏହି ପାଠଚକ୍ରର ଅନ୍ତର୍ଭୁକ୍ତ । ଏହି ପାଠଚକ୍ର ବା ମହିଳା ସମିତି ବା ଯୁବକେନ୍ଦ୍ର ଗଠନ ଆପେ ଆପେ, ସ୍ୱତଃସ୍ଫୂର୍ତ୍ତ ଭାବରେ ଅଜ୍ଞାତସାରରେ, ସ୍ୱ-ନିୟନ୍ତ୍ରିତ ହୋଇ ବିକାଶ ପଥରେ ଆଗେଇ ଗଲା । ମନେ ହେଲା ଯେପରି କୌଣସି ଏକ ଅଦୃଶ୍ୟ ଶକ୍ତିର କ୍ରିୟାରେ ଏହିସବୁ କାର୍ଯ୍ୟକ୍ରମ ବଢ଼ି ଚାଲିଛି । ଏହା ସଙ୍ଗେ ସଙ୍ଗେ ଓଡ଼ିଶା ବାସୀଙ୍କର ସମ୍ପର୍କ ଶ୍ରୀଅରବିନ୍ଦ ଆଶ୍ରମ ସହିତ ଗଭୀରତର ତଥା ଦୃଢ଼ତର ହେଲା । ଶ୍ରୀଅରବିନ୍ଦଙ୍କ ଭାବଧାରା କ୍ରମଶଃ ଜନମାନସରେ ପରିପୁଷ୍ଟ ହେବାକୁ ଲାଗିଲା । ୧୯୭୦ ମସିହାରେ କେତେକ ଉତ୍ସାହୀ ବନ୍ଧୁଙ୍କ ମନରେ ଆସ୍ପୃହା ଜାଗିଲା ଯେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଆଶ୍ରୟ କରି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କରାଯାଉ । ଶ୍ରୀମାଙ୍କ ଅନୁମୋଦନକ୍ରମେ ଏହି କାର୍ଯ୍ୟକ୍ରମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ବାସ୍ତବ ରୂପ ଗ୍ରହଣ କଲା । ୧୯୭୦ ଜୁଲାଇ ପନ୍ଦର ତାରିଖରେ ଭୁବନେଶ୍ୱରରେ 'ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର' ଉଦ୍‌ଘାଟିତ ହେଲା । ଶ୍ରୀଅରବିନ୍ଦଙ୍କ ଶିକ୍ଷାର ଯୋଜନା ଓ ବିଧିବିଧାନ ସମ୍ପୂର୍ଣ୍ଣ ନୂତନ । ଏହାର ପ୍ରଣାଳୀ ଓ ଧାରା ପ୍ରଚଳିତ ଶିକ୍ଷାଠାରୁ ବହୁତ ଭିନ୍ନ । ଏହି ଶିକ୍ଷାର ଆଦର୍ଶ ଓ ନୀତି ଉପରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଶ୍ରୀଅରବିନ୍ଦ ଆଶ୍ରମରେ ପ୍ରତିଷ୍ଠିତ ହୋଇଛି । ମାତ୍ର ଏହାର ପରିସ୍ଥିତି, ପରିବେଶ ସମ୍ପୂର୍ଣ୍ଣ ଭିନ୍ନ । ସେହିପରି ଏଠାରେ ଥିବା ଶିକ୍ଷକ ଓ ପରିଚାଳକ ଅଧ୍ୟାତ୍ମ-ଦୃଷ୍ଟିସମ୍ପନ୍ନ ସାଧକ । ସ୍ୱୟଂ ଶ୍ରୀମା ଏହି ଶିକ୍ଷାକେନ୍ଦ୍ର ପରିଚାଳନା କରି ସମ୍ପୂର୍ଣ୍ଣ ଟିକିନିଖି ଘଟଣାରେ ନିର୍ଦ୍ଦେଶ ଦେଉଥିଲେ । ଶ୍ରୀମା ସ୍ୱୟଂ ବାଇଶି ବର୍ଷ କାଳ ଆଶ୍ରମ ଶିକ୍ଷାକେନ୍ଦ୍ରର ପ୍ରତ୍ୟେକ ଘଟଣାରେ ନିର୍ଦ୍ଦେଶ ଦେଉଥିଲେ । ନିଜେ ପିଲାଙ୍କ ଖେଳ-କସରତ, ନାଟକାଭିନୟ, ସଙ୍ଗୀତଚର୍ଚ୍ଚା, ନୃତ୍ୟ, ଏପରିକି କ୍ଲାସରେ ପଢ଼ାଇବା, ପ୍ରଶ୍ନପତ୍ର ସଂଶୋଧନ କରିବା ଇତ୍ୟାଦି କାର୍ଯ୍ୟ କରୁଥିଲେ ଯାହା ହୁଏତ ସାଧାରଣ ବ୍ୟକ୍ତି ଧାରଣା କରିପାରିବ ନାହିଁ । ବାହାର ଜଗତରେ ଏପରି ଏକ ଶିକ୍ଷାକେନ୍ଦ୍ର ଚାଲି ପାରିବ – ଏକଥା କେହି ବି ଧାରଣା କରିପାରୁ ନଥିଲେ । ଏପରିକି ଶ୍ରୀଅରବିନ୍ଦଙ୍କ ଶିକ୍ଷା-ଯୋଜନା ବର୍ତ୍ତମାନ ସମାଜରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଅନେକ ବିଜ୍ଞ ବ୍ୟକ୍ତି ମତପୋଷଣ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଶିକ୍ଷାଦର୍ଶକୁ କିଛି ଆଶ୍ରୟ କରି ନୂଆ ଦିଲ୍ଲୀରେ ୧୯୫୬ ମସିହା ବେଳକୁ ଶ୍ରୀ ସୁରେନ୍ଦ୍ର ନାଥ ଜୋହର ଏକ ସ୍କୁଲ ପ୍ରତିଷ୍ଠା କଲେ । ମାତ୍ର ଏହା ଦିଲ୍ଲୀ ସେକେଣ୍ଡାରୀ ବୋର୍ଡର ଶିକ୍ଷା ଯୋଜନାକୁ ପୂରାପୂରି ଗ୍ରହଣ କରିନେଲା । ଏଠାରେ କେବଳ ନାମତଃ ପୂର୍ଣ୍ଣାଙ୍ଗଶିକ୍ଷାର ଧାରା ପ୍ରବର୍ତ୍ତିତ ହେଲା । ଏବେ ଏହି ସ୍କୁଲର ନାମ 'The Mother's International School ।' ଅବଶ୍ୟ ଗତ କେତେ ବର୍ଷ ଭିତରେ ଏହାର ପ୍ରଭୂତ ଉନ୍ନତି ଘଟିଛି ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଧାରା ପୂର୍ବାପେକ୍ଷା ବେଶୀ ବେଶୀ ପ୍ରବର୍ତ୍ତିତ ହେଉଛି । ଭୁବନେଶ୍ୱରରେ ଯେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଗଲା, ତାହାର ଭବିଷ୍ୟତ୍ ସମ୍ବନ୍ଧରେ ଘୋର ସନ୍ଦେହ ରହିଲା । ଏପରି ଶିକ୍ଷାକେନ୍ଦ୍ର ଏକ ଦୁଃସାହସିକ ପଦକ୍ଷେପ ବୋଲି ମନେ ହେଲା । ତଥାପି ଶିକ୍ଷକ-

---

ବି. ଦ୍ର. ଚଳିତ ବର୍ଷ (୨୦୨୦) ଓଡ଼ିଶାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉଛି । ଏହି ପ୍ରବନ୍ଧ ମାଧ୍ୟମରେ ପାଠକ/ପାଠିକାମାନେ ତା'ର ପ୍ରାରମ୍ଭ ଓ ପ୍ରସାର ସମ୍ପର୍କରେ କିଛି ସୂଚନା ପାଇ ପାରିବେ ବୋଲି ଆଶା କରୁଛୁ ।

ଶିକ୍ଷୟିତ୍ରୀମାନେ ମା'ଙ୍କ ଉପରେ ଗଭୀର ବିଶ୍ୱାସ ଓ ଆସ୍ଥା ରଖି କାର୍ଯ୍ୟ କରି ଚାଲିଲେ ଏବଂ କ୍ରମଶଃ ପୂର୍ଣ୍ଣାଙ୍ଗ ଶିକ୍ଷାର ଧାରା ବାହାର ଜଗତକୁ ଅନୁପ୍ରବେଶ କଲା ବୋଲି କହିଲେ ହେବ । ତାହାପରେ ୧୯୭୩ ମସିହା ଫେବ୍ରୁଆରୀ ୨୧ ତାରିଖରେ ଶ୍ରୀମାଙ୍କ ପ୍ରଦତ୍ତ ନାମରେ 'Sri Aurobindo's Rourkela School' ବୋଲି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରାଉରକେଲାରେ ଆରମ୍ଭ ହେଲା; ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ନାନା ବାଧାବିଘ୍ନ ଦେଇ ଗତି କରିବାକୁ ହେଲା ଏବଂ ଏବେ ବି ହେଉଛି । ଏହାପରେ ୧୯୭୪ ମସିହାରେ ଆଚାର୍ଯ୍ୟ ବିହାର, ଗୋପୀନାଥପୁର, କଟକର ମାତୃଭବନ ପ୍ରଭୃତି ସ୍ଥାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନ ଆରମ୍ଭ ହେଲା । ସେହିପରି ତା'ପର ବର୍ଷ ସମ୍ବଲପୁର ଓ ବ୍ରହ୍ମପୁରରେ ଏପରି ଶିକ୍ଷାକେନ୍ଦ୍ର ଗଢ଼ି ଉଠିଲା । ଦେଖାଗଲା ଯେ ୧୯୭୫ ବେଳକୁ ଆଠୋଟି ଶିକ୍ଷାକେନ୍ଦ୍ର ଖୋଲିଯାଇଛି ଏବଂ ବର୍ତ୍ତମାନ ଏହାର ସଂଖ୍ୟା ବାଇଶିରେ ପହଞ୍ଚିଲାଣି । ଏସବୁର ତାଲିକା ଏହି ପତ୍ରିକା(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର; ନଭେମ୍ବର, ୧୯୭୯)ରେ ଅନ୍ୟତ୍ର ଦେଖିବାକୁ ମିଳିବ । କେତେକ ଶିକ୍ଷାକେନ୍ଦ୍ର ପ୍ରସ୍ତାବ ଆକାରରେ ରହିଛି, ଆଉ ବି ଏପରି ଶିକ୍ଷାକେନ୍ଦ୍ର ଖୋଲିବା ପାଇଁ ଅନେକେ ଅନୁମତି ଚାହୁଁଛନ୍ତି ।

ଏସବୁକୁ ଲକ୍ଷ୍ୟ କଲେ ବୁଝାଯିବ ଯେ ଅଳ୍ପଦିନ ଭିତରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିକୋଣ ଜନସାଧାରଣଙ୍କ ଚିତ୍ତକୁ ଆକର୍ଷଣ କରୁଛି । ଏହାର ପ୍ରଧାନ କାରଣ ହେଲା ପାଠଚକ୍ର । ଶହ ଶହ ସଂଖ୍ୟାରେ ପାଠଚକ୍ର ପ୍ରତିଷ୍ଠା ପରେ ପରେ ଶ୍ରୀଅରବିନ୍ଦଙ୍କ ବାଣୀ ଓ କର୍ମଧାରା ଜନସାଧାରଣଙ୍କ ହୃଦୟକୁ କିଛି କିଛି ସ୍ପର୍ଶ କରିଛି । ଯେପରି ପାଠଚକ୍ରଗୁଡ଼ିକ ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ି ଉଠିଲା, ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆପେ ଆପେ ଗଢ଼ି ଉଠୁଛି । ଏଥିପାଇଁ ଆମେ କୌଣସି ନିର୍ଦ୍ଦେଶ ବା ଉପଦେଶ ଦେଇ ନାହୁଁ । ପାଠଚକ୍ର ଆନ୍ଦୋଳନର ସ୍ୱାଭାବିକ ପରିଣାମ ହେଲା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ପାଠଚକ୍ର ପୃଷ୍ଠଭୂମିରେ ଏହି ଶିକ୍ଷାକେନ୍ଦ୍ରଗୁଡ଼ିକ ଫୁଟି ଉଠୁଛି । ସାମାଜିକ ସ୍ତରରେ ପ୍ରଚଳିତ ଶିକ୍ଷାରେ ଲୋକେ ବୀତସ୍ପୃହ ହୋଇଛନ୍ତି । ଛାତ୍ରମାନେ ବି ଏଥିରେ ସନ୍ତୁଷ୍ଟ ନୁହଁନ୍ତି । ଅଧ୍ୟାପକ ଓ ଅଭିଭାବକ କେହି ବି ପ୍ରଚଳିତ ଶିକ୍ଷାକୁ ସମ୍ମାନ ଦେବାକୁ ଚାହାଁନ୍ତି ନାହିଁ । କିନ୍ତୁ ଏହା ପରିବର୍ତ୍ତେ କେଉଁ ନୂତନ ଶିକ୍ଷା ପ୍ରଚଳନ କରାଯିବ ତାହା ଠିକ୍ ହୋଇପାରୁ ନାହିଁ । ଏ କ୍ଷେତ୍ରରେ ଯେତେ ପ୍ରକାର ନୂଆ ନୂଆ ଯୋଜନା ପ୍ରକାଶ ପାଉଛି ସେସବୁ ସେହି ଚର୍ବିତ-ଚର୍ବଣ, ନିରର୍ଥକ ଓ ମୂଲ୍ୟହୀନ ।

ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତି ଓଡ଼ିଶାରେ ଯେଉଁ ଆଗ୍ରହ ଦେଖା ଯାଉଛି ତାହାର ମୂଳତଃ ଦୁଇଟି କାରଣ ଅଛି । ପ୍ରଥମତଃ, ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ଗଭୀର ଅଧ୍ୟାତ୍ମ-ଦର୍ଶନ ଓ ପୂର୍ଣ୍ଣାଙ୍ଗ ଜୀବନଦୃଷ୍ଟି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହା ଭାରତୀୟ ପ୍ରାଣର ଗଭୀର ତନ୍ତ୍ରୀଗୁଡ଼ିକୁ ସ୍ପର୍ଶ କରୁଛି । ଭାରତୀୟତା ଓ ଭାରତୀୟ ସଂସ୍କୃତିର ମୂଳ ସତ୍ୟ ହେଲା ଏକ ଅଧ୍ୟାତ୍ମ-ଆଲୋକ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଏହା ଭାରତୀୟ ଜନମାନସକୁ ଆକର୍ଷଣ କରିବ ଏଥିରେ ସନ୍ଦେହ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଏହି ସତ୍ୟଟି ପୂର୍ଣ୍ଣ ପରିମାଣରେ ରୂପ ପାଇବାରୁ ବ୍ୟକ୍ତି ଏଥି ପ୍ରତି ଆକୃଷ୍ଟ ହେଉଛନ୍ତି । ଦ୍ୱିତୀୟତଃ, ଏହି ଶିକ୍ଷା ଭବିଷ୍ୟମୁଖୀ । ଆଗାମୀ କାଳରେ ମନୁଷ୍ୟ-ଜୀବନରେ ଓ କର୍ମରେ ଯେଉଁ ମହାନ୍ ସତ୍ୟ ପ୍ରକାଶିତ ହେବ, ପୂର୍ଣ୍ଣାଙ୍ଗ ଶିକ୍ଷାରେ ସେହି ସତ୍ୟ ନିହିତ ଅଛି । ଏହି ଶିକ୍ଷାର ଏକ ନିଜସ୍ୱ ସାମର୍ଥ୍ୟ, ଶକ୍ତି ଓ ବଳ ରହିଛି । ଏହା ଜୀବନକୁ ଏପରି ଭାବରେ ଗଢ଼ିତୋଳେ ଯଦ୍ୱାରା ଏହା ଆଗାମୀ କାଳର ଆହ୍ୱାନର ଜବାବ ଦେଇପାରିବ ଏବଂ ସମ୍ମୁଖୀନ ହୋଇ ପାରିବ । ଯଥାର୍ଥରେ କହିବାକୁ ଗଲେ ଶିକ୍ଷା ହେଲା ଏକ ପ୍ରସ୍ତୁତି ଯାହା ଜୀବନରେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଶିଶୁକୁ ପ୍ରସ୍ତୁତ କରେ । ଯେଉଁ ଶିକ୍ଷା ଏହି ଆହ୍ୱାନର ସମ୍ମୁଖୀନ ହୋଇ ପାରେ ନାହିଁ, ତାହା ନିଷ୍ଫଳ, ମୂଲ୍ୟହୀନ; ତାହା ମନୁଷ୍ୟ ଜୀବନକୁ ଆଗେଇ ନେବାରେ ସାହାଯ୍ୟ କରେ ନାହିଁ ।

ଅବଶ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଥିବା ଏହି ପରମ ସତ୍ୟର ପ୍ରଭାବ ଅଜ୍ଞାତଭାବେ ଶିଶୁ, ଶିକ୍ଷକ, ଅଭିଭାବକଙ୍କୁ ପ୍ରଭାବିତ କରେ । ପ୍ରତ୍ୟେକ ହୃଦୟ ଓ ପ୍ରାଣରେ କ୍ରମଶଃ ଏକ ସଚେତନତା ବୃଦ୍ଧି ଲାଭ କରେ । ଏତଦ୍ ବ୍ୟତୀତ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଯେଉଁ ପୂର୍ଣ୍ଣାଙ୍ଗ ମନୁଷ୍ୟର ପରିକଳ୍ପନା ରହିଛି ତାହା ମଧ୍ୟ କମ୍ ଆକର୍ଷଣୀୟ ନୁହେଁ । ବାସ୍ତବ କ୍ଷେତ୍ରରେ ଶିକ୍ଷକ, ଛାତ୍ର, ଅଭିଭାବକ, ସମାଜ ଓ ରାଷ୍ଟ୍ର ସହିତ ଯେଉଁ ପୃଥକତ୍ୱବୋଧ ଥାଏ, ତାହା ଏହି ଶିକ୍ଷା ବଳରେ ଧୀରେ ଧୀରେ କମିଯାଏ ଏବଂ ଏକ ନୂତନ ସମାଜର ଉଦ୍ଭବ ହୁଏ । ଅବଶ୍ୟ ଆମ୍ଭେମାନେ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଛୁ ତାହା ଏପରି ଫଳପ୍ରସୂ ହୋଇ ନାହିଁ, କାରଣ ବାସ୍ତବତାର କ୍ଷେତ୍ରରେ ସତ୍ୟର କାର୍ଯ୍ୟକାରିତା ବ୍ୟକ୍ତିର ସ୍ୱଭାବ ଓ ପରିବେଶ ଉପରେ ନିର୍ଭର

କରେ । ବ୍ୟକ୍ତିର ସ୍ୱଭାବ ଓ ପରିବେଶ ଯେତେ ଯେତେ ଶୁଦ୍ଧ ହୁଏ, ପ୍ରସ୍ତୁତ ହୁଏ, ସେତେ ପରିମାଣରେ ଏହା ଫଳପ୍ରଦ ଓ ଉପଯୋଗୀ ହୋଇଉଠେ । ଯେପରି ଆଲୋକ ବିଚ୍ଛୁରଣ ଚାଲିଛି, କିନ୍ତୁ ପ୍ରତ୍ୟେକ ସ୍ଥାନ ସମାନଭାବେ ଆଲୋକିତ ନୁହେଁ । ଏହିସବୁ କାରଣରୁ ପୂର୍ଣ୍ଣାଙ୍ଗ ଶିକ୍ଷା ଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ଲକ୍ଷ୍ୟ ମଧ୍ୟରୁ ଆପେ ଆପେ ଉତ୍ସାରିତ ହୋଇଯାଉଛି । ସମଗ୍ର ଦେଶରେ ଯଦି ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରଚାରିତ ହୁଏ ଏବଂ ତାଙ୍କ ଆଦର୍ଶ ଓ ଲକ୍ଷ୍ୟକୁ ଭାରତୀୟ ରାଷ୍ଟ୍ର ଗ୍ରହଣ କରେ ତେବେ ଏ ଶିକ୍ଷା ନିଶ୍ଚୟ ପ୍ରବର୍ତ୍ତିତ ହେବ । ବରଫ ଖଣ୍ଡ ମଧ୍ୟରୁ ନିର୍ଝରିଣୀ ଯେପରି ପ୍ରବାହିତ ହୁଏ, ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ-ଦୃଷ୍ଟି ଓ ସତ୍ୟ ମଧ୍ୟରୁ ପୂର୍ଣ୍ଣାଙ୍ଗ ଶିକ୍ଷା ସେହିପରି ଉତ୍ସାରିତ ହୁଏ । ଶ୍ରୀଅରବିନ୍ଦଙ୍କ ସାଧନା ଓ ସିଦ୍ଧି ଯେପରି ମହାନ୍ କଳ୍ପଦ୍ରୁମ ଏବଂ ଏହା ମଧ୍ୟରୁ ଶିକ୍ଷା, ସମାଜ, ସାହିତ୍ୟ, କଳା, ରାଜନୀତି, ସମାଜନୀତି ଓ ନବୀନ ରାଷ୍ଟ୍ର ତଥା ନୂତନ ବୃହତ୍ତର ମାନବଗୋଷ୍ଠୀ, ନୂତନ ମାନବଜାତି, ନୂତନ ଜଗତ୍ ଓ ନୂତନ ସୃଷ୍ଟିର ଉଦ୍ଭବ ହେବ । ପୃଥିବୀ ଇତିହାସରେ ଏହା ଏକ ଅଭୂତପୂର୍ବ ଘଟଣା । ପୂର୍ଣ୍ଣାଙ୍ଗ ଶିକ୍ଷା ଅନ୍ୟ କିଛି ନୁହେଁ; ଏହାହିଁ ପୂର୍ଣ୍ଣଯୋଗ । ଯୋଗ ହିଁ ଶିକ୍ଷା, ଶିକ୍ଷା ହିଁ ଯୋଗ ।

ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମକୁ ଯେତେ ଦ୍ରୁତତର କରାଯିବ ସେତେ ପରିମାଣରେ ଦେଶର କଲ୍ୟାଣ ସାଧିତ ହେବ ଏବଂ ସମଗ୍ର ମାନବଜାତିର ମଙ୍ଗଳ ହେବ ।

(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର, ୧୯୭୯ - ନଭେମ୍ବର ସଂଖ୍ୟାରୁ ସଂଗୃହୀତ) ❑

## ବିଜ୍ଞାନ କର୍ମଶାଳା

ପଞ୍ଚମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷାଦାନ କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଇଁ ଏକ ପାଞ୍ଚ ଦିନିଆ ପ୍ରାୟୋଗିକ କର୍ମଶାଳା ୬ ଫେବ୍ରୁଆରୀରୁ ୧୦ ଫେବ୍ରୁଆରୀ ୨୦୨୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ, ଗୋପୀନାଥପୁର, ଭାୟା : ବହୁଗ୍ରାମ, ଜି. କଟକ ପିନ୍ : ୭୫୪-୨୦୦ ଠାରେ ଆୟୋଜିତ ହେଉଅଛି ।

ଏହି କର୍ମଶାଳାକୁ Joy of Learning ତରଫରୁ ଶ୍ରୀମତୀ ଅଂଶୁମାଳା ଗୁପ୍ତା, IIT, Kanpur, M.A. in Elementary Education, TISS; ବିକାଶ ସେନି, IIT, Delhi, M.A. in Elementary Education, TISS; ହିତେଶ ଖତୱାନି, B.Sc. in Zoology (Hons.), MBA, ପ୍ରମୁଖ ଶିକ୍ଷାବିତ୍‌ମାନେ ପରିଚାଳନା କରିବେ ।

କର୍ମଶାଳାର ପ୍ରତିନିଧି ଦେୟ ୨୦୦ ଟଙ୍କା ମାତ୍ର ରଖାଯାଇଛି । ଯେଉଁ ବିଜ୍ଞାନ ଶିକ୍ଷକ/ଶିକ୍ଷୟିତ୍ରୀମାନେ (୫ ରୁ ୧୦ ଶ୍ରେଣୀ) ଏହି କର୍ମଶାଳାରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ସେମାନେ ୨୫ ଜାନୁଆରୀ ସୁଦ୍ଧା ଉପରୋକ୍ତ ଠିକଣାରେ କିଂବା ଶ୍ରୀ ବୀରବର ସାହୁ – 9437741555, ମୈତ୍ରୀମୟୀ ଦତ୍ତ – 9439813600 ଙ୍କ ସହିତ ଯୋଗାଯୋଗ କରିପାରନ୍ତି ।

# ଯୋଗାନନ୍ଦ

## (୧୧)

ଅଗଷ୍ଟ ୧୬ ତାରିଖ ପୂର୍ବାହ୍ଣରେ ଦ୍ୱିଧାହୀନ ଭାବରେ ଯୋଗାନନ୍ଦ ଆଶ୍ରମରେ ରହିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ଅନିଲ ବରଣଙ୍କ ନିକଟରୁ ପୁଣି ଥରେ ଅମ୍‌ନିବାସମ୍ ହୋଟେଲକୁ ଫେରି ଆସିଲେ । ଶଙ୍କରରାମ ଆୟାର୍ ତାଙ୍କଠୁ ସବୁ କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ଏହି ୧୬ ତାରିଖ ଅପରାହ୍ଣରେ ଶ୍ରୀମା'ଙ୍କର ଉତ୍ତର ପାଇ ଅନିଲ ବରଣ ଯୋଗାନନ୍ଦଙ୍କ ନିକଟକୁ ଆଶ୍ରମ ଅନ୍ତେବାସୀ ଡାକ୍ତର ଉପେନ୍ଦ୍ରନାଥ ବାନାର୍ଜୀଙ୍କୁ ପଠାଇଲେ । ଏହି ଭାବରେ ଯୋଗାନନ୍ଦ ୧୯୩୨ ଅଗଷ୍ଟ ୧୭ରେ ଶ୍ରୀଅରବିନ୍ଦ ଆଶ୍ରମର ଜଣେ ଅନ୍ତେବାସୀ ହିସାବରେ ଯୋଗଦାନ କଲେ ।

ଅନିଲ ବରଣ ତାଙ୍କୁ ଶ୍ରୀଅରବିନ୍ଦଙ୍କର ଅନ୍ୟ ଏକ ଚିଠି (ଅର୍ଥାତ୍ ୧୬ ତାରିଖର ଅନୁମତି ପତ୍ର)ଟିକୁ ପଢ଼ି ଶୁଣାଇଲେ :

ଅନିଲବରଣ,

ତୁମେ ଯୋଗାନନ୍ଦଙ୍କୁ କହିବ ଯେ ସେ ଏଠାରେ ରହି ପାରନ୍ତି ଏବଂ ଆମେ ଚେଷ୍ଟା କରି ଦେଖିବୁ ଯେ ସେ ଯେପରି ଏହି ବାତାବରଣ ଓ ଆଶ୍ରମ-ଜୀବନ ଧାରାରେ ଏବଂ ଏହି ଯୋଗପଥରେ ନିଜକୁ ଖାପଖୁଆଇ ଚଳି ପାରନ୍ତି ।

— ଶ୍ରୀଅରବିନ୍ଦ

ଏବେ ଯୋଗାନନ୍ଦଙ୍କ ନିଜସ୍ୱ ଉକ୍ତିରୁ : ''ସେତେବେଳେ 'ବୋଧି ହାଉସ୍' ନାମରେ ସମୁଦ୍ରକୂଳ ରାସ୍ତା ଉପରେ ଆଶ୍ରମର ଏକ ଭଡ଼ାଘର ଥିଲା । ସେହି ଘରର ଉପର ମହଲାରେ ଗୋଟିଏ ବଖରା ମୋତେ ଦିଆଗଲା । ଏବଂ ମୋର ରହିବାର ଠିକ୍ ପରଦିନ ମୋର ପାଖ ବଖରାରେ ରହିବାକୁ ଆସିଲେ ଶ୍ରୀଯୁକ୍ତ ଶଙ୍କରରାମ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି; କି ଅପୂର୍ବ ଯୋଗାଯୋଗ । ତାଙ୍କଠୁ ସବୁ କଥା ଶୁଣିଲି — ସେ ଯଦିଓ ଇତିପୂର୍ବରୁ ଥରେ, ଦୁଇ ଥର ଆଶ୍ରମକୁ ଆସିଥିଲେ, ତଥାପି ଏଇଥର ସେ ଆଶ୍ରମ-ଜୀବନ ଗ୍ରହଣ କରିବାର ଶୁଭ ସଂକଳ୍ପ ନେଇ ଆସିଥିଲେ ଏବଂ ଶ୍ରୀମା'ଙ୍କୁ ତାହା ଜଣାଇ ଅନୁମତି ପ୍ରାର୍ଥନା କରିଥିଲେ । ସେ ଏସବୁ କଥା ମୋତେ ପୂର୍ବରୁ କିଛି ବି କହି ନଥିଲେ । ତେଣୁ ଆଶ୍ଚର୍ଯ୍ୟଜନକ ଭାବରେ ଏଇ ପୁନର୍ମିଳନ ଘଟିଥିଲା । ଦୁଇ ଜଣ ସମାନ ଦିନରେ ହିଁ ଆଶ୍ରମର ଅନ୍ତେବାସୀ ହିସାବରେ ପ୍ରବେଶ କଲୁ ।

''ଉପର ମହଲାର ବାଲ୍‌କୋନିରେ ବସିଲେ ସାମନାରେ ଥାଏ ସମୁଦ୍ରକୂଳର ପ୍ରଶସ୍ତ ରାସ୍ତା, ତା'ପରେ ଅନନ୍ତ ନୀଳ ସମୁଦ୍ର । ଅତ୍ୟନ୍ତ ଚମତ୍କାର ଦୃଶ୍ୟ । ସମୁଦ୍ର ତୀରର ରାସ୍ତା ଧରି ଆଶ୍ରମକୁ ନିତି ଯାତାୟତ କରୁଥାଏ । ଏକଦା ଦେଖିଥିଲି ହିମାଳୟର ଗଭୀର ସ୍ତବ୍‌ଧତା ଓ ଆକାଶଚୁମ୍ୱୀ ତୁଷାରାବୃତ ଶୃଙ୍ଗ । ଆଉ ଏଠାରେ ନିତି ଦେଖୁଛି ଅତଳସ୍ପର୍ଶୀ ମହାସମୁଦ୍ରର ଅନନ୍ତ ବିସ୍ତାର । ଆଉ ଏହି ସମୁଦ୍ରତୀରରେ ସମଗ୍ର ଧରଣୀର ରୂପାନ୍ତର ସାଧନାରେ ଧ୍ୟାନ ସମାହିତ ମହାଯୋଗୀ ଶ୍ରୀଅରବିନ୍ଦ । ଏଠାରେ ସବୁକିଛି ଯେପରି ଅନନ୍ତ ଶାଶ୍ୱତ ମହିମାର ପ୍ରମୂର୍ତ୍ତ ପ୍ରକାଶ । ପରେ ବୁଝିଲି ଶ୍ରୀଗୁରୁଦେବ ବ୍ରହ୍ମଚାରୀ ବାବା ଯେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଆଦେଶବାଣୀ ପାଇଥିଲେ — 'ସମୁଦ୍ରତୀରକୁ ଯାଇ ଜଣେ ବଡ଼ ଲୋକଙ୍କ ସହ ସାକ୍ଷାତ୍ କରିବାକୁ ହେବ ।'— ଏହି ବାଣୀର ସାର୍ଥକତା ଥିଲା ଏଇଠାରେ, ସମୁଦ୍ରତୀରରେ ଶ୍ରୀଅରବିନ୍ଦଙ୍କ ନିକଟରେ ।''

ଆଶ୍ରମରେ ରହିବାର ଦୁଇ ଦିନ ପରେହିଁ ଯୋଗାନନ୍ଦ ଆଶ୍ରମର ବି.ଏସ୍. ('ବିଲ୍‌ଡିଂ ସର୍ଭିସ୍') ବିଭାଗରେ ଶ୍ରୀଯୁକ୍ତ କ୍ଷୀରୋଦ ବାବୁଙ୍କ ତତ୍ତ୍ୱାବଧାନରେ କର୍ମୀ ତଦାରଖ କରିବାର କାମ ପାଇଲେ । (କ୍ଷୀରୋଦ ବାବୁଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ ଥିଲା 'Born worker', 'ଆଜନ୍ମ କର୍ମୀ') । କର୍ମକ୍ଷେତ୍ରରେ ସକାଳ ସାଢ଼େ ସାତଟାରୁ ମଧ୍ୟାହ୍ନ ବାରଟା ପର୍ଯ୍ୟନ୍ତ ଏବଂ ଅପରାହ୍ଣ ସାଢ଼େ ଗୋଟାଏରୁ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ କାମ କରିବାକୁ ହେଉଥାଏ । ସେତେବେଳେ ସକାଳ ସାତଟାରେ ଶ୍ରୀମା ମେଡ଼ିଟେସନ୍ ହଲ୍‌ରେ ଆସି ବସୁଥିଲେ ଏବଂ କିଛି ସମୟ ଅନ୍ତେବାସୀଙ୍କ ଉପସ୍ଥିତିରେ ଧ୍ୟାନସ୍ଥ ରହୁଥିଲେ । ଧ୍ୟାନ ପରେ ଜଣକ ପରେ ଜଣେ ସାଧକ ତାଙ୍କ ପଦସ୍ପର୍ଶ କରି ପ୍ରଣାମ କରୁଥିଲେ । ପ୍ରଣାମ ସମୟରେ ଶ୍ରୀମା ପ୍ରତ୍ୟେକଙ୍କର ମସ୍ତକ ସ୍ପର୍ଶ କରି ଆଶୀର୍ବାଦ ଦେଉଥିଲେ ଏବଂ ଫୁଲଟିଏ ତାଙ୍କ ହାତରେ ଧରାଇ ଦେଉଥିଲେ । ଯୋଗାନନ୍ଦ ଶ୍ରୀମା'ଙ୍କର ଆଶୀର୍ବାଦ ଓ ପୁଷ୍ପପ୍ରସାଦ ନେଇ ସାଢ଼େ ସାତଟାରେ କର୍ମକ୍ଷେତ୍ରରେ ପହଞ୍ଚୁ ଥିଲେ ।

ବି. ଏସ୍.ରେ କାମ କରୁ କରୁ ତାଙ୍କର ହାରାଧନ-

ଦା'ଙ୍କ ସହିତ ପରିଚୟ ହେଲା । ସେତେବେଳେ ସେ ଜାଣିବାକୁ ପାଇଲେ ଯେ ହାରାଧନ-ଦା ମଧ୍ୟ 'ବୋଧି ହାଉସ୍'ର ତଳ ମହଲାରେ ରହନ୍ତି; ଏକ ସ୍ଥାନରେ ରହିବା ଓ ସେଇ ସ୍ଥାନରେ କର୍ମକ୍ଷେତ୍ର । ତାଙ୍କ ସହିତ ଯୋଗାନନ୍ଦଙ୍କର ଘନିଷ୍ଠତା ବଢ଼ିଲା । ରହିବା ଘର ସାମନା ଅଗଣାରେ ଛୋଟ ବଗିଚାଟିଏ ଥିଲା । ଯୋଗାନନ୍ଦ ପ୍ରତ୍ୟହ ବଡ଼ିଭୋରରୁ ସ୍ନାନାଦି ନିତ୍ୟକର୍ମ ସାରିବା ପୂର୍ବରୁ ବଗିଚାରେ ଥିବା ଗଛପତ୍ରରେ ପାଣି ଦେଉଥିଲେ । ଆଉ ହାରାଧନ-ଦା ପ୍ରତ୍ୟହ ସେହି ଛୋଟ ବଗିଚାରୁ ଶ୍ରୀମା'ଙ୍କ ସକାଶେ ଫୁଲ, ଫଳ, ଶାକସବଜି କିଛି ପଠାଇ ଦେଉଥିଲେ । ଗୋଟିଏ ଅମୃତଭଣ୍ଡା ଗଛରେ ବଡ଼ ବଡ଼ ଅମୃତଭଣ୍ଡା ଫଳୁଥିଲା, ଶ୍ରୀମା ସେସବୁକୁ ଦେଖି ଖୁବ୍ ଖୁସୀ ହେଉଥିଲେ ।

ଦିନ ବାରଟା ବାଜିଲେ କାମଦାମ ବନ୍ଦ ହୁଏ — ଭୋଜନ ଓ ବିଶ୍ରାମ ସକାଶେ । ସେତେବେଳେ ସମସ୍ତ ଅନ୍ତେବାସୀ ଆଶ୍ରମ ଭିତରେ ଥିବା ଭୋଜନାଳୟରେ ଭୋଜନ କରୁଥିଲେ । (ଏବେ ଯେଉଁଠି 'କୋଲ୍ଡ୍ ରୁମ୍' ରହିଛି ।) ଯୋଗାନନ୍ଦଙ୍କ ଘର ଦୂରରେ ଥିବାରୁ ଭୋଜନ ପରେ ସେଠାକୁ ଯାଇ ବିଶ୍ରାମ ନେଇ ପୁଣି ଆସି କାମରେ ଯୋଗ ଦେବା ସମ୍ଭବ ନଥିଲା । ତେଣୁ ସେ ଭୋଜନ ପରେ ବାଲ୍‌କୋନି ତଳେ ଛିଡ଼ା ହୋଇ ରହୁଥିଲେ । ଦେଢ଼ଟା ବାଜିଲେ କର୍ମକ୍ଷେତ୍ରକୁ ଯାଉଥିଲେ । ପ୍ରାୟ ଦୁଇ ମାସ ଏପରି ବିତିଯିବା ପରେ ସେ କ୍ଲାନ୍ତ, ଅବଶ ବୋଧ କରିବାକୁ ଲାଗିଲେ । କାମରେ ମଧ୍ୟ ଧୀରେ ଧୀରେ ବିରକ୍ତିବୋଧ ଆସିବାକୁ ଲାଗିଲା । ତାଙ୍କ ପାଇଁ କାମ ତ କିଛି କଷ୍ଟ ନଥିଲା — ଖାଲି ବସି ବସି ଲୋକମାନଙ୍କର କାମ ତଦାରଖ କରିବା କଥା — ତେଣୁ ଅନେକ ସମୟରେ ତାଙ୍କର ତନ୍ଦ୍ରାଭାବ ଉଦ୍ରେକ ହେଉଥିଲା । ଜୀବନରେ ନିଜେ କେବେ ବି କୌଣସି ବିଶେଷ କାର୍ଯ୍ୟ ଶିଖିବାର ବା କରିବାର ସୁଯୋଗ ସେ ପାଇ ନଥିଲେ । ଅଳ୍ପ ବୟସରୁ ସନ୍ନ୍ୟାସ ଜୀବନ । ତେଣୁ ଆଶ୍ରମରେ ପ୍ରଦତ୍ତ କର୍ମ କରିବାରେ ଅନଭ୍ୟସ୍ତ । ଏଠାକାର ସବୁକିଛି ତାଙ୍କ ସକାଶେ ଏକେବାରେ ନୂତନ । ପୁନଶ୍ଚ ଶ୍ରୀଅରବିନ୍ଦ ତାଙ୍କୁ ପ୍ରଥମରୁହିଁ ଏସବୁ କଥା ପରିଷ୍କାର ଭାବରେ ସୂଚାଇ ଦେଇଛନ୍ତି । ତେଣୁ ନିଜର ଆନ୍ତର ଦ୍ୱନ୍ଦ୍ୱ ଓ ଶାରୀରିକ ଅସୁବିଧା ନେଇ ସେ କିଞ୍ଚିତ୍ ଅଡୁଆରେ ପଡ଼ି ଯାଇଥିଲେ । କିନ୍ତୁ ଅନ୍ତର୍ଯାମୀଙ୍କୁ କିଛି ବି ଅଛପା ରହେ ନାହିଁ ।

ମଧ୍ୟାହ୍ନରେ ତାଙ୍କର ବିଶ୍ରାମର ଅଭାବ ହେବା କଥା ହାରାଧନ-ଦା'ଙ୍କର ନଜରରେ ପଡ଼ିଲା । ସେ ଯୋଗାନନ୍ଦଙ୍କୁ କହିଲେ, 'ଆପଣଙ୍କର ବିଶ୍ରାମର ଅଭାବ କଥା ଶ୍ରୀମା'ଙ୍କୁ ଜଣାନ୍ତୁ ।' ପରଦିନ ଶ୍ରୀମା 'ଫର୍ନିଚର୍ ବିଭାଗ'ର ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ଅମଲ କିରଣଙ୍କୁ ଜଣାଇଲେ ଯେ ବି. ଏସ୍. ଅଫିସ୍‌କୁ ଗୋଟିଏ ଇଜି ଚେୟାର ବନ୍ଦୋବସ୍ତ କରି ଦିଅ ଏବଂ କ୍ଷୀରୋଦ-ଦା'ଙ୍କୁ ଜଣାଇ ଦେଲେ ଯେ ମଧ୍ୟାହ୍ନରେ ଯୋଗାନନ୍ଦ ସେଇଠାରେ ହିଁ ବିଶ୍ରାମ ନେବେ । ଛଳ ଛଳ ଆଖିରେ ଯୋଗାନନ୍ଦ ନୀରବରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି କୃତଜ୍ଞତାରେ ଭରି ଉଠିଲେ । ଏହା ପରଠାରୁ ତାଙ୍କର ଶାରୀରିକ ଅବସ୍ଥା ସୁସ୍ଥ, ସବଳ, ସ୍ଫୂର୍ତ୍ତିମନ୍ତ ହୋଇ ଉଠିଲା ।

ଏବେ ଯୋଗାନନ୍ଦଙ୍କ ନିଜସ୍ୱ ଉକ୍ତିରୁ : ''ଆଶ୍ରମରେ କର୍ମ ମାଧ୍ୟମରେ ଯୋଗ-ସାଧନା ଅପରିହାର୍ଯ୍ୟ । ଆଉ ମୁଁ ଆଶ୍ରମରେ ଯୋଗ ଦେବାର ପ୍ରଥମ ସର୍ତ୍ତ ଥିଲା କର୍ମ । ଆଉ ଏଠାକାର ଜୀବନଧାରାରେ ମୁଁ ଥିଲି ସମ୍ପୂର୍ଣ୍ଣ ଅନଭ୍ୟସ୍ତ । କିନ୍ତୁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ସାହାଯ୍ୟ ଓ କୃପାରୁ ବର୍ଷେ, ଦୁଇ ବର୍ଷ ମଧ୍ୟରେ ହିଁ ମୁଁ ଏଠାକାର ସାଧନା ଓ ଜୀବନ ସହିତ ସମ୍ପୂର୍ଣ୍ଣ ରୂପେ ଏକୀଭୂତ ହୋଇଉଠିବା ସକାଶେ ସମର୍ଥ ହୋଇ ପାରିଥିଲି । ଏହାର ଆଉ ଗୋଟିଏ କାରଣ ଥିଲା ଏଇ ଯେ ଏକେବାରେ ପ୍ରାରମ୍ଭରୁ ହିଁ ଏଠାରେ ମୁଁ ଏପରି କିଛି ପାଇଥିଲି ଯାହା ମୋର ଗୁରୁଦେବ ବ୍ରହ୍ମଚାରୀ ବାବା ବହୁ ପୂର୍ବରୁ ମୋତେ କହିଥିଲେ । ସେ ବିଷୟରେ ମୁଁ କ୍ରମଶଃ ଲେଖୁଛି —

''ଇତି ମଧ୍ୟରେ ହାରାଧନ-ଦା ମୋତେ କହିଲେ, ''ଶ୍ରୀମା'ଙ୍କର 'ଧ୍ୟାନ ଓ ପ୍ରାର୍ଥନା' ନାମରେ ଅତ୍ୟନ୍ତ ଉପାଦେୟ ପୁସ୍ତକଟିଏ ରହିଛି । ତାହା ଫରାସୀ ଭାଷାରେ ମୂଳତଃ ଲିଖିତ । ସେଥିରେ ଶ୍ରୀମା'ଙ୍କର ସାଧନା-ଜୀବନର ଗଭୀର ଆଧ୍ୟାତ୍ମିକ ଉପଲବ୍ଧିସବୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣିତ ହୋଇଛି । ସେଇଟିକୁ ସେ ବଙ୍ଗଳା ଭାଷାରେ ଅନୁବାଦ କରିବାକୁ ତୀବ୍ର ଭାବରେ ଚାହାନ୍ତି । ତାଙ୍କର ଜନ୍ମସ୍ଥାନ ଚନ୍ଦନନଗର ହୋଇଥିବାରୁ ସେ ପିଲାଦିନୁ ଫରାସୀ ଭାଷା ଶିଖି ପାରିଥିଲେ ଏବଂ ଏବେ ସେଇ ଭାଷାଟି ଉପରେ ତାଙ୍କର ବେଶ୍ ଦକ୍ଷତା ରହିଛି । କିନ୍ତୁ ବଙ୍ଗଳା ଭାଷାରେ ଲେଖାଲେଖି କରିବାରେ ସେ ଅନଭ୍ୟସ୍ତ । ତେଣୁ ସେ ଅନୁବାଦ କରି କହିବା ବେଳେ ମୁଁ ଯଦି ବଙ୍ଗଳା ଭାଷାରେ ଲେଖିବାକୁ ଆଗ୍ରହ ପ୍ରକାଶ କରେ ତେବେ ସେ ବେଶ୍ ଉପକୃତ ହେବେ । ହୁଏତ ମଧ୍ୟାହ୍ନର ବିଶ୍ରାମ ସମୟରେ ଅଥବା ରାତ୍ରିରେ ସମୟ ନିର୍ଦ୍ଦିଷ୍ଟ କରି ନେଇ ଏହି କାର୍ଯ୍ୟଟି ଦୁହେଁ ମିଶି କରିବୁ । ହାରାଧନ-ଦା'ଙ୍କର ଏହି ପ୍ରସ୍ତାବରେ

ଆନ୍ତରିକତାର ସହିତ ମୁଁ ଅନୁମୋଦନ କରିବାରୁ ସେ ଶ୍ରୀମା'ଙ୍କୁ ଲେଖି ଜଣାଇଲେ । ଶ୍ରୀମା ଅନୁମତି ଦେଇ କହିଲେ ଯେ ଅନୁବାଦଟି ତାଙ୍କୁ ନ ଦେଖାଇ ଛପାଇବାକୁ ଯେମିତି ଦିଆ ନଯାଏ ।

''ହାରାଧନ-ଦା ଏମିତି ଅଯାଚିତ ଭାବରେ ମୋତେ ବା କାହିଁକି ଧରିଲେ ସେକଥା ମୁଁ ପ୍ରଥମେ ବୁଝି ପାରି ନଥିଲି । ପରେ ହୃଦୟଙ୍ଗମ କଲି ଯେ ଏହି ନୂତନ ଦିବ୍ୟ-କର୍ମ ଭିତରେହିଁ ମୋର ଗୁରୁଦେବ ବ୍ରହ୍ମଚାରୀ ବାବାଙ୍କ ଦୃଷ୍ଟ ଶ୍ରୀ ଶ୍ରୀ ଜଗନ୍ମାତାଙ୍କର ସନ୍ଧାନ ପାଇଲି । କିଏ ଜାଣେ ହୁଏତ ହାରାଧନ-ଦା'ଙ୍କର ଅନୁବାଦର ପ୍ରେରଣା ମଧ୍ୟରେ ଶ୍ରୀମା'ଙ୍କର ଇଚ୍ଛା ଥିଲା ।

''ବହିଟିର ପ୍ରଥମରୁହିଁ ଅନୁବାଦ ଆରମ୍ଭ ହେଲା । ହାରାଧନ-ଦା କହୁଥା'ନ୍ତି, ମୁଁ ଲେଖୁଥାଏ ।... ଶ୍ରୀମା'ଙ୍କର ଏହି ବହିଟିର ବଙ୍ଗଳାନୁବାଦ ଲେଖୁ ଲେଖୁ ମୋର ଏହି ବିଶ୍ୱାସ କ୍ରମଶଃ ଦୃଢ଼ୀଭୂତ ହେବାକୁ ଲାଗିଲା ଯେ ଶ୍ରୀମା ଆଜନ୍ମରୁ ହିଁ ଭଗବାନଙ୍କୁ ପାଇଛନ୍ତି ।...ବହିଟିର ଅନୁବାଦ ଶେଷ ହେବା ପରେ ମୋର ଆଉ ବିନ୍ଦୁମାତ୍ର ସନ୍ଦେହ ରହିଲା ନାହିଁ ଯେ ଏହି ସମୁଦ୍ର ତୀରରେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ପ୍ରେମମୟୀ, ଶାନ୍ତିମୟୀ ମୀରା (ଶ୍ରୀମା)ହିଁ ଆମ ଶ୍ରୀଗୁରୁଦେବଙ୍କ କଥିତ ଶ୍ରୀ ଶ୍ରୀ ଜଗନ୍ମାତା; ଯାହାଙ୍କର ମହାବିର୍ଭାବ ହୋଇଛି ଜଗତର ମହାମଙ୍ଗଳ ଉଦ୍ଦେଶ୍ୟରେ, ଭାରତକୁ ସ୍ୱାଧୀନତା ଦେବା ସହ ପୃଥିବୀରେ ସତ୍ୟଧର୍ମ ସ୍ଥାପନ କରି ଭାରତରେ ଦେବ ଓ ମାନବଙ୍କର ଅପୂର୍ବ ଲୀଳା ପ୍ରକାଶ ସକାଶେ ।

''ଏହିସବୁ କଥା ଉଲ୍ଲେଖ କରି ପୁଣି ଶ୍ରୀଅରିବନ୍ଦଙ୍କୁ ଗୋଟିଏ ଲମ୍ବା ଚିଠି ଲେଖି ପଠାରିଲି, ମୋର ଗୁରୁଦେବ ବ୍ରହ୍ମଚାରୀ ବାବାଙ୍କ କଥିତ ଶ୍ରୀ ଶ୍ରୀ ଜଗନ୍ମାତା ଓ ଆମମାନଙ୍କର ଶ୍ରୀମା 'ମୀରା' ଏକହିଁ ଭାଗବତ ସତ୍ତା କି ନା । ଏହା ଉଲ୍ଲେଖ କରିବା ପୂର୍ବରୁ ଲେଖିଥିଲି ଯେ ବ୍ରହ୍ମଚାରୀ ବାବା ଆମମାନଙ୍କୁ (ତାଙ୍କର କତିପୟ ଶିଷ୍ୟବର୍ଗଙ୍କୁ) ଭାରତର ତୀର୍ଥ ପର୍ଯ୍ୟଟନେ କରିବାକୁ ପଠାଇବା ସମୟରେ ବିଶେଷ ଭାବରେ ମୋତେ କହିଥିଲେ ଯେ ସେ ଯେଉଁ ତତ୍ତ୍ୱ ଜାଣନ୍ତି ତାହା ଅନ୍ୟ କେଉଁ ମହାପୁରୁଷ ଜାଣନ୍ତି କି ନାହିଁ — ଏ ବିଷୟରେ ଅନୁସନ୍ଧାନ କରିବାକୁ । (ସେ ମୋତେ କହିଥିବା ତାଙ୍କର ସେହି ତତ୍ତ୍ୱ କଥା ଚିଠିଟିରେ ବୁଝାଇ ଦେଇଥିଲି ।) ମୁଁ ସାରା ଭାରତବର୍ଷର ପ୍ରଧାନ ପ୍ରଧାନ ତୀର୍ଥସ୍ଥାନ ପରିଭ୍ରମଣ କରିଛି, କିନ୍ତୁ ଏ ତତ୍ତ୍ୱ ଜିଜ୍ଞାସା କରିବା ଭଳି ଜଣେ ବି ମହାପୁରୁଷଙ୍କୁ ପାଇଲି ନାହିଁ । ଆଜି ମୁଁ ମୋର ପୂଜ୍ୟପାଦ ଗୁରୁଦେବଙ୍କ ନାମରେ ଆପଣଙ୍କୁ ସମ୍ପୂର୍ଣ୍ଣ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧାର ସହିତ ପଚାରୁଛି ଯେ ଆମର ଏହି ଶ୍ରୀମା 'ମୀରା' କିଏ ? ଆପଣଙ୍କର ପୂର୍ଣ୍ଣଯୋଗରେ ଓ ଦିବ୍ୟ ରୂପାନ୍ତର ସାଧନାରେ, ଏପରିକି ଆଶ୍ରମର ପ୍ରତିଟି ବିଷୟରେ ଓ ସକଳ କର୍ମରେ ଭଗବତୀ ଶ୍ରୀମା ମୀରାଙ୍କୁହିଁ ସର୍ବପ୍ରଧାନ ଓ ମୂଳକେନ୍ଦ୍ର ଭାବରେ ଦେଖୁଛି ।

''ବ୍ରହ୍ମଚାରୀ ବାବାଙ୍କ ସମ୍ବନ୍ଧେ ଏହି ପତ୍ରରେ ମୁଁ ଏକଥା ମଧ୍ୟ ଉଲ୍ଲେଖ କରିଥିଲି ଯେ ଗୁରୁଦେବ ମୋତେ କହିଥିଲେ, 'ମା ୟୁରୋପରେ ଯୁଦ୍ଧ ସମାପନ କରି ଭାରତରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ମା ଶରୀର ଗ୍ରହଣ କରିଛନ୍ତି, କିନ୍ତୁ କି ପ୍ରକାର ଶରୀର ଏବଂ କେଉଁଠି ଅଛନ୍ତି, ତାହା ମା ମୋତେ ଏବେ ମଧ୍ୟ କହି ନାହାନ୍ତି । ତେବେ ଶୀଘ୍ର ହିଁ ମା'ଙ୍କର ମହାପ୍ରକାଶ ହେବ, ସେତେବେଳେ ମୁଁ ମା'ଙ୍କୁ ଜାଣି ପାରିବି ଏବଂ ଏଥର ଅନେକେ ମା'ଙ୍କୁ ଜାଣି ପାରିବେ ।'

''ଚିଠିଟିରେ ଏକଥା ବି ଉଲ୍ଲେଖ କଲି — ଅତଏବ ବ୍ରହ୍ମଚାରୀ ବାବାଙ୍କ ସତ୍ୟ ଦୃଷ୍ଟି ଏବଂ ଅଧୁନା ସ୍ୱୟଂ ଶ୍ରୀମା'ଙ୍କର ବାଣୀ ଓ ପ୍ରାର୍ଥନାଦି ମଧ୍ୟରୁ ଏବଂ ଆପଣଙ୍କର 'ମା' ପୁସ୍ତକରୁ ପରିଷ୍କାର ଭାବେ ମୁଁ କିଛି ମାତ୍ରାରେ ସନ୍ଧାନ ପାଇଛି । ତେଣୁ ଉପର-ଲିଖିତ ପ୍ରଶ୍ନର ଉତ୍ତର ଜାଣିବା ସକାଶେ ମୋର ମନ, ପ୍ରାଣ ଏକାନ୍ତ ବ୍ୟାକୁଳ । ଅନୁଗ୍ରହପୂର୍ବକ ମୋତେ ସ୍ପଷ୍ଟ କରି କୁହନ୍ତୁ ଯେ ଏହି ମହା ପ୍ରେମମୟୀ, ମହା ଶାନ୍ତିମୟୀ ଶ୍ରୀମା 'ମୀରା' କିଏ ? ତା'ହେଲେ ମୁଁ ଧନ୍ୟ ହେବି, କୃତକୃତ୍ୟ ହେବି । ଆପଣଙ୍କୁ ଓ ଶ୍ରୀମା'ଙ୍କୁ ଦର୍ଶନ କରି ଏବଂ ମାନବଜାତି ଓ ମାନବସମାଜ ସକାଶେ ଆପଣଙ୍କର ସୁଦୀର୍ଘ କଠୋର ତପସ୍ୟାର ସୁମହାନ୍ ଲକ୍ଷ୍ୟ ଓ ଦିବ୍ୟ ଆଶାର ବାଣୀ — ଅତିମାନସ ମହାଶକ୍ତିର ମହାପ୍ରକାଶରେ ମାନବଜାତିର ଦିବ୍ୟ-ଚେତନା ଲାଭ ଓ ମାନବ ଜୀବନର ରୂପାନ୍ତର ସାଧନ ହେବ, ଅତିମାନସ ଜାତିର ପ୍ରତିଷ୍ଠା ହେବ — ଏସବୁ କଥା ଅବଗତ ହେବା ମାତ୍ରେ ମୋର ପୂର୍ବତନ ଗୁରୁଦେବଙ୍କର ଦିବ୍ୟଦୃଷ୍ଟି କଥାହିଁ ଅଧିକ ସ୍ମରଣରେ ଆସୁଛି । ସେ ମଧ୍ୟ ଏହା କହୁଥିଲେ : 'ଶରୀର ଛାଡ଼ି ଦେଲେ ମୁଁ ମା'ଙ୍କର କାର୍ଯ୍ୟ ଆହୁରି ଅଧିକ କରି ପାରିବି ।' ସୂକ୍ଷ୍ମ ଦେହରେ ସେ ଏବେ ଶ୍ରୀମା'ଙ୍କ ସାନ୍ନିଧ୍ୟରେ ଅଛନ୍ତି କି ? ଏହି ସବୁ ତତ୍ତ୍ୱର ଯଥାର୍ଥ ଉତ୍ତର ନ ପାଇଲେ ହୁଏତ ମୋର ଏଠାରେ ରହିବା ମଧ୍ୟ ସମ୍ଭବ ହେବ ନାହିଁ ।

''ଏଥର ମୋର ଚିଠିର ଉତ୍ତରରେ ପ୍ରଶାନ୍ତ, ପରମ

କାରୁଣିକ ଶ୍ରୀଅରବିନ୍ଦ ମୋର ନୂତନ ନାମକରଣ 'ଯୋଗାନନ୍ଦ' କରି ମୋତେ ଲେଖିଲେ :

ଯୋଗାନନ୍ଦ,

ତୁମ ପାଖରେ ତୁମ ପୂର୍ବତନ ଗୁରୁଙ୍କର ଫଟୋଗ୍ରାଫ୍‌ଟିଏ ଅଛି କି ? ଯଦି ଥାଏ, ତେବେ ସେଇଟିକୁ ଶ୍ରୀମା ଦେଖିବାକୁ ଚାହାନ୍ତି ।

ମେ, ୧୯୩୩ — ଶ୍ରୀଅରବିନ୍ଦ

''ଶ୍ରୀଅରବିନ୍ଦଙ୍କଠାରୁ ପତ୍ର ପାଇବା ମାତ୍ରେ ନିଜ ପାଖରେ ଗୁରୁଙ୍କର କୌଣସି ଫଟୋ ନ ଥିବାରୁ ସଙ୍ଗେ ସଙ୍ଗେ ଶ୍ରୀମା'ଙ୍କୁ ଫଟୋଟିଏ ଦେଖାଇ ପାରି ନଥିଲି । ବଙ୍ଗଦେଶକୁ ମୋର ଗୁରୁଭାଇମାନଙ୍କ ପାଖକୁ ଏକାଧିକବାର ଚିଠି ଲେଖିଲି ଗୁରୁଙ୍କର ଗୋଟିଏ ଫଟୋ ଡାକରେ ପଠାଇ ଦେବାକୁ । ଖରଚ ପାଇଁ ଆବଶ୍ୟକ ଡାକଟିକଟ ମଧ୍ୟ ପଠାଇଲି । କିନ୍ତୁ ସାମ୍ପ୍ରଦାୟିକ କୁସଂସ୍କାରର ବଶବର୍ତ୍ତୀ ହୋଇ କେହି ମୋ ପତ୍ରର ଉତ୍ତର ସୁଦ୍ଧା ଦେଲେ ନାହିଁ । ପରେ ଜାଣିବାକୁ ପାଇଥିଲି ଯେ ମୋର ଚିଠିଟି କେହି ଖୋଲି ବି ନଥିଲେ । ମୁଁ ଶ୍ରୀଅରବିନ୍ଦ ଆଶ୍ରମରେ ରହିଯାଇଛି ବୋଲି ମୋତେ ଗୁରୁତ୍ୟାଗୀ ମନେ କରି ମୋ ସହିତ ସେମାନେ କୌଣସି ସମ୍ପର୍କ ରଖିବାକୁ ଚାହୁଁ ନଥିଲେ । ପ୍ରାୟ ବର୍ଷଟିଏ ଅପେକ୍ଷା କରି ଶ୍ରୀଅରବିନ୍ଦଙ୍କୁ ପତ୍ରଟିଏ ଲେଖିଲି ଯେ କୌଣସି ପ୍ରକାରେ ମୁଁ ମୋ ଗୁରୁଙ୍କର ଫଟୋଟିଏ ଯୋଗାଡ଼ କରିପାରୁ ନାହିଁ ।

ଶ୍ରୀଅରବିନ୍ଦ ଲେଖିଲେ :

ଯୋଗାନନ୍ଦ,

ତୁମେ ତୁମ ଗୁରୁଙ୍କ ସମ୍ବନ୍ଧେ ଜାଣିବାକୁ ଚାହିଁଥିଲ ଯେ ସେ ଏବେ ଏଠାରେ ଶ୍ରୀମା'ଙ୍କ ସାନ୍ନିଧ୍ୟରେ ତାଙ୍କ ସୂକ୍ଷ୍ମ ଶରୀରରେ ରହିଛନ୍ତି କି ନାହିଁ ଅଥବା ଶ୍ରୀମା'ଙ୍କ ସହିତ ସମ୍ପର୍କ ରଖିଥିବା ମହାନ୍ ଆତ୍ମାଙ୍କ ମଧ୍ୟରୁ ଅନ୍ୟତମ କି ନୁହେଁ ? ଏଇଥି ସକାଶେ ତାଙ୍କର ଫଟୋଟିଏ ଆବଶ୍ୟକ ଥିଲା, କାରଣ କେବଳ ନାମ ଜାଣି ନୁହେଁ କିନ୍ତୁ ଚେହେରା ଦେଖି ଶ୍ରୀମା ସେମାନଙ୍କୁ ଚିହ୍ନଟ କରି ପାରନ୍ତି, ଯେପରି ସେ ତୁମର ଗୁରୁଙ୍କର ଗୁରୁ ଲୋକନାଥ ବ୍ରହ୍ମଚାରୀଙ୍କୁ ଚିହ୍ନି ପାରିଥିଲେ ।

— ଶ୍ରୀଅରବିନ୍ଦ

କୋପିତ ସ୍ୱଭାବ ଯୋଗାନନ୍ଦ ଗୁରୁଙ୍କର ଫଟୋ ପାଇବାରେ ଏକେବାରେ ନିରାଶ ହୋଇ ଦିନେ ଶ୍ରୀମା'ଙ୍କୁ ସନ୍ତାନର ଅଭିମାନଭରା ବିମର୍ଷଭାବ ସହ ଦାବି କରି ଏହି ମର୍ମରେ ଲେଖିଲେ : ''ମା, ତୁମେ ଇଚ୍ଛା କଲେ କ'ଣ ମୋ ଗୁରୁଙ୍କର ଫଟୋ ଏଠାକୁ ଆସିବ ନାହିଁ ? ମୋର ଗୁରୁଭାଇମାନେ ମୋତେ ଗୁରୁତ୍ୟାଗୀ ବୋଲି ଭୁଲ୍ ବୁଝି ମୋର କୌଣସି ପତ୍ରର ଉତ୍ତର ଦେଉ ନାହାନ୍ତି ।''

ମା'ଙ୍କୁ ଚିଠି ଲେଖିବାର କିଛି ଦିନ ପରେହିଁ ଆଶ୍ଚର୍ଯ୍ୟଜନକ ଭାବରେ ଦିନେ ଡାକରେ ଯୋଗାନନ୍ଦ ତାଙ୍କ ଗୁରୁଙ୍କର ଫଟୋଟିଏ ପାଇଲେ ।... ଗୁରୁଦେବଙ୍କର ଫଟୋ ଦେଖି ଶ୍ରୀମା ଯାହା ମନ୍ତବ୍ୟ ଦେଲେ ସେଇଟିକୁ ଶ୍ରୀଅରବିନ୍ଦ ତାଙ୍କୁ ଲେଖି ଜଣାଇଲେ :

ଯୋଗାନନ୍ଦ,

ଶ୍ରୀମା ତୁମ ଗୁରୁଦେବଙ୍କର ଫଟୋ ଆଗ୍ରହର ସହିତ ଦେଖିଲେ; ସେ ଲୋକନାଥ ବ୍ରହ୍ମଚାରୀଙ୍କୁ ଅନେକ ଥର ଦେଖିଛନ୍ତି; କିନ୍ତୁ ତୁମ ଗୁରୁଦେବ ଅନେକ ବର୍ଷ ଧରି ତୁମର ଏଠାକୁ ଆସିବା ପୂର୍ବରୁ, ହୁଏତ ତାଙ୍କର ଦେହାବସାନ ଘଟିବା ପୂର୍ବରୁ, ସେ ସର୍ବଦା ତାଙ୍କ ସାନ୍ନିଧ୍ୟରେ ରହି ଆସିଛନ୍ତି । ଶ୍ରୀମା ଯେତେବେଳେ ଫଟୋଟିକୁ ଦେଖିଲେ ସେତେବେଳେ ତା' ଭିତରେ ଏକ ଅପୂର୍ବ ଜ୍ୟୋତିଃର ପ୍ରକାଶ ଘଟିଲା ଏବଂ ତାଙ୍କ ମୁଖମଣ୍ଡଳରେ ଆସ୍ପୃହା, ସୂକ୍ଷ୍ମଦୃଷ୍ଟି, ବିଶ୍ୱାସ ଓ ଭକ୍ତିପୂର୍ଣ୍ଣ ଏକ ସୁସ୍ପଷ୍ଟ ସମାବେଶରୁ ଅସାଧାରଣ ଚମତ୍କାର ଆତ୍ମାର ପରିଚୟ ମିଳୁଥିଲା ।

୨ ଜୁନ୍, ୧୯୩୪ — ଶ୍ରୀଅରବିନ୍ଦ

ଶ୍ରୀମା ଶ୍ରୀଅରବିନ୍ଦଙ୍କର ଉପରୋକ୍ତ କୃପାବାଣୀ ପଢ଼ି ଯୋଗାନନ୍ଦ ଅତୀବ ବିସ୍ମିତ ହୋଇ ଉଠିଲେ । ତାଙ୍କର ମୃତପ୍ରାୟ ପ୍ରାଣ ଆନନ୍ଦରେ ନୃତ୍ୟ କରି ଉଠିଲା । ମନ ଶାନ୍ତ ହେଲା । ପଣ୍ଡିଚେରୀ ଆଶ୍ରମରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ସମର୍ପିତ ଯୋଗାନନ୍ଦଙ୍କର ଯଥାର୍ଥ ସାଧନାର ମୂଳଭିତ୍ତି ସ୍ଥାପିତ ହେଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ବାକ୍ୟ ନୁହେଁ — କର୍ମ ।
(୧୯୬୯) — ଶ୍ରୀମା

# ତୋତ୍ତୋ-ଚାନ୍
## (୧୮)
## ତେତ୍ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରି ଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏସବୁ ଭିତରେ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । 'କୃଷି ଶିକ୍ଷକ'ଙ୍କ ସହ କୃଷିକାର୍ଯ୍ୟ, ସହପାଠୀମାନଙ୍କ ସହ ବଣଭୋଜିର ଅଭୁଲା ମୁହୂର୍ତ୍ତସବୁ ତା'ର ଯୋଡ଼ି ହୋଇଯାଏ ପଛକୁ ପଛ । ସର୍ବୋପରି ଏକାଧିକ ବାର ପ୍ରଧାନଶିକ୍ଷକ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଥିଲା । ତୋତ୍ତୋ-ଚାନ୍‌ର ଥିଲା ନିରୋଳା ଆନ୍ତରିକ ଭଲପାଇବା; ସେ ତା'ର ସହପାଠୀଟିଏ ପାଇଁ ହେଉ ଅଥବା ତା'ର ପ୍ରିୟ ପ୍ରଧାନ ଶିକ୍ଷକ କିଂବା ଶିକ୍ଷାନୁଷ୍ଠାନ ପାଇଁ ହେଉ । ସାମାନ୍ୟ 'ସ୍ୱାସ୍ଥ୍ୟଛେଲି'ନାମକ ପଦାର୍ଥଟିଏ ସଂଗ୍ରହ କରି ତୋତ୍ତୋ-ଚାନ୍‌ର ଅଭିନବ ପଦ୍ଧତିରେ ସମସ୍ତଙ୍କ ସୁସ୍ଥତା ପରଖିବାର ଶୁଭେଚ୍ଛୁ ମନୋଭାବ ତା'ର ଉଦାର, ମଧୁର ବ୍ୟକ୍ତିତ୍ୱର ପରିଚାୟକ । ତେବେ ତୋତ୍ତୋ-ଚାନ୍‌ର ନିର୍ଭୀକ ବ୍ୟକ୍ତିତ୍ୱ ଓ ନିଜସ୍ୱ ଧାରାରେ କାର୍ଯ୍ୟ କରିବାର ଆବେଗ ତାକୁ ବିଦ୍ୟାଳୟର ନାଟକରେ ଅଭିନୟ କରିବାର ଅନୁଭୂତିରୁ ବଞ୍ଚିତ କଲା । ଏବେ ଦେଖିବା ତୋତ୍ତୋ-ଚାନ୍ ପୁଣି କେଉଁସବୁ ନୂଆ କାମରେ ନିଜକୁ ସାମିଲ କରିଛି ।...]

### ଚକ୍ ଖଡ଼ି

ତୋମୋଏର ପିଲାମାନେ ଅନ୍ୟ ଲୋକଙ୍କ କାନ୍ଥ ବା ରାସ୍ତା ଉପରେ କେବେ ଗାରଉ ନଥିଲେ । କାରଣ ଏପରି କରିବା ପାଇଁ ତାଙ୍କ ସ୍କୁଲରେ ଯଥେଷ୍ଟ ସୁଯୋଗ ଥିଲା ।

ପ୍ରାର୍ଥନା ଘରେ ସଙ୍ଗୀତ ପଢ଼ା ବେଳେ ପ୍ରଧାନ ଶିକ୍ଷକ ପ୍ରତି ପିଲାକୁ ଖଣ୍ଡିଏ ଲେଖାଏଁ ଧଳା ଚକ୍‌ଖଡ଼ି ଦେଉଥିଲେ । ସେମାନେ ଚଟାଣରେ ଯେଉଁଠି ଇଚ୍ଛା ସେଠି ବସି ବା ଗଡ଼ି ହାତରେ ଚକ୍ ଧରି ଅପେକ୍ଷା କରୁଥିଲେ । ସମସ୍ତେ ପ୍ରସ୍ତୁତ ହୋଇଗଲା ପରେ ପ୍ରଧାନ ଶିକ୍ଷକ ପିଆନୋ ବଜାନ୍ତି । ପିଲାମାନେ ତାଙ୍କ ସଙ୍ଗୀତର ସ୍ୱର ଚିହ୍ନି ଚଟାଣ ଉପରେ ସଙ୍କେତରେ ଲେଖନ୍ତି । ସୁନ୍ଦର ମାଟିଆ କାଠର ଚିକ୍କଣ ଚଟାଣ ଉପରେ ଚକ୍‌ରେ ଲେଖିବା ବହୁତ ମଜାଦାର ଥିଲା । ତୋତ୍ତୋ-ଚାନ୍ ଶ୍ରେଣୀରେ ମାତ୍ର ଦଶ ଜଣ ପିଲା ଥିଲେ । ତେଣୁ ସେମାନଙ୍କ ପାଇଁ ବିରାଟ ପ୍ରାର୍ଥନା ଘରଟିରେ ବହୁତ ଜାଗା ଥିଲା । ଇଚ୍ଛା ଅନୁସାରେ ବଡ଼ ବଡ଼ ସଙ୍କେତ ମଧ୍ୟ ସେମାନେ ଲେଖି ପାରୁଥିଲେ । ସ୍ୱରଗୁଡ଼ିକୁ ଅଲଗା ଅଲଗା ଲେଖୁ ଥିବାରୁ ଉପରେ ଗାର ପକାଇବା ଦରକାର ନଥିଲା । ସ୍ୱରଲିପିର ସଙ୍କେତଗୁଡ଼ିକ ପାଇଁ ତୋମୋଏରେ ଅଲଗା ପ୍ରକାରର ବର୍ଣ୍ଣନା ଥିଲା । ପ୍ରଧାନ ଶିକ୍ଷକଙ୍କ ସହ କଥା ହୋଇ ପିଲାମାନେ ଏସବୁ ଠିକ୍ କରିଥିଲେ । ସେଗୁଡ଼ିକ ଥିଲା :

♫ 'ଡିଆଁ'-ଡେଇଁବା ପାଇଁ ଏହା ଏକ ଭଲ ତାଳ ଥିଲା ।
♪ 'ପତାକା'– କାରଣ ଏହା ଏକ ପତାକା ଭଳି ଦିଶୁଥିଲା ।
♫ 'ପତାକା-ପତାକା'–
♪ 'ଦୁଇ ପତାକା'
♩ 'କଳା'
𝅗𝅥 'ଧଳା'
𝅗𝅥 'ଧଳାରେ କଳାଜାଇ' ବା 'ଧଳା ଓ ବିନ୍ଦୁ' ।
𝅝 'ଗୋଲ'

ଏପରି କଳାରୁ ସେମାନେ ସଙ୍କେତଗୁଡ଼ିକୁ ସହଜରେ ମନେ ରଖି ପାରୁଥିଲେ । ତାଙ୍କୁ ଏ ଶ୍ରେଣୀଟି ବହୁତ ମଜା ଲାଗୁଥିଲା । ତଳେ ଚକ୍‌ରେ ଲେଖିବା ଯୋଜନାଟି ପ୍ରଧାନ ଶିକ୍ଷକ କରିଥିଲେ । କାରଣ ଏତେ ବଡ଼ କାଗଜ ମିଳୁ ନଥିଲା କି କଳାପଟା ବି ଯଥେଷ୍ଟ ନଥିଲା । ସେ ଭାବିଲେ ପ୍ରାର୍ଥନା ଘର ଚଟାଣଟି ଗୋଟିଏ ବଡ଼ିଆ କଳାପଟାର କାମ ଦେବ । ସେଠାରେ ବାଜା ଯେତେ ବେଗରେ ବାଜିଲେ ବି ପିଲାଏ ଆରାମରେ ଲେଖି ପାରିବେ । ସବୁଠୁ ବଡ଼ କଥା ହେଉଛି ଯେ ସେମାନେ ବାହାରର ପ୍ରକୃତ ମଜା ପାଇ ପାରିବେ । ଆଉ ଯଦି ସମୟ ବଳେ ସେମାନେ ଉଡ଼ାଜାହାଜ, କଣ୍ଢେଇ ବା ଯାହା ଚାହିଁବେ ତାହା ଆଙ୍କି ପାରିବେ । ବେଳେ ବେଳେ ପିଲାଏ ମଜାରେ ସମସ୍ତଙ୍କ ଚିତ୍ର ଯୋଡ଼ି ଦିଅନ୍ତି । ସାରା ଚଟାଣଟାରେ ଗୋଟିଏ ବିରାଟ ଚିତ୍ର ହୋଇଯାଏ । ମଝିରେ ମଝିରେ ବାଜା ବନ୍ଦ କରି ପ୍ରଧାନ ଶିକ୍ଷକ ପାଖକୁ ଆସି ପ୍ରତି ପିଲାର ସ୍ୱରଲିପି ଦେଖନ୍ତି । ସେ କହିବେ, ''ବଢ଼ିଆ ହେଇଛି'', ''ସେଠି ପତାକା-ପତାକା ନଥିଲା, ଡିଆଁ ଥିଲା ।''

ପିଲାଙ୍କର ସଙ୍କେତଗୁଡ଼ିକୁ ପରଖି ନେବା ପରେ ସେ ତାଙ୍କ ବାଜା ଦୋହରାଇବେ । ଏଥର ପିଲାମାନେ ନିଜର ଲେଖାଗୁଡ଼ିକୁ ପୁଣି ଯାଞ୍ଚ କରି ପାରିବେ ଓ ବାଜାର ତାଳକୁ ଭଲ ଭାବରେ ଚିହ୍ନି ପାରିବେ । ଯେତେ ବ୍ୟସ୍ତ ଥିଲେ ବି ପ୍ରଧାନ ଶିକ୍ଷକ ଆଉ କାହାକୁ ଏ ଶ୍ରେଣୀଟି ନେବାକୁ ଛାଡୁ ନଥିଲେ । ଆଉ ପିଲାଙ୍କ ପାଇଁ ମଧ୍ୟ ଶ୍ରୀ କୋବାୟାଶିଙ୍କ ବିନା ଏ ଶ୍ରେଣୀର ମଜା ରହୁ ନଥା'ନ୍ତା ।

ଚଟାଣରେ ଲେଖା ସରିଲା ପରେ ଏହାକୁ ସଫା କରିବା ବେଶ୍ ଏକ ବଡ଼ କାମ ଥିଲା । ପ୍ରଥମେ ଡଷ୍ଟରରେ ଘଷି ଲେଖା ସବୁକୁ ଲିଭା ଯାଉଥିଲା । ତା'ପରେ ଓଦା କନାରେ ପୋଛି ଚଟାଣକୁ ଚକ୍ ଚକ୍ କରାଯାଉଥିଲା । ଏହା ସତରେ ବହୁତ ବଡ଼ କାମଟିଏ ।

ଏହି କାମରୁ ତୋମୋଏର ପିଲାମାନେ ଜାଣୁଥିଲେ ଯେ କାନ୍ଥକୁ ଘଷି ଦାଗ ଛଡ଼ାଇବା କେତେ କଠିନ କାମ । ତେଣୁ ସେମାନେ ପ୍ରାର୍ଥନା ଘର ଚଟାଣକୁ ଛାଡ଼ି ଆଉ କେଉଁଠାରେ ବି ଗାରଉ ନଥିଲେ । ପୁଣି ଏହି ଶ୍ରେଣୀଟି ସପ୍ତାହରେ ଦୁଇଥର ହେଉଥିଲା । ତେଣୁ ପିଲାଏ ଗାରେଇବାକୁ ଯଥେଷ୍ଟ ସୁଯୋଗ ପାଉଥିଲେ ।

ତୋମୋଏର ପିଲାମାନେ ଚକ୍ ଖଡ଼ି ବ୍ୟବହାର କରିବାରେ ଧୁରନ୍ଧର ବନି ଯାଇଥିଲେ – କେଉଁ ଚକ୍‌ଟି ସବୁଠୁ ଭଲ, ଖଡ଼ିକୁ କେମିତି ଧରିବେ, ଭଲ ଫଳ ପାଇଁ କେମିତି ଖଡ଼ି ଚଳାଇବେ, ନ ଭାଙ୍ଗି କରି କିପରି ଲେଖିବେ... । ସେମାନେ ସମସ୍ତେ ଜଣେ ଜଣେ ଦକ୍ଷ ଚକ୍ କଳାକାର ହୋଇ ଯାଇଥିଲେ ।

## ୟାସୁଆକି-ଚାନ୍ ମରିଗଲା

ବସନ୍ତ ଛୁଟି ପରେ ସ୍କୁଲରେ ସେଦିନ ପ୍ରଥମ ସକାଳ । ସବୁଦିନ ଭଳି ସ୍କୁଲ ପଡ଼ିଆରେ ସବୁ ପିଲା ଏକାଠି ହୋଇଥା'ନ୍ତି । ପିଲାଙ୍କ ଆଗରେ ଶ୍ରୀ କୋବାୟାଶି ପକେଟରେ ହାତ ପୂରାଇ ଠିଆ ହୋଇ ଥାଆନ୍ତି । କିନ୍ତୁ କିଛି ସମୟ ଯାଏଁ ସେ କଥା କହିଲେ ନାହିଁ । ତା'ପରେ ସେ ପକେଟରୁ ହାତ ବାହାର କଲେ ଓ ପିଲାଙ୍କୁ ଚାହିଁଲେ, ସେ କାନ୍ଦୁଥିଲା ଭଳି ଜଣା ପଡୁଥା'ନ୍ତି । ସେ ଧୀରେ ଧୀରେ କହିଲେ, ''ୟାସୁଆକି-ଚାନ୍ ଆଉ ନାହିଁ । ଆମେ ଆଜି ତା'ର ଶେଷକୃତ୍ୟ ପାଇଁ ଯିବା । ମୁଁ ଜାଣେ ତୁମେମାନେ ୟାସୁଆକି-ଚାନ୍‌କୁ ଭଲ ପାଉଥିଲ । ଏହା ଭାରି ଦୁଃଖର କଥା । ମୁଁ ବହୁତ ଦୁଃଖିତ ।'' ସେ ଏତିକି କହୁ କହୁ ତାଙ୍କ ମୁହଁ ଗାଢ଼ ଲାଲ ପଡ଼ିଗଲା ଓ ଆଖିରୁ ଲୁହ ବୋହିଲା । ପିଲାମାନେ ଚମକି ପଡ଼ିଲେ । କାହା ପାଟିରୁ ପଦେ ବି କଥା ବାହାରୁ ନଥାଏ । ସେମାନେ ସମସ୍ତେ ୟାସୁଆକି-ଚାନ୍ ବିଷୟରେ ଭାବୁଥା'ନ୍ତି । ତୋମୋଏର ପଡ଼ିଆରେ ଆଗରୁ କେବେ ଏମିତି ଦୁଃଖଭରା ନୀରବତା ଖେଳି ନଥିଲା ।

ତୋତ୍ତୋ-ଚାନ୍ ଭାବୁଥାଏ, ''ଏତେ ଶୀଘ୍ର ସେ ମରିଗଲା, ଭାବି ହେଉ ନାହିଁ । ସେ ଛୁଟି ଆଗରୁ 'ଟମକକାଙ୍କ କୁଟୀର' ବହିଟି ମୁଁ ପଢ଼ିବା ଉଚିତ କହି ମୋତେ ଦେଇଥିଲା । ମୁଁ ସେଇଟା ଏ ଯାଏଁ ସାରି ପାରି ନାହିଁ ।''

ତା'ର ମନେ ପଡ଼ିଲା ଶୀତ ଛୁଟି ଆଗରୁ ସେ ଓ ୟାସୁଆକି-ଚାନ୍‌ର ବିଦାୟ ନେବା ବେଳର କଥା । ସେ ଯେତେବେଳେ ବହିଟି ଦେଲା ତା'ର ଆଙ୍ଗୁଠିଗୁଡ଼ିକ କେଡ଼େ ବଙ୍କା ଦିଶୁଥିଲା । ତା'ର ମନେ ପଡ଼ିଲା ଯେବେ ସେମାନେ ପ୍ରଥମେ ଭେଟି ଥିଲେ, ତୋତ୍ତୋ-ଚାନ୍ ତାକୁ ପଚାରିଲା, ''ତୁ ଏମିତି କାହିଁକି ଚାଲୁଛୁ ?'' ସେ ଧୀରେ କହିଥିଲା, ''ମୋତେ ପୋଲିଓ ହୋଇଥିଲା ।'' ତା'ର ସ୍ୱର ଓ ମୁରୁକି ହସ ବି ମନେ ପଡ଼ିଲା । ଆଉ ଖରାଦିନେ ସେ ଦୁଇ ଜଣଙ୍କର ଗଛଚଢ଼ା କଥା ବି ମନେ ପଡ଼ିଲା । ତାକୁ ଟେକିଲା ବେଳେ ତା'ର ଦେହଟା କେଡ଼େ ଓଜନିଆ ଲାଗୁଥିଲା । ତୋତ୍ତୋ-ଚାନ୍‌ଠାରୁ ବୟସରେ ବଡ଼ ଓ ଡେଙ୍ଗା ଥିଲେ ବି ସେ ତାକୁ କେତେ ବିଶ୍ୱାସ କରୁଥିଲା ! ୟାସୁଆକି-ଚାନ୍ ହିଁ ତାକୁ କହିଥିଲା ଯେ ଆମେରିକାରେ ଟେଲିଭିଜନ ବୋଲି ଜିନିଷଟିଏ ଅଛି । ତୋତ୍ତୋ-ଚାନ୍ ୟାସୁଆକି-ଚାନ୍‌କୁ ଭଲ ପାଉଥିଲା । ସେମାନେ ସ୍କୁଲରେ ଏକାଠି ବସି ଖାଉଥିଲେ, ଛୁଟିରେ ଏକାଠି ହେଉଥିଲେ ଓ ସ୍କୁଲ ପରେ ଷ୍ଟେସନକୁ ଏକାଠି ଯାଉଥିଲେ । ତାକୁ ହରାଇବାଟା ବହୁତ ବାଧିବ । ତୋତ୍ତୋ-ଚାନ୍ ଏତିକି ମାତ୍ର ବୁଝିଲା ଯେ ମରିଗଲା ମାନେ ସେ ସ୍କୁଲକୁ ଆଉ ଆସିବ ନାହିଁ । ଠିକ୍ ତା'ର ଟିକି କୁକୁଡ଼ାଛୁଆଗୁଡ଼ାକ ପରି । ସେଗୁଡ଼ିକ ମରିଗଲା ପରେ ସେ ଯେତେ ଡାକିଲେ ବି ସେମାନେ ଆଉ ହଲୁ ନଥିଲେ ।

ଡେନେଚୋଫୁଠାରେ ୟାସୁଆକି-ଚାନ୍‌ର ଘର ପାଖରେ ଗୋଟିଏ ଗୀର୍ଜାରେ ତା'ର ଶେଷକ୍ରିୟା ହେଲା ।

ଜିଉଗାଓକାଠାରୁ ପିଲାମାନେ ଗୋଟିଏ ଧାଡ଼ିରେ ଚୁପ୍‌ଚାପ୍ ଚାଲି ଚାଲି ସେଠାକୁ ଗଲେ । ଅନ୍ୟ ସମୟ ପରି ତୋତ୍ତୋ-ଚାନ୍ ଏଣେ ତେଣେ ଚାହୁଁ ନଥାଏ, ସେ ତଳକୁ ମୁହଁ କରି ଚାଲିଥାଏ । ପ୍ରଧାନ ଶିକ୍ଷକ ଏହି ଦୁଃଖ କଥାଟି କହିଲା ବେଳେ ଲାଗୁଥିଲା ଏବେ ସେସବୁ କଥାଠାରୁ ଏଗୁଡ଼ିକ ଟିକିଏ ଅଲଗା । ପ୍ରଥମେ ସେ ଏହା ବିଶ୍ୱାସ କରିପାରି ନଥିଲା । ତା'ପରେ ତାକୁ ବହୁତ ଦୁଃଖ ଲାଗିଲା । କିନ୍ତୁ ଏବେ ସେ ୟାସୁଆକି-ଚାନ୍‌କୁ ଜୀବନ୍ତ ଅବସ୍ଥାରେ ଥରକ ପାଇଁ କେବଳ ଦେଖିବାକୁ ଚାହୁଁଥିଲା । ତା' ସହ କଥା ହେବାକୁ ତୋତ୍ତୋ-ଚାନ୍ ବ୍ୟାକୁଳ ହେଉଥିଲା ଏବଂ ନିଜକୁ ମଧ୍ୟ ଆଉ ସମ୍ଭାଳି ପାରିଲା ନାହିଁ ।

ଗୀର୍ଜାଟି ଧଳା ଲିଲି ଫୁଲରେ ଭରି ଯାଇଥାଏ । ୟାସୁଆକି-ଚାନ୍‌ର ସୁନ୍ଦରୀ ମା, ଭଉଣୀ ଓ ସାଙ୍ଗମାନେ ସମସ୍ତେ କଳା ପୋଷାକ ପିନ୍ଧି ଗୀର୍ଜା ବାହାରେ ଠିଆ ହୋଇଥା'ନ୍ତି । ସେମାନେ ତୋତ୍ତୋ-ଚାନ୍‌କୁ ଦେଖି ବେଶୀ ବେଶୀ କାନ୍ଦିବାରେ ଲାଗିଲେ । ହାତରେ ତାଙ୍କର ଧଳା ରୁମାଲଟିମାନ ଥାଏ । ପ୍ରଥମ ଥର ପାଇଁ ତୋତ୍ତୋ-ଚାନ୍ କାହାର ଶେଷକ୍ରିୟା ପାଇଁ ଯାଇଥାଏ । ସେ ବୁଝିଲା ଯେ ଏହା କେତେ ଦୁଃଖାବହ । ସମସ୍ତେ ଚୁପ୍ ରହିଥା'ନ୍ତି । ଅର୍ଗାନର ମୂର୍ଚ୍ଛନା ଖେଳୁଥାଏ । ବାହାରେ ଉଜ୍ଜ୍ୱଳ ଖରା ପଡ଼ିଥାଏ, ଗୀର୍ଜା ଭିତର ଆଲୁଅରେ ଭରିଥାଏ । କିନ୍ତୁ ସେଠାରେ ଟିକିଏ ବି ସୁଖ ନଥାଏ । ହାତରେ କଳାପଟି ବାନ୍ଧିଥିବା ଲୋକଟିଏ ତୋମୋଏର ପିଲାଙ୍କ ହାତରେ ଗୋଟିଏ ଗୋଟିଏ କରି ଫୁଲ ଧରାଇ ଦେଲା ଏବଂ ବୁଝାଇ ଦେଲା ଯେ ସେମାନେ ଜଣକ ପରେ ଜଣେ ଯାଇ ୟାସୁଆକି-ଚାନ୍‌ର କବର ଉପରେ ଫୁଲ ଦେଇ ଆସିବେ ।

ୟାସୁଆକି-ଚାନ୍‌ର ଆଖି ବନ୍ଦ ଥାଏ । ଶବାଧାର ଭିତରେ ତା'ର ଦେହଟି ଫୁଲରେ ଘୋଡ଼େଇ ହୋଇ ଯାଇଥାଏ । ଜୀବନ ଚାଲି ଯାଇଥିଲେ ବି ସେ ପୂର୍ବ ପରି ଚାଲାକ ଓ ଉଦାର ଜଣା ପଡୁଥାଏ । ତୋତ୍ତୋ-ଚାନ୍ ତା' ପାଖରେ ଆଣ୍ଠୁମାଡ଼ି ବସିଲା ଓ ଫୁଲଟି ତା' ହାତ କଡ଼ରେ ଥୋଇ ଦେଲା । ଆସ୍ତେ କରି ତା'ର ହାତଟିକୁ ସେ ଛୁଇଁଲା – ସେହି ପ୍ରିୟ ହାତଟିକୁ ସେ ଆଗରୁ କେତେ ଥର ଧରିଥିଲା । ସେ ହାତଟି ନିଜ ଟିକି ହାତ ତୁଳନାରେ କେତେ ଧଳା ଦିଶୁଥିଲା ଓ ଆଙ୍ଗୁଠିଗୁଡ଼ିକ ବଡ଼ମାନଙ୍କ ଆଙ୍ଗୁଠି ପରି ଲମ୍ୱା ଲାଗୁଥିଲା ।

''ଏଥର ବିଦାୟ'', ସେ ୟାସୁଆକି-ଚାନ୍‌କୁ ଧୀର ଭାବରେ କହିଲା, ''ହୁଏତ ପୁଣି କେବେ ଆଉ ଥରେ ଦେଖା ହେବ । ସେତେବେଳକୁ ଆମେ ବେଶ୍ ବଡ଼ ହୋଇ ଯାଇଥିବା, ଆଉ ହୁଏତ ତୋର ପୋଲିଓ ବି ଭଲ ହୋଇ ଯାଇଥିବ ।''

ତୋତ୍ତୋ-ଚାନ୍ ଉଠି ଠିଆ ହେଲା । ୟାସୁଆକି-ଚାନ୍‌କୁ ଆଉ ଥରେ ଚାହିଁଲା ଓ କହିଲା, ''ଆରେ ହଁ, ମୁଁ ଭୁଲି ଯାଇଥିଲି । 'ଟମକକାଙ୍କ କୁଟୀର' ବହିଟି ମୁଁ ତତେ ଏବେ ଆଉ ଫେରାଇ ପାରିବିନି । ପାରିବି କି ? ପୁଣି ଥରେ ଭେଟିବା ଯାଏଁ ମୁଁ ତାକୁ ସାଇତି ରଖିଥିବି ।''

ଫେରିବା ବେଳେ ତାକୁ ଲାଗୁଥିଲା ଯେପରି ୟାସୁଆକି-ଚାନ୍ ତାକୁ କହୁଛି, ''ତୋତ୍ତୋ-ଚାନ୍, ଆମେ ବହୁତ ମଜା କରିଛେ, ନୁହେଁ ? ମୁଁ ତୋତେ କେବେ ବି ଭୁଲି ପାରିବି ନାହିଁ । କଦାପି ନୁହେଁ ।''

ତୋତ୍ତୋ-ଚାନ୍ ଦୁଆର ମୁହଁରେ ପହଞ୍ଚିଲା ବେଳକୁ ବୁଲି ପଡ଼ି କହିଲା, ''ମୁଁ ବି ତତେ କେବେ ଭୁଲିବି ନାହିଁ'' ।

ବାହାରେ ବସନ୍ତ ଋତୁର କଅଁଳିଆ ଖରା ପଡ଼ିଥାଏ, ଠିକ୍ ତାଙ୍କର ପ୍ରଥମ ଦିନର ଭେଟ ଭଳି । କିନ୍ତୁ ଆଜି ତା'ର ଦୁଇ ଗାଲ ଲୁହରେ ଭିଜି ଯାଇଥାଏ ।

## ଗୁପ୍ତଚର

ତୋମୋଏର ପିଲାମାନେ ବହୁତ ଦିନ ଯାଏଁ ୟାସୁଆକି-ଚାନ୍ ପାଇଁ ମନ ଦୁଃଖ କରିଥିଲେ, ବିଶେଷ କରି ସକାଳେ ସ୍କୁଲ ଆରମ୍ଭ ହେଲା ବେଳେ । ୟାସୁଆକି-ଚାନ୍‌ର ଆଜି ଡେରି ହୋଇଛି, ନୁହେଁ – ବରଂ ସେ ଆଉ କେବେ ବି ସ୍କୁଲକୁ ଆସିବନି । ଏକଥା ଅଭ୍ୟାସରେ ପଡ଼ିବା ପାଇଁ କିଛି ସମୟ ଲାଗିଲା । ସାଧାରଣତଃ ଶ୍ରେଣୀରେ କମ୍ ପିଲା ରହିଲେ ଭଲ । କିନ୍ତୁ ଏଭଳି ସମୟରେ କଷ୍ଟଟା ଅଧିକ ଜଣା ପଡୁଥିଲା । ୟାସୁଆକି-ଚାନ୍ ନଥିବା କଥାଟା ଆପେ ଆପେ ଜଣାପଡ଼ି ଯାଉଥିଲା । ରକ୍ଷା ହୋଇଥିଲା ଯେ ଶ୍ରେଣୀରେ କାହାର କୌଣସି ନିର୍ଦ୍ଦିଷ୍ଟ ବସିବା ଜାଗା ନଥିଲା । ନ ହେଲେ ୟାସୁଆକି-ଚାନ୍‌ର ଚଉକିଟା ଖାଲି ରହିବା ଦେଖିଲେ ବେଶୀ କଷ୍ଟ ଲାଗୁଥା'ନ୍ତା ।

କିଛି ଦିନ ହେଲା ତୋତ୍ତୋ-ଚାନ୍ ପୁଣି ଭାବିବାକୁ ଆରମ୍ଭ କଲାଣି ଯେ ବଡ଼ ହେଲେ ସେ କ'ଣ କରିବ । ପିଲାବେଳେ ସେ ଭାବୁଥିଲା ଯେ ସେ ଜଣେ ବୁଲନ୍ତା ବାଜାବାଲା ବା ନୃତ୍ୟନାଟିକା କଳାକାର ହେବ । ଯେଉଁଦିନ ସେ ତୋମୋଏ ସ୍କୁଲରେ ପହଞ୍ଚିଲା ସେଦିନ ଭାବିଲା ସେ ଜଣେ ରେଳଟିକଟ ବିକାଳୀ ହେବ । କିନ୍ତୁ ଏବେ ସେ ଭାବୁଛି ଯେ ସେ କିଛି ଅସାଧାରଣ କାମ କରିବ ଯାହା ମହିଳାମାନଙ୍କୁ ଅଧିକ ସାଜିବ । ସେ ଭାବିଲା ଜଣେ ନର୍ସ ହେଲେ ଭଲ ହେବ । କିନ୍ତୁ ସଙ୍ଗେ ସଙ୍ଗେ ତା'ର ମନେ ପଡ଼ିଗଲା ଯେ କିପରି ଆହତ ସୈନ୍ୟଙ୍କୁ ଡାକ୍ତରଖାନାରେ ନର୍ସମାନେ ଇଞ୍ଜେକ୍ସନ୍ ଦେଉଥିଲେ । ଏହା ଏକ କଷ୍ଟକର କାମ । ସେ କ'ଣ କରିବ ? ହଠାତ୍ ସେ ଖୁସିରେ ଉଚ୍ଛୁଳି ଉଠିଲା ।

''କାହିଁକି ? ମୁଁ ତ ଆଗରୁ ଠିକ୍ କରି ସାରିଛି ମୁଁ କ'ଣ କରିବି ?''

ସେ ତାଇ-ଚାନ୍ ପାଖକୁ ଗଲା । ସେ ସେତେବେଳକୁ ତା' ସ୍ପିରିଟ୍ ବତୀ ଜାଳୁଥାଏ । ସେ ଗର୍ବର ସହ କହିଲା, ''ମୁଁ ଜଣେ ଗୁପ୍ତଚର ହେବାକୁ ଚାହୁଁଛି ।''

ତାଇ-ଚାନ୍ ବତୀରୁ ମୁହଁ ଫେରାଇ ତୋତ୍ତୋ-ଚାନ୍ ମୁହଁକୁ ବେଶ୍ କିଛି ସମୟ ଚାହିଁଲା । ତା'ପରେ ସେ ଝରକା ଦେଇ ବାହାରକୁ କିଛି ସମୟ ଚାହିଁଲା ଯେପରି ସେ କେବଳ ସେହି ବିଷୟରେ ହିଁ ଭାବୁଛି । ତା'ପରେ ସେ ତୋତ୍ତୋ-ଚାନ୍ ଆଡ଼କୁ ଚାହିଁ ତା'ର ଚାଲାକ ଓ ଗମ୍ଭୀର ସ୍ୱରରେ ସେ ବୁଝିଲା ଭଳି ସରଳ ଓ ଧୀର ସ୍ୱରରେ କହିଲା, ''ଗୁପ୍ତଚର ହେବା ପାଇଁ ତୋତେ ଚାଲାକ ହେବାକୁ ପଡ଼ିବ । ତା'ଛଡ଼ା ତୋତେ ଅନେକ ଭାଷା ବି ଜାଣିବାକୁ ହେବ ।''

ତାଇ-ଚାନ୍ ଟିକିଏ ଅଟକି ଦମ୍ ନେଲା, ତା'ପରେ ସେ ସିଧା ତୋତ୍ତୋ-ଚାନ୍‌କୁ ଚାହିଁ ରୋକ୍‌ଠୋକ୍ ଭାବରେ କହିଲା, ''ଜଣେ ଝିଅ ଗୁପ୍ତଚରକୁ ସୁନ୍ଦରୀ ବି ହେବାକୁ ପଡ଼ିବ ।''

ତାଇ-ଚାନ୍‌ର ଚାହାଣୀରୁ ତୋତ୍ତୋ-ଚାନ୍ ଆଖି ଖସାଇ ନେଲା ଓ ମୁହଁ ତଳକୁ କଲା । ଟିକିଏ ରହି ତାଇ-ଚାନ୍ ଶୁଭେଚ୍ଛୁ ଭଳି ଧୀର ସ୍ୱରରେ ତୋତ୍ତୋ-ଚାନ୍‌ର ମୁହଁକୁ ନଚାହିଁ କହିଲା, ''ଆଉ ତା' ଛଡ଼ା ମୁଁ ଭାବି ପାରୁନି ଯେ ଜଣେ ଗପୁଡ଼ି କେବେ ଗୁପ୍ତଚର ହୋଇ ପାରିବ ।''

ତୋତ୍ତୋ-ଚାନ୍ ପୂରା ଚୁପ୍ ହୋଇ ଯାଇଥିଲା । ତା'ର ଗୁପ୍ତଚର ହେବା କଥାକୁ ତାଇ-ଚାନ୍ ବିରୋଧ କଲା ବୋଲି ନୁହେଁ, କିନ୍ତୁ ତାଇ-ଚାନ୍ ଯାହା କହିଲା ତା' ସବୁ ସତ ଥିଲା । ଏସବୁ ସେ ଆଗରୁ ସନ୍ଦେହ କରୁଥିଲା । ସେ ଅନୁଭବ କଲା ଯେ ଗୁପ୍ତଚର ହେବା ପାଇଁ ଦରକାରୀ ଗୁଣସବୁ ତା' ପାଖରେ ନାହିଁ । ସେ ଜାଣିଥିଲା ଯେ ତାଇ-ଚାନ୍ ଭଲରେ ଏସବୁ କଥା କହିଛି । ସେ ତେଣୁ ଏହି ଯୋଜନାଟିକୁ ଛାଡ଼ିବାକୁ ବାଧ ହେଲା । ଭଲ ହେଲା ଯେ ସେ ଆଗ ତାଇ-ଚାନ୍ ସହିତ କଥା ହେଲା ।

ସେ ମନେ ମନେ ଭାବିଲା, ''ତାଇ-ଚାନ୍ ତ ମୋ ବୟସର । କିନ୍ତୁ ସେ କେତେ ବେଶୀ କଥା ନ ଜାଣିଛି !''

ଯଦି ତାଇ-ଚାନ୍ ତାକୁ କହିଥା'ନ୍ତା ଯେ ସେ ଜଣେ ପଦାର୍ଥ ବିଜ୍ଞାନୀ ହେବାକୁ ଚାହୁଁଛି ତେବେ ସେ ତା'ର ଉତ୍ତରରେ କ'ଣ କହି ପାରିଥା'ନ୍ତା ?

ସେ ହୁଏତ କହିଥା'ନ୍ତା, ''ତୁ ଦିଆସିଲି ମାରି ସ୍ପିରିଟ୍ ବତୀ ଜାଳିବାରେ ଖୁବ୍ ଦକ୍ଷ, କିନ୍ତୁ ଏହା ଖୁବ୍ ପିଲାଳିଆ ଲାଗିଥା'ନ୍ତା ।'' କିଂବା କୁହନ୍ତା, ''ହଁ, ତୁ ଜାଣିଛୁ ଯେ ଇଂରାଜୀରେ 'କିଶୁନେ'କୁ 'ଫକ୍ସ' (କୋକିଶିଆଳୀ) ଓ 'କୁଶୁ'କୁ

'ଶୁ' (ଜୋତା) କୁହନ୍ତି । ତେଣୁ ମୁଁ ଭାବୁଛି ଯେ ତୁ ଜଣେ ପଦାର୍ଥ ବିଜ୍ଞାନୀ ହୋଇ ପାରିବୁ । ନା, ଏ ଉତ୍ତର ବି କିଛି କାମର ନୁହେଁ ।''

ଯାହା ହେଉ ସେ ନିଶ୍ଚିତ ଥିଲା ଯେ ଟାଇ-ଚାନ୍ ଜଣେ ବୁଦ୍ଧିମାନ୍ ଲୋକ ହୋଇ ପାରିବ । ତେଣୁ ଫ୍ଲାସ୍କରେ ଫୁଟୁଥିବା ପାଣି ଫୋଟକାକୁ ଲକ୍ଷ୍ୟ କରୁଥିବା ଟାଇ-ଚାନ୍‌କୁ ମଧୁର ଭାବରେ ସେ କହିଲା, ''ଧନ୍ୟବାଦ । ତା'ହେଲେ ମୁଁ ଜଣେ ଗୁପ୍ତଚର ହେବି ନାହିଁ । କିନ୍ତୁ ମୁଁ ଜାଣିଛି ଯେ ତୁ ନିଶ୍ଚୟ ଜଣେ ବଡ଼ ମଣିଷ ହେବୁ ।''

ଟାଇ-ଚାନ୍ ଗୁଣୁ ଗୁଣୁ ହୋଇ କ'ଣ କହିଲା, ମୁଣ୍ଡକୁ ଟିକିଏ କୁଣ୍ଡେଇଲା ଓ ତା' ସାମନାରେ ପଡ଼ିଥିବା ଖୋଲା ବହିରେ ମନ ଦେଲା ।

ଟାଇ-ଚାନ୍ ପାଖରେ ଠିଆ ହୋଇ ତୋତ୍ତୋ-ଚାନ୍ ଭାବି ଚାଲିଲା, ''ଯଦି ଗୁପ୍ତଚର ହୋଇ ପାରିବିନି ତା'ହେଲେ ମୁଁ ଆଉ କ'ଣ ହେବି ?'' ବତୀର ଶିଖାଟିକୁ ସେ ଚାହିଁ ରହି ଭାବି ଚାଲିଲା ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

# ଖୋଜିଲା ଖୋଜିଲା ଭାବ

## ଦୀପ୍ତି ମିଶ୍ର

ଖୋଜିଲା ଖୋଜିଲା ଭାବ ଆଜି ମୋର
କରେ ମୋତେ ଆନମନା,
କ'ଣ ଖୋଜୁଛି କାହିଁକି ଖୋଜୁଛି
ଏକଥା ମୋତେ ଅଜଣା । (୧)

ଘରେ ବି ଖୋଜୁଛି ବାହାରେ ଖୋଜୁଛି
ଦିନରେ ପୁଣି ରାତିରେ,
ଖୋଜିବା ଆନନ୍ଦେ ହୃଦୟ ବିଭୋର
ପାଏ କି ନ ପାଏ ତା'ରେ । (୨)

କାହିଁ କେତେ ବାଟ ଚାଲି ଆସିଲିଣି
ଆଉ କେତେ ଅଛି ବାକି,
ହସୁ ହସୁ କେବେ ଲୁହ ଆସିଯାଏ
କାରଣ ନ ପାରେ ଖୋଜି । (୩)

ମନର ଆକାଶେ କଳା ବାଦଲଟା
କେତେବେଳେ ଯାଏ ଛାଇ,
ଆଶାର ସୂରୁଜ କିରଣକୁ ସିଏ
ପକାଏ ନିଜେ ଘୋଡ଼ାଇ । (୪)

ଚାରି ଦିଗ ଯେବେ ଅନ୍ଧାର ଦିଶେ
ଆଲୋଡ଼ିତ ହୁଏ ପ୍ରାଣ,
କେଉଁଠି ମୁଁ ଅଛି କାହାକୁ ଖୋଜୁଛି
ପାଏନା କିଛି କାରଣ । (୫)

ହସ ଲୁହ ସବୁ ଏକାକାର ହୁଏ
ଖୋଜିବା ଆନନ୍ଦେ ମିଶି,
ଏକା ଏକା ପୁଣି ଖୋଜିବାରେ ଲାଗେ
ଅବିରତ ଦିବା ନିଶି ।(୬) ❑

# ପଦ୍ମପୁରର ଡାହାଣୀ

## ଦୌଲତ ପାଣ୍ଡେ

ଧାଡ଼ି ଧାଡ଼ି ଉଚ୍ଚ ନୀଚ ପାହାଡ଼ ପାଖରେ ଛୋଟିଆ ଗାଁଟିଏ । ଗାଁର ଗୋଟିଏ ପାଖରେ ଲୁଣି ପାଣିର ବିରାଟ ଚିଲିକା ହ୍ରଦ ଲମ୍ୱି ଯାଇଛି ଦରିଆ ଆଡ଼କୁ । ଗାଁ ଚାରିପାଖରେ ଝଙ୍କାଳିଆ ଗଛଗୁଡ଼ିଏ ଯେପରି ଗାଁଟିକୁ ଢାଙ୍କି ଘୋଡ଼ାଇ ରଖିଛି । ଗାଁ ମଝିରେ ଛୋଟ ପଙ୍କ ପୋଖରୀ । ଖରାଦିନେ ଧଳା ଓ ଫିକା ଲାଲ ରଙ୍ଗର ପଦ୍ମ ଫୁଲରେ ପୋଖରୀଟି ଭରିଯାଏ । ସେହି ପଦ୍ମପୋଖରୀର ନାମ ଅନୁସାରେ ଗାଁର ନାଁ ହୋଇଛି ପଦ୍ମପୁର । ଗାଁର ପରିବେଶ ଏଡ଼େ ଶାନ୍ତ ଓ ସୁନ୍ଦର ଯେ ସତେ ଯେମିତି ଗାଁଟି ସରଗ ରାଇଜର ଏକ ଅଂଶ । ଗାଁର ଆର ପାଖରେ ଖୋଲା ପଡ଼ିଆ । ଟିକେ ଦୂରରେ ମାମୁଁ-ଭଣଜା ପାହାଡ଼ । ଭଣଜା ପାହାଡ଼ ଭାରି ଉଚ୍ଚ ଆଉ ତୀଖ । ମାମୁଁ ପାହାଡ଼ର ଉଚ୍ଚତା କମ୍ । ସତେ ଯେମିତି ବୟସ ଭାରରେ ମାମୁଁ ପାହାଡ଼ ଦବି ଯାଇଛି, ଆଉ ଭଣଜା ଉପରକୁ ମୁଣ୍ଡ ଟେକି ରହିଛି ।

ଏକଦା ସେହି ଗାଁରେ ବୁଢ଼ୀଟିଏ ରହୁଥିଲା । ବୁଢ଼ୀର ଚମ ସାଙ୍କୁଡ଼ି ଯାଇ ଲୋଚାକୋଚା ହୋଇ ଯାଇଥାଏ । ବୁଢ଼ୀ ନଇଁ ନଇଁ ଚାଲେ । ଗାଁର ଅପାଠୁଆ ଲୋକଙ୍କ ବିଶ୍ୱାସ, ସେ ଗୁଣି ଗାରେଡ଼ି ଜାଣେ । ଅସମ୍ଭବକୁ ସମ୍ଭବ କରିପାରେ । ସତରେ କିନ୍ତୁ ତା'ର ସେମିତି କିଛି ଶକ୍ତି ନଥିଲା । ଅବଶ୍ୟ ବୁଢ଼ୀ ଥିଲା ଗାଁର ଅନ୍ୟମାନଙ୍କଠାରୁ ଅଧିକ ଚାଲାଖ । ବୁଦ୍ଧିବଳରେ ସେ ଅସାଧ ସାଧନ କରି ପାରୁଥିଲା । ଅନ୍ଧବିଶ୍ୱାସୀ ଗାଁ ଲୋକେ ଭାବୁଥିଲେ ଗୁଣିଗାରେଡ଼ି ବଳରେ ସେ ଏମିତି କରି ପାରୁଛି; ସେମାନଙ୍କର ଧାରଣା ଥିଲା ବୁଢ଼ୀ ଗୋଟେ ଡାହାଣୀ । ସେ କିଛି ଅନିଷ୍ଟ କରିପାରେ ବୋଲି ଲୋକେ ଭୟରେ ତା'ଠାରୁ ଦୂରରେ ରହୁଥିଲେ ।

ଗାଁର ଅନେକ ଲୋକ ମେଣ୍ଢା ପାଳିଥିଲେ । ସେମାନଙ୍କୁ ଚରାଇବାକୁ ଗାଁରେ ଅନେକ ମେଷପାଳକ ପିଲା ଥିଲେ । ସେମାନେ ପ୍ରତିଦିନ ଗାଁ ପାଖ ପାହାଡ଼କୁ ମେଣ୍ଢାମାନଙ୍କୁ ଚରାଇବାକୁ ନିଅନ୍ତି । ସେମାନଙ୍କ ଭିତରୁ ଜଣକର ନାଆଁ ଥିଲା ପବନା । ପବନା ତା' ମେଣ୍ଢାମାନଙ୍କୁ ଭାରି ଭଲ ପାଏ । ସେମାନଙ୍କର ଖୁବ୍ ଯତ୍ନନିଏ । ପଦ୍ମପୋଖରୀକୁ ଢାଙ୍କିଥିବା ଶୀତୁଆ ସକାଳର ଧୂଆଁଳିଆ କୁହୁଡ଼ି ସୂର୍ଯ୍ୟକିରଣ ସ୍ପର୍ଶରେ ଅପସରିଯିବା ଆଗରୁ ବଡ଼ି ସକାଳୁ ପବନା ତା' ମେଣ୍ଢା ଗୋଠକୁ ଅଣଓସାରିଆ ପାଦଚଲା ରାସ୍ତାରେ ପାହାଡ଼ ଉପରକୁ ଚରାଇବାକୁ ନେଇଯାଏ । ପାହାଡ଼ ଉପରେ ଯେଉଁଠି ଖୋଲା ପଡ଼ିଆରେ ବହଳ ଘାସ ଆଉ ମଝିରେ ମଝିରେ ଜଙ୍ଗଲୀ ବୁଦାରେ ଫୁଲ ଫୁଟିଥିବାର ଦେଖେ, ସେଇଠି ଏକ ବଡ଼ କାଠଚମ୍ପା ଗଛ ମୂଳରେ ବସି ବଇଁଶୀ ବଜାଇବା ଆରମ୍ଭ କରିଦିଏ । ପବନାର ବଇଁଶୀବଜା ଆରମ୍ଭ ହୋଇଗଲେ ମେଣ୍ଢାମାନେ ଆଉ ଆଗକୁ ନବଢ଼ି, ସେଇଠି ଅଟକି ଚରିବା ଆରମ୍ଭ କରି ଦିଅନ୍ତି । ମେଣ୍ଢାଛୁଆମାନେ ଡିଆଁକୁଦା କରି ମନଖୁସିରେ ଖେଳିବାରେ ମାତିଯାଆନ୍ତି । ସତରେ ଏମିତି ଗୋଟେ ଖୁସି ମିଜାଜର ସୁନ୍ଦର ମେଣ୍ଢା ଗୋଠ ଆଉ କେଉଁଠି ନଥିବ ।

ମେଣ୍ଢାମାନେ ଛନଛନିଆ କଅଁଳ ଘାସ ପେଟ ପୂରାଇ ଖାଇସାରିବା ପରେ ପବନା ସେମାନଙ୍କୁ ପାଣି ପିଆଇବା ପାଇଁ ପାଖ ଝରଣା କୂଳକୁ ଅଡ଼େଇ ନିଏ । ବହୁ ସମୟ ଘାସ ଚୋବାଇବା ଯୋଗୁଁ ସେମାନେ ଶୋଷେଇ ଥା'ନ୍ତି । ଝରଣାର ଥଣ୍ଡା ପାଣି ପାଖରେ ପହଞ୍ଚିବା ପାଇଁ ସେମାନେ ନିଜ ନିଜ ଭିତରେ ଠେଲାପେଲା ହୁଅନ୍ତି । ଶିଙ୍ଗରେ ମରାମରି ବି ହୁଅନ୍ତି । ଶେଷରେ ପାଣି ପାଖରେ ପହଞ୍ଚି ଆଗ ଦୁଇଗୋଡ଼ ଭାଙ୍ଗି ଆଣ୍ଠେଇ ପଡ଼ି ପାଣି ପିଇଯାଆନ୍ତି । ମେଣ୍ଢା ପଲ ପାଣି ପିଇସାରିବା ପରେ ପବନା ସେମାନଙ୍କୁ ଗଣେ । ଯଦି ସବୁ ମେଣ୍ଢା ଠିକ୍ ଥାଆନ୍ତି ତେବେ ସେ ତା' ପାଞ୍ଚଣକୁ ପଥର ଉପରେ ତିନିଥର ବାଡ଼େଇ ଦିଏ । ଇଏ ହେଲା ଘରବାହୁଡ଼ା ବାଟ ଧରିବାକୁ ସେମାନଙ୍କୁ ପବନାର ହୁକୁମ । କେବେ କେବେ ତା' ଗୋଠର ଗୋଟେ ଦୁଇଟା ମେଣ୍ଢା ବାଟହୁଡ଼ି ଫେରି ନଥା'ନ୍ତି । ସେମିତି ହେଲେ ସେ ସେମାନଙ୍କୁ ଖୋଜିବା ପାଇଁ ବାହାରିଯାଏ । ସେମାନେ ମିଳିଗଲେ ପବନା ଗୋଠକୁ ଗାଁକୁ ଅଡ଼େଇ ନିଏ ।

ଥରେ ଏମିତି ହେଲା ସପ୍ତାହକ ଆଗରୁ ଜନ୍ମ ହୋଇଥିବା ତା' ଗୋଠର ମେଣ୍ଢାଛୁଆଟିଏ ଫେରିଲା ନାହିଁ । ବହୁତ ଖୋଜାଖୋଜି କରି ପବନା ତାକୁ କେଉଁଠି ହେଲେ ପାଇଲା ନାହିଁ । ମେଣ୍ଢା ବୋବାଇବାର ଶବ୍ଦ ବି କେଉଁଠି ଶୁଭିଲା ନାହିଁ ।

ଶେଷରେ ପବନା ମନ ଦୁଃଖରେ ଅନ୍ୟ ମେଣ୍ଢାମାନଙ୍କୁ ଗାଁକୁ ଫେରାଇ ନେଲା । ଗାଁରେ ପହଞ୍ଚି ହଜିଲା ମେଣ୍ଢାଛୁଆ କଥା ସାଙ୍ଗମାନଙ୍କୁ କହିଲା । ଗାଁର ପାଞ୍ଚଜଣ ସାଙ୍ଗ ଖୋଜିବାରେ ସାହାଯ୍ୟ କରିବା ପାଇଁ ପବନା ସାଙ୍ଗରେ ପାହାଡ଼ ଆଡ଼କୁ ଚାଲିଲେ । ସେଠାରେ ପହଞ୍ଚି ମେଣ୍ଢାଛୁଆକୁ ଖୋଜିବାକୁ ଭିନ୍ନ ଭିନ୍ନ ଦିଗକୁ ବାହାରି ଗଲେ । ସେମାନଙ୍କ ଭିତରୁ ଜଣେ ପିଲା ସବୁଠାରୁ ଉଚ୍ଚ ପାହାଡ଼ର ତୀଖରେ ମେଣ୍ଢାଛୁଆକୁ ଦେଖିବାକୁ ପାଇଲା । ପଥର ସନ୍ଧିରେ ଯେଉଁ ହଳଦିଆ ଫୁଲ ଫୁଟେ ତାହା ଖାଇବାକୁ ମେଣ୍ଢାମାନେ ଭାରି ଭଲ ପାଆନ୍ତି । ମେଣ୍ଢା ଛୁଆଟି ସେହି ଫୁଲ ଖାଉଥିବାର ଦେଖି ସେ ଅନ୍ୟମାନଙ୍କୁ ବଡ଼ ପାଟିରେ ଡାକ ପକାଇଲା । ମେଣ୍ଢା ଛୁଆ ମିଳିଥିବାର ଶୁଣି ସେମାନେ ଖୁସି ହୋଇ ଦୌଡ଼ିଲେ ।

ସବୁପିଲା ମିଶି ତଳେ ଥାଇ ଚିତ୍କାର କଲେ, ପାଞ୍ଚଣ ବାଡ଼େଇଲେ ଏବଂ ବଂଶୀ ବଜାଇଲେ । ମାତ୍ର ମେଣ୍ଢାଛୁଆ ସେ ସବୁ କୋଳାହଳକୁ ଆଦୌ କାନ ନଦେଇ ହଳଦିଆ ଫୁଲଗୁଡ଼ିକୁ ଚୁଙ୍କି ଖାଇବାରେ ଲାଗିଲା । ସତେ ଯେମିତି ତା' ପାଇଁ ସେହି ଫୁଲଗୁଡ଼ିକ ଛଡ଼ା ସଂସାରରେ ଆଉ କିଛି ନଥିଲା । ପବନା ତା' ଗୋଠର ସବୁ ମେଣ୍ଢାଙ୍କୁ ଭଲପାଏ । ସେ ଭଲ ଭାବେ ଜାଣିଥିଲା ମେଣ୍ଢାଛୁଆଟିକୁ ସନ୍ଧ୍ୟା ପୂର୍ବରୁ ଉଦ୍ଧାର ନକଲେ ଜଙ୍ଗଲର ହିଂସ୍ର ପ୍ରାଣୀମାନେ ତାକୁ ଖାଇଯିବେ । ନଚେତ୍ ସେ ପାହାଡ଼ ଉପରେ ଥଣ୍ଡା ସମ୍ଭାଳି ନପାରି ମରିଯିବ । ତାକୁ ଉଦ୍ଧାର କରିବା ପାଇଁ କିଛି ଏକ ଉପାୟ ବାହାର କରିବାକୁ ସେ ସାଙ୍ଗମାନଙ୍କୁ ବହୁତ ଅନୁରୋଧ କଲା । ଅନ୍ୟ ଉପାୟ ନଥିବାରୁ ସାଙ୍ଗମାନେ ମୁଣ୍ଡ ହଲାଇ କହିଲେ ତାକୁ ଉଦ୍ଧାର କରି ହେବ ନାହିଁ । ତା' ଭାଗ୍ୟରେ ଯାହା ଥିବ ସେ ଭୋଗିବ ।

ସେମାନଙ୍କ ଭିତରୁ ଜଣକର ମନେ ପଡ଼ିଗଲା ପାଖରେ ବୁଢ଼ୀଟିଏ ରହେ । ବୁଢ଼ୀ ଗୋଟେ ଡାହାଣୀ ବୋଲି ସମସ୍ତେ ଜାଣିଥିଲେ । ପିଲାଟି କହିଲା, ''ମୁଁ ଭାବୁଛି ସେହି ଡାହାଣୀ ଛଡ଼ା ମେଣ୍ଢାକୁ ରକ୍ଷା କରିବାର ଅନ୍ୟ ଉପାୟ ନାହିଁ । ଯଦି ସେ ସତରେ ଡାହାଣୀ ହୋଇଥାଏ ତେବେ କୁହୁକ ବଳରେ ମେଣ୍ଢାକୁ ନିଶ୍ଚୟ ତୁମ ପାଖକୁ ଫେରାଇ ଆଣି ପାରିବ ।''

ପିଲାର କଥା ଶୁଣି ପବନା କହିଲା, ''ସତରେ, ଏହା ଏକ ଭଲ ପ୍ରସ୍ତାବ । ଚାଲ ଆମେ ସମସ୍ତେ ସାଙ୍ଗ ହୋଇ ବୁଢ଼ୀ ପାଖକୁ ଯିବା ।'' ତା' କଥା ଶୁଣି ସବୁପିଲା ଛାନିଆ ହୋଇ ଏକ ସ୍ୱରରେ କହି ଉଠିଲେ, ''ନାରେ ବାବା ନା ! ତୋ ମେଣ୍ଢା ଛୁଆକୁ ଉଦ୍ଧାର କରାଯିବ, ତୁ ଏକୁଟିଆ ଯାଆ । ଆମର ଯିବା ଦରକାର ନାହିଁ ।'' ଆଉ ଜଣେ ପିଲା କହିଲା, ''ବୁଢ଼ୀ ମୋତେ ପଥର କରି ଦେବ ।'' ଅନ୍ୟ ଜଣେ କହିଲା, ''ହଁରେ ଭାଇ ! ଯଦି ଆମେ ସମସ୍ତେ ଏକାଠି ଯିବା ତେବେ ସେ ଆମ ସମସ୍ତଙ୍କୁ ଖାଇ ହଜମ କରି ଦେବ ।'' ଜଣକ ପରେ ଜଣେ ପବନାର ପାଞ୍ଚଜଣଯାକ ସାଙ୍ଗ ତାକୁ ଏକୁଟିଆ ଛାଡ଼ି ଖସି ପଳାଇଲେ । ଭାଗ୍ୟର ପରୀକ୍ଷା ଦେବାକୁ ବିଚରା ପବନା ଏକୁଟିଆ ରହିଗଲା ।

ପବନା ପାହାଡ଼ ଉପରକୁ ଚାହିଁ ଦେଖିଲା ବିଚରା ମେଣ୍ଢାଛୁଆ ପେଟପୂରା ଖାଇସାରିବା ପରେ ତଳକୁ ଆସି ନପାରି ଅସହାୟ ଭାବେ ବୋବାଇବାରେ ଲାଗିଛି । ଯେତେ ବିପଦ ଆସୁ ପଛେ ତାକୁ ଯେମିତି ହେଲେ ଉଦ୍ଧାର କରିବାକୁ ପବନା ଠିକ୍ କଲା । ଯେତେ ଶୀଘ୍ର ସମ୍ଭବ ଡାହାଣୀ ବୁଢ଼ୀ ପାଖରେ ପହଞ୍ଚିବାକୁ ପବନା ଦୌଡ଼ିଲା । ତା' କୁଡ଼ିଆ ପାଖରେ ପହଞ୍ଚି କବାଟ ବାଡ଼େଇଲା । ଜବାବ ନ ମିଳିବାରୁ ପବନା ଧକ୍କାମାରି କବାଟ ଖୋଲି ଭିତରେ ପଶିଲା । ଦେଖିଲା, ବୁଢ଼ୀଟିଏ ଛିଣ୍ଡା ମସିଣା ଉପରେ ଗାଢ଼ ନିଦରେ ଶୋଇଛି । ବୁଢ଼ୀକୁ ହଲାଇ ଦେଇ ପବନା କହିଲା, ''ଡାହାଣୀ ମାଆ ! ଡାହାଣୀ ମାଆ ! ଦୟାକରି ଉଠିପଡ଼ ।'' ବୁଢ଼ୀ ଆଖି ଖୋଲି ଉଠି ବସିଲା । ତାକୁ ଡାହାଣୀ କହି ଡାକିଥିବାରୁ ସେ ରାଗିଗଲା । ମାତ୍ର ଦୁଃଖ ଓ ଭୟରେ ଛାନିଆ ହୋଇ ଠିଆ ହୋଇଥିବା ପବନାର ଶୁଖିଲା ମୁହଁକୁ ଦେଖି ତା'ର ଦୟା ହେଲା । ଅଳ୍ପ ହସି ତାକୁ ଧୀରେ କହିଲା, ''ଆରେ ପୁଅ, କଥା କ'ଣ ?''

ଯାହାସବୁ ଘଟିଯାଇଛି ତରତର ହୋଇ ପବନା ବୁଢ଼ୀକୁ କହିଗଲା । ଗୁଣି ଗାରେଡ଼ି ବଳରେ ମେଣ୍ଢାଛୁଆଟିକୁ ଉଦ୍ଧାର କରିବାକୁ ସେ କାକୁତି ମିନତି ହୋଇ ଅନୁରୋଧ କଲା । ତା' କଥା ଶୁଣି ବୁଢ଼ୀ ବେପରୁଆ ଭାବେ ହସିଲା । ମାତ୍ର ସେ ହସରେ ଭୟ କରିବାର କିଛି ନଥିଲା । ବୁଢ଼ୀ ପ୍ରତି ପବନାର ଭୟ ଦୂର ହୋଇଗଲା । ପୁରୁଣା ଛିଣ୍ଡା ପଶମ ଶାଲଟିଏ ଘୋଡ଼େଇ ହୋଇ ତା' ମୋଟା ଠେଙ୍ଗା, ଖଣ୍ଡେ ଦଉଡ଼ି ଏବଂ ତିନି ଚାରି ଖଣ୍ଡ କନା ଧରି ବୁଢ଼ୀ ବାହାରି ପଡ଼ିଲା । ଆଗେ ଆଗେ ଚାଲି ବାଟ ଦେଖାଇବାକୁ ପବନାକୁ କହିଲା ।

କିଛି କ୍ଷଣ ମଧ୍ୟରେ ସେମାନେ ସେହି ବିରାଟ ପାହାଡ଼ ମୂଳରେ ପହଞ୍ଚିଗଲେ । ଖୁବ୍ ସାବଧାନରେ ଚାରି ଆଡ଼କୁ ଅନାଇ ବୁଢ଼ୀ କହିଲା, ''ପାହାଡ଼ର ଏ ପାଖଟା ଏତେ ତୀଖ ଯେ

ବିଚରା ମେଣ୍ଢା ଛୁଆଟି କଦାପି ଏ ପାଖରୁ ଉପରକୁ ଯାଇ ନଥିବ । ନିଶ୍ଚୟ ଅନ୍ୟ କେଉଁ ବାଟେ ଯାଇଥିବ । ଚାଲ ଚାରିପାଖରେ ବୁଲି ଦେଖିବା ।'' ଦୁହେଁଯାକ ଚାରିଆଡ଼େ ବୁଲି ଦେଖିବାରେ ଲାଗିଲେ । ବହୁ ସମୟ ତନ୍ନ ତନ୍ନ କରି ଦେଖିବା ପରେ ସେମାନେ ଏକ ଅଣ ଓସାରିଆ ପାଦଚଲା ରାସ୍ତାର ସନ୍ଧାନ ପାଇଲେ । ରାସ୍ତାଟି ବିପଜ୍ଜନକ ଥିଲା । ବିଚରା ମେଣ୍ଢାଛୁଆ ଏତେ ଉଚ୍ଚ ପାହାଡ଼ ଉପରକୁ କେବଳ ସେହି ବାଟରେ ଚଢ଼ି ଯାଇଥିବ ବୋଲି ସେମାନେ ଅନୁମାନ କଲେ । ସେ ବାଟ କେଉଁଠାକୁ ଯାଇଛି ଜାଣିବା ପାଇଁ ବୁଢ଼ୀ ପବନାକୁ ସେହି ବାଟରେ ଆଗେଇ ଯିବାକୁ କହିଲା ।

ମେଣ୍ଢା ଛୁଆକୁ ଉଦ୍ଧାର କରିବା ପାଇଁ ପବନା ଭାରି ବ୍ୟସ୍ତ ଥିଲା । ବୁଢ଼ୀ କଥାରେ ତତ୍‌କ୍ଷଣାତ୍ ସେହି ରାସ୍ତାରେ ଉପରକୁ ଚଢ଼ିବାରେ ଲାଗିଲା । ଯେଉଁ ଜାଗାରେ ମେଣ୍ଢା ଉପରେ ପବନାର ନଜର ପଡ଼ିଲା, ବୁଢ଼ି ତାକୁ ସେଇଠୁ ତଳକୁ ଫେରି ଆସିବାକୁ ଡାକ ପକାଇଲା । ପବନା ତଳକୁ ଫେରି ଆସିଲା । ସାଙ୍ଗରେ ନେଇଥିବା ତିନି ଖଣ୍ଡ କନା ଏବଂ ଦଉଡ଼ି ପବନାକୁ ଦେଇ ବୁଢ଼ୀ କହିଲା, ''ପୁଅ, ସେହି ରାସ୍ତାରେ ଉପରକୁ ଯିବୁ । ଯେଉଁଠାରେ ପାଦରେ ଚାଲିବା ସମ୍ଭବ ହେବ ନାହିଁ, ସେଠାରେ ପହଞ୍ଚି ପେଟେଇ ପଡ଼ିବୁ । ସେଠାରୁ ଗୁରୁଣ୍ଡି ଗୁରୁଣ୍ଡି ଧୀରେ ଧୀରେ ଆଗକୁ ବଢ଼ିବୁ । ମେଣ୍ଢା ଛୁଆର ମୁଣ୍ଡକୁ ତୋ' ହାତ ପାଇଗଲେ ଦଉଡ଼ିରେ ଥିବା ଫାନ୍ଦଟିକୁ ତା' ମୁଣ୍ଡରେ ଗଳାଇ ଦେବୁ । ତା'ପରେ ସେହିପରି ଗୁରୁଣ୍ଡି ଗୁରୁଣ୍ଡି ପଛେଇ ପଛେଇ ଫେରିବୁ । ଫେରିବା ବେଳେ ଥରେ ହେଲେ ବି ପଛକୁ ଏବଂ ପାହାଡ଼ ତଳ ଆଡ଼କୁ ଚାହିଁବୁ ନାହିଁ । ତୋ ନଜର ସବୁବେଳେ ମେଣ୍ଢାଛୁଆ ଉପରେ ଥିବ । ତୁ ଯେତେବେଳେ ତୀଖଠାରୁ ଦୂର ନିରାପଦ ଜାଗାକୁ ଫେରି ଆସିବୁ, ସେଠାରୁ ମେଣ୍ଢାଛୁଆକୁ ଟାଣି ଆଣିବାକୁ ଚେଷ୍ଟା କରିବୁ । ସେ ଝିଙ୍କି ହେଲେ ବି ଟାଣି ହୋଇ ଆସିବ । ସାଙ୍ଗେ ସାଙ୍ଗେ ଖଣ୍ଡେ କନା ତା' ଦୁଇ ଆଖିରେ ବାନ୍ଧି ଦେବୁ । ଅନ୍ୟ ଦୁଇଖଣ୍ଡ କନାରେ ତା' ଗୋଡ଼ ଚାରିଟାକୁ ବାନ୍ଧି ଦେବୁ । ତା'ପରେ ମେଣ୍ଢା ଛୁଆକୁ କାନ୍ଧ ଉପରକୁ ଉଠାଇ ଦଉଡ଼ିରେ ତାକୁ ତୋ ପିଠିରେ ବାନ୍ଧି ଦେବୁ । ଧୀରେ ଧୀରେ ତଳକୁ ଓହ୍ଲାଇବୁ । ଓହ୍ଲାଇବା ବେଳେ ଥରକେ କେବଳ ଗୋଟିଏ ପାହୁଣ୍ଡ ଉପରେ ନିଘା ରଖିବୁ । କଡ଼ରେ ଥିବା ଟାଣୁଆ ଗଛ ଓ ବୁଦାକୁ ଆଶ୍ରା କରି ଓହ୍ଲାଇବୁ । ମେଣ୍ଢାଛୁଆର ବୋବାଳିକୁ ଆଦୌ କାନଦେବୁ ନାହିଁ । ତୁ ବଡ଼ ସାହସୀ ପିଲା । ମୁଁ ଯେମିତି କହିଲି ସେମିତି କଲେ ଖୁବ୍ ଶୀଘ୍ର ମେଣ୍ଢାଛୁଆକୁ ଉଦ୍ଧାର କରି ଆମେ ଗାଁରେ ପହଞ୍ଚିଯିବା ।''

ବୁଢ଼ୀ କଥା ଶୁଣି ପବନା ଖୁସି ହୋଇ ଦଉଡ଼ି ଓ କନା ତିନି ଖଣ୍ଡ ଧରି ଅତି ସତର୍କ ଭାବେ ପାହାଡ଼ ଉପରକୁ ଚଢ଼ିବା ଆରମ୍ଭ କରି ଦେଲା । ଶେଷ କାମଟା ସହଜ ନଥିଲା । ଭାଗ୍ୟକୁ ବାଟରେ ମେଣ୍ଢାର ପସନ୍ଦ ହଳଦିଆ ରଙ୍ଗର ଫୁଲ ଫୁଟିଥିଲା । ସେହି ଫୁଲରୁ କିଛି ତୋଳି ପବନା ମେଣ୍ଢା ଛୁଆ ପାଖକୁ ଫୋପାଡ଼ିଲା । ଫୁଲ ଲୋଭରେ ଡରି ଯାଇଥିବା ମେଣ୍ଢା ଛୁଆଟି ଆସ୍ତେ ଆସ୍ତେ ତା' ଆଡ଼କୁ ଆସିଲା । ତାକୁ ଘୋଷାରି ନିରାପଦ ଜାଗାକୁ ଆଣିବା ପବନା ପାଇଁ ସହଜ ହେଲା । ସେ ଫୁଲ ଖାଇବା ଭିତରେ ପବନା ତା' ଗୋଡ଼କୁ ବାନ୍ଧି ଦେଇ ଆଖିରେ କନା ବାନ୍ଧି ଦେଲା । ମେଣ୍ଢାଛୁଆ କିଛି ଦେଖିପାରିଲା ନାହିଁ । ତାକୁ କାନ୍ଧ ଉପରକୁ ଟେକି ଭଲ ଭାବରେ ଦଉଡ଼ିରେ ଭିଡ଼ି ନିଜ ପିଠିରେ ବାନ୍ଧି ଦେଲା ।

ତଳକୁ ଓହ୍ଲାଇବା ଥିଲା କଷ୍ଟକର କାମ । ବୁଢ଼ୀ କହିବା ଅନୁସାରେ ମେଣ୍ଢାଛୁଆର ବୋବାଳିକୁ କାନ ନଦେଇ ସାବଧାନରେ ଓହ୍ଲାଇ ଅଳ୍ପ ସମୟ ଭିତରେ ପବନା ନିରାପଦରେ ତଳେ ପହଞ୍ଚିଗଲା । ତାକୁ ବଧାଇ ଜଣାଇ ବୁଢ଼ୀ କହିଲା, ''ସାବାସ ମୋ ପୁଅ ! ତୁ ସତରେ ପାରିବାର ପିଲା । ଏବେ ତୋତେ ନିରାପଦରେ ଗାଁରେ ପହଞ୍ଚାଇବାର ଦାୟିତ୍ୱ ମୋର । ତା'ପରେ ମେଣ୍ଢାଛୁଆକୁ ଧରି ତୋ ଘରକୁ ପଳାଇବୁ ।''

ପବନା ମେଣ୍ଢା ଛୁଆକୁ କାନ୍ଧରୁ ଓହ୍ଲାଇ ଦଉଡ଼ି ଓ କନାସବୁ ଫିଟାଇ ଦେଲା । ତାକୁ କୁଣ୍ଢାଇ ଧରି ବୁଢ଼ୀ ସହିତ ଗାଁକୁ ଚାଲିଲା । ଗାଁରେ ପହଞ୍ଚିଲାବେଳକୁ ଢେର୍ ରାତି ହୋଇ ଯାଇଥିଲା । ଗାଁ ଲୋକେ ନିଘୋଡ଼ ନିଦରେ ଶୋଇ ଯାଇଥିଲେ । କେବଳ ପବନାର ବିଚାରୀ ମାଆ ବୁଢ଼ୀ ବସି ପୁଅ ପାଇଁ କାନ୍ଦୁଥିଲା । ତା' ମନରେ ଦୃଢ଼ ବିଶ୍ୱାସ ହୋଇଥିଲା ଡାହାଣୀ ବୁଢ଼ୀ ନିଶ୍ଚୟ ପବନାର ଅନିଷ୍ଟ କରିଥିବ । ମେଣ୍ଢାଛୁଆକୁ କୁଣ୍ଢାଇ ଧରି ମନ ଖୁସିରେ ପୁଅ ଘରକୁ ଫେରିବାର ଦେଖି ମାଆ ବୁଢ଼ୀର ଖୁସିର ସୀମା ରହିଲା ନାହିଁ । ପବନା ପାଇଁ ଆଉ କିଛି ବିପଦ ନ ଥିବାରୁ ଡାହାଣୀ ବୁଢ଼ୀ ସେମାନଙ୍କ ଅଗୋଚରରେ ଚୁପ୍‌ଚାପ୍ ତା' କୁଡ଼ିଆକୁ ଫେରିଗଲା ।

ମେଣ୍ଢା ଛୁଆକୁ ଉଦ୍ଧାର କରିବା ପାଇଁ ବୁଢ଼ୀ କିପରି ତାକୁ ସାହାଯ୍ୟ କଲା ସବୁକଥା ପବନା ତା' ମାଆକୁ କହିଲା । ବୁଢ଼ୀ କଦାପି ଡାହାଣୀ ନୁହେଁ, ଏକଥା ମାଆକୁ ବୁଝାଇ ଦେଲା ।

ବୁଢ଼ୀ ଅତି ବୁଦ୍ଧିମତୀ ଓ ଚାଲାଖ । ତାକୁ ଡାହାଣୀ କହି ଖରାପ ବ୍ୟବହାର କରିବା ଲଜ୍ଜାର ବିଷୟ ।

ତହିଁ ପରଦିନ ସାରା ଗାଁରେ ଏ ଘଟଣା ପ୍ରଘଟ ହୋଇଗଲା । ନିଜ ଭୁଲ୍ ପାଇଁ ଗାଁ ଲୋକେ ଅନୁତାପ କଲେ । ପବନା ଯେତେବେଳେ ବୁଢ଼ୀର ଦଉଡ଼ି ଓ କନା ଫେରାଇବାକୁ ଗଲା, ସାରା ଗାଁର ଲୋକ ତା' ସାଙ୍ଗରେ ବୁଢ଼ୀର କୁଡ଼ିଆକୁ ଗଲେ । ତାକୁ ଖରାପ ବ୍ୟବହାର କରି ଥିବାରୁ ସେମାନଙ୍କୁ ଏମିତି ଲାଜ ଲାଗୁଥିଲା ଯେ ସେମାନେ ହାତ ଯୋଡ଼ି ବୁଢ଼ୀକୁ କ୍ଷମା ମାଗିଲେ । ପଛକଥା ଭୁଲି ଗାଁ ଭିତରକୁ ଫେରି ଆସିବାକୁ ଏବଂ ମାଆ ଭଳି ସେମାନଙ୍କୁ ଭଲ ବାଟ ଦେଖାଇବା ପାଇଁ ଅନୁରୋଧ କଲେ । ବୁଢ଼ୀ ବି ଅନେକ ଦିନରୁ ଏକୁଟିଆ ରହି ଦୁଃଖ ଭୋଗୁଥିଲା । ଗାଁ ଲୋକଙ୍କ କଥାରେ ସାଙ୍ଗେ ସାଙ୍ଗେ ରାଜି ହୋଇ ଗଲା ।

ଗାଁକୁ ଫେରି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବୁଢ଼ୀ ଗାଁ ଲୋକଙ୍କ ସହିତ ସୁଖରେ କାଳ କାଟିଲା । ଲୋକଙ୍କ ମନରୁ ମିଛ ଓ ଅନ୍ଧ ବିଶ୍ୱାସ ଦୂର କରିବାରେ ଲାଗିଲା । ନିଜର ବୁଦ୍ଧି, ବିଚାର ଓ ସାଧାରଣ ଜ୍ଞାନ ପ୍ରୟୋଗ କରି ସମସ୍ତ ସମସ୍ୟାର ସମାଧାନ କରିବାରେ ଲୋକଙ୍କୁ ସାହାଯ୍ୟ କଲା । କୌଣସି ଗୁଣି-ଗାରେଡ଼ି ବା ଅଲୌକିକ ଶକ୍ତି ଆମର କ୍ଷତି କରିପାରେ, ଏ ପ୍ରକାର ନିର୍ବୋଧ ଧାରଣା ଦୂର କରି ଭାବିଚିନ୍ତି କାମ କରିବାକୁ ଲୋକଙ୍କୁ ଉପଦେଶ ଦେଲା ।

(ଅନୁବାଦ : ସନାତନ ମହାନ୍ତି) ❑


*Glory to Thee, O Lord, conqueror of every foe!*
*Give us the power to endure and share in Thy victory.*

*(MCW, Vol. 15, p. 167)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ସର୍ବରୂପମୟୀ ଦେବୀ

## (୧)

## କୁମାର ଚନ୍ଦ୍ର ମିଶ୍ର

ପରାଶକ୍ତି, ମହାମାୟା, ବିଶ୍ୱମାତା ଭବାନୀଙ୍କୁ ମଣିଷ ବିଭିନ୍ନ ରୂପରେ ପୂଜା କରି ଆସିଛି । ଯୁଗେ ଯୁଗେ ଦେଶ-ବିଦେଶରେ ସେ ବିଭିନ୍ନ ନାମରେ ପରିଚିତା । କେତେବେଳେ ସୌମ୍ୟା, କରୁଣାମୟୀ, ମାଧୁର୍ଯ୍ୟମୟୀ, ଶ୍ରୀମୟୀ ରୂପରେ ତ କେତେବେଳେ ଉଗ୍ର, କ୍ରୂର, ପ୍ରଚଣ୍ଡ ଭୟଙ୍କର ରୂପରେ ସେ ନିଜକୁ ପ୍ରକାଶିତ କରିଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉକ୍ତିରେ : "For the Mother is one but she comes before us with differing aspects; many are her powers and personalities, many her emanations and Vibhuties that do her work in the universe."

(The Mother, Chapter - VI)

''କାରଣ, ମା ହେଲେ ଏକ, ତେବେ ସେ ଆମ୍ଭମାନଙ୍କ ସମ୍ମୁଖରେ ନାନା ରୂପରେ ଆବିର୍ଭୂତା ହୁଅନ୍ତି, ତାଙ୍କର ବହୁ ଶକ୍ତି ଓ ମୂର୍ତ୍ତି, ତାଙ୍କର ବହୁ ପ୍ରକାଶ ଓ ବିଭୂତି – ଏହି ସକଳହିଁ ତାଙ୍କରି କାର୍ଯ୍ୟ ବିଶ୍ୱରେ ସମ୍ପନ୍ନ କରୁଛନ୍ତି ।''

ଶକ୍ତି ପୂଜକମାନଙ୍କ ଦ୍ୱାରା ଆଦିଶକ୍ତି ମା ଭବାନୀ ନବଦୁର୍ଗା । ଯଥା : ସିଦ୍ଧିଦାତ୍ରୀ, କୁଷ୍ମାଣ୍ଡୀ, ବ୍ରହ୍ମଚାରିଣୀ, ମହାଗୌରୀ, ଚନ୍ଦ୍ରଘଣ୍ଟା, ଶୈଳପୁତ୍ରୀ, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି; ଦଶମହାବିଦ୍ୟା ଯଥା : କାଳୀ, ତାରା, ମାତଙ୍ଗୀ, ଭୈରବୀ, ଭୁବନେଶ୍ୱରୀ, କମଳାମ୍ବିକା, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ତ୍ରିପୁରସୁନ୍ଦରୀ; ସପ୍ତମାତୃକା ଯଥା : ବାରାହୀ, ବ୍ରାହ୍ମୀ, ବୈଷ୍ଣବୀ, କୌମାରୀ, ଇନ୍ଦ୍ରାଣୀ, ଚାମୁଣ୍ଡା, ନାରସିଂହୀ ରୂପେ ପୂଜିତ ହୁଅନ୍ତି ।

ଓଡ଼ିଶାରେ ମା ଆଦିଶକ୍ତିଙ୍କର ବିଭିନ୍ନ ବିଭାବକୁ ପ୍ରତିନିଧିତ୍ୱ କରୁଥିବା ଅନେକ ଶକ୍ତିପୀଠ ପ୍ରତିଷ୍ଠିତ ହୋଇଛି । ଏଥିମଧ୍ୟରୁ ଦଶଟି ଶକ୍ତିପୀଠ ଆମ ଦେଶରେ ପ୍ରସିଦ୍ଧି ଲାଭ କରିଛି । ସେଗୁଡ଼ିକ ହେଲା :

୧. ପୁରୀ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ପ୍ରତିଷ୍ଠିତ ମା ବିମଳାଙ୍କ ମନ୍ଦିର (ପାଦକ୍ଷେତ୍ର) ।

୨. ବୈତରଣୀ ନଦୀ କୂଳସ୍ଥ ଯାଜପୁର ନିକଟରେ ପ୍ରତିଷ୍ଠିତ ମା ବିରଜା ବା ଗିରିଜାଙ୍କ ମନ୍ଦିର (ମଣିବନ୍ଧ କ୍ଷେତ୍ର) ।

୩. ଋଷିକୁଲ୍ୟା ନଦୀ ତଟସ୍ଥ ରାଇପୁର ଗ୍ରାମର କୁମାରୀ ପର୍ବତମାଳା ଉପରେ ପ୍ରତିଷ୍ଠିତ ମା ତାରାତାରିଣୀ ମନ୍ଦିର (କୁଚକ୍ଷେତ୍ର) ।

୪. କଟକ ସହରସ୍ଥିତ ଦଶମହାବିଦ୍ୟାର ଭୁବନେଶ୍ୱରୀ ବିଗ୍ରହକୁ ପ୍ରତିନିଧିତ୍ୱ କରୁଥିବା ମା କଟକଚଣ୍ଡୀ ।

୫. ମହାନଦୀ ତଟସ୍ଥ ସମ୍ବଲପୁରର ମା ସମଲେଶ୍ୱରୀ ।

୬. ମହାନଦୀ କୂଳ ନିକଟସ୍ଥ ଶଶାଙ୍ଗ ଗ୍ରାମରେ ମା ଭଟ୍ଟାରିକା ମନ୍ଦିର (ସହସ୍ରାର୍ଜୁନକୁ ନିହତ କରିବା ଲାଗି ଅବତାର ପୁରୁଷ ପର୍ଶୁରାମଙ୍କ ଦ୍ୱାରା ପ୍ରତିଷ୍ଠିତ ବୋଲି ଲୋକକଥା କହେ) ।

୭. ଘଟଗାଁର ମା ତାରିଣୀ । (କଲିକତାର ଦକ୍ଷିଣକାଳୀଙ୍କ ମୁଖ ସଦୃଶ, ତାରିଣୀ ମା କେବଳ ଦେହୁରୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି ।)

୮. ପ୍ରାଚୀନଦୀ କୂଳସ୍ଥ କାକଟପୁରର ମା ମଙ୍ଗଳା ମନ୍ଦିର (ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ନବ-କଳେବର ପ୍ରକ୍ରିୟା ସହ ସଂଶ୍ଳିଷ୍ଟ) ।

୯. ତେଲ ନଦୀ କୂଳର ବାମ ପାର୍ଶ୍ୱରେ ସୁବର୍ଣ୍ଣପୁର ଜିଲ୍ଲାର ମନ୍ଦିରମାଳିନୀ ସୋନପୁର ସହରରେ ପ୍ରତିଷ୍ଠିତ ମା ସୁରେଶ୍ୱରୀ ମନ୍ଦିର ।

୧୦. ପୁରୀ ଜିଲ୍ଲାର ବାଣପୁରଠାରେ ପ୍ରତିଷ୍ଠିତ ମା ଭଗବତୀଙ୍କ ମନ୍ଦିର ।

ଏତଦ୍ ବ୍ୟତୀତ ବାଙ୍କିର ମା ଚର୍ଚ୍ଚିକା, ଖଲ୍ଲିକୋଟର ମା ନାରାୟଣୀ, ଭୁଷଣ୍ଡପୁର ନିକଟସ୍ଥ ମୂଳ ଝରିଗଡ଼ ଗ୍ରାମର ମା ଉଗ୍ରତାରା, ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ ଗ୍ରାମସ୍ଥିତ ମା କୀଚକେଶ୍ୱରୀ, ଖୋର୍ଦ୍ଧା ଜିଲ୍ଲାର ବରୁଣେଇ ପାହାଡ଼ ଉପରେ ପ୍ରତିଷ୍ଠିତ ମା ବରୁଣେଇ ଓ ମା କରୁଣେଇ, ଚିଲିକା ହ୍ରଦ ମଧ୍ୟସ୍ଥ ମା କାଳିଜାଇ, ସୁବର୍ଣ୍ଣପୁର ଜିଲ୍ଲାର ମା ମେଟାକାନି, ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲଠାରେ ପ୍ରତିଷ୍ଠିତ ଝଙ୍କଡ଼ବାସିନୀ

ମା ସାରଳା ମନ୍ଦିର, ପୁରୀ ଜିଲ୍ଲାର ମା ବରାହୀ ମନ୍ଦିର, ରାୟଗଡ଼ା ଜିଲ୍ଲା ବିଷମ କଟକଠାରେ ପ୍ରତିଷ୍ଠିତ ମା ମାର୍କାମା ମନ୍ଦିର, ବାଲିଅନ୍ତା ହୀରାପୁରସ୍ଥିତ ଚଉଷଠି ଯୋଗିନୀ ମନ୍ଦିର, ସୁଦୂର ଅତୀତରେ ପର୍ଶ୍ଚିମ ଲଙ୍କା ରୂପେ ପରିଚିତ ସୁବର୍ଣ୍ଣପୁରଠାରେ ପ୍ରତିଷ୍ଠିତ ମା ଲଙ୍କେଶ୍ୱରୀ ମନ୍ଦିର ଇତ୍ୟାଦି ଅନେକ ଶକ୍ତିପୀଠ ଉତ୍କଳ ଭୂଖଣ୍ଡରେ ସୁଶୋଭିତ ଓ ପୂଜିତ ।

ଭାରତ ଭୂଖଣ୍ଡରେ ସଂସ୍କୃତ ଭାଷାର ୫୧ଟି ଅକ୍ଷର ଅନୁରୂପ ୫୧ଟି ଶକ୍ତିପୀଠର ଅଭ୍ୟୁଦୟ ସମ୍ପର୍କରେ ବହୁଜନ ବିଦିତ କିଂବଦନ୍ତିଟିଏ ଉତ୍ଥାପିତ କରାଯାଉ ।

ସତ୍ୟଯୁଗ ପ୍ରାରମ୍ଭରେ ସୃଷ୍ଟିକର୍ତ୍ତା ବ୍ରହ୍ମା ନିଜ ମାନସପଟରୁ ଦକ୍ଷପ୍ରଜାପତିଙ୍କୁ ସୃଷ୍ଟି କରି ବଂଶ ବିସ୍ତାର କରିବା ଲାଗି ନିର୍ଦ୍ଦେଶ ଦେଲେ । ରାଜା ଦକ୍ଷପ୍ରଜାପତି ଓ ତାଙ୍କ ପତ୍ନୀ ପ୍ରସୂତୀଙ୍କ ଗର୍ଭରୁ ତେର ଜଣ କନ୍ୟା ଜନ୍ମଲାଭ କରିଥିଲେ । ସତୀ ଦାକ୍ଷାୟଣୀ ଥିଲେ ଦକ୍ଷଙ୍କର କନିଷ୍ଠା କନ୍ୟା । ସତୀଙ୍କ ବ୍ୟତୀତ ସମସ୍ତ କନ୍ୟା ସୋମ ବା ଚନ୍ଦ୍ରଙ୍କୁ ବିବାହ କରିଥିଲେ । କିନ୍ତୁ ପିତାଙ୍କର ବାରଣ ସତ୍ତ୍ୱେ ସତୀ ସ୍ନେହପ୍ରବଣ, ପ୍ରେମାସ୍ପଦ ଶିବଙ୍କୁ ପତି ରୂପେ ବରଣ କରି ଥିଲେ । ଏଥିପାଇଁ ଦକ୍ଷରାଜା ଅତ୍ୟନ୍ତ କ୍ଷୁବ୍ଧ ଥିଲେ । କାରଣ ଦିଗମ୍ବର, ଭସ୍ମଲେପିତ, ଜଟାଜୁଟଧାରୀ, ସର୍ପ ଅଳଙ୍କୃତ, ଭୂତ, ପ୍ରେତ ଓ ପିଶାଚଙ୍କ ଗହଣରେ ଶ୍ମଶାନରେ ଭ୍ରମଣରତ ଏପରି ଅପରିଚ୍ଛନ୍ନ ବ୍ୟକ୍ତିଙ୍କୁ ଜାମାତା ରୂପେ ବରଣ କରିବା ଲାଗି କେଉଁ କନ୍ୟାପିତା ବା ସମ୍ମତି ପ୍ରଦାନ କରନ୍ତେ ! ତେଣୁ ନିଜ ଜାମାତାଙ୍କୁ ଅପମାନିତ କରିବା ଲାଗି ଦକ୍ଷପ୍ରଜାପତି ଏକ ବିରାଟ ଯଜ୍ଞର ଭବ୍ୟ ଆୟୋଜନ କଲେ, ଯେଉଁ ଯଜ୍ଞକୁ ମହାଦେବ ଶିବଙ୍କ ବ୍ୟତୀତ ଅନ୍ୟ ସମସ୍ତ ବନ୍ଧୁ-ବାନ୍ଧବ, ରାଜ ପରିଷଦ, ପ୍ରଜାଗଣ, ମୁନି, ଋଷି ଓ ସମସ୍ତ ଦେବଦେବୀ ନିମନ୍ତ୍ରିତ ଅତିଥି ରୂପେ ଯୋଗଦାନ କରିଥିଲେ । ଏପରି ବିରାଟ ଆୟୋଜନ ଓ ସମାବେଶ ସମ୍ପର୍କରେ ସତୀ ଦାକ୍ଷାୟଣୀ ବ୍ରହ୍ମର୍ଷି ନାରଦଙ୍କଠାରୁ ସମ୍ବାଦ ପାଇ ପିତ୍ରାଳୟ ଯିବାକୁ ବ୍ୟଗ୍ର ହେଲେ ଓ ପତିଙ୍କ ଅନୁମତି ଭିକ୍ଷା କଲେ । ବିନା ନିମନ୍ତ୍ରଣରେ ଯଜ୍ଞସ୍ଥଳକୁ ଯିବା ପାଇଁ ମହାଦେବ ଶିବ ବାରଣ କଲେ । କିନ୍ତୁ ସତୀଙ୍କ ଅକାଟ୍ୟ ଯୁକ୍ତି ଥିଲା ଜଣେ କନ୍ୟା ନିମିତ୍ତ ପିତ୍ରାଳୟର ଦ୍ୱାରଦେଶ ସଦା ଉନ୍ମୁକ୍ତ ରହିଥାଏ । ଜଣେ ପୁତ୍ର ତ୍ୟଜ୍ୟ ହୋଇପାରେ, କିନ୍ତୁ ଜଣେ କନ୍ୟା କଦାପି ତ୍ୟଜ୍ୟା ହୋଇ ନ ପାରେ ! ସତୀଙ୍କର ଏପରି ଯୁକ୍ତି ଓ ସବିନୟ ଅନୁରୋଧକୁ ଏଡ଼ାଇ ନପାରି ଶିବ ପରିଶେଷରେ କିଛି ପରିଚାରକଙ୍କ ଗହଣରେ ସତୀଙ୍କୁ ପିତ୍ରାଳୟ ଯିବା ନିମିତ୍ତ ଅନୁମତି ଦେଲେ । ମାତ୍ର ସତୀ ଦାକ୍ଷାୟଣୀ ପିତ୍ରାଳୟରେ ସାଦର ସ୍ୱାଗତିକା କିଂବା ଅଭ୍ୟର୍ଥନା ପାଇବା ପରିବର୍ତ୍ତେ ପିତାଙ୍କ ମୁଖରୁ ଶିବଙ୍କ ବିରୁଦ୍ଧରେ କଟୁ ଭର୍ତ୍ସନା ଓ ଘୋର ଅପମାନଜନକ ବାଣୀ ଶୁଣି ଦାରୁଣ ଦୁଃଖ ଓ ଅସହ୍ୟ ଅପମାନ ଯୋଗୁଁ ମ୍ରିୟମାଣ ହୋଇ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଲେ । ମହାଦେବ ଶିବ ଅନୁଚରମାନଙ୍କଠାରୁ ଏହି ସମ୍ବାଦ ପାଇ ଦୁଃଖ, ଶୋକ ଓ କ୍ରୋଧରେ ଜର୍ଜରିତ ହୋଇ ନିଜ ମସ୍ତକରୁ ଗୋଟିଏ ଜଟା ଉତ୍ପାଟିତ କରି ଭୂପୃଷ୍ଠରେ ପ୍ରକ୍ଷେପଣ କଲେ । ସେହି ଜଟାରୁ ଅତି ଭୟଙ୍କର ପ୍ରବଳ ପରାକ୍ରମୀ ରୌଦ୍ର-ଅବତାର ବୀରଭଦ୍ରଙ୍କର ଆବିର୍ଭାବ ହେଲା । ସେ ଦକ୍ଷଙ୍କ ଯଜ୍ଞଶାଳାକୁ ଧ୍ୱସ୍ତବିଧ୍ୱସ୍ତ କରି ଦକ୍ଷ ପ୍ରଜାପତିଙ୍କ ଶିର ଛେଦନ କଲେ । (ପରବର୍ତ୍ତୀ କାଳରେ ଦେବତାମାନଙ୍କ ଅନୁରୋଧ କ୍ରମେ ବିଶ୍ୱର କଲ୍ୟାଣ ନିମିତ୍ତ ସର୍ବମଙ୍ଗଳମୟ ଶିବ ଦକ୍ଷ ପ୍ରଜାପତିଙ୍କ ଗ୍ରୀବାରେ ଏକ ଛାଗଳ ମସ୍ତକ ପ୍ରତିରୋପଣ କରି ଜୀବନଦାନ କରିଥିଲେ ।)

ଶୋକ ଓ କ୍ରୋଧ ଜର୍ଜରିତ ଶିବ ଯଜ୍ଞଶାଳାରୁ ସତୀଙ୍କ ମୃତ ଶରୀରକୁ ଉଦ୍ଧାର କରି ସ୍କନ୍ଧରେ ବହନ କରି ପ୍ରଚଣ୍ଡ ତାଣ୍ଡବ ନୃତ୍ୟ କଲେ । ମେଦିନୀ ଥରହର ହେଲା । ଦେବତାଗଣ ଭୀତତ୍ରସ୍ତ ହୋଇ ପ୍ରମାଦ ଗଣିଲେ । ଏହି ବିପତ୍ତିର ପ୍ରତିକାର କରିବା ନିମିତ୍ତ ଯୋଡ଼ ହସ୍ତରେ ସଭିଏଁ ଶ୍ରୀବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା ଜଣାଇଲେ । ଦେବଦେବ ମହାଦେବ ଶିବଙ୍କ ପଶ୍ଚାତ୍‌ରେ ଅନୁଧାବନ କରି ଶ୍ରୀବିଷ୍ଣୁ ସୁଦର୍ଶନଚକ୍ର ସାହାଯ୍ୟରେ ମୃତ ସତୀଙ୍କ ତନୁଶ୍ରୀକୁ ଖଣ୍ଡ ବିଖଣ୍ଡ କରିଦେଲେ । ବିଖଣ୍ଡିତ ଦେହାଂଶ ଉତ୍‌କ୍ଷିପ୍ତ ହୋଇ ଯେଉଁସବୁ ସ୍ଥାନରେ ପଡ଼ିଲା ସେସବୁ ପବିତ୍ର ଶକ୍ତିପୀଠରେ ପରିଣତ ହେଲା । ଏହିପରି ଏକାବନଟି ଶକ୍ତିପୀଠ ଭାରତରେ ଓ ତା'ର ପାରିପାର୍ଶ୍ୱିକ ଦେଶମାନଙ୍କରେ ପ୍ରତିଷ୍ଠିତ ହୋଇ ପବିତ୍ର ଶକ୍ତିକ୍ଷେତ୍ର ରୂପେ ବର୍ତ୍ତମାନ ଖ୍ୟାତି ଲାଭ କରିଛି ।

ଶିବ ପୁରାଣ, କାଳିକା ପୁରାଣ, ଦେବୀ ଭାଗବତ ଓ ପୀଠନିର୍ଣ୍ଣୟ ତନ୍ତ୍ରରେ ଅଠରଟି ଆଦିଶକ୍ତିପୀଠଗୁଡ଼ିକୁ ସ୍ୱୀକୃତି ଦିଆଯାଇଛି । ଆଦି ଶଙ୍କରାଚାର୍ଯ୍ୟକୃତ 'ଅଷ୍ଟାଦଶ ଶକ୍ତିପୀଠ ସ୍ତୋତ୍ର' ସେହି ଶକ୍ତିପୀଠଗୁଡ଼ିକର ସୂଚନା ସଂକ୍ଷେପରେ ପ୍ରକାଶ କରେ । ଯଥା –

''ଲଙ୍କାୟାଂ ଶାଙ୍କରୀ ଦେବୀ, କାମାକ୍ଷୀ କାଞ୍ଚିକାପୁରେ ।
ପ୍ରଦ୍ୟୁମ୍ନେ ଶୃଙ୍ଖଳାଦେବୀ, ଚାମୁଣ୍ଡୀ କ୍ରୌଞ୍ଚପଟ୍ଟଣେ ।।
ଅଲମ୍ପୁରେ ଜୋଗୁଲାମ୍ବା, ଶ୍ରୀଶୈଳେ ଭ୍ରମରାମ୍ବିକା ।

| | |
|---|---|
| କୋହ୍ଲାପୁରେ ମହାଲକ୍ଷ୍ମୀ, | ମାହୂର୍ଯ୍ୟେ ଏକବୀରିକା ॥ |
| ଉଜ୍ଜୟିନ୍ୟାଂ ମହାକାଳୀ, | ପୀଠିକ୍ୟାଂ ପୁରୁହୂତିକା । |
| ଓଢ୍ୟାୟାଂ ଗିରିଜାଦେବୀ, | ମାଣିକ୍ୟା ଦକ୍ଷବାଟିକେ ॥ |
| ହରିକ୍ଷେତ୍ରେ କାମରୂପା, | ପ୍ରୟାଗେ ମାଧବେଶ୍ୱରୀ । |
| ଜ୍ୱାଳାୟାଂ ବୈଷ୍ଣବୀ ଦେବୀ, | ଗୟା ମାଙ୍ଗଲ୍ୟଗୌରିକା ॥ |
| ବାରଣସ୍ୟାମ୍ ବିଶାଳାକ୍ଷୀ, | କାଶ୍ମୀରେଷୁ ସରସ୍ୱତୀ । |
| ଅଷ୍ଟାଦଶ ସୁପୀଠାନି, | ଯୋଗିନାମପି ଦୁର୍ଲଭମ୍ ॥ |
| ସାୟଂକାଳେ ପଠେନ୍ନିତ୍ୟଂ, | ସର୍ବଶତ୍ରୁବିନାଶନମ୍ । |
| ସର୍ବରୋଗହରଂ ଦିବ୍ୟଂ, | ସର୍ବସମ୍ପତ୍କରମ୍ ଶୁଭମ୍ ॥'' |

ପୁରୀ ଶ୍ରୀମନ୍ଦିର ପ୍ରାଙ୍ଗଣରେ ସ୍ଥିତ ବିମଳା ପୀଠରେ ସତୀ ଦାକ୍ଷାୟଣୀଙ୍କର ପାଦ ଓ ବ୍ରହ୍ମପୁର ନିକଟସ୍ଥ ତାରାତାରିଣୀ ପୀଠରେ ସତୀଙ୍କର ସ୍ତନଖଣ୍ଡ ନିକ୍ଷିପ୍ତ ହୋଇଥିବା ନିମ୍ନୋକ୍ତ ଶ୍ଳୋକରୁ ସ୍ପଷ୍ଟ ହୁଏ ।

| | |
|---|---|
| ''ବିମଳା ପାଦଖଣ୍ଡଂ ଚ, | ସ୍ତନଖଣ୍ଡଂ ଚ ତାରିଣୀ । |
| କାମାକ୍ଷା ଯୋନିଖଣ୍ଡଂ ଚ, | ମୁଖଖଣ୍ଡଂ ଚ କାଳିକା । |
| ଅଙ୍ଗପ୍ରତ୍ୟଙ୍ଗସଙ୍ଗେନ | ବିଷ୍ଣୁଚକ୍ରକ୍ଷତେନ ଚ ।'' |

– କାଳୀକା ପୁରାଣ

ଏହି ପବିତ୍ର ପୀଠମାନଙ୍କରେ ଅନେକ ଭକ୍ତ ନିଷ୍ଠା, ବିଶ୍ୱାସ ଓ ନିର୍ଭରତା ସହ ସାଧନା କରି ସିଦ୍ଧି ଓ ପର୍ଯ୍ୟାପ୍ତ ଶକ୍ତି ପ୍ରାପ୍ତ କରିଥିବା ଅନେକ ପ୍ରମାଣ ରହିଛି । ଝଙ୍କଡ଼ ବାସିନୀ ସାରଳାଙ୍କୁ ଆରାଧନା କରି ଆଦି କବି ସାରଳା ଦାସ ସରଳ ଓଡ଼ିଆ ଭାଷାରେ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି । ହୁଏତ ତାଙ୍କରି ପର୍ଯ୍ୟାପ୍ତ ସାହିତ୍ୟ ରଚନା ଲାଗି ଆଜି ଓଡ଼ିଆ ଭାଷା ଜାତୀୟ ଭାଷାର ସମ୍ମାନ ପାଇଛି । ସେ 'ଉତ୍କଳ ବାଲ୍ମିକୀ' ଓ 'ଶୂଦ୍ରମୁନୀ' ନାମରେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ରାଜପ୍ରାସାଦ ପରିସରରେ ପ୍ରତିଷ୍ଠିତ ବ୍ୟାଘ୍ରଦେବୀ (ପରବର୍ତ୍ତୀ କାଳରେ 'ବାଗ୍‌ଦେବୀ' ନାମରେ ପରିଚିତ)ଙ୍କୁ ଆରାଧନା କରି ରାମତାରକ ମନ୍ତ୍ର ସିଦ୍ଧ କରିଥିଲେ । ପରିଣତି ସ୍ୱରୂପ ତାଙ୍କରି ଅନବଦ୍ୟ ସୃଷ୍ଟି ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳାକୌତୁକ, ସତୀଶ ବିଳାସ, ଦମୟନ୍ତୀ ବିଳାସ, ପଦ୍ମାବତୀ ପରିଣୟ, ରସପଞ୍ଚକ, ଚିତ୍ରକାବ୍ୟ ବନ୍ଧୋଦୟ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଆଦି କାବ୍ୟ କବିତା ଓଡ଼ିଆ ସାହିତ୍ୟକୁ ରସାଳ ଓ ସମୃଦ୍ଧ କରିଛି ।

ଗୌହାଟୀ(ଆସାମ)ସ୍ଥିତ କାମାକ୍ଷା କାମରୂପା ଦେବୀପୀଠ, ଗୟାସ୍ଥିତ(ବିହାର) ସର୍ବମଙ୍ଗଳା ଗୌରୀଦେବୀ-ପୀଠ ଓ ଉଜ୍ଜୟିନୀସ୍ଥିତ(ମଧ୍ୟପ୍ରଦେଶ) ମହାକାଳେଶ୍ୱରୀ ଦେବୀଙ୍କ ପୀଠ ପବିତ୍ରତମ ଶକ୍ତିପୀଠ ରୂପେ ବିବେଚିତ ହୁଏ । କାରଣ ସେ ତିନୋଟି ଯଥାକ୍ରମେ ସୃଷ୍ଟି, ସ୍ଥିତି ଓ ସଂହାର ପ୍ରକ୍ରିୟାର ପ୍ରତିନିଧିତ୍ୱ କରିଥା'ନ୍ତି ।

ପୀଠ ନିର୍ଣ୍ଣୟ କ୍ଷେତ୍ରରେ ଅନେକ ମତଭେଦ ପରିଲକ୍ଷିତ ହୁଏ । କେତେକଙ୍କ ମତରେ ୫୧ଟି ପୀଠ ତ ଅନ୍ୟ କେତେକଙ୍କ ମତରେ ୬୪ କିଂବା ୧୦୮ଟି ଶକ୍ତିପୀଠ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇ ଥିବାର କୁହାଯାଏ । ତେବେ ଆଗ୍ରହପ୍ରଦ ବିଷୟ ହେଲା ଏଥି ମଧ୍ୟରୁ ୧୩ ଗୋଟି ଶକ୍ତିପୀଠ ପଡ଼ୋଶୀ ଦେଶମାନଙ୍କରେ ପ୍ରତିଷ୍ଠିତ ହୋଇ ରହିଛି । ଏହି ପୀଠଗୁଡ଼ିକ ମହାମାୟା ସତୀଙ୍କ ପବିତ୍ର ଦେହାଂଶସବୁ ଧାରଣ କରି ରଖିଛନ୍ତି । ଯଥା –

ଦୁଇଟି ଶକ୍ତିପୀଠ ପାକିସ୍ତାନରେ, ଗୋଟିଏ ଲେଖାଏଁ ଶକ୍ତିପୀଠ ନେପାଳ, ତିବ୍ବତ ଓ ଶ୍ରୀଲଙ୍କାରେ ଏବଂ ସାତୋଟି ଶକ୍ତିପୀଠ ବଙ୍ଗଳା ଦେଶରେ ଅବସ୍ଥାପିତ । ଏହା ଭବାନୀ ଭାରତୀଙ୍କ ପୂର୍ଣ୍ଣତା ତଥା ଅଖଣ୍ଡ ଭାରତବର୍ଷର ଅବୟବକୁ ବିଶ୍ୱ-ମାନବସମାଜ ସମ୍ମୁଖରେ ଉପସ୍ଥାପନ କରୁ ନାହିଁ କି ?

ସବୁଠୁ ବିସ୍ମୟକର ଓ ଆଗ୍ରହପ୍ରଦ ବିଷୟ ହେଲା ଦିବ୍ୟଜନନୀ ଶ୍ରୀମା ଯେଉଁ ଅଖଣ୍ଡ ଭାରତ ମାନଚିତ୍ରର ପରିକଳ୍ପନା କରି ଯାଇଛନ୍ତି ଉପରୋକ୍ତ ତଥ୍ୟାବଳୀ ତତ୍ ସମ୍ପର୍କିତ ପ୍ରମାଣକୁ ଇଙ୍ଗିତ କରୁ ନାହିଁ ତ !

(କ୍ରମଶଃ) ❑

ନିଜକୁ ମା'ଙ୍କ ପ୍ରତି ଉନ୍ମୀଳିତ କରି ରଖ ଓ ତାଙ୍କ ସହ ପୂର୍ଣ୍ଣ ଭାବରେ ଯୁକ୍ତ ହୋଇ ରୁହ । ତାଙ୍କର ସ୍ପର୍ଶ ପ୍ରତି ନିଜକୁ ସମଗ୍ର ଭାବରେ ନମନୀୟ କରିଦିଅ ଏବଂ ସେ ତୁମକୁ ଗଢ଼ି ପୂର୍ଣ୍ଣତାର ପଥରେ ଦ୍ରୁତ ଗତିରେ ଆଗେଇ ନେବେ ।

– ଶ୍ରୀଅରବିନ୍ଦ

# ଜିଜ୍ଞାସୁର ପୃଷ୍ଠା

[ଆତ୍ମୋତ୍ସର୍ଗ କୌଣସି ବିଶେଷ କାର୍ଯ୍ୟ କରିବା ଉପରେ ନିର୍ଭର କରେ ନାହିଁ, ବରଂ କେଉଁ ଭାବସହ ପ୍ରତ୍ୟେକ କାର୍ଯ୍ୟ କର ତାହା ଉପରେ ନିର୍ଭର କରେ, – ସେ କାର୍ଯ୍ୟ ଯେଉଁ ପ୍ରକାରର ହେଉନା କାହିଁକି । ନିଷ୍କାମ ଓ ନିରହଂକାର ହୋଇ, ସୁଖ-ଦୁଃଖରେ ଶାନ୍ତ ଓ ସ୍ଥିର ଭାବେ, ମନର ସମତାସହ, ଉତ୍ତମ ରୂପେ ଓ ଯତ୍ନ ସହକାରେ ଯେକୌଣସି କର୍ମ ଭଗବାନଙ୍କୁ ଯଜ୍ଞ ରୂପେ ଅର୍ପଣ କରାଗଲେ ଓ ଏକମାତ୍ର ଭଗବାନଙ୍କ ଉଦ୍ଦେଶ୍ୟରେ କରାଗଲେ ଏବଂ ନିଜ ସ୍ୱାର୍ଥ ନିମିତ୍ତ ନୁହେଁ, କୌଣସି ପୁରସ୍କାର ବା ପରିଣାମ ନିମିତ୍ତ ବି ନୁହେଁ, ଏବଂ ଏହି ବୋଧସହ ଯେ ''ସକଳ କର୍ମ ଭାଗବତୀ ଶକ୍ତିର ଆୟତ୍ତାଧୀନ''; ତେବେ ସେହି କର୍ମ ଆତ୍ମ-ନିବେଦନର ଗୋଟିଏ ଉପାୟ ହୁଏ । – ଶ୍ରୀଅରବିନ୍ଦ]

*ପ୍ରଶ୍ନ : ଆମେମାନେ ଯେକୌଣସି କାର୍ଯ୍ୟ କରୁ, ସେଥିରେ କିଛି ନା କିଛି କାମନା ଥାଏ । ଯଥାର୍ଥରେ ନିଷ୍କାମ କର୍ମର ସ୍ୱରୂପ କ'ଣ ? ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ, ଆଉ ଫଳ ପ୍ରାପ୍ତିର କାମନା ନରଖି ଦେଶ ସେବା, ମନୁଷ୍ୟ ସେବାଦି କର୍ମ – ଏହି ଦୁଇ ମଧ୍ୟରେ ପ୍ରଭେଦ କ'ଣ ? କିପରି ଭାବେ କର୍ମ କଲେ ତାହା ନିଷ୍କାମ ହେବ ?*

ଉତ୍ତର : ନିଷ୍କାମ କର୍ମର ସ୍ୱରୂପ ହେଲା – କୌଣସି ଫଳର ଆଶା ନରଖି କର୍ମ କରିବା । କର୍ମ କରିବାରେ କେବଳ ଅଧିକାର, ଫଳରେ ନୁହେଁ । କର୍ମର ଫଳ ଲକ୍ଷ୍ୟର ଅନୁକୂଳ ହେଉ ବା ପ୍ରତିକୂଳ ହେଉ ସେଥିରେ ସମତ୍ୱ ରଖିବା, ଅର୍ଥାତ୍ ବିଚଳିତ ନହେବା, ହର୍ଷ ବା ବିଷାଦ ନହେବା, ଏହାହିଁ ହେଲା ନିଷ୍କାମ କର୍ମର ସ୍ୱରୂପ । ଏହି ନିଷ୍କାମ କର୍ମ ସମ୍ପାଦିତ ହୁଏ ଭଗବାନଙ୍କ ନିମିତ୍ତ କର୍ମ କରିବାରେ । ନିଷ୍କାମ କର୍ମର ସ୍ୱରୂପ ହେଲା – ଭଗବାନଙ୍କ ନିମିତ୍ତ କର୍ମ । ଭଗବାନଙ୍କ ଛଡ଼ା ଅଜ୍ଞାନ ଅବସ୍ଥାରେ ସମସ୍ତ କର୍ମ ସକାମ ।

ଗୀତାରେ ବର୍ଣ୍ଣିତ ନିଷ୍କାମ କର୍ମ ଆଉ ଫଳ ପ୍ରାପ୍ତିର କାମନା ନରଖି ଦେଶ ସେବା, ମନୁଷ୍ୟଜାତିର ସେବାଦି କର୍ମ – ଏହି ଦୁଇ ମଧ୍ୟରେ ଯାହା ପ୍ରଭେଦ, ତାହା ହେଲା ଏହି : ମନୁଷ୍ୟ କୌଣସି ପ୍ରେରଣାର ବଶବର୍ତ୍ତୀ ହୋଇ, କାମନା ରଖି କର୍ମରେ ପ୍ରବୃତ୍ତ ହୁଏ । କାମନା ପରିତ୍ୟାଗ କଲେ ତାହା ଦ୍ୱାରା କର୍ମ ସମ୍ପାଦନ ହେବା ସମ୍ଭବ ନୁହେଁ । ସାଧାରଣେ ମନୁଷ୍ୟ ଅହଂକାର ଦ୍ୱାରା ପ୍ରେରିତ ହୋଇ, ନିଜ ସ୍ୱାର୍ଥ ସିଦ୍ଧି, ଅହଂର ତୃପ୍ତି ସକାଶେ ନାନା ପ୍ରକାର କର୍ମ କରେ । କର୍ମର ସ୍ୱରୂପ ଯେତେ ଉତ୍ତମ ବୋଲି ଦୃଷ୍ଟିଗୋଚର ହେଉଥିଲେ ସୁଦ୍ଧା ତାହା ଯଥାର୍ଥରେ ନିଷ୍କାମ ହୁଏ ନାହିଁ ।

ଭକ୍ତ ଏହି କର୍ମକୁ ଗୀତାର ଆଦେଶ ଅନୁସାରେ ବା ଯଜ୍ଞର ଆହୁତି ରୂପେ ଭଗବାନଙ୍କୁ ଅର୍ପଣ କରି ଦେବାରୁ ତାହା ନିଷ୍କାମ ହୁଏ । ସେମାନଙ୍କ କର୍ମକୁ ସେମାନେ ଭଗବାନଙ୍କୁ ଅର୍ପଣ କରି ଦିଅନ୍ତି, କର୍ମ ତାଙ୍କ ପାଖରେ ରହେ ନାହିଁ, ଫଳ ଆସିବ କେଉଁଠାରୁ ?

ମନୁଷ୍ୟ ସେବା ଓ ଦେଶ ସେବା କର୍ମ ଯଦି ସର୍ବବ୍ୟାପୀ ଭଗବାନ୍, ନରରୂପୀ ନାରାୟଣଙ୍କୁ ଯାହା ଅର୍ପଣ କରା ନହୁଏ, ସେଥିରେ ଯଦି କେବଳ ଲୋକ-କଲ୍ୟାଣର ଭାବନା ଥାଏ, ତେବେ କର୍ମ ସାତ୍ତ୍ୱିକ ହେଲେ ସୁଦ୍ଧା ସେଥିରେ ଥାଏ ଫଳ ପ୍ରାପ୍ତିର କାମନା । ସେନେଇ କର୍ମ ନିଷ୍କାମ ହୁଏ ନାହିଁ । ଗୀତା ଅନୁସାରେ କର୍ମ ଭଗବାନଙ୍କୁ ଅର୍ପଣ ହେବାରୁ ତାହା ହୁଏ ନିଷ୍କାମ; ଦେଶ-ସେବାଦି କର୍ମ ଭଗବାନଙ୍କୁ ଅର୍ପଣ ନହେବାରୁ ହୁଏ ସକାମ । ଏହି ଦୁଇ କର୍ମରେ ଏହାହିଁ ପ୍ରଭେଦ ।

ମନୁଷ୍ୟ କର୍ମ ତ୍ୟାଗ କରି ନିଷ୍କର୍ମା ହୋଇପାରେ ନାହିଁ । କାରଣ ମନୁଷ୍ୟର ସ୍ଥୂଳ କର୍ମ ହୁଏ ହସ୍ତ, ପଦ, ଚକ୍ଷୁ, କର୍ଣ୍ଣାଦି ସ୍ଥୂଳ ଇନ୍ଦ୍ରିୟମାନଙ୍କ ଦ୍ୱାରା ଏବଂ ସୂକ୍ଷ୍ମ କର୍ମ ହୁଏ ମନ, ଚିତ୍ତ, ବୁଦ୍ଧି, ଅହଂକାରାଦି ସୂକ୍ଷ୍ମ ଇନ୍ଦ୍ରିୟ ଦ୍ୱାରା । ଏ ସବୁର ମୂଳ କାରଣ 'ଅହଂ' । 'ଅହଂ'କୁ ତ୍ୟାଗ କରି ଦେଲେ ବ୍ୟକ୍ତିତ୍ୱ ନଷ୍ଟ ହୋଇଯିବ । ସେନେଇ ଶରୀରରେ କର୍ମ ଅନିବାର୍ଯ୍ୟ ଆଉ କର୍ମ ବନ୍ଧନର କାରଣ । କର୍ମର ଫଳ ସୁଖ, ଦୁଃଖ, ଜନ୍ମ ଓ ମୃତ୍ୟୁ । କର୍ମରୁ ମନୁଷ୍ୟ ମୁକ୍ତ ନହେଲେ ମୁନି-ଦୁର୍ଲଭ ପରମ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ-ସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହୋଇ ପାରେ ନାହିଁ । ଏହି ସକାଶେ କର୍ମ ଭଗବାନଙ୍କ ନିମିତ୍ତ କରି ତାହା ଭଗବାନଙ୍କୁ ସମର୍ପଣ କରିଦେଲେ ତାହା ହୁଏ ନିଷ୍କାମ, ପରମ ପଦ ପରମାତ୍ମା ପ୍ରାପ୍ତିର କାରଣ ।

ସାଧାରଣତଃ ମନୁଷ୍ୟ ଅବିକଶିତ ଚେତନା ଏବଂ ଅଶୁଦ୍ଧ ବୁଦ୍ଧିରେ ଯନ୍ତ୍ରବତ୍ ନିଜ ସ୍ୱାର୍ଥ ସିଦ୍ଧି ଏବଂ ନିଜ କୁଟୁମ୍ବ ପୋଷଣାର୍ଥେ କାର୍ଯ୍ୟ କରୁଥାଏ । ଏହାଠାରୁ ଉନ୍ନତ ଅବସ୍ଥାରେ ବ୍ୟକ୍ତି ବୁଦ୍ଧି ଦ୍ୱାରା ବିଚାର କରି ଦେଶସେବା, ପ୍ରାଣୀ ମାତ୍ରର ସେବା ଏବଂ ସଦାଚାର ଆଦି ଶୁଭକର୍ମ କରେ । ବହୁତ ଲୋକ ନିଷ୍କାମ କର୍ମର ସ୍ୱରୂପ ନଜାଣି ଏହି ଶୁଭ କର୍ମକୁହିଁ ନିଷ୍କାମ କର୍ମର ନାମ ଦିଅନ୍ତି । ଇଞ୍ଜିନିୟର, ମାଷ୍ଟର, ପ୍ରଫେସର, ଡକ୍ଟର, ଦେଶ ସେବକ, ଦେଶର ନେତା ଓ ଦେଶର ହିତଚିନ୍ତକ ବ୍ୟକ୍ତିମାନେ କହନ୍ତି, ''ଆମମାନଙ୍କର କର୍ମ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ; ସେଥିରେ ଆମର କୌଣସି ସ୍ୱାର୍ଥ ନାହିଁ। ସ୍ୱାର୍ଥ ବିନା କର୍ମ ନିଷ୍କାମ । ଆମର ବେତନ କେବଳ ଉଦର ପୋଷଣ ସକାଶେ । ସଂସାରରେ ବଡ଼ ବଡ଼ ସାଧୁ-ମହାତ୍ମାଙ୍କୁ ଉଦର ପୋଷଣ କରିବାକୁ ପଡ଼େ । ସେନେଇ ଆମମାନଙ୍କର ବେତନ କର୍ମର ନିଷ୍କାମତାକୁ ବ୍ୟାହତ କରେ ନାହିଁ ।'' ଆଉ ଯେଉଁମାନେ ବେତନ ବିନା ଦେଶସେବା କରନ୍ତି, ସେମାନେ ତ ନିଃସନ୍ଦେହରେ ଧାରଣା କରନ୍ତି ଏବଂ କହନ୍ତି, ''ଆମର କର୍ମ ପୂର୍ଣ୍ଣତଃ ଅନ୍ୟର ଉପକାର ସକାଶେ, ଏଥିରେ ଆମର ସ୍ୱାର୍ଥ ନାହିଁ। ଅତଏବ ଆମମାନଙ୍କର କର୍ମ ନିଶ୍ଚୟହିଁ ନିଷ୍କାମ'' । କିନ୍ତୁ କର୍ମର ନିଷ୍କାମତା ଏହା ଉପରେ ନିର୍ଭର କରେ ନାହିଁ । ନିର୍ଭର କରେ ତୁମର କର୍ମ ଭଗବାନଙ୍କ ସକାଶେ କରା ହେଉଛି କି ନାହିଁ ତାହା ଉପରେ । ଭଗବାନଙ୍କ ଉଦ୍ଦେଶ୍ୟରେ ରାଜା ଅମ୍ବରୀଶଙ୍କ ରାଜ୍ୟ ଶାସନ ସଦୃଶ କଠୋର କାର୍ଯ୍ୟ ହୁଏ ନିଷ୍କାମ । ଭଗବାନଙ୍କ ଛଡ଼ା ଦେଶସେବା, ଦାନ, ଦକ୍ଷିଣା, ଯଜ୍ଞାଦି ପରମ ପବିତ୍ର କାର୍ଯ୍ୟ ହୁଏ ସକାମ । ନିଷ୍କାମତା ଏବଂ ସକାମତା କର୍ମର ସ୍ୱରୂପ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ କେବଳ ଭାବ ଉପରେ । ଭଗବତ୍ ଉଦ୍ଦେଶ୍ୟ ଛଡ଼ା ଶୁଭ କର୍ମର ଫଳ ଶୁଭ, ଅଶୁଭ କର୍ମର ଫଳ ଦୁଃଖ ଭୋଗ କରିବାକୁ ହୁଏ । ଜନ୍ମ-ମୃତ୍ୟୁର ଚକ୍ରରେ ଘୂର୍ଣ୍ଣାୟମାନ ହେବାକୁ ହୁଏ । କିନ୍ତୁ ଏହା ଦ୍ୱାରା ମନୁଷ୍ୟ ପରମ-ପଦ, ପରମ-ଆନନ୍ଦ, ଶାଶ୍ୱତ ଶାନ୍ତିର ଅଧିକାରୀ ହୁଏ ନାହିଁ। ଅବଶ୍ୟ ଅଶୁଭ କର୍ମ ଅପେକ୍ଷା ଶୁଭ କର୍ମ ଉତ୍ତମ । ଏହା ଦ୍ୱାରା ମନୁଷ୍ୟ ଭଗବାନ୍ ଓ ନିଷ୍କାମ କର୍ମ ଦିଗରେ ଅଗ୍ରସର ହୋଇପାରେ ।

***ପ୍ରଶ୍ନ** : 'ପୂର୍ଣ୍ଣାଙ୍ଗ ଶିକ୍ଷା ଓ ତ୍ରିବିଧ କର୍ମ'ରେ ଆପଣ ଲେଖିଛନ୍ତି ଯେ କର୍ମର ସ୍ୱରୂପ ଭିନ୍ନ ହୁଏ ନାହିଁ ମାତ୍ର କର୍ମରେ ମନୋଭାବ ଭିନ୍ନ ହେବା ହେତୁ ଏହାର ଫଳ ଭିନ୍ନ ଭିନ୍ନ ହୋଇଥାଏ । କିପରି ?*

**ଉତ୍ତର** : ହଁ । କର୍ମର ସ୍ୱରୂପ ଭିନ୍ନ ହୁଏ ନାହିଁ । ଯେମିତି ସ୍ନାନ କରିବା, ଖାଇବା, ଶୋଇବା, ଚାକିରି କରିବା, ପଢ଼ିବା, ରୋଜଗାର କରିବା, ବ୍ୟବସାୟ କରିବା – ଏ ସବୁ କର୍ମ । କିନ୍ତୁ ଏଇ କର୍ମକୁ ଯଦି ବ୍ୟକ୍ତି ନିଜ ସକାଶେ, ପରିବାର ସକାଶେ, ଦେଶ ସକାଶେ, ଜନସେବା ସକାଶେ କରିବ ତେବେ ସେ ଜନ୍ମ ମରଣ ବନ୍ଧନରେ ପଡ଼ିବ । ଭଲ କର୍ମ କଲେ ଭଲ ଫଳ ଭୋଗ କରିବା ସକାଶେ ବି ଜନ୍ମ ଗ୍ରହଣ କରିବାକୁ ହେବ, ଖରାପ କର୍ମ କଲେ ଖରାପ ଫଳ ଭୋଗ କରିବା ସକାଶେ ବି ଜନ୍ମ ଗ୍ରହଣ କରିବାକୁ ହେବ । କିନ୍ତୁ ସେଇ କର୍ମକୁ ବ୍ୟକ୍ତି ଯଦି ଭଗବାନଙ୍କ ଉଦ୍ଦେଶ୍ୟରେ କରିବ, ଭଗବାନଙ୍କୁ ସମର୍ପଣ କରି କରିବ; ଆଉ ଏ ଭଗବାନଙ୍କର ସଂସାର, ଆମେ କେବଳ ଅଜ୍ଞାନତାରେ ପଡ଼ି ପରିବାର ମୋର, ଘରବାଡ଼ି ମୋର, ଧନସମ୍ପତ୍ତି ମୋର ବୋଲି କହୁଛୁ ଜାଣି ସେହି ଧାରଣାରେ ସମସ୍ତ କର୍ମ କରିବ ତେବେ ସେ ସମସ୍ତ ଦୁଃଖ, ଦ୍ୱନ୍ଦ୍ୱ ତଥା ଜନ୍ମ- ମରଣରୁ ଉଦ୍ଧାର ପାଇପାରିବ ।

ଆଧ୍ୟାତ୍ମିକତାରେ ତିନିପ୍ରକାର କର୍ମ ଅଛି । ଅଦ୍ୱୈତବାଦୀମାନେ ମନ-ପ୍ରାଣ-ଶରୀରକୁ ପୃଥକ୍ କରି ଦିଅନ୍ତି । ମନ-ପ୍ରାଣ-ଶରୀରକୁ ପୃଥକ୍ କରିଦେଇ ସେମାନେ ଯେଉଁ କର୍ମ କରନ୍ତି ସେ କର୍ମର ଫଳ ଆଉ ସେମାନେ ଭୋଗ କରନ୍ତି ନାହିଁ । କାହିଁକି ନା ସେମାନେ ଧାରଣା କରନ୍ତି ଯେ ଏ ସଂସାର ମିଥ୍ୟା, ମାୟା; ତେଣୁ ଏ ଶରୀର ବି ମିଥ୍ୟା, ମାୟା । ଏ ଶରୀର ଦ୍ୱାରା ଯେଉଁ କର୍ମ ହେଉଛି ତାହା ବି ମିଥ୍ୟା, ମାୟା । ଫଳରେ ସେମାନେ ଆଉ କର୍ମଫଳ ବନ୍ଧନରେ ପଡ଼ନ୍ତି ନାହିଁ । ଭକ୍ତମାନେ ଯେଉଁ କର୍ମ କରନ୍ତି ସେସବୁ ସେମାନେ ଭଗବାନଙ୍କ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବା ଭାବରେ କରି ଭଗବାନଙ୍କୁ ସମର୍ପଣ କରନ୍ତି । ତେଣୁ ସେମାନେ ଆଉ ଏ କର୍ମ ବନ୍ଧନରେ ପଡ଼ନ୍ତି ନାହିଁ । କିନ୍ତୁ ସେ କର୍ମ ଭକ୍ତମାନଙ୍କୁ ଭଗବତ୍ ପ୍ରାପ୍ତିରେ ସାହାଯ୍ୟ କରେ । ଆଉ ସେଇ କର୍ମ ଯଦି ରୂପାନ୍ତର ଲକ୍ଷ୍ୟରେ କରାହେବ, ମା'ଙ୍କ ଯନ୍ତ୍ର ବୋଲି ଧାରଣା ରଖି କରାହେବ; ଯଥା : ସ୍ନାନ, ଭୋଜନ, ନିଦ୍ରା, ଆହାର, ଚାକିରି, ବାଣିଜ୍ୟ-ବ୍ୟବସାୟଠାରୁ ଆରମ୍ଭ କରି ଘର, ପରିବାର, ସଂସାର – ଏସବୁ ମା'ଙ୍କର, ଏଇ ଧାରଣାରେ ଯଦି ସମସ୍ତ କର୍ମ କରାହେବ,

ତେବେ ସେହି କର୍ମ ଦ୍ୱାରା ଭାଗବତୀ ଶକ୍ତି ଅବତରଣ କରିବେ ଏବଂ ଆମ ମନ-ପ୍ରାଣ-ଶରୀରକୁ ରୂପାନ୍ତରିତ କରିବେ ।

ତେଣୁ କର୍ମର ବି ସ୍ୱରୂପ ଭିନ୍ନ ନୁହେଁ । କିନ୍ତୁ କର୍ମରେ ମନୋଭାବ ଭିନ୍ନ ହେବାରୁ ଏହାର ଫଳ ଭିନ୍ନ, ଭିନ୍ନ ହୁଏ ।

**ପ୍ରଶ୍ନ :** *'ମା' ବହିରେ ଲେଖାଅଛି, ''କର୍ମ ବା କର୍ମଫଳରେ କୌଣସି ଆସକ୍ତି ରଖିବ ନାହିଁ ।'' ସାଧକର କର୍ମରେ କ'ଣ ଆସକ୍ତି ଥାଏ ?*

**ଉତ୍ତର :** ସାଧକର କର୍ମରେ ଆସକ୍ତି କ'ଣ ? ଧରାଯାଉ ଜଣକୁ ଗୋଟିଏ କାର୍ଯ୍ୟ ଦିଆହୋଇଛି । ତାଙ୍କୁ ପୁଣି ପରେ କୁହାଗଲା ଯେ ତୁମେ ଏ କାମ ଛାଡ଼ି ଅନ୍ୟ କୌଣସି କାମ କର । ସେ କହିବେ, ''ଏ କାମ ମୁଁ ଛାଡ଼ିକରି ଗଲେ ୟା'କୁ ଆଉ କିଏ କରିବ ? ମୋ ବିନା ୟା'କୁ କିଏ ଭଲଭାବରେ କରିପାରିବେ ନାହିଁ । ତେଣୁ ମୁଁ ଏହାକୁ କେମିତି ଛାଡ଼ିବି !'' ଏହିପରି କୌଣସି ନା କୌଣସି କାରଣ କହି ଆଦୌ କର୍ମ ଛାଡ଼ିବାକୁ ଚାହିଁବେ ନାହିଁ । ଏହାର ନାମ ହେଲା କର୍ମରେ ଆସକ୍ତି । କିନ୍ତୁ ଭଗବାନଙ୍କର ସେବକ ହେବାକୁ ହେଲେ, ଆନ୍ତରିକ ଭାବରେ ସାଧନା କରିବାକୁ ଚାହିଁଲେ ବ୍ୟକ୍ତିର ଏଭଳି ଆସକ୍ତି ରହିବା ଠିକ୍ ନୁହେଁ ।

ଏଇଠି ପ୍ରଶ୍ନ ଉଠିପାରେ ଯେ, ''ତାହାହେଲେ ସାଧକ ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କରି ପାରିବ କିପରି ? ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟକଲେ କର୍ମରେ ଆସକ୍ତି ଆସିଯିବ ।'' ତେବେ ଆସକ୍ତି ଓ ଆନ୍ତରିକତା ମଧ୍ୟରେ ପ୍ରଭେଦ କ'ଣ ? କର୍ମରେ ଆନ୍ତରିକତା ବା ନିଷ୍ଠା ହେଲା କର୍ମକୁ ଉତ୍ତମ ରୂପେ କରିବା । କୌଣସି ତ୍ରୁଟି ବା ଦୋଷ ରଖିବା ନାହିଁ । ନିଜର ଆଳସ୍ୟ ବା ନିମ୍ନ-ପ୍ରକୃତିକୁ କ୍ରିୟା କରିବାକୁ ଦେବା ନାହିଁ । ଆଉ ଯେଉଁ ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଉଛି ସେ ଉଦ୍ଦେଶ୍ୟରେ ଯେପରି ତ୍ରୁଟି ନ ରହେ ।

କର୍ମରେ ଆସକ୍ତି ହେଲା କର୍ମ ଯେ ସାଧନା ଉଦ୍ଦେଶ୍ୟରେ କରିବା କଥା, ତାହା ଆମେ ଭୁଲିଯାଉ ଏବଂ ଆମେ ଭାବୁ ଯେ କର୍ମ ଏମିତି କଲେ ଆମର ପ୍ରତିଷ୍ଠା ହେବ, ଲୋକେ ଆମକୁ ସମ୍ମାନ ବା ପ୍ରଶଂସା କରିବେ । ଆମର ଅମୁକ ଅମୁକ ଲାଭ ହେବ ଇତ୍ୟାଦି !

**ପ୍ରଶ୍ନ :** *ତେବେ କ'ଣ କରୁଥିଲେ ଜଣାପଡ଼ିବ ଯେ ବ୍ୟକ୍ତିର କର୍ମ ପ୍ରତି ଆସକ୍ତି ନାହିଁ ?*

**ଉତ୍ତର :** ଯେପର୍ଯ୍ୟନ୍ତ କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ କରା ନ ହୋଇଛି, ସେପର୍ଯ୍ୟନ୍ତ କର୍ମରେ ଆସକ୍ତି ଥାଏ । କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ କଲେ ସେଥିରେ ବ୍ୟକ୍ତିର ସମସ୍ତ ଆସକ୍ତି ଓ କାମନା ଦୂର ହୁଏ; ଆଉ ଯଥାର୍ଥରେ ତା' ଗାଁ ଲୋକଙ୍କର, ଦେଶର, ପରିବାରର ପ୍ରକୃତ କଲ୍ୟାଣ ହୁଏ ।

(**ରାମକୃଷ୍ଣ ଦାସ**ଙ୍କ ସହ ଆଲୋଚନା ତଥା ପ୍ରଶ୍ନୋତ୍ତରରୁ ସଂଗୃହୀତ) ❑

ଯଦି ତୁମେ ଦିବ୍ୟକର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା ।

(The Mother, Ch. V) — ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଏକ ମହନୀୟ ଶତବାର୍ଷିକୀ

୨୦୨୦ । ନବବର୍ଷକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସମସ୍ତ ପାଠକ ପାଠିକାଙ୍କୁ ଅଭିବାଦନ ।

ପ୍ରତି ନୂତନ ବର୍ଷ ଆଣିଥାଏ ଆଶା ଏବଂ ଉତ୍ସାହ । ଦୁଃଖ ଯାତନାର ଅଭିଜ୍ଞତା ସତ୍ତ୍ୱେ ପୁଣି ସେ ଆଶା ଓ ଉତ୍ସାହ ଉଜ୍ଜୀବିତ କରେ ଆଉ ଏକ ନବାଗତ ବର୍ଷ । ଏହାର ତାତ୍ପର୍ଯ୍ୟ ସ୍ପଷ୍ଟ; ଆନନ୍ଦର ପ୍ରତିଶ୍ରୁତି ନିହିତ ରହିଛି ଭବିଷ୍ୟତ୍ ଭିତରେ । ଆମ ଚେତନାର ଗହନରେ ସେହି ପ୍ରତିଶ୍ରୁତି ଉପରେ ଆସ୍ଥା ରହିଛି । ତାହାରି ପ୍ରମାଣ ହେଲା ନବବର୍ଷ ପ୍ରତି ଆମର ଆକର୍ଷଣ ।

କିନ୍ତୁ ସମସ୍ତ ଶ୍ରୀଅରବିନ୍ଦ-ଅନୁରାଗୀଙ୍କ ନିମନ୍ତେ ନବବର୍ଷ ୨୦୨୦ର ବିଶେଷ ତାତ୍ପର୍ଯ୍ୟ ରହିଛି । ଶହେ ବର୍ଷ ପୂର୍ବେ ୧୯୨୦ ମସିହାର ଏପ୍ରିଲ ୨୪ରେ ପଣ୍ଡିଚେରୀରେ ପଦାର୍ପଣ କଲେ ଶ୍ରୀମା – ଏଠାରେ ସ୍ଥାୟୀ ବସବାସ ନିମନ୍ତେ । ଅବଶ୍ୟ ଏହାର ନିଶ୍ଚିତ ପଟଭୂମି ପ୍ରସ୍ତୁତ ହୋଇ ସାରିଥିଲା ଛଅ ବର୍ଷ ପୂର୍ବେ – ପଣ୍ଡିଚେରୀକୁ ଶ୍ରୀମାଙ୍କର ଆଦି ଆଗମନ ଏବଂ ଶ୍ରୀଅରବିନ୍ଦଙ୍କ ସହ ପ୍ରଥମ ସାକ୍ଷାତ୍ ଅବସରରେ । ସେ ଦିବ୍ୟ ସାକ୍ଷାତ୍‌ର ଶତବାର୍ଷିକୀ ଉପଲକ୍ଷେ ଏ ଲେଖକ ଲେଖିଥିବା ଏକ ନିବନ୍ଧର ସ୍ୱଳ୍ପ ପରିବର୍ତ୍ତିତ କିୟଦଂଶ ଉଦ୍ଧାର କରିବା ସମୀଚୀନ ହୋଇପାରେ :

''୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ, ଅପରାହ୍ଣ ପ୍ରାୟ ତିନିଟା ତିରିଶ ମିନିଟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ ଏବଂ ସେହି ମୁହୂର୍ତ୍ତରେ ହୃଦୟଙ୍ଗମ କରିଥିଲେ – ପୃଥିବୀରେ ଅସଂଖ୍ୟ ଲୋକ ଅଜ୍ଞାନ ତମସାରେ ନିମଜ୍ଜିତ ରହିଥା'ନ୍ତୁ ନା କାହିଁକି, ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ହିଁ ଦିନେ ସେ ତମସା ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟଯୁଗର ସୂତ୍ରପାତର ଅଲଙ୍ଘ୍ୟ ପ୍ରତିଶ୍ରୁତି ।

''ବିଶ୍ୱାସର ଏ ଦଲିଲ ଅନନ୍ୟ । ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବ ଶ୍ରୀମାଙ୍କ ଭୂମିକା – ଶ୍ରୀଅରବିନ୍ଦଙ୍କ ଯୋଗ-ଯଜ୍ଞରେ ସେ ହେବେ ପୁରୋହିତ, ଦେବେ ଆହୁତି; ଚେତନାର ରହସ୍ୟ ଲୋକରେ ସେ ଆପଣାକୁ ସମର୍ପଣ କରିବେ ମହାଯୋଗୀଙ୍କ ଅଭିନବ ଏବଂ ଦୁଃସହ ପରୀକ୍ଷା ନିରୀକ୍ଷାର କଦବା ଆଧାର, କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀ ରୂପେ ।

''ଇତିହାସର ବିଡ଼ମ୍ବନାବଶତଃ ଶ୍ରୀମାଙ୍କୁ ଅବଶ୍ୟ ଭାରତରୁ ବିଦାୟ ନେବାକୁ ପଡ଼ିଲା, କିନ୍ତୁ ସୂକ୍ଷ୍ମ ପର୍ଯ୍ୟାୟରେ ସେ ଯୋଗଯଜ୍ଞର ନୂତନ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଥିଲା । ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ଶ୍ରୀମାଙ୍କର ପୁନରାଗମନ ଉତ୍ତାରୁ ତାହା ଆମ ସ୍ଥୂଳ ଦୃଷ୍ଟିରେ ନେଲା ଯୁଗ୍ମ ତପସ୍ୟାର ରୂପ । ମନ ଓ ବୁଦ୍ଧିର ମାଧ୍ୟମ ଯୋଗେ ସେ ମହାଯୋଗର କଳନା ସମ୍ଭବପର ନୁହେଁ । କିନ୍ତୁ ଆକାଶକୁ ମାପି ନ ପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ଯେମିତି ତାହାର ଅସୀମତାର ଧାରଣା କରି ହୁଏ, ସେହିପରି ଦିବ୍ୟଶକ୍ତି ପ୍ରତି ଆସ୍ଥାଶୀଳ ହୋଇ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଆଭିମୁଖ୍ୟ ଦିଗରେ ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟାର ଉତ୍ତାପ ଊଣା ଅଧିକ ଅନୁଭବ କରି ହୁଏ । ଯେଉଁ ଅନୁଭବକୁ ଅନ୍ୟ କୌଣସି ଅଭିବ୍ୟକ୍ତି ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି, ତାହା ସୌମ୍ୟ ଉତ୍ତାପ; ବିନା ପ୍ରଦାହରେ ତାହା ଆମ ଶୀତଳ ଚେତନାରେ ସଞ୍ଚାର କରେ ସଞ୍ଜୀବନୀର ଉଷ୍ମତା ।''

ମାନବ ସଭ୍ୟତା ଆଜି ଏକ ବିଚିତ୍ର ପରିସ୍ଥିତିରେ ଉପନୀତ । ବିଜ୍ଞାନ ଓ ବୈଷୟିକ ଚମତ୍କାରିତାରେ ଆମେ ସମୃଦ୍ଧ । ସୁଖ ସକାଶେ ସାଜ-ସରଞ୍ଜାମର ଅଭାବ ନାହିଁ । ତଥାପି ପୃଥିବୀରେ ଶାନ୍ତି ନାହିଁ; ସୁଖ ଏକ ମରୀଚିକା । ଜୀବନର ପ୍ରତି କ୍ଷେତ୍ରରେ ଅହରହ ଅଜସ୍ର ସଂଘର୍ଷ । ଶ୍ରୀଅରବିନ୍ଦ ଏ ପରିସ୍ଥିତିକୁ ବିବର୍ତ୍ତନଗତ ସଂକଟ ବୋଲି ଚିହ୍ନିତ କରୁଛନ୍ତି । ମନ ବା ବୁଦ୍ଧି, ଆନୁଷ୍ଠାନିକ ଧର୍ମ ବା ନୈତିକ ଶିକ୍ଷା, ରାଜନୈତିକ ବୁଝାମଣା ବା ସମାଜ ସଂସ୍କାର – ଏସବୁର ମୂଲ୍ୟ ଥିଲା ଏବଂ ଅଛି, କିନ୍ତୁ ଆମକୁ ବର୍ତ୍ତମାନର ସଙ୍କଟରୁ ଉତ୍ତୀର୍ଣ୍ଣ କରି ପାରିବ କେବଳ ମାତ୍ର ଏକ ନୂତନ ଚେତନା – ଯାହାକି ଆମର ସମସ୍ତ ମୂଲ୍ୟବୋଧ ବଦଳାଇ ଦେବ । ସେତେବେଳେ ଆମର ବ୍ୟକ୍ତିଗତ ବା ସମଷ୍ଟିଗତ ଅହଂ ନୁହେଁ, ଆମକୁ ପରିଚାଳିତ କରିବ ଦିବ୍ୟ-ପ୍ରେରଣା ।

ଶ୍ରୀଅରବିନ୍ଦଙ୍କ ମହାଯୋଗର ଆଭିମୁଖ୍ୟ ଆଜି

ଅପେକ୍ଷାକୃତ ବହୁ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ଜଣା । କ୍ରମାଗତ ଅଧିକରୁ ଅଧିକ ବ୍ୟକ୍ତି ଜାଣିବାର ସୁଯୋଗ ଅବ୍ୟାହତ ରହିଛି । କିନ୍ତୁ ସେତକ ଯଥେଷ୍ଟ ହୋଇଥିଲେ ପୃଥିବୀର ଅବସ୍ଥାରେ ବିପୁଳ ପରିବର୍ତ୍ତନ ସମ୍ଭବପର ହୋଇଥା'ନ୍ତା । ସେମିତି ନ ହେବାର କାରଣ, ତତ୍ତ୍ୱ ଭାବରେ ଆମେ ଯେତିକି ଜାଣୁ, ଜୀବନରେ ସେତକ ପ୍ରୟୋଗ କରିବାରେ ଆମେ ତତ୍ପର ହୋଇ ନାହୁଁ । ଶ୍ରୀଅରବିନ୍ଦ ତାଙ୍କର 'The Human Cycle' ଗ୍ରନ୍ଥର ବିଂଶ ପରିଚ୍ଛେଦର ଶେଷରେ ଇଙ୍ଗିତ ଦେଇଛନ୍ତି, ଏପରିକି ଅଳ୍ପ ସଂଖ୍ୟକ ବ୍ୟକ୍ତି ଯଦି ଯଥାର୍ଥ ଅଭୀପ୍ସା ସହକାରେ ସାଧନା କରନ୍ତେ ତେବେ ମାନବ ଚେତନାକୁ ରୂପାନ୍ତର କଲା ଭଳି ଏକ ମହାଶକ୍ତିର ବିଭୂତି କାର୍ଯ୍ୟକାରୀ ହୋଇ ପାରନ୍ତା ।

ଆଜି ନବବର୍ଷକୁ ସ୍ୱାଗତ କଲା ବେଳେ ଆମେ ଏହି ଇଙ୍ଗିତ ସ୍ମରଣ କରି ତଦନୁସାରେ ଯତ୍‌କିଞ୍ଚିତ୍ ପ୍ରସ୍ତୁତ ହେବାର ସଂକଳ୍ପ କରି ପାରିବା କି – ଏହି ପ୍ରଶ୍ନ ଆମକୁ ଆଲୋଡ଼ିତ କରୁ ।

**– ମନୋଜ ଦାସ ❑**

ହେ ଭଗବାନ୍ ! ଏ ବର୍ଷଟି ଯେପରି ତୁମ ବିଜୟର ବର୍ଷ ହେଉ । ଆମ୍ଭମାନଙ୍କର କାମ୍ୟ ସେହି ପୂର୍ଣ୍ଣ ନିଷ୍ଠା ଯାହା ଆମକୁ ଏହି ବିଜୟ ନିମନ୍ତେ ସୁଯୋଗ୍ୟ କରି ଗଢ଼ିବ ।

(୧୯୩୬) — ଶ୍ରୀମା


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 1** **R.N.I. No. 18163/70.**
Navaprakash (Monthly), January, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**